# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୨/୨୦୨୧ (୧୨ ପୃଷ୍ଠା) | Bhubaneswar, Saturday, June 12/2021 | ★★★★★★

୪୭ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ସିତ୍‌ସିପାସ ଫାଇନାଲରେ

ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୧୦

## ଶୁଟିଂ ସମୟରେ ନିଆ ଶର୍ମାଙ୍କୁ ପ୍ରପୋଜ

ଶୁଟିଂ ସେଟ୍‌ରେ ଅଭିନେତ୍ରୀ ନିଆ ଶର୍ମାଙ୍କୁ ଅଭିନେତା କମଲ କୁମାର ପ୍ରପୋଜ କରିଥିଲେ। ଏଥିରେ ନିଆଙ୍କ ସମେତ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



# ଟିଏମ୍‌ସିକୁ ଫେରିଲେ ମୁକୁଲ ରୟ



ମୁକୁଲ ରୟ ଭାଜପା ଛାଡ଼ି ଟିଏମ୍‌ସିକୁ ଫେରିବା ପରେ ଅଭିଷେକ ବାନାର୍ଜୀ ତାଙ୍କୁ ସ୍ୱାଗତ କରୁଛନ୍ତି। କୋଲକାତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଞ୍ଚାସୀନ ଅଛନ୍ତି।

### ପଶ୍ଚିମବଙ୍ଗରେ ଭାଜପାକୁ ଶକ୍ତ ଧକ୍‌କା

- ପୁଅ ଶୁଭ୍ରାଂଶୁ ବି ଭାଜପା ଛାଡ଼ି ମୂଳ ଦଳକୁ ଆସିଲେ
- ଘରବାହୁଡ଼ାକୁ ମମତା କହିଲେ 'ଓଲ୍ଡ ଇଜ୍ ଗୋଲ୍ଡ'

**କୋଲକାତା, ୧୧।୬**

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମୁକୁଲ ରୟ ଶୁକ୍ରବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଫେରିଛନ୍ତି। ମୁକୁଲଙ୍କ ସହ ତାଙ୍କ ପୁଅ ଶୁଭ୍ରାଂଶୁ ମଧ୍ୟ ନିଜ ମୂଳ ଦଳକୁ ଦୀର୍ଘ ୪୩ ମାସ ପରେ ବାହୁଡ଼ି ଆସିଛନ୍ତି। ଫଳରେ ଟିଏମ୍‌ସି ଯେତିକି ସୁଦୃଢ଼ ହୋଇଛି କେନ୍ଦ୍ରରେ କ୍ଷମତାସୀନ ଭାଜପା ତା'ଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ବାପପୁଅଙ୍କ ଘରବାହୁଡ଼ାକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ 'ଓଲ୍ଡ ଇଜ୍ ଅଲ୍‌ୱେଜ୍ ଗୋଲ୍ଡ' କହି ସ୍ୱାଗତ କରିଛନ୍ତି।

ଟିଏମ୍‌ସିରେ ମମତାଙ୍କ ପରେ ଦ୍ୱିତୀୟ ବଡ଼ ନେତା ଥିଲେ ମୁକୁଲ ରୟ। ୨୦୧୫ ଫେବୃୟାରୀ ଟିଏମ୍‌ସିର ଜାତୀୟ ସାଧାରଣ ସମ୍ପାଦକ ପଦରୁ ତାଙ୍କୁ ହଟାଇ ଦିଆଯାଇଥିଲା। ସେ ୨୦୧୭ ନଭେମ୍ବରରେ ଟିଏମ୍‌ସି ଛାଡ଼ି ଭାଜପାରେ ମିଶିଥିଲେ। ସେବେଠୁ ଟିଏମ୍‌ସିର ୩୩ ବିଧାୟକ ଭାଜପାରେ ସାମିଲ ହୋଇଛନ୍ତି। ମୁକୁଲ ନିଜ ପୁରୁଣା ଦଳକୁ ଫେରିଆସିବା ହେଉଛି ଭୋଟ ପରେ ଭାଜପା ଶିବିରରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବାବୁଙ୍କ ଭୟ

# ୨୩ ଯାଏ ଝୁଲିଲା ଗ୍ଲୋବାଲ ଟେଣ୍ଡର

## କେନ୍ଦ୍ର ଟିକାକୁ ଅପେକ୍ଷା ଧିମେଇ ଚାଲିଛି ଟିକାକରଣ



**ଭୁବନେଶ୍ୱର, ୧୧।୬(ବ୍ୟୁରୋ)**

କରୋନା ମହାମାରୀ ସଂକ୍ରମଣ ରୋକିବାକୁ ଟିକା ହିଁ ଏକମାତ୍ର ବିକଳ୍ପ। ତେବେ ରାଜ୍ୟରେ ଟିକାକରଣ କାର୍ଯ୍ୟକ୍ରମ ଧିମେଇ ଯାଇଛି। ଦୈନିକ ମାତ୍ର ୫୦ରୁ ୬୦ ହଜାର ବ୍ୟକ୍ତିଙ୍କୁ ଟିକାକରଣ କରାଯାଇ ପାରୁଛି। ଆବଶ୍ୟକ ଟିକା ନ ଥିବାରୁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ। କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଟିକା ଯୋଗାଇ ଦେଉ ନ ଥିବାରୁ ରାଜ୍ୟ ସରକାର ଟିକା କିଣି ଲୋକଙ୍କୁ ଦେବାକୁ ଯେଉଁ ଉଦ୍ୟମ କରିଥିଲେ ତାହା ମଧ୍ୟ ସଫଳ ହୋଇପାରି ନାହିଁ। କେନ୍ଦ୍ର ସରକାରଙ୍କ ଟିକା ଯୋଗାଣ ଉପରେ ରାଜ୍ୟ ସରକାରଙ୍କ ଟିକାକରଣ କାର୍ଯ୍ୟକ୍ରମ ନିର୍ଭର କରୁଛି। ଆସନ୍ତା ୨୧ ତାରିଖ ସୁଦ୍ଧା କେନ୍ଦ୍ର ସରକାର ୧୮ରୁ ୪୪ ବର୍ଷ ବ୍ୟକ୍ତିଙ୍କ ପାଇଁ ମାଗଣା ଟିକା ଯୋଗାଣ ଆରମ୍ଭ କରିବେ। ରାଜ୍ୟ ସରକାର ସେହି ଦିନକୁ ଅପେକ୍ଷା କରି ବସିଛନ୍ତି। କେନ୍ଦ୍ର ଟିକା ଯୋଗାଣ ଉପରେ ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଇ- ଟେଣ୍ଡର ଭାଗ୍ୟ ନିର୍ଣ୍ଣୟ ହେବ। ଜୁନ୍ ୯ ତାରିଖରେ ହେବାକୁ ଥିବା ପ୍ରାଇସ୍ ବିଡିଂକୁ ଆସନ୍ତା ୨୩ ତାରିଖ ଯାଏ ସ୍ଥଗିତ କରାଯାଇଛି।

ଟିକାକରଣ କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରି ସାରିଛନ୍ତି। ଦୈନିକ ୪ ଲକ୍ଷ ଲୋକଙ୍କୁ ଟିକା ଦେବା ନେଇ ଟିକାକରଣ କେନ୍ଦ୍ର ମଧ୍ୟ ପ୍ରସ୍ତୁତ ହୋଇଛି। ଟିକା ଅଭାବ ଯୋଗୁ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ପାରୁନାହିଁ। ୨୦୨୧ ଜାନୁୟାରୀ ୧୬ ତାରିଖରୁ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମାତ୍ର ୮୭ ଲକ୍ଷ ଲୋକଙ୍କୁ ଟିକାକରଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ୧୧,୨୮,୫୪୩ ଜଣଙ୍କୁ ୨ଟି ଡୋଜ୍ ଦିଆଯାଇଥିବା ବେଳେ ୧୮ରୁ ୪୪ ବର୍ଷ ମଧ୍ୟରେ ୪୪,୨୪୪ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି।

କୋଭିଡ୍ ଟିକା କିଣାକୁ ନେଇ ବିଭିନ୍ନ ରାଜ୍ୟ ସରକାରଙ୍କ ଚାପ ପରେ ଜୁନ୍ ୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୮ରୁ ୪୪ ବର୍ଷ ବର୍ଗର ସମସ୍ତ ବ୍ୟକ୍ତିଙ୍କୁ ମାଗଣାରେ ଟିକା ଯୋଗାଇବାକୁ ଘୋଷଣା କରିଛନ୍ତି। ସମସ୍ତ ରାଜ୍ୟକୁ ମାଗଣାରେ ଟିକା ଯୋଗାଇ ଦିଆଯିବା ସହ ରାଜ୍ୟ ପାଇଁ ଆବଶ୍ୟକ ଟିକା କେନ୍ଦ୍ର ସରକାର କ୍ରୟ କରିବେ ବୋଲି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରେ ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଇ-ଟେଣ୍ଡର ରଦ୍ଦ ହେବା ସମ୍ଭାବନା ରହିଛି। ଗ୍ଲୋବାଲ ଟେଣ୍ଡରରେ ମାତ୍ର ଦୁଇଟି ସଂସ୍ଥା ବିଡ୍ ଦାଖଲ କରିଛନ୍ତି। ସେମାନଙ୍କର ପ୍ରାଇସ୍ ବିଡିଂ ଜୁନ୍ ୯ ତାରିଖରେ ହେବାର ଥିଲା। ତେବେ ତାହାକୁ ଆଉ ୨ ସପ୍ତାହ ସ୍ଥଗିତ ରଖାଯାଇଛି। କେନ୍ଦ୍ର ସରକାରଙ୍କ ନୂଆ ଟିକା ନୀତି ଅନୁଯାୟୀ ରାଜ୍ୟକୁ କେତେ ଟିକା ମିଳୁଛି ତାହା ଜାଣିବା ପରେ ରାଜ୍ୟ ସରକାର ଜୁନ୍ ୨୩ ତାରିଖରେ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି । ଯଦି କେନ୍ଦ୍ର ସରକାର ରାଜ୍ୟକୁ ଆବଶ୍ୟକ ମୁତାବକ ଟିକା ଯୋଗାଣ କରିବେ ତେବେ ଗ୍ଲୋବାଲ ଟେଣ୍ଡରକୁ ରାଜ୍ୟ ସରକାର ରଦ୍ଦ କରିପାରନ୍ତି । ଯଦି ଟିକା ପର୍ଯ୍ୟାପ୍ତ ନ ମିଳିବ ତେବେ ସରକାର ଟିକା କ୍ରୟ ନେଇ ନିଷ୍ପତ୍ତି ନେଇପାରନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮ରୁ ୪୪ ବର୍ଷର ସମସ୍ତ ନାଗରିକଙ୍କୁ ମାଗଣାରେ ଟିକା ଦେବାକୁ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଟିକା ଯୋଗାଉ ନ ଥିବାରୁ ଓଡ଼ିଶା ସରକାର ନିଜେ ଟିକା କ୍ରୟ କରି ସବୁ ବର୍ଗର ଲୋକଙ୍କୁ ଯୋଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ୩.୮୦ କୋଟି ଟିକା ପାଇଁ ଗ୍ଲୋବାଲ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏହି ଟେଣ୍ଡର ସଫଳ ହୋଇ ନ ଥିଲା। ପରେ ରାଜ୍ୟ ସରକାର ଏଥିରେ ଥିବା କେତେକ ସର୍ତ୍ତ କୋହଳ କରିଥିଲେ। ଏହାସତ୍ତ୍ୱେ କୌଣସି ସଂସ୍ଥା ଟେଣ୍ଡରରେ ଅଂଶଗ୍ରହଣ କରି ନ ଥିଲେ। ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଅନୁମତି ଆବଶ୍ୟକ ପଡୁଥିବାରୁ କୌଣସି ଅନ୍ତର୍ଦ୍ଦେଶୀୟ କମ୍ପାନୀ ଇ-ଟେଣ୍ଡରରେ ଅଂଶଗ୍ରହଣ କରି ନ ଥିଲେ। ରାଜ୍ୟ ସରକାର ପୁଣି ଟେଣ୍ଡରରେ କେତେକ ସଂଶୋଧନ କରିବା ପରେ ୨ଟି ସଂସ୍ଥା ବିଡ୍ ଦାଖଲ କରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୪




# ୪ ବର୍ଷର ପୁରୁଣା ଦାବି ଏବେ

**ଭୁବନେଶ୍ୱର, ୧୧।୬(ବ୍ୟୁରୋ)**

ନିକଟରେ କେନ୍ଦ୍ର ସରକାର ଧାନ ସମେତ ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବୃଦ୍ଧି କରିଛନ୍ତି। ସାଧାରଣ ଧାନର କୁଇଣ୍ଟାଲ ପିଛା ଏମ୍ଏସ୍‌ପି ମାତ୍ର ୭୨ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ଅଣଧାନ ଫସଲ ରାଶି, ବିରି, ଚିନାବାଦାମ, ଯଅ, ବାଜରା, ସୂର୍ଯ୍ୟମୁଖୀ, ରାଗି ଆଦିର କୁଇଣ୍ଟାଲ ପିଛା ଏମ୍ଏସ୍‌ପି ୩୦୦ରୁ ୪୫୨ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିରେ ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, କର୍ଣାଟକ ଚାଷୀ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ ଭଳି ଉତ୍ତରଭାରତ ରାଜ୍ୟଗୁଡିକକୁ ଯଥେଷ୍ଟ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ମୂଲ୍ୟ ବୃଦ୍ଧି ପଛରେ କେନ୍ଦ୍ରର ରାଜନୈତିକ ଚାଲ ରହିବା ନେଇ ଚର୍ଚ୍ଚା ହେଉଛି।

ଆଉ କିଛି ମାସ ପରେ ପଞ୍ଜାବ ଏବଂ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଗତ କିଛି ମାସ ଧରି ଚାଲିଥିବା ଚାଷୀ ଆନ୍ଦୋଳନ ଭାଜପା ପରିଚାଳିତ କେନ୍ଦ୍ର ସରକାରର ନିଦ ହଜାଇ ଦେଇଥିବାବେଳେ ଅଣ ଧାନ ଫସଲ ଏମ୍ଏସ୍‌ପି ବହୁ ଗୁଣା ବଢ଼ାଇ ନିର୍ବାଚନ ହେବାକୁ ଥିବା ଉତ୍ତରଭାରତ ରାଜ୍ୟଗୁଡିକରୁ ରାଜନୈତିକ ଫାଇଦା ହାସଲ କରିବାକୁ ଉଦ୍ୟମ କରିଛି। ଧାନର ଏମ୍ଏସ୍‌ପି ନାମକୁମାତ୍ର ବଢ଼ାଇ ଏକ ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟ ଓଡ଼ିଶାର ଚାଷୀଙ୍କ ଦାବିକୁ କର୍ଣ୍ଣପାତ କରି ନାହାନ୍ତି। ସ୍ୱାମୀନାଥନ କମିଟି ଅନୁମୋଦନ ଅନୁଯାୟୀ ଚାଷୀଙ୍କୁ ସେମାନଙ୍କ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ମୂଲ୍ୟ ଦେବାକୁ ସୁପାରିସ୍ କରାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ନେଇ କ୍ଷମତାକୁ ଆସିଥିବା ଭାଜପା ଧାନ ଚାଷୀଙ୍କୁ ଅଣଦେଖା କରିଛି। ନିଜର ରାଜନୈତିକ ଫାଇଦା ପାଇଁ ଓଡ଼ିଶା ସରକାର ମଧ୍ୟ ଚାଷୀଙ୍କୁ ବଳି ପକାଇବାକୁ ପଛାଇ ନାହାନ୍ତି। ଧାନର ଏମ୍ଏସ୍‌ପି କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ ଭାଜପା ସମେତ ସବୁ ଦଳର ସମ୍ମତି କ୍ରମେ ୨୦୧୭ ମାର୍ଚ୍ଚ ୨୫ରେ ଓଡ଼ିଶା ବିଧାନସଭାରେ ଏକ ସଂକଳ୍ପ(ରିଜୋଲ୍ୟୁଶନ) ପାରିତ ହୋଇଥିଲା। ଓଡ଼ିଶା ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବିଧାୟକ ଦଳ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ନିଷ୍ପତ୍ତି ହୋଇଥିଲା। ବାଚସ୍ପତିଙ୍କ ପକ୍ଷରୁ ଏ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ବିଜେଡି ଏମ୍‌ପିମାନେ ମଧ୍ୟ ପାର୍ଲାମେଣ୍ଟରେ ଏହି ଦାବି ବାରମ୍ବାର ଉଠାଇଥିଲେ। ଏହି ସଂକଳ୍ପକୁ ୪ ବର୍ଷ ବିତିଗଲାଣି। ଇତିମଧ୍ୟରେ ଧାନ ବିହନଠାରୁ ଆରମ୍ଭ କରି ସାର, ଔଷଧ, କୃଷି ଉପକରଣ ଆଦିର ଦରବୃଦ୍ଧି ହୋଇଗଲାଣି। ରାଜ୍ୟ ସରକାର ୪ ବର୍ଷ ତଳର ସେହି ପୁରୁଣା ସଂକଳ୍ପ ଆଧାରରେ ଧାନର ଏମ୍ଏସ୍‌ପି ୨୯୩୦ ଟଙ୍କା କରିବାକୁ ଦାବି କରିଛନ୍ତି। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ କୃଷି ମନ୍ତ୍ରୀ ଅରୁଣ ସାହୁ ଏହି ଦାବି କରିଛନ୍ତି। ଏ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ବିଧାନସଭାରେ ସର୍ବସମ୍ମତି କ୍ରମେ ଯେଉଁ ରିଜୋଲ୍ୟୁଶନ ପାସ୍ କରାଯାଇଥିଲା ସେହି ଦାବି ଅନୁଯାୟୀ ପ୍ରଥମେ କେନ୍ଦ୍ର ସରକାର ୨୯୩୦ ଟଙ୍କା ଦିଅନ୍ତୁ। ରାଜ୍ୟ ଭାଜପା ମଧ୍ୟ ଏହି ଦାବି ☞ପୃଷ୍ଠା-୪

# ପ୍ରଫେସର ରାଧାମୋହନଙ୍କ ପରଲୋକ



### ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୧୧।୬(ବ୍ୟୁରୋ)**

ବିଶିଷ୍ଟ ପରିବେଶବିତ୍ ତଥା ଅର୍ଥନୀତିଜ୍ଞ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ଦେହାନ୍ତ ହୋଇଥିବା ଝିଅ ସାବରମତି ସୂଚନା ଦେଇଛନ୍ତି। ତାଙ୍କୁ ୭୮ ବର୍ଷ ହୋଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ, ସେ ନିମୋନିଆ ରୋଗରେ ପୀଡ଼ିତ ଥିଲେ। ☞ପୃଷ୍ଠା-୪

# ପୁଣି ବଢ଼ିଲା ପେଟ୍ରୋଲ ୩୫, ଡିଜେଲ ୩୬ ପଇସା

**ନୂଆଦିଲ୍ଲୀ/କଟକ, ୧୧।୬**

ପେଟ୍ରୋଲ ଶୁକ୍ରବାର ଲିଟର ପିଛା ୩୫ ପଇସା ବଢ଼ିଥିବା ବେଳେ ଡିଜେଲରେ ୩୬ ପଇସା ବୃଦ୍ଧି ଘଟିଛି। ଦିନକର ବିରତି ପରେ ପୁଣି ତୈଳ ଦରରେ ପରିବର୍ତ୍ତନ ଘଟିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ସୂଚନା ଅନୁସାରେ କଟକରେ ପେଟ୍ରୋଲ ଲିଟର ପିଛା ୯୬.୫୭ ଟଙ୍କାରୁ ବୃଦ୍ଧି ପାଇ ୯୬.୯୨ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ୯୪.୪୮ଟଙ୍କାରୁ ବଢ଼ି ୯୪.୮୪ ଟଙ୍କାରେ ପହଞ୍ଚିଛି। ସେହିଭଳି ରାଜ୍ୟର ମାଲକାନଗିରି ଓ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ଥିବାବେଳେ ଡିଜେଲ ପ୍ରାୟ ୧୦୦ ଟଙ୍କା ଛୁଇଁଥିବା ପେଟ୍ରୋଲିୟମ ଡିଲରମାନଙ୍କ ପକ୍ଷରୁ ସୂଚନା ମିଳିଛି।

ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ୨୯ ପଇସା ଏବଂ ଡିଜେଲ ☞ପୃଷ୍ଠା-୪

# ଆଇଶାଙ୍କ ବିରୋଧରେ ଦେଶଦ୍ରୋହ

**କୋଚି, ୧୧।୬**



ଅଭିନେତ୍ରୀ ଆଇଶା ସୁଲତାନା

ଅଭିନେତ୍ରୀ ତଥା ମଡେଲ୍ ଆଇଶା ସୁଲତାନା ଏକ ଟିଭି ବିତର୍କରେ ଭାଗନେଇ ଲାକ୍ଷାଦ୍ୱୀପରେ କୋଭିଡ୍-୧୯ ସଂକ୍ରମଣ ନେଇ ମିଛ ଖବର ପ୍ରସାର କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ଅଭିନେତ୍ରୀଙ୍କ ବିରୋଧରେ ଭାଜପା ନେତା ଏତଲା ଦାଏର କରିଥିଲେ। କାଭାରାଟ୍ଟି ପୋଲିସ ତାଙ୍କ ବିରୋଧରେ ଆଇପିସିର ଧାରା ୧୨୪ଏ (ଦେଶଦ୍ରୋହ) ଏବଂ ୧୫୩ ବି (ଉତ୍ତେଜନାପୂର୍ଣ୍ଣ ବକ୍ତବ୍ୟ)ରେ ମାମଲା ରୁଜୁ କରିଛି। ଲାକ୍ଷାଦ୍ୱୀପର ଚେଟିଆଥ୍ ଦ୍ୱୀପ ବାସିନ୍ଦା ଆଇଶା ଅନେକ ମାଲୟାଲମ ଚଳଚ୍ଚିତ୍ରରେ କାର୍ଯ୍ୟ କରିଛନ୍ତି। ଅଭିଯୋଗ ଅନୁଯାୟୀ ଆଇଶା ମାଲୟାଲମ ଟିଭି ଚ୍ୟାନେଲ ବିତର୍କରେ ଭାଗନେଇ କହିଥିଲେ, ଲାକ୍ଷାଦ୍ୱୀପର ଲୋକମାନଙ୍କ ବିରୋଧରେ ଜୈବିକ ଅସ୍ତ୍ର ଭାବେ କୋଭିଡ୍-୧୯କୁ ନିୟୋଜିତ କରିବା ଲାଗି କେନ୍ଦ୍ର ସରକାର ପ୍ରଶାସକ ପ୍ରଫୁଲ୍ଲ ଖୋଡା ପଟେଲଙ୍କୁ ବ୍ୟବହାର କରିଛନ୍ତି। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଆଦୌ କୋଭିଡ୍ ମାମଲା ନ ଥିବାବେଳେ ଏବେ ଦୈନିକ ଶତାଧିକ ମାମଲା ଆସୁଥିବା ସେ ଅଭିଯୋଗ କରିଥିଲେ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ଅଭିଯୋଗ ଆଣିବା ଅଭିନେତ୍ରୀଙ୍କୁ ମହଙ୍ଗା ପଡ଼ିଛି। କୋଭିଡ୍‌କୁ ନେଇ ମିଛ ଖବର ପ୍ରଚାର ଅଭିଯୋଗରେ ତାଙ୍କ ବିରୋଧରେ ଭାଜପା ଲାକ୍ଷାଦ୍ୱୀପ ସଭାପତି ଅବଦୁଲ ଖାଦେର ଏତଲା ଦାଏର କରିବା ପରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି।

ଏହି ଖବର ପ୍ରକାଶ ପାଇବା ପରେ ଟୁଇଟର ସମେତ ବିଭିନ୍ନ ସୋସିଆଲ ମିଡିଆରେ ଜୋର୍‌ଦାର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦେଶଦ୍ରୋହ ଏବଂ ୟୁଏପିଏ ଭଳି ପୁରୁଣାକାଳିଆ ☞ପୃଷ୍ଠା-୪



ତୈଳ ଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍ -୨ ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି । (ରିପୋର୍ଟ: ପୃଷ୍ଠା-୩)

ଧରିତ୍ରୀ
DHARITRI
ଶନିବାର, ୧୨ ଜୁନ୍, ୨୦୨୧



**ବର୍ଷା ବିପ୍ଲାତ: ୫ ମୃତ**

ପଞ୍ଜାବ ଏବଂ ହରିୟାଣାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ପଟିଆଲା ଜିଲାରେ ଗୋଟିଏ ପରିବାରର ୪ ଜଣ ଏବଂ ଅନ୍ୟ ଜଣେ ମୋଟରସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଛି। ବର୍ଷା ଯୋଗୁ ସୈଦଖେରି ଗ୍ରାମରେ ଏକ ଘରର କାନ୍ଥ ଭୁଶୁଡ଼ିପଡ଼ିବାରୁ ପରିବାରର ୨ ଶିଶୁଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ବାଇକ୍ ଚାଳକ ବର୍ଷା ବେଳେ ଏକ କଣ୍ଟେନର ତଳେ ଆଶ୍ରୟ ନେଇଥିବାବେଳେ ଏହା ଢଳିପଡ଼ିବାରୁ ତାଙ୍କ ଜୀବନ ଯାଇଛି।

## ସଂକ୍ଷେପରେ

### ଶାହା, ନଡ୍ଡାଙ୍କୁ ଭେଟିଲେ ମୋଦି

**ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା**

**ନୂଆଦିଲ୍ଲୀ, ୧୧।୬(ପି.ଟି.):** କେନ୍ଦ୍ର କ୍ୟାବିନେଟରେ ଅଦଳବଦଳକୁ ନେଇ ଚର୍ଚ୍ଚା ହେଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟି ଆଲୋଚନା କରିଛନ୍ତି। ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇ ମୋଦିଙ୍କ ସମେତ ଭାଜପାର ଶୀର୍ଷ ନେତୃବୃନ୍ଦଙ୍କୁ ଭେଟିଥିବାରୁ ସେଠାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଆଲୋଚନା ଜୋର୍ ଧରିଛି। ଇତିମଧ୍ୟରେ ମୋଦି ବିଭିନ୍ନ ମନ୍ତ୍ରୀଙ୍କୁ ଅଲଗା ଭେଟି ଆଲୋଚନା କରିଛନ୍ତି। ଉକ୍ତ ବୈଠକରେ ନଡ୍ଡା ଉପସ୍ଥିତ ଥିଲେ। ନଡ୍ଡା ଦଳର ସାଧାରଣ ସମ୍ପାଦକମାନଙ୍କ ସହ ମଧ୍ୟ ବୈଠକ କରିଥିଲେ। ଆସନ୍ତା ବର୍ଷ ଉତ୍ତରପ୍ରଦେଶ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଭାଜପା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା କୁହାଯାଉଛି। ୟୁପିରେ କୋଭିଡ୍ ମୁକାବିଲା ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇବା ଏବଂ ପଡ଼ିରହିଥିବା କେତେକ ବିକାଶ ପ୍ରକଳ୍ପ ନେଇ ଆଲୋଚନା ପାଇଁ ଯୋଗୀ ମୋଦିଙ୍କୁ ଭେଟିଥିବା ମଧ୍ୟ କୁହାଯାଉଛି। ଇତିମଧ୍ୟରେ ଯୋଗୀଙ୍କ ଦିଲ୍ଲୀ ଗସ୍ତକୁ ଦିଲ୍ଲୀ ଓ ଲକ୍ଷ୍ନୌ ମଧ୍ୟରେ ଉତ୍ତେଜନାର ସଙ୍କେତ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି।

### ସର୍ବ ସମ୍ମୁଖରେ ଛାତ୍ରଙ୍କୁ ମୃତ୍ୟୁଦଣ୍ଡ



**ନାଇରୋବି,୧୧।୬:** ଇଥିଓପିଆର ସରକାରୀ ବଳ ଜଣେ ନାବାଳକଙ୍କୁ ସ୍ପଷ୍ଟ ଦିବାଲୋକରେ ମୃତ୍ୟୁଦଣ୍ଡ ଦେଇଥିବା ହ୍ୟୁମାନ ରାଇଟ୍ସ ୱାଚ୍ ପକ୍ଷରୁ ସୂଚନା ଦିଆଯାଇଛନ୍ତି। ଓରୋମିଆ ଅଞ୍ଚଳରେ ସୈନ୍ୟମାନେ ୧୭ ବର୍ଷୀୟ ଏମାନ୍ୟୁଏଲ୍ ଓଣ୍ଡିମୁଙ୍କ ବେକରେ ବନ୍ଧୁକ ରଖି ଗୁଳି ଚଳାଇଥିଲେ। ଡେମ୍ବି ଡୋଲୋ ସହରରେ ଗେମେଚୁ ମେନଗେଶା ଜଣେ କଣ୍ଟ୍ରାକ୍ଟରଙ୍କୁ ଦଶମ ଶ୍ରେଣୀ ଛାତ୍ର ଏମାନ୍ୟୁଏଲ୍ ଗୁଳିକରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଥିଲା। ଆଞ୍ଚଳିକ ସ୍ୱତନ୍ତ୍ର ବଳ ଲିୟୁ ହେଲ୍ ତାଙ୍କୁ ଘରୁ ଗିରଫ କରି ସର୍ବସାଧାରଣରେ ମାଡ଼ ମାରିବା ବେଳେ ସେ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ସୈନ୍ୟମାନେ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ଉକ୍ତ ଘଟଣା ମେ' ୧୧ ପୂର୍ବାହ୍ନ ୮ଟାରେ ଘଟିଥିବାବେଳେ ଏହାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ହ୍ୟୁମାନ ରାଇଟ୍ସ ୱାଚ୍‌ର ହର୍ନ ଆଫ୍ରିକା ନିର୍ଦ୍ଦେଶକ ଲାଏଟିଟିଆ ବଦେର ଏହି ମୃତ୍ୟୁଦଣ୍ଡକୁ ମାନବ ଜୀବନ ପ୍ରତି ସମ୍ମାନ ଭାବେ ଅଭିହିତ କରିଛନ୍ତି। ଏହା ଇଥିଓପିଆ ସୁରକ୍ଷା ବଳର ଦାୟିତ୍ୱହୀନତାକୁ ପ୍ରମାଣ କରୁଥିବା ସେ କହିଛନ୍ତି।

### ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର

**ଚଣ୍ଡିଗଡ଼, ୧୧।୬:** ହରିୟାଣାର ଏକ ଫାଙ୍କା ସ୍କୁଲ୍ ଘରେ ଜଣେ ୧୦ ବର୍ଷୀୟା ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସେଠାରେ ଉପସ୍ଥିତ ଅନ୍ୟ ୮ ନାବାଳକ ଉକ୍ତ ଅପରାଧ ଦୃଶ୍ୟକୁ ଶୁଟିଂ କରିବା ସହ ଭିଡିଓକୁ ଅନ୍‌ଲାଇନରେ ଅପ୍‌ଲୋଡ କରିଥିଲେ ବୋଲି ପୋଲିସ କହିଛି। ଦୁଇ ସପ୍ତାହ ପୂର୍ବରୁ ଏହି ଅପରାଧ ଘଟିଥିବାବେଳେ ହ୍ୱାଟ୍ସଆପ୍‌ରେ ଭିଡିଓ ଭାଇରାଲ ପରେ ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ୯ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣ ପୀଡ଼ିତାଙ୍କ ନିକଟ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ମେ' ୨୪ରେ ରେୱାରି ଜିଲାର ଏକ ଗ୍ରାମରେ ଏହି ଘଟଣା ଘଟିଥିଲା। ପୀଡ଼ିତାଙ୍କ ପରିବାରର ଅଭିଯୋଗ ଅନୁଯାୟୀ ପଞ୍ଚମ ଶ୍ରେଣୀରେ ପଢୁଥିବା ଝିଅ ଘର ବାହାରେ ଖେଳୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରିନେଇଥିଲେ। ସେମାନେ ପୀଡ଼ିତାଙ୍କୁ ଏକ ଫାଙ୍କା ସ୍କୁଲ୍ ଘରକୁ ନେଇ ବଳାତ୍କାର କରିଥିଲେ। ଜଣେ ୧୮ ବର୍ଷୀୟ ଅଭିଯୁକ୍ତ ଭିଡିଓ ଶୁଟିଂ କରିଥିବାବେଳେ ଅନ୍ୟ ଦୁଇଜଣ ଏହାକୁ ଅନ୍ୟମାନଙ୍କ ପାଖକୁ ହ୍ୱାଟ୍ସଆପ୍‌ରେ ପଠାଇଥିଲେ।

# ଜି ୭: ଭାରତ ପାଇଁ କ'ଣ

## ଧନୀ ରାଷ୍ଟ୍ର ଯୋଗାଇଦେବେ ୧୦୦ କୋଟି କରୋନା ଭାକ୍ସିନ

**ଲଣ୍ଡନ/ନୂଆଦିଲ୍ଲୀ,୧୧।୬**



ବ୍ରିଟେନର ସ୍ୱାନପୁଲ୍ ବିଚ୍‌ରେ ଜି ୭ ନେତାଙ୍କ ବେଶଧାରୀ ଆକ୍ଟିଭିଷ୍ଟମାନେ ଭାକ୍ସିନ ସିରିଞ୍ଜ ଧରି ଟଣାଓଟରା ହେଉଛନ୍ତି। ଗୋଟିଏ ପଟେ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା, ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡେ, ଜର୍ମାନୀ ଚାନ୍ସେଲର ଆଞ୍ଜେଲା ମର୍କେଲ ଓ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ରହିଛନ୍ତି। ଅନ୍ୟପଟେ ଅଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ।

ବ୍ରିଟେନର କର୍ନୱାଲସ୍ଥିତ ସେଣ୍ଟ ଆଇଭେସ୍‌ରେ ବିଶ୍ୱର ପ୍ରମୁଖ ୭ ଧନୀ ରାଷ୍ଟ୍ର ଏକତ୍ରିତ ହୋଇଛନ୍ତି। ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, କାନାଡା ଓ ଜାପାନକୁ ନେଇ ଗଠିତ ଏହି ରାଷ୍ଟ୍ର ସମୂହର ୩ ଦିନିଆ ସମ୍ମିଳନୀ ଶୁକ୍ରବାର କାର୍ବିସ୍ ବେ ହୋଟେଲରେ ଆରମ୍ଭ ହୋଇଛି। ଜି ୭ ସମ୍ମିଳନୀ ପାଇଁ ସମ୍ପୃକ୍ତ ଅଞ୍ଚଳରେ ଅତିରିକ୍ତ ୫,୦୦୦ ପୋଲିସ ଅଫିସରଙ୍କୁ ମୁତୟନ କରାଯାଇ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏଥିରେ ବିଶ୍ୱନେତାମାନେ ଗରିବ ଦେଶଗୁଡ଼ିକ ପାଇଁ ଅନ୍ୟୂନ ୧୦୦ କୋଟି ଡୋଜ୍ କରୋନା ଟିକା ଯୋଗାଇବା ନେଇ ଘୋଷଣା କରିବେ ବୋଲି ଆଶା କରାଯାଉଛି। ସେଥିରୁ କେବଳ ଆମେରିକା ୫୦ କୋଟି ଡୋଜ୍ ଦେଇପାରେ। ସେହିପରି ବ୍ରିଟେନ ଆସନ୍ତା ବର୍ଷ ମଧ୍ୟରେ ୧୦ କୋଟି ଡୋଜ୍ ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ସୂଚନା ଦେଇଛନ୍ତି। ଏଥିରେ ବିଶ୍ୱନେତାମାନେ କୋଭିଡ୍-୧୯, ଜଳବାୟୁ ପରିବର୍ତ୍ତନ, ବୈଦେଶିକ ନୀତି ଓ ଅର୍ଥନୀତି ସମ୍ପର୍କରେ ଆଲୋଚନା କରିବେ। ବର୍ତ୍ତମାନ ଏହି ଗୋଷ୍ଠୀର ଅଧ୍ୟକ୍ଷତା କରୁଥିବା ବ୍ରିଟେନ ଭାରତ ସମେତ ଅଷ୍ଟ୍ରେଲିଆ, କୋରିଆ ଓ ଦକ୍ଷିଣ ଆଫ୍ରିକାକୁ ଅତିଥି ରାଷ୍ଟ୍ର ରୂପେ ଆମନ୍ତ୍ରଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିଟେନ ପ୍ରତିପକ୍ଷ ବୋରିସ୍‌ଙ୍କ ନିମନ୍ତ୍ରଣକ୍ରମେ ଜୁନ ୧୨ ଓ ୧୩ ତାରିଖରେ ଏହି ଆଉଟ୍‌ରିଚ୍ ସେସନରେ ଭର୍ଚୁଆଲି ଯୋଗଦେବେ।

### ଚଳିତ ବର୍ଷର ଏଜେଣ୍ଡା

ହାଇବ୍ରିଡ୍ ମୋଡ୍‌ରେ ହେବାକୁ ଥିବା ଜି ୭ ବୈଠକରେ ଚଳିତବର୍ଷର ଥିମ୍ ବା ବିଷୟବସ୍ତୁ ରହିଛି 'ବିଲ୍ଡ ବ୍ୟାକ୍ ବେଟର'। ଅଧ୍ୟକ୍ଷ ରାଷ୍ଟ୍ର ବ୍ରିଟେନ ଏଥର ୪ଟି ପ୍ରମୁଖ ବିଷୟ ଉପରେ ପ୍ରାଥମିକତା ଦେଇଛି। ସେଗୁଡ଼ିକ ହେଲା ଭବିଷ୍ୟତରେ ମହାମାରୀ ପ୍ରତିରୋଧୀ ଶକ୍ତି ବୃଦ୍ଧି କରି କରୋନା ଭାଇରସ୍‌ଠାରୁ ବିଶ୍ୱକୁ ମୁକ୍ତ କରିବା, ମୁକ୍ତ ଓ ଅବାଧ ବାଣିଜ୍ୟ ଜରିଆରେ ସମୃଦ୍ଧିକୁ ପ୍ରୋତ୍ସାହନ ଦେବା, ଜଳବାୟୁ ପରିବର୍ତ୍ତନ ମୁକାବିଲା ସହ ପୃଥିବୀର ଜୈବ ବିବିଧତାର ସଂରକ୍ଷଣ କରିବା ଏବଂ ବିଭିନ୍ନ ପ୍ରସଙ୍ଗରେ ଭାବ ବିନିମୟ କରିବା। ଏଥିରେ ସାମିଲ ଥିବା ଜି ୭ ନେତାମାନେ ମହାମାରୀ ଭିତରେ ବିଶ୍ୱକୁ କିପରି ଆଗେଇ ନିଆଯିବ ଏବଂ ସ୍ୱାସ୍ଥ୍ୟ ତଥା ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ବିସ୍ତୃତ ଭାବେ ଆଲୋଚନା କରିବେ ବୋଲି ଆଶା କରାଯାଉଛି।

୨୦୧୪ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ଜି ୭ ବୈଠକରେ ସାମିଲ ହେବାକୁ ଯାଉଛନ୍ତି। ୨୦୧୯ରେ ଜି ୭ର ଅଧ୍ୟକ୍ଷତା କରିଥିବା ଫ୍ରାନ୍ସ ଭାରତକୁ ଏକ ଗୁଡ୍‌ୱିଲ୍ ପାର୍ଟନର ଭାବେ ଡାକିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଉପା ଶାସନରେ ଭାରତ ଜି ୮ ସମ୍ମିଳନୀରେ ୫ ଥର ସାମିଲ ହୋଇଥିଲା। ରୁଷିଆ କ୍ରିମେଆକୁ ନିଜ ସହ ସାମିଲ କରିବା ପରେ ମସ୍କୋକୁ



ଜି ୮ରୁ ବାଦ୍ ଦିଆଯାଇଥିଲା। ଗତବର୍ଷ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ଭାରତକୁ ଡାକିଥିଲେ। ଏଥିରେ ଅଧିକ ସଦସ୍ୟଙ୍କୁ ସାମିଲ କରି ଜି ୭କୁ 'ଜି ୧୦ କିମ୍ବା ଜି ୧୧' ନାମକରଣ କରିବାକୁ ଟ୍ରମ୍ପ୍ ପ୍ରସ୍ତାବ ଦେଇଥିଲେ। ତେବେ ମହାମାରୀ ଓ ଆମେରିକା ନିର୍ବାଚନର ଫଳ ଯୋଗୁ ଏହା ସମ୍ଭବ ହୋଇପାରି ନାହିଁ। ଚଳିତ ବର୍ଷ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ସମେତ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା, ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି, କାନାଡା ପ୍ରଧାନମନତ୍ରୀ ଜଷ୍ଟିନ୍ ଟ୍ରୁଡେ, ଜର୍ମାନୀ ଚାନ୍ସେଲର ଆଞ୍ଜେଲା ମର୍କେଲ ଓ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଏହି ବୈଠକରେ ଯୋଗଦେଇଛନ୍ତି।

### ଭାରତର ଆଶା

ବୈଶ୍ୱିକ ସଂସ୍ଥାଗୁଡ଼ିକୁ ପ୍ରତିଷ୍ଠା କରି ଆଧୁନିକ ଭୂରାଜନୈତିକ ବାସ୍ତବତାକୁ ପ୍ରତିଫଳିତ କରିବା ପାଇଁ ଭାରତ ସବୁବେଳେ ଉଦ୍ୟମ କରିଆସିଛି। ଟ୍ରମ୍ପଙ୍କ ନିମନ୍ତ୍ରଣ ପରେ ଏହି ଗ୍ଲୋବାଲ ହାଇ ଟେବୁଲର ଏକ ଅଂଶ ପାଲଟିବା ପାଇଁ ନୂଆଦିଲ୍ଲୀ ଚାହୁଁଥିଲା। ଚାଇନାର ମୁକାବିଲା ପାଇଁ ଆମେରିକା ସମସ୍ତ ସମଭାବାପନ୍ନ ଦେଶ ବେଜିଂ ବିରୋଧରେ ସହଯୋଗ କରନ୍ତୁ ବୋଲି ଚାହୁଁଛି। ବାଇଡେନ୍ ଓ ବୋରିସ୍ ୧୦ କିମ୍ବା ୧୧ ଦେଶକୁ ନେଇ ଏକ ବୈଶ୍ୱିକ ଗଣତାନ୍ତ୍ରିକ ମେଣ୍ଟ ଗଠନ କଲେ ଚାଇନା ପାଇଁ ତାହା ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ହେବ। ଭାକ୍ସିନ ଅଭାବ ଯୋଗୁ ଭାରତ ସମ୍ପ୍ରତି କୋଭିଡ୍ ମୁକାବିଲା କ୍ଷେତ୍ରରେ ପଛାଇଯାଇଛି। ଆମେରିକା ପକ୍ଷରୁ କେତେ ପରିମାଣର ଟିକା ଯୋଗାଣ ଘୋଷଣା କରାଯାଉଛି ତାହା ଉପରେ ନୂଆଦିଲ୍ଲୀର ନଜର ରହିବ। ଗତ ସପ୍ତାହରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୱାଶିଂଟନ ଡିସିରେ ବାଇଡେନ୍ ପ୍ରଶାସନ ସହ ଆଲୋଚନା କରିଥିଲେ। ଏହା ପରେ ଆମେରିକା ବିଶ୍ୱ ପାଇଁ ନିଜ ଭାକ୍ସିନ ରଣନୀତିରେ ଭାରତକୁ ଟିକା ବଣ୍ଟନ କରାଯିବ ବୋଲି କହିଥିଲା। ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏନେଇ ଆଲୋଚନା କରିଥିଲେ। ଭାରତ ଆମେରିକାରୁ ପ୍ରତ୍ୟକ୍ଷ ଓ କୋଭାକ୍ସ ଜରିଆରେ ପରୋକ୍ଷ ଭାବେ ୨ରୁ ୩ ନିୟୁତ ଟିକା ପ୍ରଥମ ପର୍ଯ୍ୟାୟରେ ପାଇପାରେ।



## ସଂକ୍ରମଣ ହାର ୪.୪୯%କୁ ହ୍ରାସ

**ନୂଆଦିଲ୍ଲୀ, ୧୧।୬(ପି.ଟି.)**

ଭାରତରେ କ୍ରମାଗତ ୪ ଦିନ ହେଲା କୋଭିଡ୍ ସଂକ୍ରମଣ ଲକ୍ଷେ ତଳେ ରହିଛି। ଶୁକ୍ରବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ୯୧,୭୦୨ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ୩,୪୦୩ ଜଣ ପ୍ରାଣ ହରାଇଛନ୍ତି। ତେବେ ଦୈନିକ ପଜିଟିଭିଟି ହାର ୪.୪୯%କୁ ହ୍ରାସ ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ନୂଆ ମାମଲାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୨,୭୪,୮୨୩ରେ ପହଞ୍ଚିଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୩,୬୩,୦୭୯ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ୧୧,୨୧,୬୭୧କୁ ହ୍ରାସ ପାଇଛି, ଯାହା ମୋଟ ସଂକ୍ରମଣର ୩.୮୩ ପ୍ରତିଶତ। ଜାତୀୟ ସ୍ତରରେ ଆରୋଗ୍ୟ ହାର ୯୪.୯୩%କୁ ବୃଦ୍ଧି ପାଇଛି।

## ଶ୍ରୀଲଙ୍କାରେ ଅଧିକ ସଂକ୍ରାମକ ଭାରିଆଣ୍ଟ

**କଲମ୍ବୋ, ୧୧।୬(ଆଇଏଏନ୍‌ଏସ୍)**

ଶ୍ରୀଲଙ୍କାରେ କରୋନା ଭୂତାଣୁର ଅଧିକ ସଂକ୍ରାମକ ଭାରିଆଣ୍ଟ ବି.୧.୧.୭ ଏବଂ ବି. ୧.୬୧୭.୨ ଚିହ୍ନଟ ହୋଇଥିବା ଶୁକ୍ରବାର ଘୋଷଣା କରାଯାଇଛି। ରାଜଧାନୀ କଲମ୍ବୋ ଏବଂ ଅନ୍ୟ ୯ଟି ସ୍ଥାନରେ ବି.୧.୧.୭ ଭାରିଆଣ୍ଟ ବା ଆଲ୍‌ଫା ଭାରିଆଣ୍ଟ ଚିହ୍ନଟ ହୋଇଥିବା ଶ୍ରୀ ଜୟେୱାର୍ଦ୍ଦେନେପୁରା ୟୁନିଭର୍ସିଟିର ଆଲର୍ଜି, ଇମ୍ୟୁନିଟି ଓ ସେଲ୍ ବାୟୋଲୋଜି ବିଭାଗ ନିର୍ଦ୍ଦେଶକ ଚାନ୍ଦିମା ଜିୱାନ୍ଦର କହିଛନ୍ତି। ସେହିପରି ୱାସ୍‌କାଡୁୱାରେ ଥିବା ଏକ କ୍ୱାରାଣ୍ଟାଇନ ସେଣ୍ଟରରୁ ବି.୧.୬୧୭.୨ ବା ଡେଲ୍ଟା ଭାରିଆଣ୍ଟ ଚିହ୍ନଟ ହୋଇଛି। ଶ୍ରୀଲଙ୍କା ଏବେ ମହାମାରୀର ତୃତୀୟ ଲହରକୁ ସାମ୍ନା କରୁଛି। ବର୍ତ୍ତମାନ ସୁଦ୍ଧା ସେଠାରେ ୨,୧୬,୧୩୪ କରୋନା ସଂକ୍ରମିତ ହୋଇଥିବାବେଳେ ୨,୦୧୧ ଜଣଙ୍କର ମୃତ୍ୟୁ ଘଟିଛି।

# କୋଭିଡ୍ ମୃତ୍ୟୁ: ପରିବାରକୁ ମିଳିପାରେ ୪ ଲକ୍ଷ

**ନୂଆଦିଲ୍ଲୀ, ୧୧।୬(ଆଇଏଏନ୍‌ଏସ୍)**

କରୋନାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ କ୍ଷତିପୂରଣ ଯୋଗାଇଦେବା ପାଇଁ ଏକ ଆବେଦନର ବିଚାର କରାଯାଉଛି ବୋଲି କେନ୍ଦ୍ର ସରକାର ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏ ସମ୍ପର୍କରେ ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏମ୍.ଆର୍. ଶାହାଙ୍କ ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି। ଜନସ୍ୱାର୍ଥ ମାମଲାରେ ଉଠାଯାଇଥିବା ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ। ସରକାର ଏହା ଉପରେ ନିଜର ଜବାବ ରଖିବେ ବୋଲି ସେ କହିଥିଲେ। ତେବେ ସରକାର ଏକ ଜାତୀୟ ନୀତି ଉପରେ ବିଚାର କରୁଥିବାରୁ ଜବାବ ଦାଖଲ ପାଇଁ ଦୁଇ ସପ୍ତାହ ସମୟ ଦେବାକୁ ମେହେଟ୍ଟା ଅନୁରୋଧ କରିଥିଲେ।

ବ୍ଲାକ୍ ଫଙ୍ଗସ୍‌ରେ ହେଉଥିବା ମୃତ୍ୟୁ ମଧ୍ୟ କରୋନାଜନିତ। ଏଥିପାଇଁ ମୃତ୍ୟୁ

### ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର



ପ୍ରମାଣପତ୍ରରେ କାରଣ ଉଲ୍ଲେଖ ରହିବା ଆବଶ୍ୟକ। କେନ୍ଦ୍ର ସରକାର ଏ ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ସଲିସିଟର ଜେନେରାଲ କହିଥିଲେ। ସରକାର ଜବାବ ଦାଖଲ ପାଇଁ ଅଧିକ ସମୟ ମାଗିବାରୁ ପିଟିଶନର ପରବର୍ତ୍ତୀ ଶୁଣାଣି ଜୁନ୍ ୨୧କୁ ଧାର୍ଯ୍ୟ କରାଯାଇଥିଲା।

ସୂଚନାଯୋଗ୍ୟ କୋଭିଡ୍‌ରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ଆଇନଜୀବୀ ଗୌରବ କୁମାର ବଂଶଲ ଏବଂ ରୀପକ କଂଶଲ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରି ଅଦାଲତଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହା ଉପରେ ଗତ ମାସ ୨୪ରେ ଅଦାଲତ କେନ୍ଦ୍ରକୁ ଜବାବ ମାଗିଥିଲେ। କୋଭିଡ୍‌ରେ ପ୍ରାଣ ହରାଇଥିଲେ ମୃତ୍ୟୁ ପ୍ରମାଣପତ୍ର ଜାରି କରିବାରେ ସମାନ ନୀତି କାର୍ଯ୍ୟକାରୀ ହେଉଛି କି ନାହିଁ ଜଣାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ କାରଣରୁ ମୃତ୍ୟୁ ହୋଇଥିଲେ ମଧ୍ୟ ଅନେକ ସମୟରେ ଡେଥ୍ ସାର୍ଟିଫିକେଟରେ ହୃଦ୍‌ଘାତ କିମ୍ବା ଫୁସ୍‌ଫୁସ୍ କାମ ନ କରିବା କାରଣରୁ ମୃତ୍ୟୁ ଘଟିଥିବା ଦର୍ଶାଯାଉଛି ବୋଲି ଖଣ୍ଡପୀଠ କହିଥିଲେ। ବିଜ୍ଞପିତ ବିପର୍ଯ୍ୟୟରେ ମୃତ୍ୟୁ ଘଟିଲେ ପରିବାରକୁ ଆର୍ଥିକ କ୍ଷତିପୂରଣ ଯୋଗାଇଦେବା ବିପର୍ଯ୍ୟୟ ପରିଚାଳନା ଆଇନ (ଡିଏମ୍‌ଏ)ର ଧାରା ୧୨ (୩)ରେ ଉଲ୍ଲେଖ ଥିବା ବଂଶଲ ତାଙ୍କ ପିଟିଶନରେ ଦର୍ଶାଇଥିଲେ।

## ଦେଶବ୍ୟାପୀ ସେରୋ ସର୍ଭେ କରିବ ଆଇସିଏମ୍‌ଆର୍

**ନୂଆଦିଲ୍ଲୀ, ୧୧।୬(ପି.ଟି.)**

କୋଭିଡ୍-୧୯ ସଂକ୍ରମଣ ଆକଳନ ଲାଗି ଆଇସିଏମ୍‌ଆର୍ ଖୁବ୍‌ଶୀଘ୍ର ଦେଶବ୍ୟାପୀ ସେରୋ ସର୍ଭେ ଆରମ୍ଭ କରିବାକୁ ଯାଉଛି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏହା ପରିଚାଳନା କରିବା ଲାଗି ପ୍ରୋତ୍ସାହନ କରାଯିବା ଆବଶ୍ୟକ ଯେପରି ସମସ୍ତ ଅଞ୍ଚଳରୁ ତଥ୍ୟ ସଂଗ୍ରହ ହୋଇପାରିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଦେଶରେ କୋଭିଡ୍ ସ୍ଥିତି ଏବେ ସ୍ଥିର ରହିଛି, ତେବେ ଜନସାଧାରଣ ଉପଯୁକ୍ତ ଆଚରଣ ଏବଂ ସାମାଜିକ ଦୂରତ୍ୱ ନିୟମାବଳୀ ପାଳନ ଜାରି ରଖିବାକୁ ମନ୍ତ୍ରଣାଳୟ ଅନୁରୋଧ କରିଛି। ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ମେ' ୭ରେ ସଂକ୍ରମଣ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଏବେ ଦୈନିକ ସଂକ୍ରମଣ ୭୮ ପ୍ରତିଶତ ହ୍ରାସ ପାଇଛି। ସାପ୍ତାହିକ କୋଭିଡ୍ ପଜିଟିଭିଟି ହାର୍ ଇତିମଧ୍ୟରେ ୭୪ ପ୍ରତିଶତ କମିଛି। ଏପ୍ରିଲ ୩୦ରୁ ମେ' ୬ ମଧ୍ୟରେ ପଜିଟିଭିଟି ହାର୍ ୨୧.୬ ପ୍ରତିଶତ ରହିଥିଲା।





ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଜୟପୁରସ୍ଥିତ ଏକ ପେଟ୍ରୋଲ ପମ୍ପ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ରାଜସ୍ଥାନ କଂଗ୍ରେସ ନେତା ସଚିନ ପାଇଲଟ।

## ସଡ଼କ ଦୁର୍ଘଟଣାରେ ୧୮ ମୃତ

**ଇସ୍‌ଲାମାବାଦ, ୧୧।୬**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଏକ ଯାତ୍ରୀବାହୀ ବସ୍ ଓଲଟିପଡ଼ିବାରୁ ୧୮ ଜଣଙ୍କ ମୃତ୍ୟୁ ଘଟିବା ସହ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବସ୍‌ଟି ଏକ ବୁଲାଣି ରାସ୍ତାରେ ଦ୍ରୁତ ଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଆହତମାନଙ୍କୁ ଖୁଜ୍‌ଦାରସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବସ୍‌ଟି ସିନ୍ଧ ପ୍ରଦେଶର ଲାର୍କାନା ଜିଲାରୁ ଖୁଜ୍‌ଦାର ଯାଉଥିଲା।

# ମିଶନ ୨୦୨୪କୁ ନେଇ ଚର୍ଚ୍ଚା

**ମୁମ୍ବାଇ, ୧୧।୬**

ପଶ୍ଚିମବଙ୍ଗରେ ଟିଏମ୍‌ସିକୁ ବିଜୟୀ କରାଇଥିବା ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର(ପିକେ) ଏନ୍‌ସିପି ନେତା ଶରଦ ପାୱାରଙ୍କୁ ଭେଟିଛନ୍ତି। ଏନ୍‌ସିପି ମୁଖ୍ୟଙ୍କ ଘରେ ପ୍ରଶାନ୍ତ କିଶୋର ମଧ୍ୟାହ୍ନଭୋଜନ କରିବା ଘଟଣାରୁ ଏହା ତାଙ୍କର ମିଶନ ୨୦୨୪ ବା ପରବର୍ତ୍ତୀ ଜାତୀୟ ନିର୍ବାଚନ ପାଇଁ ପ୍ରସ୍ତୁତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ତେବେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ନିର୍ବାଚନ ବିଜୟ ପରେ ଏହା ଧନ୍ୟବାଦ ପ୍ରଦାନ ଲାଗି ଗସ୍ତ ବୋଲି ପ୍ରଶାନ୍ତଙ୍କ ଘନିଷ୍ଠ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ୨୦୨୪ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିରୋଧୀ ମିଳିତ ଭାବେ ଚ୍ୟାଲେଞ୍ଜ କରିବା ପାଇଁ ଆଲୋଚନା ଆରମ୍ଭ ହୋଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ

### ପାୱାର-ପିକେ ଭେଟ



ଶରଦ ପାୱାର ପ୍ରଶାନ୍ତ କିଶୋର

ପାଇଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳ ଆସିବା ପରେ ନିର୍ବାଚନ ରଣନୀତିକାର ପଦ ଛାଡ଼ିଦେବେ ବୋଲି ପ୍ରଶାନ୍ତ ଘୋଷଣା କରିଥିଲେ। ଦୀର୍ଘଦିନ ହେଲା ସେ ଯେଉଁ କାର୍ଯ୍ୟ କରିଆସୁଥିଲେ, ତାହା ଆଉ କରିବାକୁ ଚାହୁଁନାହାନ୍ତି। ଜୀବନରେ ଅନ୍ୟ କିଛି କରିବା ପାଇଁ ଏବେ ସମୟ ଆସିଛି। ଆଗକୁ କ'ଣ କରିବାକୁ ହେବ ସେ ଚିନ୍ତା କରିବେ ବୋଲି କହିଥିଲେ। ତେବେ ସେ ରାଜନୀତିରେ ବଡ଼ ଭୂମିକା ନେଇପାରନ୍ତି ବୋଲି ଅନେକେ ବିଶ୍ୱାସ କରୁଥିଲେ।

# ଦୁର୍ଭିକ୍ଷ ଆଁରେ ଇଥିଓପିଆ

**ଆଡିସ୍ ଆବାବା,୧୧।୬**

ପୂର୍ବ ଆଫ୍ରିକୀୟ ରାଷ୍ଟ୍ର ଇଥିଓପିଆରେ ସରକାରୀ ବଳ ଓ ବିଦ୍ରୋହୀଙ୍କ ମଧ୍ୟରେ ଲଢ଼େଇ ଟିଗ୍ରେ ଅଞ୍ଚଳ ପାଇଁ ବିପତ୍ତିକୁ ଡାକି ଆଣିଛି। ଫଳରେ ଉକ୍ତ ଅଞ୍ଚଳର ୩,୫୦,୦୦୦ ଜଣ ଦୁର୍ଭିକ୍ଷ ମୁହଁକୁ ଠେଲିହୋଇ ଯାଇଛନ୍ତି। ଜାତିସଂଘ ପକ୍ଷରୁ ଏହି ଘୋଷଣା କରାଯିବା ପରେ ଯୁଦ୍ଧ ପ୍ରଭାବିତ ଇଥିଓପିଆକୁ ନେଇ ଚିନ୍ତା ବଢ଼ିଯାଇଛି।

ଇଥିଓପିଆର ଟିଗ୍ରେ, ଆମ୍‌ହରା ଓ ଅଫାର୍ ସ୍ଥିତିକୁ ନେଇ ସମନ୍ୱିତ ପର୍ଯ୍ୟାୟ ବର୍ଗୀକରଣ(ଆଇପିସି) ଫେଜ୍୫ ରିପୋର୍ଟକୁ ବିଶ୍ଳେଷଣ କରିବା ପରେ ଜାତିସଂଘର ହ୍ୟୁମାନିଟାରିଆନ୍ ମୁଖ୍ୟ ମାର୍କ ଲୋକକ୍ ଦୁର୍ଭିକ୍ଷ ବିଷୟରେ ଘୋଷଣା କରିଛନ୍ତି। ଏଥିଯୋଗୁ ମେ'ରୁ ଜୁନ୍ ମଧ୍ୟରେ ସାଢ଼େ ୩





ଲକ୍ଷ ଲୋକ ପ୍ରଭାବିତ ହୋଇଥିବାବେଳେ ଆଗକୁ ସ୍ଥିତି ଆହୁରି ବିଗିଡ଼ିପାରେ ବୋଲି ସେ ଚେତାଇ ଦେଇଛନ୍ତି। ଏହି ବିସ୍ତୃତ ଅଞ୍ଚଳରେ ଖାଦ୍ୟ ନିରାପତ୍ତା ବିପନ୍ନ ହୋଇ ବିପତ୍ତି ସୃଷ୍ଟି ହୋଇଛି, ଯାହାକି ଆଗକୁ ଅନାହାର ଓ ମୃତ୍ୟୁର ବିଭୀଷିକାର କାରଣ ହେବ ବୋଲି ଆଇପିସି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କିନ୍ତୁ ଦୁର୍ଭିକ୍ଷର ନିର୍ଦ୍ଦିଷ୍ଟ ସଂଜ୍ଞା ଥିବାରୁ ଏହାକୁ ଦୁର୍ଭିକ୍ଷ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ।

କୌଣସି ଦେଶରେ ଦୁର୍ଭିକ୍ଷ ହୋଇଛି ବୋଲି ଘୋଷଣା କରିବା ଲାଗି ମୃତ୍ୟୁ ହାର, କୁପୋଷଣ ଓ କ୍ଷୁଧାକୁ ଆଧାର କରି ଅନୁଶୀଳନ କରାଯାଏ। ଅନ୍ୟୂନ ୨୦% ପରିବାର ଅତି ଖାଦ୍ୟ ସଙ୍କଟକୁ ସାମ୍ନା କଲେ, ସମ୍ପୃକ୍ତ ଦେଶର ୩୦% ଲୋକ କୁପୋଷଣର ଶିକାର ହେଲେ ଏବଂ ଦିନକୁ ପ୍ରତି ୧୦,୦୦୦ ଜଣରେ ମୃତ୍ୟୁସଂଖ୍ୟା ୨ରୁ ଅଧିକ ରହିଲେ ଦୁର୍ଭିକ୍ଷ ଘୋଷଣା କରାଯାଇଥାଏ। ଇଥିଓପିଆରେ ଦୁର୍ଭିକ୍ଷ ହୋଇଥିବା ଘୋଷଣା କରାଗଲେ ଜୀବନରକ୍ଷକ ସହାୟତା ପ୍ରଦାନ ଜରୁରୀ ହୋଇପଡ଼ିବ। ସହାୟତା ନିମନ୍ତେ ଏହା ବିଶ୍ୱ ସମୁଦାୟର ଧ୍ୟାନ ଆକର୍ଷଣ କରିବ। ୧୯୮୪ରେ ମରୁଡ଼ି ଓ ଯୁଦ୍ଧ ଯୋଗୁ ଟିଗ୍ରେ ତଥା ପଡ଼ୋଶୀ ଓଲୋ ପ୍ରଦେଶ ଦୁର୍ଭିକ୍ଷର କେନ୍ଦ୍ରସ୍ଥଳ ପାଲଟିଥିଲା। ସେତେବେଳେ ୬ ଲକ୍ଷରୁ ୧୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୫୮,୦୬,୫୯୪ | ୩୭,୯୪,୯୦୬ | ୧୫,୯୩,୮୬,୭୪୦ |
| ଭାରତ | ୨,୯୩,୫୭,୦୦୧ | ୩,୬୭,୦୮୧ | ୨,୭୮,୯୮,୯୮୧ |
| ଓଡ଼ିଶା | ୮,୪୨,୪୭୧ | ୩୨୧୦(+୪୩) | ୭,୮୧,୪୮୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବଜ୍ରକାପ୍ତା କାତି ଜବତ, ବେପାରୀ ଗିରଫ



ଜବତ ବଜ୍ରକାପ୍ତା କାତି ସହ ଗିରଫ ଅଭିଯୁକ୍ତ।

**ବାରିପଦା ଅଫିସ/କପ୍ତିପଦା, ୧୧।୬(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଶରତ ଥାନା ଅଧୀନ ବାଲିଚୁଆ ଗ୍ରାମ ଛକ ନିକଟରୁ ଏସ୍‌ଟିଏଫ୍ ଓ ବନ ବିଭାଗ ମିଳିତ ଭାବେ ୪ କିଲୋ ୮୨୦ ଗ୍ରାମ ବଜ୍ରକାପ୍ତା କାତି ଜବତ କରିଛନ୍ତି। ଏହି ଘଟଣାରେ ଜଣେ ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ବାଲିଚୁଆ ଗ୍ରାମର ସୁରେନ ପୂର୍ତ୍ତି। ସୂଚନା ଅନୁଯାୟୀ, ବନ ବିଭାଗ କର୍ମଚାରୀ ଗ୍ରାହକ ସାଜି ୧ ଲକ୍ଷ ଟଙ୍କାରେ ବଜ୍ରକାପ୍ତା କାତି କିଣିବା ପାଇଁ ସୁରେନଙ୍କ ସହ ଯୋଗାଯୋଗ କରିଥିଲେ। ଡିଲ୍ ମୁତାବକ ଶୁକ୍ରବାର ଅଭିଯୁକ୍ତ ଏକ ବ୍ୟାଗରେ ବଜ୍ରକାପ୍ତା କାତି ଭର୍ତ୍ତି କରି ବାଲିଚୁଆ ଛକ ନିକଟକୁ ଆସିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଲୁଚି ରହିଥିବା ଏସଟିଏଫ୍ ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ବଜ୍ରକାପ୍ତା କାତି ଜବତ କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୩/୨୧) ରୁଜୁ ହେବା ସହ ତଦନ୍ତ ଜାରି ରହିଛି।

### ଗଣଶିକ୍ଷା ମନ୍ତ୍ରୀଙ୍କ ନାମରେ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ

**ଭୁବନେଶ୍ୱର,୧୧।୬(ବ୍ୟୁରୋ):** କରୋନା କାଳରେ ରାଜ୍ୟରେ ସାଇବର ଠକଙ୍କ ଉତ୍ପାତ ବଢ଼ି ଚାଲିଛି। ଆଇପିଏସ୍, ଆଇଏଏସ୍ ଅଫିସରଙ୍କ ନାମରେ ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି ଲୋକଙ୍କୁ ଟଙ୍କା ମାଗୁଥିବା ନଜିର ରହିଥିବାବେଳେ ଏବେ ଜଣେ ମନ୍ତ୍ରୀଙ୍କ ନାଁରେ ଖୋଲାଯାଇଥିବା ଆକାଉଣ୍ଟ ଘୂରି ବୁଲୁଛି। ଗତ ଦୁଇ ୩ଦିନ ହେବ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନାମରେ ଏକ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଦେଖିବାକୁ ମିଳୁଛି। ସାଇବର ଠକ ଉକ୍ତ ଫେକ୍ ଆକାଉଣ୍ଟରୁ ବିଭିନ୍ନ ବ୍ୟକ୍ତିଙ୍କୁ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଉଛନ୍ତି। ସେମାନେ ଏହାକୁ ସ୍ୱୀକାର କରିବା ପରେ ମେସେଜରେ କଥା ହେଉଛନ୍ତି। କିଛି ସମୟ କଥା ହେବା ପରେ ବିଭିନ୍ନ ବାହାନାରେ ଟଙ୍କା ମାଗୁଛନ୍ତି। କାହାକୁ ଗରିବ କରୋନା ଆକ୍ରାନ୍ତଙ୍କୁ ସାହାଯ୍ୟ ପାଇଁ ତ ଆଉ କାହାକୁ ମେଡିକାଲ ଚିକିତ୍ସା କହି ଟଙ୍କା ମାଗୁଛନ୍ତି। ମନ୍ତ୍ରୀଙ୍କ ପରିଚିତ ଲୋକ ଏନେଇ ଜାଣିବା ପରେ ତୁରନ୍ତ ତାଙ୍କ ଅବଗତ କରାଇଥିଲେ। ଏହାପରେ ମନ୍ତ୍ରୀ ତାଙ୍କ ନାମରେ ସାମାଜିକ ଗଣମାଧ୍ୟମରେ କେହି ଟଙ୍କା ମାଗିଲେ ଦିଅନ୍ତୁ ନାହିଁ ବୋଲି ଲୋକଙ୍କୁ ସଚେତନ କରାଇଛନ୍ତି। ତେବେ ଘଟଣା ସମ୍ପର୍କରେ ଏପର୍ଯ୍ୟନ୍ତ ସାଇବର ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡ଼ିଛି।

# ‘କରୋନା ବେଳେ ଲୋକଙ୍କୁ ଶୋଷଣ’

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

- ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦ
- ସବୁ ପେଟ୍ରୋଲ ପମ୍ପ ଆଗରେ କଂଗ୍ରେସର ବିକ୍ଷୋଭ

କରୋନା ମହାମାରୀ ସମୟରେ ଜନସାଧାରଣ ଜୀବିକା ହରାଇ ଜୀବନ ସହିତ ସଂଘର୍ଷ କରୁଛନ୍ତି। ଏହି ସମୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦର ବୃଦ୍ଧି ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବଢ଼ିଚାଲିଛି, ଯାହାକି ସାଧାରଣ ଲୋକଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ସଦୃଶ ହୋଇଛି। ତୈଳ ଦର ବୃଦ୍ଧି ପ୍ରତ୍ୟାହାର ଦାବିରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ସମଗ୍ର ଦେଶରେ ଶୁକ୍ରବାର ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ କରାଯାଇଛି। ଏହି କ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ରାଜ୍ୟରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସମସ୍ତ ପେଟ୍ରୋଲ ଟାଙ୍କି ଆଗରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ସାରା ଦେଶବାସୀ ଅତି ସଙ୍କଟରେ ପଡ଼ିଛନ୍ତି। ୧୬ ମାସ ଧରି ସେମାନେ ମହାମାରୀ କରୋନାକୁ ସାମ୍ନା କରୁଛନ୍ତି। କେନ୍ଦ୍ରରେ ମୋଦି ସରକାର ଏବଂ ଓଡ଼ିଶାର ନବୀନ ସରକାର ମିଳିତ ଭାବରେ ଓଡ଼ିଶାର ଜନସାଧାରଣଙ୍କୁ ଏଭଳି ଦୁଃଖଦ ସ୍ଥିତିରେ ଅଧିକ ଟିକସ ଏବଂ ସେସ୍ ବସାଇ ରାଜ୍ୟର ପ୍ରତ୍ୟେକ ବର୍ଗଙ୍କୁ ଲୁଟ୍ କରିବାରେ ଲାଗି ପଡ଼ିଛନ୍ତି। ଓଡ଼ିଶାର ଉପାନ୍ତ ଓ ପଶ୍ଚିମାଞ୍ଚଳର ବହୁ ଜିଲାରେ ପେଟ୍ରୋଲ ଦାମ୍ ଲିଟର ପ୍ରତି ୧୦୦ ଟଙ୍କା ପାର ହୋଇଗଲାଣି। ଡିଜେଲ ପାଖାପାଖି ୯୫ ଟଙ୍କାକୁ ବୃଦ୍ଧି ପାଇଗଲାଣି। ରନ୍ଧନ ଗ୍ୟାସ ୧୪.୨ କେଜିର ମୂଲ୍ୟ ୮୫୦ ଟଙ୍କାରୁ ୯୦୦ ପର୍ଯ୍ୟନ୍ତ ବୃଦ୍ଧି ପାଇସାରିଲାଣି। ସାରା ରାଜ୍ୟରେ ୨୦୨୦ ମାର୍ଚ୍ଚ ୨୪ରୁ ୨୦୨୧ ଜୁନ୍ ୧୧ ପର୍ଯ୍ୟନ୍ତ ପାଖାପାଖି ୩ କୋଟିରୁ ଅଧିକ ଲୋକ ରୋଜଗାର ହରାଇ ସାରିଛନ୍ତି। ସେମାନଙ୍କ ମଧ୍ୟରୁ ଖଟିଖିଆ ଶ୍ରମିକ, ଉଠା ବ୍ୟବସାୟୀ, କୃଷକ, କୃଷି ଶ୍ରମିକ, ନିମ୍ନ ମଧ୍ୟବିତ୍ତ, ସ୍ୱଳ୍ପ ଆୟକାରୀ ହନ୍ତସନ୍ତ ହେଉଥିଲାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପକେଟ କାଟି ରାଜକୋଷକୁ ପୂରଣ କରିବାରେ ଲାଗିପଡ଼ିଛନ୍ତି ବୋଲି ନିରଞ୍ଜନ କହିଛନ୍ତି।

ଭୁବନେଶ୍ୱର ୟୁନିଟ୍-୨, ରାମମନ୍ଦିର, କଳ୍ପନା, ବାଣୀବିହାର, ରସୁଲଗଡ଼, ଫୁଲନଖରା, ନୂଆଗାଁ, ରବି ଟକିଜ, ଚନ୍ଦ୍ରଶେଖରପୁର, ପଟିଆ, ସିଆରପିଏଫ୍, ଆଇଗିଣିଆ, ଡେଲଟା ଏବଂ କଳିଙ୍ଗ ଷ୍ଟାଡିୟମ ଛକ ପାଖ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଏବଂ ୧୦ ବ୍ଲକ ସଭାପତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଆନ୍ଦୋଳନରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଶିବାନନ୍ଦ ରାୟ, ଜାନକୀବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ମୋହନ ହେମ୍ବ୍ରମ, ବିଦ୍ୟାଧର ଦେହୁରୀ, ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି, ଅମିୟ ପାଣ୍ଡବ, ଦୀପକ କୁମାର ମହାପାତ୍ର, ରଞ୍ଜିତ ପାତ୍ର, ରଶ୍ମି ମହାପାତ୍ର, ଦେବୀ ପ୍ରସାଦ ବାହାଲିଆ, ଅଶୋକ କୁମାର ସାହୁ,ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ସୁଶାନ୍ତ ତ୍ରିପାଠୀ,ସେକ୍ ଅଫ୍‌ତାବ ଅଲ୍ଲୀ, ମିହିର ଆଚାର୍ଯ୍ୟ, ଅଶୋକ ଦାସ, ଦେଓ ପ୍ରସାଦ, ନାସିର ଖାନ୍, ଶ୍ରୀଧର ବଳିଆରସିଂ, ମନୋରଞ୍ଜନ ଜେନା, ବ୍ରହ୍ମାନନ୍ଦ ସାହୁ, ଇନ୍ଦ୍ରଜିତ ପରିଡ଼ା, ଅକ୍ଷୟ ଦାସ, ଦେବାଶିଷ ଦାସ, ଅନୱର ଖାନ,ଶୁଭ୍ରଜ୍ୟୋତି ଲେଙ୍କା, ଅନିଲ ଦାସ, ଜୟକୃଷ୍ଣ ମଲ୍ଲିଆ, ପ୍ରକାଶ ମିଶ୍ର, ଲିଙ୍ଗରାଜ ସାହୁ, ବିଶ୍ୱଭୂଷଣ ମହାପାତ୍ର, ସିପ୍ରା ସେନାପତି, ସୁଭଦ୍ରା ମିଶ୍ର, କ୍ଷୀରୋଦ ବେହେରା, କୁନା ମୁଦୁଲି, ସଂକୁନା କହଁର, ସାଗର ପଟ୍ଟନାୟକ, ମୁନି ଥାପ୍ପା, ସେକ୍ ନିଆଜୁଲ ଇସଲାମ,ରାଜକିଶୋର ବାରିକ, କୈଳାସ ସାହୁ, ମନୋରଞ୍ଜନ ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବ୍ରତ ଅର୍ଥ ଦାନ କଲେ ୭ ସାବିତ୍ରୀ



ଅର୍ଥ ଦାନ କରିଥିବା ୭ ମହିଳା।

## ଅଭିଷେକଙ୍କୁ କଲେ ସହାୟତା

**ଅନୁଗୋଳ ଅଫିସ,୧୧।୬**

ଫୁସ୍‌ଫୁସ୍ ସଂକ୍ରମଣ ଯୋଗୁ ଏକ୍‌ମୋ ଚିକିତ୍ସା ପାଇଁ କୋଲକାତା ଏୟାର ଲିଫ୍ଟ ହୋଇଥିବା ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଅଭିଷେକ ମହାପାତ୍ରଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ୭ ସାବିତ୍ରୀ। ଅନୁଗୋଳ ଜିଲା ତାଳଚେର ୧୬ ନଂ. ୱାର୍ଡ କାଶୀପୁର ଡିଭାଇନ୍ ପାୱାର ସଙ୍ଗଠନର ଏହି ୭ ମହିଳା ସାବିତ୍ରୀ ବ୍ରତ ପାଇଁ ରଖିଥିବା ଅର୍ଥ ଅଭିଷେକଙ୍କ ଚିକିତ୍ସା ପାଇଁ ଦାନ କରିଛନ୍ତି। ଏ ସମ୍ପର୍କରେ ସଙ୍ଗଠନର ନେତୃତ୍ୱ ନେଉଥିବା ମଧୁସ୍ମିତା ପଟ୍ଟନାୟକ କହିଛନ୍ତି, ଅଭିଷେକଙ୍କ ଚିକିତ୍ସା ପାଇଁ କୋଟିଏରୁ ଅଧିକ ଟଙ୍କା ଆବଶ୍ୟକ। ଏତେ ଅର୍ଥ ପରିବାର ଲୋକଙ୍କ ନିକଟରେ ନ ଥିବାରୁ ସ୍ୱାମୀଙ୍କ ଜୀବନ ରକ୍ଷା ପାଇଁ ଓଡ଼ିଶାବାସୀ ଅର୍ଥ ଦାନ କରିବାକୁ ସ୍ତ୍ରୀ ମୌସୁମୀ ମହାନ୍ତି ନିବେଦନ କରିଥିଲେ। ତେଣୁ ମାନବିକତା ଦୃଷ୍ଟିରୁ ସଙ୍ଗଠନର ୭ ଜଣ ସଦସ୍ୟା ସାବିତ୍ରୀ ବ୍ରତ ପାଇଁ ରଖିଥିବା ଅର୍ଥ ଖର୍ଚ୍ଚ ନ କରି ଅଭିଷେକଙ୍କ ଚିକିତ୍ସା ନିମନ୍ତେ ପ୍ରଦାନ କରିଥିବା ମଧୁସ୍ମିତା ପ୍ରକାଶ କରିଛନ୍ତି।



ତିନିରଥ ପାଇଁ ଚକ ନିର୍ମାଣ ସରିବା ପରେ ଶୁକ୍ରବାର ପୁରୀ ରଥଖଳାରେ ସଜାଇ ରଖାଯାଇଛି।

# ପଶ୍ଚିମ ଓଡ଼ିଶାର ୧୧ ଜିଲାକୁ ୨୫ କୋଟି

**ଭୁବନେଶ୍ୱର, ୧୧।୬(ବ୍ୟୁରୋ)**



ନବୀନ ପଟ୍ଟନାୟକ

- କୋଭିଡ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ସହାୟତା ଘୋଷଣା
- ମିଳିତ ଉଦ୍ୟମରେ ସଙ୍କଟରୁ ମୁକ୍ତି ମିଳିବ: ମୁଖ୍ୟମନ୍ତ୍ରୀ

ପଶ୍ଚିମ ଓଡ଼ିଶାର ୧୧ଟି ଜିଲାକୁ କୋଭିଡ୍ ପରିଚାଳନା ପାଇଁ ମିଳିଛି ୨୫ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସରେ ଏହା ଘୋଷଣା କରିଛନ୍ତି। ଏଥିପୂର୍ବରୁ ଗତ ମାସରେ ପଶ୍ଚିମ ଓଡ଼ିଶାର ୧୧ ଜିଲାକୁ କରୋନା ପରିଚାଳନା ଲାଗି ୨୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।

ଉକ୍ତ ଅର୍ଥରାଶି ବିନିଯୋଗରେ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼, ନୂଆପଡ଼ା, ଝାରସୁଗୁଡ଼ା, ବୌଦ୍ଧ, ସୁବର୍ଣ୍ଣପୁର, ଦେବଗଡ଼ ଏବଂ ଅନୁଗୋଳ ଜିଲାରେ କରୋନା ମୁକାବିଲା ଲାଗି ଆବଶ୍ୟକ ଜରୁରୀ ଉପକରଣ କିଣାଯାଇଛି। ଭେଣ୍ଟିଲେଟର, ଅକ୍ସିଜେନ୍ ପାଇପ୍, ଅଟୋଆନାଲାଇଜର, ସିବିସି ମେଶିନ୍, ଅକ୍ସିମିଟର ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଅତିରିକ୍ତ ସହାୟତା ଦ୍ୱାରା କୋଭିଡ୍ ପ୍ରଭାବିତ ସମ୍ପୃକ୍ତ ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ପଶ୍ଚିମ ଓଡ଼ିଶାର କୋଭିଡ୍ ସ୍ଥିତିରେ ଉନ୍ନତି ଆସୁଛି। ଜନସାଧାରଣଙ୍କ ସହଯୋଗରୁ ଏହା ସମ୍ଭବ ହୋଇପାରିଛି। କରୋନା ପରିଚାଳନାରେ ଆଗଧାଡ଼ିରେ ରହି କାମ କରୁଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମସ୍ତଙ୍କ ମିଳିତ ଉଦ୍ୟମରେ ସଙ୍କଟରୁ ମୁକ୍ତି ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପଶ୍ଚିମ ଓଡ଼ିଶାର ସମ୍ପୃକ୍ତ ୧୧ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜଭୁତ୍ କରିବାକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଆଗେଇ ଆସିଛି। ଏଥିଲାଗି ମୁଖ୍ୟମନ୍ତ୍ରୀ ପରିଷଦକୁ ଧନ୍ୟବାଦ ଜଣାଇଛନ୍ତି। ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଅଧିକ ପାଣ୍ଠି ଦିଆଯାଉଛି। ଡବ୍ଲ୍ୟୁଓଡିସି ଏହି ଦାୟିତ୍ୱକୁ ସଫଳ ଭାବେ ନିର୍ବାହ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। କୋଭିଡ୍ ମୁକାବିଲାରେ ଓଡ଼ିଶା ଉଦାହରଣ ସୃଷ୍ଟି କରିପାରିଛି। ଅକ୍ସିଜେନ ଯୋଗାଣ କରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇପାରିଛି। ଏଭଳି ସଙ୍କଟ ସମୟରେ ‘ପ୍ରତ୍ୟେକ ଜୀବନ ମୂଲ୍ୟବାନ’। ସମସ୍ତଙ୍କୁ ଯେପରି ଉତ୍ତମ ଚିକିତ୍ସା ମିଳିପାରିବ ସେଥିଲାଗି ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଉପମୁଖ୍ୟ ସଚେତକ ରୋହିତ ପୂଜାରୀଙ୍କ ସମେତ ଏମ୍‌ପି ଓ ବିଧାୟକମାନେ ଯୋଗଦେଇଥିଲେ। ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଉନ୍ନୟନ କମିଶନର ପି.କେ. ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ଆଜି ୬ ଜିଲାରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

**ଓଡ଼ିଶା ଦେଇ ଗତିକରିବ ଲଘୁଚାପ**

- ରେଡ୍ ୱାର୍ନିଂ ଜାରିକଲା ପାଣିପାଗ କେନ୍ଦ୍ର
- ରଜରେ ବି ପ୍ରବଳ ବର୍ଷା
- ମୁକାବିଲା ପ୍ରସ୍ତୁତି ସାରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଲଘୁଚାପ ଓ ମୌସୁମୀ ପ୍ରଭାବରେ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବାବେଳେ ଚାନ୍ଦବାଲିରେ ସର୍ବାଧିକ ୨୫.୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ଶନିବାର ମଧ୍ୟ ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ସମ୍ବଲପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ, ବରଗଡ଼ ଓ ଅନୁଗୋଳ ଆଦି ୬ଟି ଜିଲାକୁ ରେଡ୍ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିପରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ଢେଙ୍କାନାଳ, କଟକ ଓ ଦେବଗଡ଼ ଆଦି ୮ ଜିଲାକୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ତେବେ ଅନ୍ୟସବୁ ଜିଲାର କିଛି ସ୍ଥାନରେ ମଧ୍ୟ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ରବିବାର ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ ଓ ବୌଦ୍ଧ ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏ ସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଦିନ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ ଓ କଟକ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି ଓ ଏସବୁ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ରଜରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେବେ ରାଜ୍ୟରେ ସମ୍ଭାବ୍ୟ ପ୍ରବଳ ବର୍ଷା ଯୋଗୁ ସୃଷ୍ଟ ସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ସାରିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ପ୍ରଦୀପ ଜେନା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଟିକା ନେବାର ଘଣ୍ଟାକ ପରେ ମୃତ୍ୟୁ ଅଭିଯୋଗ

**ଛେଣ୍ଡିପଦା,୧୧।୬(ସ୍ୱ.ପ୍ର.)**



ଘଟଣାସ୍ଥଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ମାଜିଷ୍ଟ୍ରେଟ ପହଞ୍ଚି ତଦନ୍ତ କରୁଛନ୍ତି।

**ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ପଠାଗଲା**

କୋଭିଡ୍ ଟିକା ନେବାର ଘଣ୍ଟାକ ପରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଶୁକ୍ରବାର ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତକ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଖମାର ଗ୍ରାମର ଶରତ ଚନ୍ଦ୍ର ସେନାପତି (୫୮)। ଅଭିଯୋଗ ପାଇ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ନିୟମ ଅନୁଯାୟୀ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜକୁ ପଠାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଛେଣ୍ଡିପଦା ଥାନା ବରସାହି ପଞ୍ଚାୟତରେ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଦିଆଯାଉଥିଲା। ପୂର୍ବାହ୍ନ ୧୦ଟା ବେଳେ ଖମାର ଗ୍ରାମର ଶରତ ଚନ୍ଦ୍ର ସେନାପତି ଓ ତାଙ୍କ ସ୍ତ୍ରୀ ରଜନୀ ସେନାପତି କୋଭିଡ୍ ଟିକା ନେଇଥିଲେ। ସେଠାରେ ଥିବା ନିରୀକ୍ଷଣ ଗୃହରେ ଶରତ ଅଧଘଣ୍ଟା ବିଶ୍ରାମ ନେବା ପରେ ସାଇକେଲ ଯୋଗେ ଘରକୁ ଫେରିଥିଲେ। ହେଲେ ଘରେ ପହଞ୍ଚିବାର ୧୫ ମିନିଟ୍ ପରେ ତାଙ୍କ ଦେହ ଥରିଥିଲା। ଏହାପରେ ଶରତଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ସମ୍ପର୍କରେ ତୁରନ୍ତ ପରିବାର ଲୋକେ ବାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାଜଲକ୍ଷ୍ମୀ ସାହୁ ଓ ଏଏନ୍‌ଏମ୍ ଗେଲି ପ୍ରଧାନଙ୍କୁ ଜଣାଇଥିଲେ। ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶରତଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଖବରପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶିଷ ପାଣି, ବିପିଏମ୍ ସଞ୍ଜୟ ବେହେରା, ମାଜିଷ୍ଟ୍ରେଟ ପ୍ରକାଶ ଚନ୍ଦ୍ର ନାୟକ ଓ ଥାନା ଅଧିକାରୀ ସୁଶାନ୍ତ ସିଂ ପ୍ରମୁଖ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ବ୍ୟବଚ୍ଛେଦ କରା ନ ଯାଇ କଟକ ଏସ୍‌ସିବି ପଠାଯାଇଥିବା ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ ଦାଶ ପ୍ରକାଶ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାଣି କହିଛନ୍ତି, ଟିକା ନେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଏପରି ଘଟଣାରେ ମୃତଦେହ ନିକଟସ୍ଥ ମେଡିକାଲ କଲେଜରେ ବ୍ୟବଚ୍ଛେଦ କରାଯିବ। ତେଣୁ ମୃତଦେହ କଟକ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଟିକା ନେବା ପରେ ଶରତଙ୍କୁ ଅଧଘଣ୍ଟା ନିରୀକ୍ଷଣରେ ରଖାଯାଇଥିଲା। ତେବେ ଘରକୁ ଯିବା ପରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ମେଡିକାଲ କଲେଜର ବିଶେଷଜ୍ଞମାନଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯିବ। ତେଣୁ ମୃତଦେହ କଟକ ପଠାଯାଇଥିବା ଜିଲାପାଳ ପ୍ରକାଶ କରିଛନ୍ତି।

# କ୍ୟାଡର ମାଓବାଦୀ ନିହତ

**ବରଗଡ଼ ଅଫିସ/ପଦ୍ମପୁର,୧୧।୬**

**ମାଓବାଦୀ-ଯବାନ ଗୁଳି ବିନିମୟ**

- ବହୁ ହିଂସାରେ ସମ୍ପୃକ୍ତ ଥିଲେ ନିହତ ମାଓବାଦୀ
- ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା
- କ୍ୟାମ୍ପରୁ ମିଳିଲା ଏକେ-୪୭ ରାଇଫଲ, ଗୁଳି



ମାଓବାଦୀ କ୍ୟାମ୍ପରୁ ଜବତ ସାମଗ୍ରୀ।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ମାଓବାଦୀ ଗତିବିଧି ପୁଣି ପରିଲକ୍ଷିତ ହୋଇଛି। ଶୁକ୍ରବାର ଭୋର୍ ସମୟରେ ପଦ୍ମପୁର ଥାନା ବରିହାପାଲି ପଞ୍ଚାୟତ ଗଞ୍ଜାଗୁଡ଼ା ଗ୍ରାମ ନିକଟ ଝାଞ୍ଜ ସଂରକ୍ଷିତ ଜଙ୍ଗଲରେ ଏସ୍‌ଓଜି, ଡିଭିଏଫ୍ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ପୁରୁଷ ମାଓବାଦୀ ନିହତ ହୋଇଛନ୍ତି। ନିହତ ମାଓବାଦୀ ଜଣକ ଛତିଶଗଡ଼ ରାଜ୍ୟର ରବିନ୍ଦର ଏବଂ ସେ ବଲାଙ୍ଗୀର-ବରଗଡ଼-ମହାସମୁଦ ସଙ୍ଗଠନର ଜଣେ ଟପ୍ ର୍ୟାଙ୍କ୍ ମାଓବାଦୀ ଥିଲେ। ତାଙ୍କୁ ଧରାଇବା ପାଇଁ ସରକାର ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ଗୁଳି ବିନିମୟ ପରେ ଯବାନମାନେ ସେଠାରେ ତଦନ୍ତ କରିବାରୁ ମାଓବାଦୀଙ୍କ କ୍ୟାମ୍ପ ଠାବ ହୋଇଥିଲା। କ୍ୟାମ୍ପରୁ ଗୋଟିଏ ଏକେ-୪୭ ରାଇଫଲ, ୯ଟି ଗୁଳି, ଇଲେକ୍ଟ୍ରିକ ଡିଟୋନେଟର, ରନ୍ଧନ ସାମଗ୍ରୀ, ବିଭିନ୍ନ ପୁସ୍ତିକା, ୨ଟି ସୋଲାର ପ୍ଲେଟ୍, ୨ଟି ମୋବାଇଲ ଚାର୍ଜର, ୨ଟି ରେଡ଼ିଓ ଆଦି ଜବତ ହୋଇଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୧୬/୨୧) ରୁଜୁ ହୋଇଛି।

ଶୁକ୍ରବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଉତ୍ତରାଞ୍ଚଳ ଡିଆଇଜି ନରସିଂହ ଭୋଳ କହିଛନ୍ତି, ଝାଞ୍ଜ ସଂରକ୍ଷିତ ଜଙ୍ଗଲରେ ୧୫ରୁ ୨୦ଜଣ ମାଓବାଦୀ ରହିଥିବା ଖବର ପାଇ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବିଳମ୍ବିତ ରାତ୍ରିରେ ଏସ୍‌ଓଜି ଏବଂ ଡିଭିଏଫ୍‌ର ୩୩ଜଣ ଯବାନ ଜଙ୍ଗଲକୁ ପ୍ରବେଶ କରି ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଶୁକ୍ରବାର ସକାଳ ୬ଟା ୪୫ ମିନିଟ୍‌ରେ ଜଙ୍ଗଲରେ ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ କ୍ୟାଡର ମାଓବାଦୀ ରବିନ୍ଦର ନିହତ ହୋଇଥିଲେ ବୋଲି ଡିଆଇଜି ଭୋଳ କହିଥିଲେ। ସେହିପରି କେତେଜଣ ଯବାନ ସାମାନ୍ୟ ଆହତ ହୋଇଛନ୍ତି ଏବଂ ସେମାନେ ବିପଦମୁକ୍ତ ଅଛନ୍ତି। ଗୁଳି ବିନିମୟରେ କେତେଜଣ ମାଓବାଦୀ ଆହତ ହୋଇଥାଇପାରନ୍ତି। କୋମ୍ବିଂ ଅପରେଶନ ଜାରି ରହିଛି ବୋଲି ଏସ୍‌ପି ସାହୁ କହିଛନ୍ତି। ନିହତ ରବିନ୍ଦର ବରଗଡ଼, ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ମାଓବାଦୀ ହିଂସାରେ ସମ୍ପୃକ୍ତ ରହିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି ସାହୁ ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ୨୦୧୧ରେ ବରଗଡ଼ ଜିଲା ବୁଢ଼େନ ଥାନା ଯାଜପୁରରେ ଫରେଷ୍ଟଗାର୍ଡ ହତ୍ୟା, ୨୦୧୨ରେ ପାଇକମାଳ ଥାନା ବୁକ୍ରାମୁଣ୍ଡାରେ ଠିକାଦାରଙ୍କୁ ହତ୍ୟା, ମାଝିପାଲିରେ ହୋମଗାର୍ଡ଼ଙ୍କୁ ହତ୍ୟା, ୨୦୧୮ରେ ସାଲେପାଲିରେ ପାନ ଦୋକାନୀଙ୍କୁ ହତ୍ୟା ଘଟଣା ରହିଛି। ସେହିପରି ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ତେଲେନପାଲିରେ ବିଜେଡି ନେତାଙ୍କୁ ହତ୍ୟା, ୨୦୧୨ରେ ଖଜୁରିପାଣିରେ ୱାର୍ଡସଭ୍ୟଙ୍କୁ ହତ୍ୟା ଆଦି ହିଂସାରେ ନିହତ ରବିନ୍ଦର ସମ୍ପୃକ୍ତ ବୋଲି ଏସ୍‌ପି ସାହୁ ସୂଚନା ଦେଇଛନ୍ତି।

**ଆଜିର ମନ୍ତବ୍ୟ**

"ଦେଶବାସୀ ଭାରତୀୟ ଜନତା ପାର୍ଟିକୁ ଭୋଟ ଦେଇ ଜିତାଇଥିଲେ, ଯାହା ଏବେ ଭାରତୀୟ ଝଗଡ଼ା ପାର୍ଟି ପାଲଟିଯାଇଛି।"
**-ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ**


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ସୋହମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲୋକଙ୍କ ନାଁରେ ଦସ୍ତଖତ ଜାଲିଆତି ଅଭିଯୋଗ

**ଗୋପ,୧୧।୬(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ମହଲପଡା ପଞ୍ଚାୟତରେ କେତେକ ଉନ୍ନୟନ କାର୍ଯ୍ୟରେ ପଞ୍ଚାୟତର ବିଭିନ୍ନ ଲୋକମାନଙ୍କର ଦସ୍ତଖତକୁ ଜାଲିଆତି କରାଯାଉଛି। ଏହି ଅଭିଯୋଗ ସାମ୍ନାକୁ ଆସିବା ପରେ ଜାଲ ଦସ୍ତଖତ କରୁଥିବା ଜଣେ ଯୁବକଙ୍କ ବିରୋଧରେ ଶୁକ୍ରବାର ଗୋପ ବିଡିଓ ଓ କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗପତ୍ରରେ ପଞ୍ଚାୟତର ଜଟାଧାରୀ ବେହେରା, ଗାନୁ ଲେଙ୍କା, ରବି ଦାସଙ୍କ ସହିତ ଆଉ କେତେକ ବ୍ୟକ୍ତିଙ୍କ ଅଗୋଚରରେ ଦସଖସ୍ତକୁ ଜାଲିଆତି କରି ସେମାନଙ୍କ ସମ୍ମାନ ହାନି କରାଯାଉଥିବା ବୋଲି କହିଛନ୍ତି। ପଞ୍ଚାୟତରେ ବ୍ଲକ ଓ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସରକାରୀ ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସୁଚାରୁରୂପେ ହେଉଥିବାବେଳେ ଏହି ଯୁବକ ଜଣଙ୍କ ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରୁଥିବା ମଧ୍ୟ ଅଭିଯୋଗ ରହିଛି।

# ୭.୯୮%କୁ ଖସିଲା ଦୈନିକ ସଂକ୍ରମଣ ହାର

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

■ ଦିନକରେ ୫,୨୩୫ ଚିହ୍ନଟ, ୪୩ ମୃତ

ରାଜ୍ୟରେ କିଛିଦିନ ହେବ ଲଗାତର କରୋନା ସଂକ୍ରମଣ କମିବାରେ ଲାଗିଛି। ଦୈନିକ ସଂକ୍ରମଣ ହାର ଏବେ ୮ ପ୍ରତିଶତ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୬୫,୬୩୫ ନମୁନା ପରୀକ୍ଷା ହୋଇଥିବାବେଳେ ୫,୨୩୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୭.୯୮%କୁ ହ୍ରାସ ପାଇଛି। ସକ୍ରିୟ ରୋଗୀ ସଂଖ୍ୟା କମିବାରୁ ଏବେ ରାଜ୍ୟର ୧୧ ଜିଲା ରେଡ୍ ଜୋନ୍‌ରେ ରହିଛି। ୯ ଜିଲା ୟେଲୋ ଓ ୧୦ ଜିଲା ଗ୍ରୀନ ଜୋନ୍‌କୁ ଚାଲି ଆସିଛି। ରାଜ୍ୟରେ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ସରକାର ଆସନ୍ତା ୧୭ ତାରିଖରେ ସରୁଥିବା ଲକ୍‌ଡାଉନ୍‌କୁ ବୃଦ୍ଧି କରିବେ ନା କଟକଣାକୁ କୋହଳ କରିବେ ତାହାକୁ ନେଇ ଏବେ ଆଲୋଚନା ଜୋର୍ ଧରିଛି। ଇତିମଧ୍ୟରେ ଦେଶର ବିଭିନ୍ନ ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ ସେଠାକାର ସରକାର କଟକଣାକୁ କୋହଳ କରିଛନ୍ତି। ଦିଲ୍ଲୀ ଓ ମୁମ୍ବାଇରେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ଓଡ଼ିଶା ସରକାର ଏପରି ପଦକ୍ଷେପ ଆପଣାଇ ପାରନ୍ତି। ପ୍ରଥମେ କେତେକ ଜିଲାରୁ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଚିନ୍ତା କରାଯାଉଥିବା ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଡିଏମ୍‌ଇଟି ଡା. ସିବିକେ ମହାନ୍ତି କହିଛନ୍ତି, ଏବେ ଦୈନିକ ସଂକ୍ରମଣ ହ୍ରାସ ପାଉଛି। ଆଗକୁ ମୃତ୍ୟୁ ସଂଖ୍ୟା ମଧ୍ୟ କମିବ। ପୂର୍ବରୁ ଗୁରୁତର ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ମୃତ୍ୟୁ ସଂଖ୍ୟା ଅଧିକ ରହୁଛି। ତେବେ ଲକ୍‌ଡାଉନ ଯୋଗୁ ଗରିବ ଲୋକ, ବୁଲା ବେପାରୀ ଅସୁବିଧା ଭୋଗୁଛନ୍ତି। ତେଣୁ ପରିସ୍ଥିତିକୁ ଦେଖି ଅନ୍‌ଲକ୍ ପ୍ରକ୍ରିୟା ଲାଗୁ ନେଇ ନିଷ୍ପତ୍ତି ନିଆଯିବ। କିନ୍ତୁ କରୋନା କମୁଛି ଭାବି ଲୋକେ ସଚେତନ ନ ହେଲେ ପୁଣି ବିପଦ ଫେରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଥିବାବେଳେ ରାଜ୍ୟରେ ପୂର୍ବ ସ୍ଥିତିରେ ଉନ୍ନତି ଆସୁଛି। ଯେଉଁଠି ସଂକ୍ରମଣ ହାର ଅଧିକ ଅଛି ସେଠି ଟେଷ୍ଟିଂ ଜୋର୍‌ଦାର କରାଯାଉଛି। ରଜ ପରେ ସମୀକ୍ଷା ହେବ। ପରିସ୍ଥିତି ଦେଖି ଯାହା କିଛି ନିଷ୍ପତ୍ତି ନିଆଯିବ। ଯେଉଁ ଜିଲାରେ ସଂକ୍ରମଣ ହାର କମୁଛି ସେଠି ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।

ଏପଟେ ବିଭିନ୍ନ ଜିଲାର ସଂକ୍ରମଣ ସ୍ଥିତିକୁ ଦେଖିଲେ ଅନ୍‌ଲକ୍ ସମ୍ଭାବନା ଦୃଢ଼ୀଭୂତ ହେବାରେ ଲାଗିଛି। କାରଣ ଦୈନିକ ସଂକ୍ରମଣ ୨ହଜାର ଉପରେ ରହୁଥିବା ଖୋର୍ଦ୍ଧା ଜିଲା ଏବେ ହଜାରେ ତଳକୁ ଖସି ଆସିଛି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତ ମଧ୍ୟରୁ ଏହି ଜିଲାରୁ ସର୍ବାଧିକ ୭୨୬ଜଣ ଥିବାବେଳେ କଟକରୁ ୫୫୭, ଯାଜପୁର ୩୯୪, ବାଲେଶ୍ୱର ୩୨୦ଜଣ ରହିଛନ୍ତି। ସେପଟେ ରାଜ୍ୟରେ ପୁଣି ୪୩ଜଣ ଆକ୍ରାନ୍ତଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୫ଜଣ ଥିବାବେଳେ ଅନୁଗୋଳ, ବରଗଡ଼, କଟକ ଓ ସୁନ୍ଦରଗଡ଼ରେ ୪ଜଣ ଲେଖାଏ ରହିଛନ୍ତି।

# ସେପ୍ଟେମ୍ବର ସୁଦ୍ଧା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ୧୬ଶହ କୋଟି ଋଣ ମିଳିବ

**ଭୁବନେଶ୍ୱର, ୧୧।୬(ବ୍ୟୁରୋ)**

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ପକ୍ଷରୁ ଶୁକ୍ରବାର ଭର୍ଚୁଆଲରେ ସମସ୍ତ ଜିଲା ଓ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ସୁଦ୍ଧା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ୧୬ଶହ କୋଟି ଟଙ୍କା ଋଣ ପ୍ରଦାନ କରାଯିବ ବୋଲି ବୈଠକରେ ପ୍ରକାଶ ପାଇଛି। ବିଭାଗୀୟ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏମ୍‌ଏସ୍‌ଏମ୍‌ଇ ବିଭାଗ କେତେକ ଆଖିଦୃଶିଆ କାମ କରୁଥିଲେ ହେଁ ତାହା ଲୋକଲୋଚନକୁ ଆସିପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଣିକି ବିଭାଗ ଏ ଦିଗରେ ଯତ୍ନବାନ ହେଉ। ଯୁବବର୍ଗଙ୍କୁ ପ୍ରକୃତ ରୂପେ ଦିଗ୍‌ଦର୍ଶନ ଦେବା, ଶିଳ୍ପୀ, କାରିଗରଙ୍କୁ ଚିହ୍ନଟ କରି ସେମାନଙ୍କ କୌଶଳକୁ ବୃଦ୍ଧି କରିବା ଦିଗରେ ବିଭାଗ କାର୍ଯ୍ୟ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଆତିଥେୟତା ଓ ରେସ୍ତୋଁରା ଶିଳ୍ପ କ୍ଷେତ୍ରରେ ସହଯୋଗ ପାଇଁ ଆସୁଥିବା ଉଦ୍ୟୋଗୀଙ୍କୁ ସରକାରୀ ସହଯୋଗ ଯୋଗାଇଦେବାକୁ ବିଭଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଥିଲେ। ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ ଆଲମ୍ ବିଭାଗର ସମସ୍ତ ଯୋଜନାଗୁଡ଼ିକୁ ସମୀକ୍ଷା କରିଥିଲେ। ଓଡ଼ିଶା ଷ୍ଟାର୍ଟଅପ୍ ଇକୋସିଷ୍ଟମ ଯୋଜନାରେ ରାଜ୍ୟର ସମସ୍ତ ଜିଲାରେ ୧୦୪୭ ଉଦ୍ୟୋଗ ସୃଷ୍ଟି ହୋଇଛି। ପିଏମ୍‌ଇଜିପିରେ ବିଭିନ୍ନ ଉଦ୍ୟୋଗଗୁଡ଼ିକୁ ପ୍ରଦାନ କରାଯାଇଥିବା ରିହାତିର ବିନିଯୋଗ ପ୍ରମାଣପତ୍ର ନିର୍ଦ୍ଦେଶାଳୟକୁ ପଠାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଇସିଏଲ୍‌ଜିଏସ୍ ଯୋଜନାରେ ରାଜ୍ୟର ସମସ୍ତ ଜିଲାର ସମୁଦାୟ ୧ ଲକ୍ଷ ୭୧ ହଜାର ଜଣ ଉଦ୍ୟୋଗୀଙ୍କୁ ୩୧୨୧ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୨୩ ଯାଏ ଝୁଲିଲା ...

ତେବେ କେଉଁ ସଂସ୍ଥା ଟିକା ପାଇଁ ବିଡ୍ ଦାଖଲ କରିଛନ୍ତି ତାହା ଗୋପନ ରଖାଯାଇଛି।

ଗ୍ଲୋବାଲ ଟେଣ୍ଡର ସଫଳ ହେଉ ନ ଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖି ଟିକା ଯୋଗାଇବାକୁ ଅନୁରୋଧ କରିଥିଲେ। ଏହାର ଦିନକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ରାଜ୍ୟ ପାଇଁ କେନ୍ଦ୍ର ଟିକା କ୍ରୟ କରୁ ବୋଲି ପ୍ରସ୍ତାବ ଦେଇଥିଲେ। ଏ ନେଇ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, କେରଳ ମୁଖ୍ୟମନ୍ତ୍ରୀ ପିନାରାୟ ବିଜୟନ ତାଙ୍କୁ ସମର୍ଥନ ଜଣାଇଥିଲେ। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ କେନ୍ଦ୍ର ରାଜ୍ୟଗୁଡ଼ିକୁ ମାଗଣାରେ ଟିକା ଯୋଗାଇବ ବୋଲି ଘୋଷଣା କରିଥିଲା। ଉଲ୍ଲେଖଯୋଗ୍ୟ ଯେ ଜୁନ୍ ୧୦ ତାରିଖ ସୁଦ୍ଧା ୪୨୬ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକାକରଣ କରାଯାଉଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୮୬ ଲକ୍ଷ ୯୮ ହଜାର ୧୦୫ ଜଣଙ୍କୁ ଟିକା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ୫୪,୫୬,୪୭୭ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ୧୧,୨୮,୫୪୩ ଜଣଙ୍କୁ ଦ୍ୱିତୀୟ ଡୋଜ୍, ୧୮ରୁ ୪୪ ବର୍ଷର ୯,୮୩,୫୫୩ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ୪୪,୨୪୪ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯଦି ଏହି ଧାରାରେ ଟିକାକରଣ ଚାଲିବ ତେବେ ସମସ୍ତଙ୍କୁ ଟିକା ଦେବାକୁ ଆହୁରି ୨ରୁ ୩ ବର୍ଷ ଲାଗିଯିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଦେଇଛନ୍ତି।

### ଟିଏମ୍‌ସିକୁ ଫେରିଲେ ...

କୌଣସି ବଡ଼ ନେତାଙ୍କ ପ୍ରଥମ ପ୍ରତ୍ୟାବର୍ତ୍ତନ। ନିକଟରେ ମୁକୁଲଙ୍କ ସ୍ତ୍ରୀ କୋଲକାତାର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ମମତାଙ୍କ ପୁତୁରା ତଥା ଏମ୍‌ପି ଅଭିଷେକ ବାନାର୍ଜୀ ତାଙ୍କୁ ଦେଖିବାକୁ ଯାଇଥିଲେ। ଏହା ପରଠୁ ମୁକୁଲ ଟିଏମ୍‌ସିକୁ ଫେରିବା ନେଇ ଚର୍ଚ୍ଚା ହେଉଥିଲା। ଅଭିଷେକଙ୍କ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମୁକୁଲଙ୍କୁ ଫୋନ୍ କରି ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମୁକୁଲଙ୍କୁ ଭାଜପାରେ ରଖିବା ପାଇଁ ଏହା ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଥିଲା ବୋଲି ଅନେକେ କହିଥିଲେ। ପଶ୍ଚିମବଙ୍ଗରେ ମମତାଙ୍କ ତୃତୀୟ ପାଳି ଶାସନ ଆରମ୍ଭରେ ଦଳର ପ୍ରାକ୍ତନ ଦ୍ୱିତୀୟ କମାଣ୍ଡ ନେତାଙ୍କ ଘରବାହୁଡ଼ାକୁ ବିଧାନସଭା ନିର୍ବାଚନରେ ପରାଜୟ ପରେ ଭାଜପା ପାଇଁ ଦ୍ୱିତୀୟ ବଡ଼ ଆଘାତ ବୋଲି କୁହାଯାଉଛି। ଭୋଟ ପୂର୍ବରୁ ଯେଉଁମାନେ ଟିଏମ୍‌ସି ଛାଡ଼ି ଭାଜପାକୁ ଯାଇଛନ୍ତି, ସେମାନଙ୍କ ପାଇଁ ଏହା ଏକ ସନ୍ଦେଶ। ଅନେକ ଟିଏମ୍‌ସି ନେତା ଜାହାଜ ଡେଇଁ ଭାଜପାରେ ପ୍ରମୁଖ ଚେହେରା ପାଲଟିଛନ୍ତି। ମୁକୁଲ ରୟଙ୍କ ପ୍ରତ୍ୟାବର୍ତ୍ତନ ସେହି ୩ ଏମ୍‌ପି ଏବଂ ଅନେକ ବିଧାୟକଙ୍କୁ ଏକ ବାର୍ତ୍ତା ପଠାଇବ ବୋଲି ଟିଏମ୍‌ସି ପକ୍ଷରୁ କୁହାଯାଇଛି।

କୋଲକାତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମମତାଙ୍କ ସହ ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଓ ପାର୍ଥ ଚାଟାର୍ଜୀ ଉପସ୍ଥିତ ଥିଲେ। ଏକ ଖବରଦାତା ସମ୍ମିଳନୀରେ ମମତା ବାନାର୍ଜୀ କହିଛନ୍ତି, ଭାଜପାରେ ମୁକୁଲ ଭୟଭୀତ ହୋଇଯାଇଥିଲେ। ତାହା ତାଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥିଲା। ମୁକୁଲଙ୍କ ଘରବାହୁଡ଼ା ପ୍ରମାଣିତ କରିଛି ଯେ, ଭାଜପା କାହାକୁ ଶାନ୍ତିରେ ରହିବାକୁ ଦିଏନାହିଁ ଏବଂ ସମସ୍ତଙ୍କ ଉପରେ ଅବାଞ୍ଛିତ ଚାପ ପକାଇଥାଏ। ଏହି ଅବସରରେ ଉଭୟ ମମତା ଓ ମୁକୁଲ ପରସ୍ପର ମଧ୍ୟରେ କୌଣସି ମତଭେଦ ନ ଥିବା ପ୍ରକାଶ କରିଛନ୍ତି। ମୁକୁଲ କହିଛନ୍ତି, ଟିଏମ୍‌ସିକୁ ଫେରିବା ପରେ ସମସ୍ତ ଜଣାଶୁଣା ଚେହେରାଙ୍କୁ ଦେଖି ଖୁସି ଅନୁଭବ ହେଉଛି। ତେବେ ଠିକ୍ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମ୍‌ସି ଛାଡ଼ି ଭାଜପାରେ ମିଶିଥିବା ଅନ୍ୟ ନେତାମାନଙ୍କୁ ଦଳକୁ ଫେରାଇ ଅଣାଯିବ ନାହିଁ। ଯେଉଁମାନେ ଭଦ୍ର ଏବଂ ତିକ୍ତତା ସୃଷ୍ଟି କରିନାହାନ୍ତି ସେମାନଙ୍କୁ ଟିଏମ୍‌ସିରେ ପୁନଃ ସାମିଲ କରାଯିବ ବୋଲି ମମତା ସ୍ପଷ୍ଟ କରିଛନ୍ତି।

ଭାଜପା ଶିବିରର 'ଚାଣକ୍ୟ'ଙ୍କୁ ଫେରାଇ ଆଣିବା ସହ ଶାସକ ଦଳ ଏବେ ପଶ୍ଚିମବଙ୍ଗରେ ଗୈରିକ ଦଳର ମୂଳଦୁଆ ଦୋହଲାଇବାକୁ ଉଦ୍ୟମ କରିଛି। ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯ ମଧ୍ୟରେ ହୋଇଥିବା ୮ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ଭାଜପା ୨୦୦ରୁ ଊର୍ଦ୍ଧ୍ୱ ଆସନରେ ବିଜୟୀ ହେବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଥିଲା। କିନ୍ତୁ ଏହାକୁ ମାତ୍ର ୭୭ ଆସନରେ ସନ୍ତୁଷ୍ଟ ହୋଇ ବିରୋଧୀ ଆସନରେ ବସିବାକୁ ପଡ଼ିଲା। ୨୯୪ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଟିଏମ୍‌ସି ୨୧୩ ଆସନ ଦଖଲ କରି ହ୍ୟାଟ୍ରିକ ବିଜୟ ହାସଲ କଲା। ଟିଏମ୍‌ସିର ନିର୍ବାଚନ ପରିଚାଳନାରେ ଧୁରନ୍ଧର ମୁକୁଲଙ୍କ ଅନୁପସ୍ଥିତିରେ ମଧ୍ୟ ଦଳ ବିପୁଳ ବିଜୟ ଲାଭ କଲା। ତେଣୁ ତାଙ୍କୁ ଟିଏମ୍‌ସିକୁ ଫେରାଇଆଣି ଦଳର କିଛି ଲାଭ ନାହିଁ। କିନ୍ତୁ ଭାଜପାର ସାଙ୍ଗଠନିକ ସ୍ଥିତି ପାଇଁ ଏହା ଅଧିକ କ୍ଷତିକାରକ ହେବ। ତାଙ୍କ ପଦାଙ୍କ ଅନୁସରଣ କରି ଯେଉଁ ନେତାମାନେ ଭାଜପାରେ ସାମିଲ ହୋଇଛନ୍ତି ସେମାନେ ଏବେ ଟିଏମ୍‌ସିକୁ ଫେରିଆସିବେ ବୋଲି ଶାସକ ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ତେବେ ଅନ୍ୟ କେଉଁମାନେ ଫେରିବେ ସେନେଇ ମମତା ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ କହିଛନ୍ତି, ସାଢ଼େ ୩ ବର୍ଷ ପୂର୍ବେ ମୁକୁଲ ଭାଜପାରେ ସାମିଲ ହେବା ପରେ ଦଳକୁ କିଛି ଲାଭ ମିଳିଥିବା ଭଳି ମନେହେଉନାହିଁ। ତେଣୁ ସେ ଫେରିଯିବା ପରେ ଭାଜପାର କିଛି କ୍ଷତି ହେବ ନାହିଁ।

### ପ୍ରଫେସର ରାଧାମୋହନଙ୍କ ...

ଗତ କିଛିଦିନ ହେବ ସେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ଶୁକ୍ରବାର ସକାଳେ ମରଶରୀରକୁ ପାତ୍ରପଡ଼ାସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବ୍ୟକ୍ତିବିଶେଷ ତାଙ୍କର ଶେଷ ଦର୍ଶନ କରିଥିଲେ। ଅପରାହ୍ନରେ ସତ୍ୟନଗର ଶ୍ମଶାନରେ ଗାର୍ଡ ଅଫ୍ ଅନର ଦିଆଯିବା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଝିଅ ସାବରମତି ମୁଖାଗ୍ନି ଦେଇଥିଲେ।

କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୦ରେ ପ୍ରଫେସର ରାଧାମୋହନ ଓ ତାଙ୍କ ଝିଅ ସାବରମତିଙ୍କୁ ମିଳିତ ଭାବେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଜୈବିକ କୃଷି ଉପରେ ସେ ଗୁରୁତ୍ୱ ଦେବା ସହ ଏହାର ପ୍ରସାର ପାଇଁ ଜୀବନବ୍ୟାପୀ ଉଦ୍ୟମ ଜାରି ରଖିଥିଲେ। ଅର୍ଥନୀତି ପ୍ରଫେସର ଥିବା ରାଧାମୋହନ ନୟାଗଡ଼ରେ ଖାଲି ପଡ଼ିଥିବା ଜମିରେ ଜୈବିକ ଚାଷ କରି ପରିବର୍ତ୍ତନ ଆଣିବା ସହ କୃଷକଙ୍କୁ ନୂଆ ଦିଶା ଦେଖାଇଥିଲେ। ପୁରୀ ଏସ୍‌ସିଏସ୍ କଲେଜ ଅଧ୍ୟକ୍ଷ ପଦରୁ ଅବସର ନେବାପରେ ରାଜ୍ୟ ସୂଚନା କମିଶନର ଭାବେ କାର୍ଯ୍ୟ କରିଥିଲେ। ସୂଚନା ଅଧିକାର ଆଇନକୁ ଲୋକପ୍ରିୟ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରତି ଜିଲାର ଗାଁ ଗାଁ ବୁଲି ଲୋକଙ୍କୁ ସୂଚନା ଅଧିକାର ଆଇନ ସମ୍ପର୍କରେ ବୁଝାଉଥିଲେ। ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ଲୋକଙ୍କ ବିଭିନ୍ନ ସମସ୍ୟା କିପରି ସମାଧାନ କରାଯାଇପାରିବ ସେ ନେଇ ପ୍ରୟାସ କରୁଥିଲେ। ପରିବେଶ ସୁରକ୍ଷା, ଜଙ୍ଗଲ ରକ୍ଷା, ଜଳ ସଂରକ୍ଷଣ ପାଇଁ ମଧ୍ୟ ସେ ନିଜକୁ ସାମିଲ କରିଥିଲେ। ଖାଉଟି ମୂଲ୍ୟସୂଚୀ, ମହଙ୍ଗା ଭତ୍ତା ଏବଂ ଅର୍ଥନୀତିର ଅନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ମଧ୍ୟ ସେ କାର୍ଯ୍ୟ କରୁଥିଲେ।

ରାଧାମୋହନଙ୍କ ଦେହାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ରାଧାମୋହନ କୃଷି ପ୍ରତି ସମର୍ପିତ ଥିଲେ। ବିଶେଷ କରି ଦୀର୍ଘସ୍ଥାୟୀ ଜୈବିକ ଚାଷ ପ୍ରତି ସେ ସର୍ବଦା ଗୁରୁତ୍ୱ ଦେଉଥିଲେ। ଅର୍ଥନୀତି ଏବଂ ପରିବେଶ ପାଇଁ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ଥିଲେ ବୋଲି ମୋଦି କହିଛନ୍ତି। ରାଧାମୋହନଙ୍କ ଦେହାନ୍ତରେ ରାଜ୍ୟପାଳ ଗଣେଶୀ ଲାଲ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କର ଅନନ୍ୟ ଜୈବିକ କୃଷି କୌଶଳ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ରାଜ୍ୟପାଳ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହିତ ସ୍ୱର୍ଗତ ରାଧାମୋହନଙ୍କୁ ଜଣେ ବିଶିଷ୍ଟ ପରିବେଶବିତ୍ ତଥା ଅର୍ଥନୀତିଜ୍ଞ ଭାବରେ ବର୍ଣ୍ଣନା କରିଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ କହିଛନ୍ତି, ରାଧାମୋହନଙ୍କ ବିୟୋଗ ଓଡ଼ିଶାର ଜୈବିକ କୃଷିକ୍ଷେତ୍ରରେ ଅପୂରଣୀୟ କ୍ଷତି। ସେ ଥିଲେ ଜଣେ ବିଶିଷ୍ଟ ଗାନ୍ଧୀବାଦୀ ନେତା, ସମାଜସେବୀ, ଗ୍ରନ୍ଥକାର ଓ ବୈପ୍ଳବିକ ଚାଷୀ। ଜଣେ ଭଲ ମଣିଷ ଓ ପରିବେଶବିତ୍ ଭାବରେ ସେ ସାରା ରାଜ୍ୟରେ ଲୋକପ୍ରିୟ ଥିଲେ ବୋଲି ବିଶ୍ୱ ଭୂଷଣ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜୈବିକ ଚାଷ ମାଧ୍ୟମରେ ରାଧାମୋହନଙ୍କ ଦ୍ୱାରା ଅଣାଯାଇଥିବା ପରିବର୍ତ୍ତନ ତଥା ପରିବେଶ ସୁରକ୍ଷା ପାଇଁ ତାଙ୍କର ପ୍ରତିବଦ୍ଧତା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଶୋକପ୍ରକାଶ କରିବା ସହିତ ରାଧାମୋହନ ସୂଚନା କମିଶନର ଥିବାବେଳେ ତାଙ୍କ ଦାୟିତ୍ୱ ଦକ୍ଷତାର ସହ ନିର୍ବାହ କରିଥିଲେ। ରାଜ୍ୟରେ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ଦିଗରେ ଜନସଚେତନତା ସୃଷ୍ଟି କରିବାରେ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ବୋଲି କହିଛନ୍ତି। ସେହିପରି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସଙ୍ଗଠନର କେନ୍ଦ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ରାଧାମୋହନ ସାରା ଜୀବନ ସମାଜ ସଂସ୍କାର, ଶିକ୍ଷା ଓ ରଚନାତ୍ମକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଉଭୟ ସରକାରୀ କଳ ଓ ଜନ ଆନ୍ଦୋଳନ କର୍ମୀଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ। ସଙ୍କଟ ସମୟରେ ସମସ୍ତେ ତାଙ୍କର ପରାମର୍ଶ ଲୋଡୁଥିଲେ। ତାଙ୍କ ବିୟୋଗ ରାଜ୍ୟ ନେତୃତ୍ୱର ମାର୍ଗଦର୍ଶନ କ୍ଷେତ୍ରରେ ଅପୂରଣୀୟ କ୍ଷତି ବୋଲି ସେମାନେ କହିଛନ୍ତି।

### ପୁଣି ବଢ଼ିଲା ପେଟ୍ରୋଲ ...

୨୮ ପଇସା ବଢ଼ିଥିବା ଜଣାପଡ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୫.୮୫ ଟଙ୍କା ଏବଂ ଡିଜେଲ ୮୬.୭୫ ଟଙ୍କାରେ ପହଞ୍ଚିଛି। ମେ ୪ ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୫.୩୦ ଟଙ୍କା ଏବଂ ଡିଜେଲ ୫.୮୪ ଟଙ୍କା ବୃଦ୍ଧି ଘଟିଲାଣି। ସେହିପରି ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୭.୧୯ ଟଙ୍କା, ୯୫.୮୦ ଟଙ୍କା ଏବଂ ୧୦୨.୦୪ ଟଙ୍କାରେ ପହଞ୍ଚିଛି। ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ୯୧.୪୨ ଟଙ୍କା, ୮୯.୬୦ ଟଙ୍କା ଏବଂ ୯୪.୧୫ ଟଙ୍କା ଛୁଇଁଥିବା ଜଣାପଡିଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ,ତେଲଙ୍ଗାନା, ମହାରାଷ୍ଟ୍ର, ରାଜସ୍ଥାନ ଓ ମଧ୍ୟପ୍ରଦେଶର ବିଭିନ୍ନ ସହରରେ ତେଲ ଦର ରେର୍କଡ ସ୍ତରରେ ରହିଛି। ମହାମାରୀ ସମୟରେ ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୦୬.୯୪ ଟଙ୍କା ଓ ଡିଜେଲ ୯୯.୮୦ ଟଙ୍କାରେ ବିକ୍ରି ହେଉଛି, ଯାହା ଦେଶର ସର୍ବାଧିକ। ସେହିଭଳି ଭୁବନେଶ୍ୱରରେ ଗତ ୬ ସପ୍ତାହ ମଧ୍ୟରେ ଡିଜେଲ ୬.୫୫ଟଙ୍କା ଏବଂ ପେଟ୍ରୋଲ ୫.୪୮ଟଙ୍କା ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ଶୁକ୍ରବାର ପେଟ୍ରୋଲ ଲିଟର ପିଛା ୯୬.୬୦ ଟଙ୍କା ଏବଂ ଡିଜେଲ ୯୪.୫୩ ଟଙ୍କାରେ ବିକ୍ରି ହେଉଛି।

### ଆଇଶାଙ୍କ ବିରୋଧରେ ...

କଠୋର ଆଇନକୁ ଉଚ୍ଛେଦ କରାଯାଉ ବୋଲି କେତେଜଣ ମତ ଦେଇଥିବାବେଳେ ଲୋକମାନଙ୍କୁ ମାରିବା ଷଡ଼ଯନ୍ତ୍ର ଭଳି ଗୁରୁତର ଅଭିଯୋଗ ଅଧିକ ତଥ୍ୟ ସହ ଆଣିବା ଆବଶ୍ୟକ ବୋଲି ଅନ୍ୟମାନେ କହିଛନ୍ତି। ଭିନ୍ନମତକୁ ଚାପିଦିଆଯାଇପାରିବ ନାହିଁ ବୋଲି କେତେଜଣ ସୋସିଆଲ ମିଡିଆରେ ଲେଖିଛନ୍ତି। ସୂଚନାଯୋଗ୍ୟ, ଆଇଶା ସୁଲ୍‌ତାନା ଲାକ୍ଷାଦ୍ୱୀପରେ କେନ୍ଦ୍ର ସରକାରଙ୍କ କଠୋର ନିୟମାବଳୀକୁ ବିରୋଧ କରିବା ସହ ଲୋକଙ୍କ ଅଧିକାର ଉପରେ କହିଆସୁଛନ୍ତି।

### ୪ ବର୍ଷର ପୁରୁଣା ...

ଉପରେ ସହମତ ହୋଇଛି। ଏହି ଦାବିକୁ ପୁନର୍ବାର ଦୋହରା ନ ଗଲେ ସେହି ସଂକଳ୍ପର କୌଣସି ମୂଲ୍ୟ ରହିବ ନାହିଁ। ପ୍ରଥମେ ଧାନର ଏମ୍‌ଏସ୍‌ପି ୨୯୩୦ ଟଙ୍କା ଦିଅନ୍ତୁ। ଆଗକୁ ପଞ୍ଜାବ ଓ ଉତ୍ତର ପ୍ରଦେଶରେ ନିର୍ବାଚନ ଆସୁଥିବାରୁ କେନ୍ଦ୍ର ସରକାର ସେହି ରାଜ୍ୟଗୁଡିକୁ ଖୁସି କରିବାକୁ ଅଣଧାନ ଫସଲ ଦରବୃଦ୍ଧି କରିଥିବା ବେଳେ ଓଡ଼ିଶା ଚାଷୀଙ୍କୁ ହତାଦର କରିଛନ୍ତି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜି ଅଶ୍ୱିନୀ ନକ୍ଷତ୍ର ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ନେଇପାରିବେ ନାହିଁ। କୃଷି, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଗୃହକୁ କିଛି ମୂଲ୍ୟବାନ କିମ୍ବା ସୌଖୀନ ପଦାର୍ଥ ଆଣିପାରନ୍ତି। ନିର୍ମାଣ କାମ ଆଗେଇ ଚାଲିବ ଓ ଜଣେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ।

**ବୃଷ**
କୃତ୍ତିକା ନକ୍ଷତ୍ର ପ୍ରତ୍ୟେକ କାମ ପାଇଁ ଖର୍ଚ୍ଚାନ୍ତ ହେବେ। ରାଜନୀତି ତଥା ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଗୃହ ନିର୍ମାଣ କିମ୍ବା ଆନୁଷ୍ଠାନିକ କାମରେ ଲିପ୍ତ ରହିବା ହେତୁ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଜମା ପଡୁ ନ ଥିବା ଖଳପ୍ରକୃତି ଲୋକମାନେ ପ୍ରତ୍ୟେକ କ୍ଷେତ୍ରରେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ**
ଆରଦ୍ରା ନକ୍ଷତ୍ର ଆପଣ ସାଙ୍ଗସାଥୀଙ୍କ ସାହାଯ୍ୟ, ଓ ସହାନୁଭୂତିରେ ସୁଯୋଗ ଲାଭ କରିବା ସଙ୍ଗକୁ ଅନ୍ୟମାନଙ୍କର ମାର୍ଗଦର୍ଶକ ହେବେ। ବନ୍ଧୁମାନଙ୍କ ସାହାଯ୍ୟରେ ଅଟକି ରହିଥିବା କାମ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ସନ୍ତୋଷଜନକ ରହିବ। ସମ୍ପର୍କୀୟଙ୍କ ସହଯୋଗରେ ପାରିବାରିକ ସମସ୍ୟା ଦୂର ହେବ।

**କର୍କଟ**
ପୁନର୍ବସୁ ନକ୍ଷତ୍ରର ବିଭିନ୍ନ ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁଙ୍କ ପକ୍ଷପାତିତାକୁ ଦେଖି ନୀରବ ରହିବାରୁ ସମାଲୋଚିତ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁଁ ଘରର କଥା ବୁଝିବାକୁ ସମୟ ମଧ୍ୟ ପାଇ ପାରିବେ ନାହିଁ।

**ସିଂହ**
ଆଜି ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ମଘା ନକ୍ଷତ୍ରର ଜମିଜମା, ଯାନବାହାନ, ଦିଆନିଆକୁ କେନ୍ଦ୍ରକରି ବିତର୍କ ଦେଖାଦେବ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇପାରନ୍ତି। ପାରିପାର୍ଶ୍ୱିକ ପରିସ୍ଥିତି ଓ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ତାହା ନିୟନ୍ତ୍ରଣ ମଧ୍ୟରେ ହିଁ ରହିବ।

**କନ୍ୟା**
ହସ୍ତା ନକ୍ଷତ୍ର ଆଜି ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ଆଜିର ପରିସ୍ଥିତିରେ ବନ୍ଧୁଙ୍କ ନିକଟରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ ନାହିଁ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବ। ସଂଗଠନ, ଆନୁଷ୍ଠାନିକ କାମ ତଥା ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ଚିତ୍ରା ନକ୍ଷତ୍ର ଆଜି ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ସାଧାରଣ କଥାକୁ ନେଇ ଯୁକ୍ତିତର୍କ ମଧ୍ୟାହ୍ନରେ ଘରେ ଅଶାନ୍ତି ସୃଷ୍ଟି କରିବ। କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ଅନୁରାଧା ନକ୍ଷତ୍ର ହାତରେ ବହୁତ କାମ ଥିଲେ ମଧ୍ୟ ଅବହେଳା ଓ ନିରୁତ୍ସାହିତ ହୋଇ କୌଣସି କାମ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଯାହାଙ୍କଠାରୁ ଯାହା ପାଇବାର ଆଶା ରଖିଥିଲେ, ନ ପାଇ କ୍ଷୁବ୍ଧ ହୋଇ ପାରନ୍ତି। ଜମିଜମା, ଆଇନ, ଅଦାଲତ, ପରିବହନ ପାଇଁ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନ ସୁଖରେ କଟିବ।

**ଧନୁ**
ଧୈର୍ଯ୍ୟଧରିଲେ ସମସ୍ୟାର ସରଳ ସମାଧାନରେ ସମର୍ଥ ହେବେ। ମୁହଁଖୋଲି କହିପାରିଲେ ସହକର୍ମୀ କିମ୍ବା ଆତ୍ମୀୟଙ୍କ ସହଯୋଗର ଅଭାବ ରହିବ ନାହିଁ। ଅଫିସରଙ୍କ ସମ୍ମୁଖରେ ମନର ଭାବ ପ୍ରକାଶରେ ଶଙ୍କା କରି ମନସ୍ତାପ କରିବେ। ପୂର୍ବାଷାଢା ନକ୍ଷତ୍ର ପରିବାରରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ମକର**
ଉତ୍ତରାଷାଢା ନକ୍ଷତ୍ର ସକାଶେ ନିନ୍ଦୁକମାନେ କୁତ୍ସାରଟନା କରିବେ। ସାଧାରଣ କଥାରୁ ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ, ବନ୍ଧୁ ଗହଣରେ ଶ୍ରଦ୍ଧା ଓ ସମ୍ମାନ ପାଇ ସାମୟିକ ଦୁଃଖକୁ ଭୁଲିଯିବେ। ଅର୍ଥ ସମ୍ପର୍କରୁ, ସେବା ଓ ପରୋପକାର ହେତୁ କିମ୍ବା ସାମାଜିକ ସ୍ତରରେ ପ୍ରଶଂସା ପାଇ ଖୁସି ରହିବେ।

**କୁମ୍ଭ**
ପୂର୍ବଭାଦ୍ରବ ନକ୍ଷତ୍ରର ଅର୍ଥର ଅଭାବ, ଋଣ କିମ୍ବା ପୂର୍ବର ଶତ୍ରୁତାକୁ ନେଇ ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ବୈବାହିକ ପ୍ରସ୍ତାବ ସ୍ଥିରୀକୃତ ହେବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। କେତେକ ଅସୁବିଧାରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇପାରନ୍ତି।

**ମୀନ**
ଉତ୍ତରଭାଦ୍ରବ ନକ୍ଷତ୍ରର ଆଜି ଆର୍ଥିକ ଦୃଷ୍ଟି କୋଣରୁ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ଶନିବାର, ଜୁନ୍ ୧୨ ତାରିଖ, ଅନ୍ତରାଷ୍ଟ୍ରୀୟ ଶିଶୁଶ୍ରମ ନିଷେଧ ଦିବସ, ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୧.୫୮ମି. ଗତେ ଘ.୦୩.୪୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୫.୧୧ମି. ଗତେ ଘ.୦୬.୦୩ମି. ମଧ୍ୟେ, ଘ.୦୯.୩୪ମି. ଗତେ ଘ.୧୨.୧୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୮.୨୮ମି. ଗତେ ଘ.୧୦.୦୭ମି. ମଧ୍ୟେ ରାହୁକାଳ।


**classifieds Everyday** 0674-2580101, 2549302







**SALE**

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-20844

1/2/3BHK ready to move apartment for sale at DHPL Enclave-2, Kalarahanga. Contact: 9937059891. D-20803

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner- 9090963952. D-70849




Puri bypass road side 6600sft. double storey building near Kesura available for rent. Ideal for Showroom, Bank, Restaurant etc. Contact : 7855882291, 9437295519. D-20872

Long term Business Proposal for Law Practitioners. Contact- 9337358992, Cuttack. D-20870

Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଚତୁର୍ଥ ଜନ୍ମ ଦିନର ଶୁଭେଚ୍ଛା**



(ସୋହମ୍)

**ହିମାଂଶୁ ଜେନା**
ନହରକଣ୍ଟା, ବାଲିଅନ୍ତା, ଖୋର୍ଦ୍ଧା

ଆଜି ତୋର ଚତୁର୍ଥ ଜନ୍ମଦିନ ଉପଲକ୍ଷେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହ ବିଦ୍ୟା ବୁଦ୍ଧିରେ ନିପୁଣ କରନ୍ତୁ। ***ଶୁଭେଚ୍ଛା ସହ:-*** ତୋର ଜେଜେ, ମାଆ, ଅଜା, ଆଇ, ବାପା, ମାମା, ମଉସା, ମାଉସୀ, ବଡ଼ବାପା, ବଡ଼ବୋଉ, ମାମୁ, ବନ୍ଧୁ ଓ ପରିବାରବର୍ଗ।
ଧ-୭୦୪୫୬

**ଅବକାରୀ ଚଢ଼ାଉ: ୧୬୦୦ ଲିଟର ମଦ ପୋଚ ନଷ୍ଟ**

ଆଠଗଡ଼,( ସ୍ୱ.ପ୍ର.): କଟକ ଜିଲା ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗାରେ ଚଢ଼ାଉ କରାଯାଇ ୧୬୦୦ ଲିଟର ଦେଶୀ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ଗୁଡ଼ ପୋଚ ନଷ୍ଟ କରାଯାଇଛି। ଏହି ଚଢ଼ାଉରେ କଟକ ଅବକାରୀ ଡି ଏସ୍ ଇ ଦେବାଶିଷ ପଟେଲ, ଅବକାରୀ ନିରୀକ୍ଷକ ସଞ୍ଜୀତ କୁମାର ବାର୍ଲା, ଉମାକାନ୍ତ ସ୍ୱାଇଁ,ପ୍ରଭାସ ଚୌଧୁରୀ ସବ୍‌ଇନ୍ସପେକ୍ଟର ବିଜୟ କୁମାର ଭଞ୍ଜ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୩ ଏସିପି, ଜଣେ ଏସ୍‌ଆଇଙ୍କ ବଦଳି

**ଭୁବନେଶ୍ୱର,୧୧।୬(ବ୍ୟୁରୋ):** କମିଶନରେଟ୍ ପୋଲିସ ପକ୍ଷରୁ ୩ଜଣ ଏସିପି ଓ ଜଣେ ଏସ୍‌ଆଇଙ୍କ ବଦଳି କରାଯାଇଛି। ଏନେଇ କମିଶନରେଟ୍ ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। କମିଶନରେଟ୍ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ଏସିପି ଚନ୍ଦନ ଘଡ଼େଇଙ୍କୁ କଟକ ୟୁପିଡିକୁ ବଦଳି କରାଯାଇ ଜୋନ-୪ ଏସିପି ଭାବେ ଅବସ୍ଥାପିତ କରାଯାଇଛି। ସେଠାରେ ପୂର୍ବରୁ ଏସିପି ଥିବା ସତ୍ୟ ରଞ୍ଜନ ମଲ୍ଲିକଙ୍କୁ ଡିଆଇବି କଟକ ୟୁପିଡିକୁ ବଦଳି କରାଯାଇଛି। ସେହିପରି ଏସିପି ପ୍ରଣିତା ପଟ୍ଟନାୟକଙ୍କୁ ମୁଖ୍ୟାଳୟରୁ କଟକ ୟୁପିଡିକୁ ବଦଳି କରାଯାଇ ଏସିପି (କ୍ରାଇମ) ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷେ ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ଏସ୍‌ଆଇ ଯୁଗଳ ଚନ୍ଦ୍ର ସ୍ୱାଇଁଙ୍କୁ କ୍ୟାପିଟାଲ୍ ଥାନାକୁ ବଦଳି କରାଯାଇଛି।

### ୧୦୦୪ ସୁସ୍ଥ, ୪ ମୃତ

**ଭୁବନେଶ୍ୱର,୧୧।୬ (ବ୍ୟୁରୋ):** ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୪୮୫ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୦୦୪ଜଣ ଆରୋଗ୍ୟ ହୋଇଛନ୍ତି। ଫଳରେ ଆକ୍ରାନ୍ତ ସଂଖ୍ୟା ୮୩,୧୭୦ରେ ପହଞ୍ଚିଥିବାବେଳେ ଏମାନଙ୍କ ମଧ୍ୟରୁ ୭୭,୨୪୨ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସହରରେ ଆକ୍ରାନ୍ତ ଅପେକ୍ଷା ସୁସ୍ଥ ହାର ଅଧିକ ରହୁଥିଲେ ମଧ ଦୈନିକ ମୃତ୍ୟୁରେ ବ୍ରେକ୍ ଲାଗି ପାରୁନାହିଁ। ଦିନକରେ ଆଉ ୪ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାରୁ ଏହି ସଂଖ୍ୟା ୩୭୩ରେ ପହଞ୍ଚିଛି। ଏବେ ସହରରେ ୫,୫୩୪ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ତେବେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୦୨ଜଣ କ୍ୱାରାଣ୍ଟାଇନ୍‌ରୁ ରହିଥିବାବେଳେ ୩୮୩ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ପଟିଆରୁ ସର୍ବାଧିକ ୩୧ଜଣ, ନୟାପଲ୍ଲୀରୁ ୨୪, ପୋଖରୀପୁଟରୁ ୧୮, ନୀଳାଦ୍ରି ବିହାରରୁ ୧୪, ପାତ୍ରପଡାରୁ ୧୩, ସୁନ୍ଦରପଦାରୁ ୯ଜଣ, ପୁରୁଣା ଭୁବନେଶ୍ୱରରୁ ୧୬, ସାମନ୍ତରାପୁରରୁ ୮, ୟୁନିଟ-୯ରୁ ୭, ଟଙ୍କପାଣି ରୋଡ୍‌ରୁ ୧୪, ସହୀଦ ନଗରରୁ ୧୨ଜଣ, ବମିଖାଲରୁ ୬, ଚନ୍ଦ୍ରଶେଖରପୁରରୁ ୨୧, ଖଣ୍ଡଗିରିରୁ ୯, ଡୁମୁଡୁମାରୁ ୧୨, ଲକ୍ଷ୍ମୀସାଗରରୁ ୧୧, ବଡଗଡରୁ ୯, ଭିମଟାଙ୍ଗୀରୁ ୫, ଝାରପଡାରୁ ୧୦, ମଞ୍ଚେଶ୍ୱରରୁ ୬, ମଧୁସୂଦନ ନଗରରୁ ୪ଜଣ ରହିଛନ୍ତି।

# ବିଷ୍ଣୁପଦଙ୍କ କବିତା ସଙ୍କଳନ ଉନ୍ମୋଚିତ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବିୟଣ୍ଡ ହିୟର୍ ଆଣ୍ଡ୍ ଅଦର ପୋଏମ୍ସ'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବରିଷ୍ଠ ଅମଲାତନ୍ତ୍ରୀ ବିଷ୍ଣୁପଦ ସେଠୀଙ୍କ ଇଂଲିଶ କବିତା ସଙ୍କଳନ 'ବିୟଣ୍ଡ ହିୟର୍ ଆଣ୍ଡ୍ ଅଦର ପୋଏମ୍ସ'କୁ ଉନ୍ମୋଚନ କରିଛନ୍ତି। ଏଥିରେ ୬୧ଟି କବିତା ସ୍ଥାନିତ ହୋଇଛି। ନୂଆଦିଲ୍ଲୀର ହର୍ ଆନନ୍ଦ ପ୍ରକାଶନୀ ପକ୍ଷରୁ ଏହାକୁ ପ୍ରକାଶ କରାଯାଇଛି। ଜୀବନର ଅଭିଜ୍ଞତା କବିତାଗୁଡ଼ିକରେ ପ୍ରତିଫଳିତ ହେବା ସହିତ ମୃତ୍ୟୁର ଅନୁଭବ ଏବଂ ଦାର୍ଶନିକ ଅଭିବ୍ୟକ୍ତିକୁ କବି ଏଥିରେ ଅତି ସାବଲୀଳ ଢଙ୍ଗରେ ଶବ୍ଦାୟିତ କରିଛନ୍ତି। ଏହା ବହୁବିଧ ଜୀବନର ରଙ୍ଗ ଓ ପରିଧି ବାହାରକୁ ଯାଇପାରିଛି। ପ୍ରଖ୍ୟାତ ଲେଖକ ହରପ୍ରସାଦ ଦାସ ୧୬୧ ପୃଷ୍ଠା ସମ୍ବଳିତ ଏହି ପୁସ୍ତକର ମୁଖବନ୍ଧ ଲେଖିଥିବାବେଳେ ଖ୍ୟାତନାମା ଚିତ୍ରକର ଗଜେନ୍ଦ୍ର ସାହୁ ପ୍ରଚ୍ଛଦପଟ ଡିଜାଇନ୍ କରିଛନ୍ତି।

# ୧୭,୦୦୦ ଫାଭିପିରାଭିର ଟାବ୍‌ଲେଟ୍ ଜବତ

**ମେଡିସିନ ଗୋଦାମ ଉପରେ ଚଢ଼ାଉ**
- ଉତ୍ତରପ୍ରଦେଶର ଏକ କମ୍ପାନୀରୁ ଆସୁଥିଲା
- ପରୀକ୍ଷା ପାଇଁ ନମୁନା ପଠାଗଲା

କଟକ ଅଫିସ,୧୧।୬

କଟକ କନିକା ଛକରେ ଥିବା ଏକ ମେଡିସିନ ଗୋଦାମ ଉପରେ ଶୁକ୍ରବାର ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଚଢାଉ କରାଯାଇଛି। ସେଠାରୁ ପ୍ରାୟ ୬୯ ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଜବତ ହୋଇଛି। ଉତ୍ତରପ୍ରଦେଶର ମାକ୍ସ ରିଲିଫ ହେଲ୍‌ଥ କେୟାର ନାମକ ଏକ କମ୍ପାନୀରୁ ଏହି ମେଡିସିନ କଟକର ଉକ୍ତ ଗୋଦାମକୁ ଆସୁଥିଲା। ପରେ ଗୋଦାମ ମାଲିକ କର୍ମଚାରୀଙ୍କ ଜରିଆରେ କଟକର ଘରୋଇ କୋଭିଡ୍ ହସ୍ପିଟାଲ ଏବଂ ମେଡିସିନ ଦୋକାନଗୁଡ଼ିକୁ ପଠାଯାଉଥିବା ନେଇ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପାଖରେ ଖବର ପହଞ୍ଚିଥିଲା। ପରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ଉକ୍ତ ଗୋଦାମରେ ଚଢାଉ କରାଯାଇ ୧୭୦ ପେଟିରେ ଥିବା ଫାଭିପିରାଭିର ମେଡିସିନ ଜବତ ହୋଇଛି। ସେଥିରେ ୧୭,୦୦୦ ଟାବ୍‌ଲେଟ୍ ଥିବା ଜଣାପଡିଛି। ଏ ସମ୍ପର୍କରେ ଡ୍ରଗ୍ସ ଇନ୍ସପେକ୍ଟର ଜଗନ୍ନାଥ ମଲ୍ଲିକ କହିଛନ୍ତି, ଜବତ ମେଡିସିନର ମୂଲ୍ୟ ପ୍ରାୟ ୬୯ ଲକ୍ଷ ଟଙ୍କା ହେବ। ଉତ୍ତରପ୍ରଦେଶର ମାକ୍ସ ରିଲିଫ ହେଲ୍‌ଥ କେୟାର ନାମକ କମ୍ପାନୀରୁ ଆସୁଥିବା ଉକ୍ତ ମେଡିସିନ ନକଲି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ଉତ୍ତରପ୍ରଦେଶ ସରକାରଙ୍କୁ ଅବଗତ କରାଯାଇଛି। ଏଥିସହ ଉକ୍ତ ମେଡିସିନର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଖୋର୍ଦ୍ଧାସ୍ଥିତ ଲାବରେଟୋରୀକୁ ପଠାଯାଇଛି। ଉକ୍ତ ଗୋଦାମ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ନୋଡାଲ ଅଫିସର ଉମେଶ ରାୟ କହିଛନ୍ତି, କରୋନା ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ଫାଭିପିରାଭିର ଔଷଧ ବ୍ୟବହାର ହେଉଛି। ଡାକ୍ତରଙ୍କ ପରାମର୍ଶରେ ମେଡିସିନ ଦିଆଯାଉଛି। ଏହି ମେଡିସିନକୁ ଲୋକମାନେ ମନଇଚ୍ଛା କିଣି ଘରେ ଗଚ୍ଛିତ ରଖୁଛନ୍ତି। ଫଳରେ ବଜାରରେ ଏହି ମେଡିସିନର ଅଭାବ ଦେଖାଦେଉଛି। ଏହାର ସୁଯୋଗ ନେଇ କେତେଜଣ ଡ୍ରଗ୍ସ ମାଫିଆ ନକଲି ଫାଭିପିରାଭିର ଔଷଧ ତିଆରି କରି ବଜାରକୁ ଛାଡୁଛନ୍ତି।




ଚଢ଼ାଉ ପରେ ଗୋଦାମରେ ଡ୍ରଗ୍ସ ଅଧିକାରୀମାନେ ଜବତ ଔଷଧକୁ ଯାଞ୍ଚ କରୁଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCONBBSe OTEIBRTG-DNM17, ତା.08.06.2021ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ସମ୍ବନ୍ଧୀୟ ବଇରୀ (BYY)-ହରିଦାସପୁର(HDS) ସେକ୍ସନରେ ଉପଯୋଗିତା ସ୍ଥାନାନ୍ତରଣ ନୂଆ ଲାଇନ୍‌କୁ ବାଧା ପହଞ୍ଚାଉଥିବା (infringing) (ଲେଭେଲ କ୍ରସିଙ୍ଗ୍ ଫାଟକ, IBS, କେବୁଲ, ଲୋକେଶନ ବାକ୍ସ, ଅନ୍ୟ ସିଗ୍ନାଲିଙ୍ଗ୍ ଗିଅର) ଏବଂ ବରିଠେଙ୍ଗଡ଼ (BRTG) ଏବଂ ଧାନମଣ୍ଡଳ(DNM) ଷ୍ଟେସନଗୁଡ଼ିକ ଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍‌ର ଯୋଗାଣ, ସଂସ୍ଥାପନ, ଡିଜାଇନ୍ ଏବଂ ସମ୍ପାଦନ ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 12,94,22,244/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.07.2021ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ନିର୍ମାଣ/ଭୁବନେଶ୍ୱର
PR-20/CE/21-22

**ନକଲି ଡାକ୍ତରଙ୍କ କ୍ଲିନିକ୍‌ରେ ଚଢ଼ାଉ ଘଟଣା**

# ଏସ୍‌ଡିଜେଏମ୍ କୋର୍ଟରେ ମାମଲା

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଶିକ୍ଷାଗତ ଯୋଗ୍ୟତା ନ ଥାଇ ନିଜକୁ ଜଣେ ହୋମିଓପାଥିକ୍ ଡାକ୍ତର କହୁଥିଲେ। 'ଷ୍ଟପ କରୋନା' ଔଷଧ ଦେଇ ଲୋକଙ୍କୁ ଠକୁଥିଲେ। ଏପରି ଏକ ସଙ୍ଗିନ ଅଭିଯୋଗ ଆଧାରରେ ଗୁରୁବାର ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରପଦସ୍ଥିତ ଉକ୍ତ କ୍ଲିନିକ୍‌ରେ ଚଢ଼ାଉ କରାଯାଇ ବିପୁଳ ଔଷଧ ଜବତ କରାଯାଇଥିଲା। ଶୁକ୍ରବାର ଏହି ଘଟଣା କୋର୍ଟରେ ପହଞ୍ଚିଛି। ନିଜକୁ ଡାକ୍ତର ବୋଲି କହୁଥିବା ମାନସ ରଞ୍ଜନ ପାତ୍ର ଖୁବ୍‌ଶୀଘ୍ର କୋର୍ଟରେ ହାଜର ହେବେ। ଏନେଇ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଡ୍ରଗ୍ସ ଇନ୍ସପେକ୍ଟର ଚନ୍ଦନ ଗିରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ସିସିରେ ଏକ ମାମଲା (ନଂ.୩୦୯/୨୧) ରୁଜୁ ହୋଇଛି। ଜବତ ଔଷଧ ଓ ନକଲି ଡାକ୍ତରଙ୍କ ସମ୍ପର୍କିତ ସମସ୍ତ ତଥ୍ୟ କୋର୍ଟରେ ଦାଖଲ କରାଯାଇଛି। କୋର୍ଟ ପକ୍ଷରୁ ମାନସଙ୍କ ନିକଟକୁ ନୋଟିସ ପଠାଯିବ। ସେ ହୋମିଓପାଥିକ ଔଷଧ ବିକ୍ରି, ପ୍ରସ୍ତୁତି ଓ ଚିକିତ୍ସା କରିବା ପାଇଁ ତାଙ୍କ ନିକଟରେ ଥିବା ଦସ୍ତାବିଜକୁ କୋର୍ଟରେ ଦାଖଲ କରିବେ ବୋଲି ଗିରି କହିଛନ୍ତି।

ସୂଚନାଥାଉକି, ସୁନ୍ଦରପଦାର କୋକିଳ ଭିଲ୍ଲାରେ ମାନସ ନିଜ ଭଡା ଘରେ 'ଷ୍ଟପ୍ କରୋନା' ନାମରେ ଔଷଧ ଦେଉଥିବା ଖବର ମିଳିବା ପରେ 'ଧରିତ୍ରୀ' ପକ୍ଷରୁ ଅନୁସନ୍ଧାନ କରାଯାଇଥିଲା। ଆମ ପ୍ରତିନିଧି ରୋଗୀ ସାଜି ଉକ୍ତ କ୍ଲିନିକ୍‌ରେ ପହଞ୍ଚି ସମ୍ପୃକ୍ତ ଡାକ୍ତରଙ୍କୁ କେତେକ ଲକ୍ଷଣ କହିଥିଲେ। ଏହାପରେ ମାନସ ୨୦୦ଟଙ୍କା ନେଇ ଏକ ୧୦ ଗ୍ରାମର ପ୍ଲାଷ୍ଟିକ ବୋତଲରେ 'ଷ୍ଟପ୍ କରୋନା' ହାତ ଲେଖାଥିବା ତରଳ ଔଷଧ ଦେଇଥିଲେ। ଆଗାମୀ ଦିନରେ ଏଠାରେ ଏକ କରୋନା ହସ୍ପିଟାଲ ହେବ ବୋଲି ମାନସ କହିଥିଲେ। ତେବେ ତାଙ୍କର ଔଷଧ ଓ କ୍ଲିନିକ୍‌ର ବୈଧତା ଜାଣିବା ପାଇଁ ଆମ ପ୍ରତିନିଧି ଡ୍ରଗ୍ସ କଣ୍ଟ୍ରୋଲରଙ୍କ ସହ ଯୋଗାଯୋଗ କରିଥିଲେ। ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ଏକ ଟିମ୍ ମାନସ ରହୁଥିବା ଘରେ ଥିବା କ୍ଲିନିକ୍‌ରେ ଚଢାଉ କରିଥିଲା।




- ନିଜକୁ ଡାକ୍ତର କହି 'ଷ୍ଟପ୍ କରୋନା' ଔଷଧ ଦେଉଥିଲେ
- ଦସ୍ତାବିଜ ଦାଖଲ ପାଇଁ ମାନସଙ୍କୁ ନୋଟିସ ହେବ

# କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘ ଦେଲା ୩ ଲକ୍ଷ



କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘ ପକ୍ଷରୁ ସିଏମ୍‌ଆର୍‌ଏଫ୍‌କୁ ଦାନ କରାଯାଇଥିବା ୩ଲକ୍ଷ ଟଙ୍କାର ଚେକ୍‌କୁ ଶୁକ୍ରବାର ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

କରୋନା ମୁକାବିଲା ପାଇଁ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି(ସିଏମ୍‌ଆର୍‌ଏଫ୍)କୁ ୩ଲକ୍ଷ ଟଙ୍କା ଦାନ କରିଛି। ରାଜ୍ୟ ଲୋକସେବା ଭବନଠାରେ ସଂଘ ଅଧକ୍ଷ ଗୌରୀଶଙ୍କର ଦାଶ ଓ ସାଧାରଣ ସମ୍ପାଦକ ସାତ୍ତ୍ୱିକ ସ୍ୱାଇଁ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏବାବଦ ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ମହାପାତ୍ର ସଂଘ ସଦସ୍ୟ ଓ କର୍ମଚାରୀଙ୍କୁ ସାଧୁବାଦ

**୧୦,୩୫୧ଟଙ୍କା ଦାନ କଲେ ୪ର୍ଥ ଶ୍ରେଣୀ ଛାତ୍ର**

ଜଣାଇବା ସହ ନିଜ ଶିକ୍ଷାନୁଷ୍ଠାନ ତଥା ବ୍ୟକ୍ତିଗତ ସ୍ତରରେ କରୋନା ନିୟମ ଅନୁପାଳନ ଓ ସଚେତନତା କାର୍ଯ୍ୟ ଜାରି ରଖିବାକୁ ଅନୁରୋଧ କରିଛନ୍ତି। ସେହିପରି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ୪ର୍ଥଶ୍ରେଣୀର ଛାତ୍ର ପୃଥ୍ୱୀ ସାରଥୀ ରାଉତରାୟ ନିଜ ପକେଟ ଓ ଜନ୍ମଦିନ ଭୋଜି ଖର୍ଚ୍ଚରୁ ସଞ୍ଚୟ କରି ରାଜ୍ୟ କୋଭିଡ୍ ପରିଚାଳନା ପାଇଁ ୧୦,୩୫୧ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କୁ ଚେକ୍ ପ୍ରଦାନ କରି ପୃଥ୍ୱୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ପିଲାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ କରୁଛନ୍ତି। ମୁଁ ମୋ ଜନ୍ମଦିନ ଭୋଜି ନ କରି ରିଲିଫ୍ ପାଣ୍ଠିକୁ ଦାନ କଲି।

# ଉଭୟ ବର୍ଗଙ୍କ ପାଇଁ ନୂଆ ସ୍ଲଟ୍ ବୁକିଂ ଆରମ୍ଭ

ଭୁବନେଶ୍ୱର, ୧୧।୬ (ବ୍ୟୁରୋ)

ଟିକାକରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୁକ୍ରବାର ରାତି ୮ଟାରୁ ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ୪୫ରୁ ଊର୍ଦ୍ଧ୍ୱ ବର୍ଗର ହିତାଧିକାରୀମାନେ ସେମାନଙ୍କର ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକାକରଣ ପାଇଁ selfregistration.cowin.gov.in ମାଧ୍ୟମରେ ସ୍ଲଟ୍ ବୁକିଂ କରି ପାରିବେ। ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୫ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଏହି ଟିକାକରଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୧୮ରୁ ୪୪ ବର୍ଷ ବୟସର ହିତାଧିକାରୀଙ୍କ ପାଇଁ ମଧ୍ୟ ସ୍ଲଟ୍ ବୁକିଂ ଆରମ୍ଭ କରାଯାଇଛି। ଉକ୍ତ ଲିଙ୍କ୍ ମାଧ୍ୟମରେ ଏହି ବର୍ଗର ହିତାଧିକାରୀମାନେ ପ୍ରଥମ ଡୋଜ୍ ଟିକା ପାଇଁ ବୁକିଂ କରି ପାରିବେ। ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଟିକାକରଣ ଜାରି ରହିବ।

ଏହା ବ୍ୟତୀତ ବିଏମ୍‌ସି ପକ୍ଷରୁ ସହରର ୧୦ ସ୍ଥାନରେ ଜାରି ରହିଥିବା ଡ୍ରାଇଭ୍ ଇନ୍ ଭାକ୍ସିନେଶନ ସେଣ୍ଟରଗୁଡିକରେ ମଧ୍ୟ ନୂତନ ଟିକାକରଣ ନେଇ ସ୍ଲଟ୍ ବୁକିଂ ଆରମ୍ଭ କରାଯାଇଛି। ଏଠାରେ ୧୮ରୁ ୪୪ବର୍ଷର ବ୍ୟକ୍ତିମାନେ ପ୍ରଥମ ଡୋଜ୍ ଓ ୪୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ଉଭୟ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ପାଇଁ ସ୍ଲଟ୍ ବୁକିଂ କରି ପାରିବେ। ଶୁକ୍ରବାରଠାରୁ ବୁକିଂ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ ଟିକାକରଣ କରାଯିବ। ସେହିପରି ଉଭୟ ବର୍ଗର ହିତାଧିକାରୀମାନେ ସକାଳ ୯ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ସମୟରେ ଆସି ଟିକାକରଣ କରି ପାରିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଦ୍ୱିତୀୟ ଡୋଜ୍ ଟିକାକରଣ ନେଇ ସମୟ, ତାରିଖ ନିର୍ଦ୍ଧାରଣ

ପ୍ରଥମ ଡୋଜ ଟିକା ନେଇଥିବା ୧୮ରୁ ୪୪ବର୍ଷର ହିତାଧିକାରୀଙ୍କ ଟିକାକରଣକୁ ବିଏମ୍‌ସି ତ୍ୱରାନ୍ୱିତ କରିଛି। ଅବଧି ସରି ଆସୁଥିବାରୁ ଅଗ୍ରାଧିକାର ଭିତ୍ତିରେ ଏମାନଙ୍କୁ ଦ୍ୱିତୀୟ ଡୋଜ୍ ଟିକା ପ୍ରଦାନ କରାଯାଉଛି। ଏଥିପାଇଁ ତାରିଖ ଓ ସମୟ ନିର୍ଦ୍ଧାରଣ କରିଛି ବିଏମ୍‌ସି। ମେ ୧୫ରେ ପ୍ରଥମ ଡୋଜ୍ ଟିକା ନେଇଥିବା ହିତାଧିକାରୀ ଜୁନ୍ ୧୪ରେ ସକାଳ ୯ଟାରୁ ଅପରାହ୍ନ ୧ଟା ମଧ୍ୟରେ ଦ୍ୱିତୀୟ ଡୋଜ୍ ଟିକା ନେଇ ପାରିବେ। ସେହିପରି ମେ ୧୭ରେ ଟିକା ନେଇଥିବା ବ୍ୟକ୍ତି ଆସନ୍ତା ୧୪ରେ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ, ମେ ୧୮ରେ ଟିକା ନେଇଥିଲେ ୧୫ ତାରିଖ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ, ମେ ୧୯ରେ ଟିକା ନେଇଥିଲେ ଆସନ୍ତା ୧୬ ତାରିଖ, ମେ ୨୦ରେ ଟିକା ନେଇଥିଲେ ଆସନ୍ତା ୧୭ ତାରିଖ, ମେ ୨୧ରେ ଟିକା ନେଇଥିଲେ ଆସନ୍ତା ୧୮ ତାରିଖ ଓ ମେ ୨୨ରେ ଟିକା ନେଇଥିଲେ ଆସନ୍ତା ୧୯ ତାରିଖ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ଟିକା ନେଇ ପାରିବେ। ଯାତ୍ରୀ ନିବାସଠାରେ ପ୍ରଥମ ଡୋଜ୍ ଟିକା ନେଇଥିବା ହିତାଧିକାରୀ କଟକ ରୋଡ୍‌ସ୍ଥିତ ବୁଦ୍ଧେଶ୍ୱରୀ କମ୍ୟୁନିଟି ସେଣ୍ଟରରେ ଓ ତେରାପନ୍ଥ ଭବନଠାରେ ଟିକା ନେଇଥିବା ବ୍ୟକ୍ତିମାନେ ୟୁନିଟ-୧ ବାଳିକା ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଡୋଜ୍ ନେଇ ପାରିବେ। ଏହା ବ୍ୟତୀତ ଅନ୍ୟ ସମସ୍ତ ହିତାଧିକାରୀ ପ୍ରଥମ ଡୋଜ୍ ନେଇଥିବା ସେଣ୍ଟରଠାରେ ଦ୍ୱିତୀୟ ଡୋଜ୍ ନେଇ ପାରିବେ। ତେବେ ମହାନଗର ଅଞ୍ଚଳ ବାହାରେ ପ୍ରଥମ ଡୋଜ୍ ଟିକା ନେଇଥିବା ବ୍ୟକ୍ତିମାନେ ୨୯ରୁ ୪୨ଦିନ ମଧ୍ୟରେ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଦ୍ୱିତୀୟ ଡୋଜ୍ ନେଇ ପାରିବେ। ଅନ୍ୟପକ୍ଷରେ ଗତ ମେ ୧୬ରେ ପାତ୍ରପଡାସ୍ଥିତ ଏମ୍‌ସ୍, ଗାଡକଣ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବରମୁଣ୍ଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରସୁଲଗଡ଼ ଜିଜିପି କଲୋନୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କପିଳ ପ୍ରସାଦ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସାମନ୍ତରାପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମ ଡୋଜ୍ ଟିକା ନେଇଥିବା ୧୮ରୁ ୪୪ବର୍ଗର ହିତାଧିକାରୀମାନେ ଆସନ୍ତା ୧୩ ତାରିଖ (ରବିବାର)ରେ ସକାଳ ୯ଟାରୁ ଅପରାହ୍ନ ୧ଟା ମଧ୍ୟରେ ଉକ୍ତ ଟିକାକେନ୍ଦ୍ରକୁ ଯାଇ ଦ୍ୱିତୀୟ ଡୋଜ୍ ନେଇ ପାରିବେ। ଟିକାକେନ୍ଦ୍ରକୁ ଯିବା ସମୟରେ ପ୍ରଥମ ଡୋଜ୍ ଟିକାକରଣର ସାର୍ଟିଫିକେଟ୍ ସାଙ୍ଗରେ ନେଇ ଯିବାକୁ ବାଧ୍ୟତାମୂଳକ କରାଯାଇଛି।

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 3497/PSC., (DR - IV) (2PH-02-2021-22),** **Dt. 11.06.21**

**No. D-34:-** It is for information of all concerned that the verification of original certificates, documents etc., in respect of **41** candidates (bearing following Roll Numbers), who appeared in the written examination held on 18.04.2021, for recruitment to the post of Lecturers in different disciplines of Government Ayurvedic Medical Colleges of the State in Class - II (Group - B) of Odisha Ayurveda Medical Education Service under Health & Family Welfare Department, pursuant to Advertisement No. **01 of 2020-21**, will be conducted in the Office of the Odisha Public Service Commission,19, Dr. P. K. Parija Road, Cuttack - 753001 **on 23.06.2021 and 24.06.2021** as per the programme detailed below. **The Candidates are advised to reach the Office of the Commission at least 30 minutes before the time mentioned against their respective session for their document verification.**

The candidates are required to come with **hard copy of online application form** along with **true copies of all certificates/documents** as mentioned in **Para - 11** of the Advertisement (list mentioned below) **with original of the same** along with **duly filled in "Attestation Form"** (To be downloaded from the website of the Commission). The documents are to be submitted **in person** on the scheduled date & time as per the programme given below.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificate/documents and is subject to fulfilment of terms & conditions laid down in the Advertisement.

**N.B. - THE CANDIDATES ARE REQUIRED TO FURNISH RT-PCR TEST NEGATIVE (-VE) REPORT OBTAINED WITHIN 48 HOURS PRIOR TO THE DATE OF DOCUMENT VERIFICATION. CANDIDATES SHALL NOT BE PERMITTED FOR DOCUMENT VERIFICATION IF NEGATIVE RT-PCR TEST REPORT IS NOT FURNISHED.**

Note- The candidates are also advised to wear mask and maintain social distancing at the time of verification

The candidates are advised to go through the website of the Commission at http://www.opsc.gov.in.

**PROGRAMME FOR VERIFICATION OF ORIGINAL CERTIFIATES/DOCUMENTS**

| Date of verificaiton | Time of Verification | Roll Nos. of candidates to be verified | Team to Verify |
|---|---|---|---|
| 23.06.2021 | 10.30 A.M. To 01.00 P.M. | 100005, 100006, 100007, 100009, 100010, 100012, 100013, 100015, 100016,100018 = 10 Candidates | DR-IV |
| | 02.30 P.M. To 05.00 P.M. | 100019, 100026, 100027, 100031, 100033, 100036, 100038, 100039, 100040, 100044 = 10 Candidates | -do- |
| 24.06.2021 | 10.30 A.M. To 01.00 P.M. | 100045, 100048, 100049, 100050, 100053, 100056, 100058, 100060, 100061, 100068, 100071 = 11 Candidates | DR-IV |
| | 02.30 P.M. To 05.00 P.M. | 100074, 100075, 100077, 100078, 100084, 100086, 100089, 100094, 100096,100097 = 10 Candidates | -do- |

**List of Original Documents to be furnished by the candidates for verification in the following order.**

1. Hard copy of online application form **mentioning Roll No. at the top right corner** and **one passport size photograph pasted** on the space provided and **02 additional passport size photographs tagged** to the application form.
2. The candidates are required to mention **on each xerox copy** of documents "**Submitted by me**" and put their **full signature and date** on the same.
3. **H.S.C. or Equivalent Certificate** in support of declaration of age.
4. **Intermediate / +2 Examination Certificate** issued by concerned Board/Council.
5. **B.A.M.S. Degree certificate** issued by the concerned University.
6. **Post Graduate Degree certificate** in the concerned discipline by the concerned University.
7. Mark-lists in support of all the aforesaid Examination (**H.S.C. to B.A.M.S. Degree**) passed including fail marks, if any, issued by the concerned Board / Council /University.
8. **Conversion Certificates/Conversion Formula** wherever applicable.
9. **Housemanship Completion Certificate. (issued within 03.07.2020).**
10. **Medical Registration Certificate** under the Odisha State Council of Ayurvedic Medicine.
11. If a candidate claims to possess qualification , equivalent to the prescribed qualification, the rule/authority (With number and date) under which it is so treated, must be furnished with the Application Form.
12. Recent **SEBC Certificate by Birth** (**issued within 3 years by** the closing date for submission of online application form i.e. **03.07.2020**), wherever applicable.
13. **Caste Certificate by birth** in support of claim as SC/ST, wherever applicable (Please see Note- 1 & 2 of the Advertisement).
14. Required **Odia Test Pass Certificate**.
15. Any Identity Proof (Original & Xerox copy).
16. **Permanent Disability Certificate** (**Indicating % of disability**) issued by concerned Medical Board, wherever applicable.
17. **Discharge Certificates** issued by the Commanding Officer of the Unit last served. **Ex-Servicemen** must submit an **affidavit undertaking** that **he has not been appointed against any civil post after retirement from military service**; wherever applicable.
18. **Sports Certificate** issued by the Director of Sports Odisha; wherever applicable.
19. **Attestation Form duly filled-in** (to be **downloaded from website of the Commission**).
20. **No Objection Certificate** from the Head of Office.
21. Any other documents as per Para-10 of the Advertisement.

OIPR-12002/11/0017/2122 **Sd./- Secretary**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ଜୁନ୍, ୨୦୨୧



❝ ମନୁଷ୍ୟମାନେ ଭଗବାନଙ୍କଠାରୁ ଦୂରେଇ ଯାଇପାରନ୍ତି ଏବଂ ସେମାନେ ପ୍ରାୟ ସବୁବେଳେ ହିଁ ଦୂରେଇ ଯାନ୍ତି। କିନ୍ତୁ ପରମକାରୁଣିକ ଭଗବାନଙ୍କ ପକ୍ଷରେ ମନୁଷ୍ୟଠାରୁ ଦୂରେଇ ଯିବା ଅସମ୍ଭବ ବ୍ୟାପାର। —ଶ୍ରୀମା

# ବାବୁଙ୍କ ଭୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ରାଜନୈତିକ ଲଢ଼େଇ ଘଟଣା ଏବେ ବଢ଼ୁଛି ଓ ଅମଲାତନ୍ତ୍ରୀମାନେ ଏହା ମଧ୍ୟରେ ଫସୁଛନ୍ତି। ଏ ସମ୍ପର୍କରେ ଯେଉଁମାନେ ଅବଗତ ସେମାନେ କହନ୍ତି, ନିକଟରେ କେନ୍ଦ୍ର ଆଇଏଏସ୍ ଅଧିକାରୀମାନଙ୍କର ଏମ୍ପାନେଲ୍‌ମେଣ୍ଟ ପଲିସି ବା ନିଯୁକ୍ତି ପାଇଁ ତାଲିକା ପ୍ରସ୍ତୁତି ନୀତିକୁ ସଂଶୋଧନ କରିବା ପରେ ଯୁବ ଅଧିକାରୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଯଦି କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ମଧ୍ୟରେ ସହମତି ବା ବୁଝାମଣା ନ ହୁଏ, ତେବେ ସେମାନଙ୍କ କ୍ୟାରିୟର ବିପଦରେ ପଡ଼ିବ ବୋଲି ଆଶଙ୍କା କରୁଛନ୍ତି। ଏହି ସଂଶୋଧିତ ନୀତିରେ ଆଇଏଏସ୍ ଅଧିକାରୀମାନଙ୍କ ପାଇଁ ଭବିଷ୍ୟତରେ ଦିଲ୍ଲୀରେ ଯୁଗ୍ମ ସଚିବ ପଦବୀ ପାଇବା ଲାଗି ଯୋଗ୍ୟତାର ଆଧାର ଦର୍ଶାଯାଇଛି। ଏଥିପାଇଁ ନିଜ କ୍ୟାଡର୍ ରାଜ୍ୟରେ ଚାକିରିର ପ୍ରଥମ ୧୬ ବର୍ଷ ପୂରଣ କରିବା ପୂର୍ବରୁ ସେମାନଙ୍କ ଲାଗି ୨ ବର୍ଷର ସେଣ୍ଟ୍ରାଲ ଡେପୁଟେଶନ ବା କେନ୍ଦ୍ର ପ୍ରତିନିଯୁକ୍ତି ବାଧ୍ୟତାମୂଳକ କରାଯାଇଛି । କେନ୍ଦ୍ର ଓ ରାଜ୍ୟରେ ସମାନ ଦଳ ଶାସନରେ ରହିଲେ କିଛି ସମସ୍ୟା ଉପୁଜିବ ନାହିଁ। କିନ୍ତୁ ଯଦି ଉଭୟ କ୍ଷେତ୍ରରେ ତୀବ୍ର ରାଜନୈତିକ ଶତ୍ରୁତା ଆଚରଣ କରୁଥିବା ଦଳ କ୍ଷମତାରେ ରହନ୍ତି ତେବେ ସମସ୍ୟା ଦେଖାଦେବ,ଯାହା ଘଟିଛି ପଶ୍ଚିମବଙ୍ଗରେ। କହିବାକୁ ଗଲେ ଏଭଳି ରାଜନୈତିକ ବିବାଦରେ ବାବୁମାନେ ଫସିଯାଉଛନ୍ତି। ସଂଘୀୟ ବ୍ୟବସ୍ଥାର ଏହା ଏକ ଅନିବାର୍ଯ୍ୟ ବିଶେଷତା କି ନାହିଁ ତାହା ଏ ଯାଏ ସ୍ପଷ୍ଟ ହୋଇନାହିଁ, କିନ୍ତୁ ଏବେ ବାବୁଙ୍କ ମନରେ ସୃଷ୍ଟି କରାଯାଇଥିବା ଭୟ ଏମିତି କିଛି ନୁହେଁ ଯାହା ଏହି ସଙ୍କଟ ସମୟରେ ଉତ୍ତମ ପ୍ରଶାସନକୁ ସହାୟକ ହେବ।

### ଆଇଏଫ୍ଏସ୍‌ଙ୍କ ବିଜୟ

ଲ୍ୟୁଟିୟନ୍ସ ଦିଲ୍ଲୀରେ ଯେ କେବଳ ଉପ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ନୂଆ ଘର ପାଉଛନ୍ତି ତାହା ନୁହେଁ,ଅନ୍ୟମାନେ ବି ଏଠାରେ ଘର ପାଇବେ। ଯଦିଓ ଦିଲ୍ଲୀର କେନ୍ଦ୍ର ସ୍ଥଳରେ ସେଣ୍ଟ୍ରାଲ୍ ଭିଷ୍ଟା ପ୍ରୋଜେକ୍ଟରେ ନ ଥାଇ ବି ବହିର୍ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ କିମ୍ବା ଅତି କମ୍‌ରେ କିଛି ଭାଗ୍ୟଶାଳୀ ଅଧିକାରୀ ୨୦୨୩ ସୁଦ୍ଧା ବଢ଼ିଆ ନୂଆ ଘର ପାଇପାରନ୍ତି ବୋଲି କୁହାଯାଉଛି। ଉକ୍ତ ମନ୍ତ୍ରଣାଳୟ ୯୭ ଅତ୍ୟାଧୁନିକ ଘର ଗୋୟଲ ମାର୍କେଟ ଅଞ୍ଚଳରେ ନିର୍ମାଣ କରୁଛି। ବିଶେଷ କରି ସରକାରଙ୍କ ଦ୍ୱାରା ନିର୍ମିତ ଶସ୍ତା ଘରକୁ ନେଇ ଏହି ଅଞ୍ଚଳ ଜଣାଶୁଣା। କିନ୍ତୁ ଏହା ଏବେ ଆଧୁନିକ ବେଲ୍ ଏବଂ ହ୍ୱିସିଲ ଥିବା ଉଚ୍ଚ କ୍ଷମାସମ୍ପନ୍ନ କୂଟନୈତିକ ପରିପୂର୍ଣ୍ଣ ଅଞ୍ଚଳ ହେବାକୁ ଯାଉଛି, ଯାହାଦ୍ୱାରା କ୍ଷମତାଶାଳୀ ଭାରତୀୟ ବିଦେଶ ସେବା (ଆଇଏଫ୍ଏସ୍) ଅଧିକାରୀମାନେ ବିଦେଶରେ କାର୍ଯ୍ୟ କରୁଥିବା ସମୟରେ ଯେଭଳି ଜୀବନଶୈଳୀରେ ରହନ୍ତି ସେଭଳି ପରିବେଶ ଉପଭୋଗ କରିବେ। ସମ୍ଭବତଃ ମୋଦି ସରକାରଙ୍କର ଏହି ରେସିଡେନ୍‌ସିଆଲ ପ୍ରୋଜେକ୍ଟ ଏକ ବିଳମ୍ବିତ ଅଭିଯାନ। ଏହା ଆରମ୍ଭ କରି ସୂଚେଇ ଦେବାକୁ ଚାହାନ୍ତି ଯେ,ସରକାର ଭାରତୀୟ ବିଦେଶ ସେବାକୁ ଅଣଦେଖା କରନ୍ତି ନାହିଁ। ଏଇ ନିକଟରେ କିଛି ବର୍ଷ ହେବ ଆଇଏଏସ୍ କ୍ଲବ ଦଶନ୍ଧି ଦଶନ୍ଧି ଧରି ଉପଭୋଗ କରୁଥିବା ବିଶିଷ୍ଟତାକୁ ଧୀରେ ଧୀରେ କମାଇବାକୁ ଅନ୍ୟ ସେବାଗୁଡ଼ିକ ଆଗକୁ ବଢ଼ିଛନ୍ତି ଓ ଆଇଏଫ୍ଏସ୍ ଏବେ ତା'ଭାଗ ପାଉଛି। ଦିଲ୍ଲୀରେ ଏକ ସରକାରୀ ଘର ପାଇବା ଓ ତା'ର ଅବସ୍ଥିତି ସମ୍ପର୍କରେ ଯେ କୌଣସି ସରକାରୀ ବାବୁ ତୁମକୁ କହିବେ। କିନ୍ତୁ ଏବେ ଆଇଏଫ୍ଏସ୍ ଘର ପାଇବା ଓ ତା'ର ଅବସ୍ଥିତିକୁ ନେଇ ଏକ କୂଟନୈତିକ ବିଜୟ ହାସଲ କରିଥିବା ଜଣାପଡୁଛି।

### ଅଯଥା ହୋହଲ୍ଲା

କର୍ଣ୍ଣାଟକ କୋଭିଡ୍ ମହାମାରୀ ସଙ୍କଟକୁ ସାମ୍ନା କରୁଥିବା ବେଳେ ଦୁଇ ମହିଳା ଆଇଏଏସ୍ ଅଧିକାରୀ ବିବାଦରେ ଲାଗିପଡ଼ିଛନ୍ତି। ବର୍ତ୍ତମାନର ପରିସ୍ଥିତିରେ ଯେଉଁ ବିବାଦକୁ ସହଜରେ ଟାଳି ଦିଆଯାଇ ପାରିଥାଆନ୍ତା ତାକୁ ନେଇ ହୋହଲ୍ଲା ସୃଷ୍ଟି କରିଛନ୍ତି। ମହୀଶୂର କର୍ପୋରେଶନ କମିଶନର ଶିଳ୍ପା ନାଗ୍ ତାଙ୍କଠୁ ବରିଷ୍ଠ ତଥା ଜିଲାର ଡେପୁଟି କମିଶନର ରୋହିଣୀ ସୁନ୍ଦରୀ ଦସାରିଙ୍କ ବିରୋଧରେ ଅଭିଯୋଗ ଆଣି ଆଇଏଏସ୍‌ରୁ ଇସ୍ତଫା ଦେଇଛନ୍ତି। ମହାମାରୀ ପରିଚାଳନା ପାଇଁ ତାଙ୍କ ଅଭିଯାନରେ ଦସାରି ହସ୍ତକ୍ଷେପ କରିଥିବା ଅଭିଯୋଗ ଆଣିଛନ୍ତି ନାଗ୍। ନାଗ୍‌ଙ୍କ ଇସ୍ତଫା ଗ୍ରହଣ କରାଯାଇ ନାହିଁ କି ଆଗକୁ କରାଯିବ ନାହିଁ ବୋଲି ରାଜ୍ୟ ସରକାର ଜଣାଇ ଦେଇଛନ୍ତି । କିନ୍ତୁ ସୂତ୍ରରୁ ଜଣାପଡିଛି ଯେ, ନାଗ୍ ତାଙ୍କ ସପକ୍ଷରେ ଅନେକଙ୍କୁ ଏକାଠି କରିପାରିଛନ୍ତି। ଏପରି କି ଅନ୍ୟ ସିଟି କର୍ପୋରେଟର୍‌ମାନେ ମଧ୍ୟ ଦସାରିଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରୁଛନ୍ତି। ଏହି ଅଭିଯୋଗକୁ ଦସାରି ଅସ୍ୱୀକାର କରି କହିଛନ୍ତି ଯେ ସେ କେବଳ ତାଙ୍କ ୱାର୍ଡରୁ ପ୍ରାପ୍ତ କୋଭିଡ୍‌ର ବିରୋଧାତ୍ମକ ବା ଅସଙ୍ଗତ ତଥ୍ୟ ସମ୍ପର୍କରେ ସ୍ପଷ୍ଟ କରିବାକୁ ନାଗ୍‌ଙ୍କୁ କହିଥିଲେ। ସହରାଞ୍ଚଳରେ କୋଭିଡ୍ ପରିଚାଳନା ପାଇଁ ସିଏସ୍ଆର୍ ପାଣ୍ଠିକୁ ସୀମିତ ରଖିବା ବଦଳରେ ସାରା ଜିଲା ପାଇଁ ଏହାକୁ ଉପଯୋଗ କରିବାକୁ ଦସାରି ଜୋର ଦେବା ଯୋଗୁ ଦୁଇ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରେ ଏହି ବିବାଦ ଉପୁଜିଛି ବୋଲି ବିଶ୍ୱାସ କରାଯାଉଛି। ଏହି ସମୟରେ ବିବାଦକୁ ଶିଥିଳ କରିବା ପାଇଁ ରାଜ୍ୟ ସରକାର ଦୁଇ ଅଧିକାରୀଙ୍କୁ ବଦଳି କରିଛନ୍ତି। ଦସାରି ଏବେ ହିନ୍ଦୁ ରିଲିଜିୟସ ଆଣ୍ଡ୍ ଚାରିଟେବଲ ଏଣ୍ଡାଓମେଣ୍ଟସ୍‌ର ନୂଆ କମିଶନର ହେବେ ଓ ନାଗ୍‌ଙ୍କୁ ଗ୍ରାମ୍ୟ ବିକାଶ ଓ ପଞ୍ଚାୟତିରାଜ ବିଭାଗରେ ଇ-ଗଭର୍ଣ୍ଣାନସ୍‌ର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। କୁହାଯାଇପାରେ ଯେ,ଏହି ବିବାଦକୁ ଆରମ୍ଭରୁ ରୋକାଯାଇ ସମସ୍ୟାକୁ ସରକାରୀ ସ୍ତରରେ ବିନା ହୋହଲ୍ଲାରେ ସମାଧାନ କରାଯାଇପାରିଥାଆନ୍ତା। କିନ୍ତୁ ତାହା ହୋଇପାରିଲା ନାହିଁ।

Email: dilipcherian@gmail.com

# କଥା ବିକ୍ରି



ଡ. ସୁବାସ ଚନ୍ଦ୍ର ପାତ୍ର

ପରିବର୍ତ୍ତିତ ପରିସ୍ଥିତିରେ ଅନେକ ବସ୍ତୁ ବିକ୍ରି ହେବାକୁ ଲାଗିଲା, ଯାହା ବିକ୍ରିଯୋଗ୍ୟ ବୋଲି ୪୦/୫୦ ବର୍ଷ ପୂର୍ବରୁ କେହି ଚିନ୍ତା କରୁନଥିଲେ। ପାଣି ଓ ପବନ (ବୋତଲ ଅମ୍ଳଜାନ) ଦିନେ ବଜାରରେ ବିକ୍ରି ହେବ, ଏକଥା ଲୋକ ଭାବି ନଥିଲେ । ପାଣି ପବନକୁ ନେଇ ଗଠିତ ରୁଢ଼ି ଯେମିତି 'ଗାଡ଼ି କ'ଣ ପାଣିରେ ଚାଲୁଛି ?' 'ତୁ କ'ଣ ପବନ ଖାଇ ବଞ୍ଚୁଛୁ ?' ଦୈନିକ କଥୋପକଥନରେ ସ୍ଥାନ ପାଇନଥା'ନ୍ତା। ସାଧାରଣରେ ଧାରଣା ଥିଲା ପାଣି ମାଗଣା, ପବନ ଈଶ୍ୱରଙ୍କ ଦାନ । ବୋତଲ ପାଣି ଭାରତରେ ପାଖାପାଖି ୨୫ ବର୍ଷ ଗଣବ୍ୟବହାର ପାଇଁ ଉପଲବ୍ଧ ହୋଇଥିଲାବେଳେ, କେତେବର୍ଷ ହେବ ହଂକଂ ଅନୁସରଣରେ ଭାରତର ପ୍ରମୁଖ ସହରରେ ବୋତଲରେ ଅମ୍ଳଜାନ ବିକ୍ରି ହେଉଛି, ଯାହାର ସେବନ ମଣିଷକୁ କିଛି ସମୟ ପାଇଁ ତାଜା କରି ତୋଳେ। ପାଣି ଓ ପବନ ସିନା ବସ୍ତୁ, କିନ୍ତୁ କଥା ବିକି ଜଣେ କୋଟିପତି ହୋଇପାରିବ ଏକଥା ମଧ୍ୟ ଭାବନାର ବାହାରେ ଥିଲା । ଯେଉଁମାନଙ୍କର ବୃତ୍ତିରେ ଏହା ଅନ୍ତର୍ଗତ,ସେମାନେମଧ୍ୟଏବାବଦରେସନ୍ତୁଷ୍ଟନଥିଲେ।

ମନେପଡ଼େ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପ୍ରଫେସର ସ୍ୱର୍ଗତ ଡ. ବିମ୍ବାଧର ଦାସଙ୍କ କଥା। ଡ. ଦାସଙ୍କର ଅକାଳ ମୃତ୍ୟୁ ପରେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ତାଙ୍କର ସ୍ମୃତିଅର୍ଘ୍ୟରେ ଗୋଟିଏ କଥା ଲେଖିଥିଲେ, ଯାହା ଡାକ୍ତର ଦାସଙ୍କ ନୈତିକତା, ସାଧୁତା ଓ ସମ୍ବେଦନଶୀଳତା ପ୍ରକାଶ କରେ। ଦିନେ ପ୍ରାତଃ ଭ୍ରମଣରେ ଡାକ୍ତର ଦାସ ତାଙ୍କ ବନ୍ଧୁଙ୍କୁ କହିଥିଲେ, ''କେତେଦିନ ଆଉ କଥା ବିକି, ନିଦ ବିକି ଅର୍ଥ ଉପାର୍ଜନ କରିବି ?'' ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ଡାକ୍ତର ଦାସ ଥିଲେ ମାନସିକ ରୋଗ ବିଶେଷଜ୍ଞ ଏବଂ ଏ ପ୍ରକାର ରୋଗୀର ଚିକିତ୍ସାରେ 'କଥା' ଓ 'ନିଦ'ର ବେଶ ଭୂମିକା ରହିଛି । କାଉନ୍‌ସିଲିଂ କ୍ରମରେ ଡାକ୍ତରଙ୍କୁ ଘଣ୍ଟା ଘଣ୍ଟା ରୋଗୀ ସହିତ କଥା କହିବାକୁ ପଡ଼େ ଏବଂ ତାହା ଭିତରେ ସେ ରୋଗର ମୂଳ ପାଖରେ ପହଞ୍ଚିଯା'ନ୍ତି, ଯାହା ତାଙ୍କ ଚିକିତ୍ସା ପଦ୍ଧତିକୁ ସୁଗମ କରାଯାଏ । ଅନ୍ୟାନ୍ୟ ଔଷଧ ମଧ୍ୟରେ ନିଦ ଔଷଧ ମାନସିକ ରୋଗୀ ଚିକିତ୍ସାର ଏକ ପ୍ରମୁଖ ଅସ୍ତ୍ର । ନିଦ ଔଷଧ ଲେଖିବା ଓ ରୋଗୀ ସହ ଦୀର୍ଘ ସମୟ କଥାବାର୍ତ୍ତା ତାଙ୍କ ବୃତ୍ତିର ଅବିଚ୍ଛେଦ୍ୟ ଅଂଗ ହୋଇଥିଲେ ହେଁ ନୈତିକତାର ନିକିତିରେ ସେ ନିଜକୁ ଅସହଜ ମଣିଥିଲେ । ବିଶେଷତଃ ଜଣେ ଆମେରିକୀୟ ଯୁବତୀ ତା'ର ଚିକିତ୍ସା ସମାପ୍ତି ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ତାଙ୍କୁ ଏତେ ଟଙ୍କା ପ୍ରଦାନ କରିଥିଲେ ଯେ, ଯାହା ତାଙ୍କ ବିଷାଦର ହେତୁ ପାଲଟି ଯାଇଥିଲା । ଜଣେ ନୀତିନିଷ୍ଠ ଓ ସମ୍ବେଦନଶୀଳ ହେଲେ ଜଣେ ମଣିଷ ନିଜର ବୈଧ ରୋଜଗାରକୁ ସନ୍ଦେହ ଚକ୍ଷୁରେ ଦେଖିବ ଏହା ଡାକ୍ତର ଦାସଙ୍କ ଜୀବନାନୁଭୂତିରୁ ଅନୁମାନ କରିହୁଏ।

ସମୟ ସହ ମଣିଷର ନୈତିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଘଟିଛି । ଏବେ କଥା ବିକ୍ରିକୁ ନେଇ ମାନସିକ ଦ୍ୱନ୍ଦ୍ୱ ନାହିଁ, ବରଂ ବିଭିନ୍ନ ବାଟରେ କଥା ବିକ୍ରି କରି ରୋଜଗାର କିପରି କରିହେବ ତାହା ହିଁ ଚିନ୍ତା। ଖାଲି ରୋଜଗାର ନୁହେଁ, ଆଜିର ରାଜନୀତି ହିଁ କଥା ବିକ୍ରି ଉପରେ ପ୍ରତିଷ୍ଠିତ । ରାଜନୀତି ସହ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ଉପରେ ନଜର ପକାଯାଉ। ଏବେ କଥା ବିକ୍ରିର ସବୁଠୁ ଉର୍ବର କ୍ଷେତ୍ର ପ୍ରେରଣାଦାୟୀ ବକ୍ତୃତା। ଆଗରୁ ବକ୍ତା ଥିଲେ, ମହାନ୍ ବାଗ୍ମୀ ଥିଲେ। ସେମାନେ ମଧ୍ୟ ସାଧାରଣ ସଭା ସମିତି, ସ୍କୁଲ କଲେଜର ବାର୍ଷିକ ଉତ୍ସବ, ବିଷୟ-କୈନ୍ଦ୍ରିକ ଆଲୋଚନାଚକ୍ରରେ ବକ୍ତୃତା ରଖିବା ସହ ବେଶ କିଛି କଥା ରଖୁଥିଲେ, ଯାହା ଶ୍ରୋତାଙ୍କୁ ଅନୁପ୍ରାଣିତ କରୁଥିଲା ଆନନ୍ଦ ଓ ଆଲୋକର ପଥରେ ଯାତ୍ରୀ ହେବା ପାଇଁ। ସେ ସବୁ ବକ୍ତୃତାରେ ବିଷୟବସ୍ତୁ ଥିଲା, ଭାରତୀୟ ପୁରାଣର ପ୍ରଲେପ ଥିଲା, ସାଂସ୍କୃତିକ ଛାପ ଥିଲା, ଭାରତୀୟତାର ବାସ୍ନା ଥିଲା। ଏବର ତଥାକଥିତ ପ୍ରେରଣାଦାୟୀ ବକ୍ତୃତା (ମୋଟିଭେଶନାଲ ସ୍ପିଚ୍)ରେ କେବଳ ସଫଳତାର ଆହରଣ, ସୁଖ ଆହରଣ, ଅର୍ଥ ଆହରଣର କଥା କୁହାଯାଉଛି ଏବଂ ବକ୍ତବ୍ୟକୁ ଶ୍ରେଣୀକକ୍ଷକୁ ସୁହାଇଲା ଭଳି ସୂଚନା ପ୍ରଯୁକ୍ତି ବିଦ୍ୟାର ପୁଟଦେଇ ବେଶ୍ ଆକର୍ଷଣୀୟ କରାଯାଉଛି, ଯାହା ଯୁବପିଢ଼ିକୁ ବେଶ୍ ଛୁଉଁଥିଲା ବେଳେ ଅପେକ୍ଷାକୃତ ବୟସ୍କ ଲୋକମାନେ ଏହାର ଚମକରେ ଝଲସି ଯାଉଛନ୍ତି । ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଚଳନ। କେତେବେଳେ ସୈନ୍ୟ ବାହିନୀକୁ, କେତେବେଳେ ଖେଳାଳିମାନଙ୍କୁ, କେତେବେଳେ ବିଦ୍ୟାର୍ଥୀମାନଙ୍କୁ ତ କେତେବେଳେ ବିଧାୟକମାନଙ୍କୁ ଏହି ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରି ସଫଳତାର ରାସ୍ତା ବତେଇ ଦିଆଯାଏ, ଭାଙ୍ଗି ଯାଇଥିବା ମନୋବଳକୁ ପୁଣି ମରାମତି କରିଦିଆଯାଏ । ହୁଏତ ସାମୟିକ ଭାବରେ ଏହା ଫଳପ୍ରଦ ହୋଇପାରେ, କିନ୍ତୁ ମଣିଷକୁ ଏହା ଯେ ଏକ ବିକଶିତ ଚେତନାର ଅଧିକାରୀ କରେଇବ ଏହା ଦୃଢ଼ତାର ସହ କହି ହେବ ନାହିଁ; ଯେହେତୁ ଏହା ଏକ ଅଭିନବ ବୃତ୍ତି ଏବଂ ଯେଉଁମାନେ ଏହାକୁ ପେସା କରି ବିପୁଳ ଅର୍ଥ ରୋଜଗାର କରୁଛନ୍ତି, ସେମାନେ ସେମାନଙ୍କ ବକ୍ତବ୍ୟ କେତେ ପାଳନ୍ତି ତାହାକୁ ନେଇ ସର୍ବସାଧାରଣରେ ସନ୍ଦେହ ଥାଏ।

ବିଜ୍ଞାପନ ମଧ୍ୟ ସେମିତି ଏକ କ୍ଷେତ୍ର, ଯେଉଁଠି ଭାରି ଚତୁରତାର ସହ ଦୁଇପଦ ମନଲୋଭା କଥା କହି ସାମଗ୍ରୀଟିର ଉପଯୋଗିତା ସାବ୍ୟସ୍ତ କରିବା ସହ ବସ୍ତୁଟିର ଅନୁପସ୍ଥିତିଜନିତ ଏକ ଅଭାବବୋଧ ଗ୍ରାହକଙ୍କ ମନରେ ସୃଷ୍ଟି କରାଯାଏ। ନିର୍ମାତାମାନଙ୍କ ସାମଗ୍ରୀ ବିକ୍ରିହୁଏ ଏବଂ ତାହାରି ମାର୍ଫତ୍‌ରେ ବିକ୍ରି ହୋଇଯାଏ ପ୍ରଚ୍ଛଦପଟର ବିଜ୍ଞାପନ ପ୍ରସ୍ତୁତକାରୀଙ୍କ କିଛି କଥା, କିଛି ଶବ୍ଦ ; ଯାହା ଗ୍ରାହକଙ୍କୁ ଏକ ପ୍ରକାର ଦାରିଦ୍ର୍ୟବୋଧରେ ଛଟପଟ କରାଏ । ଏଠି ନୀତି, ନୈତିକତା ଏକ ଆପେକ୍ଷିକ ବିଚାରର କଥା । କିନ୍ତୁ ଶିକ୍ଷକତା ଭଳି ଏକ ମହାନ୍ ବୃତ୍ତିରେ, ଆନୁଷ୍ଠାନିକ ନିଯୁକ୍ତିରେ ବହାଲ ଥିବା ଶିକ୍ଷକଟିଏ ଯେତେବେଳେ ତାଙ୍କର କଥା, ତାଙ୍କର ଶିକ୍ଷା, ତାଙ୍କର ଜ୍ଞାନର କିଛି ଅଂଶକୁ ଶ୍ରେଣୀକକ୍ଷରୁ ଘରୋଇ ପରିବେଷଣ ପାଇଁ ଲୁଚେଇ ରଖନ୍ତି, ସେତେବେଳେ ପରିସ୍ଥିତି ବେଦନାଦାୟକ ହୋଇପଡ଼େ । ଯେଉଁମାନେ ଜ୍ଞାନ ବିକ୍ରି ପାଇଁ ଜ୍ଞାନ ଦୋକାନ ଖୋଲି ପେଟ ପୋଷୁଛନ୍ତି, ସେମାନଙ୍କ କଥା ଅଲଗା। କିନ୍ତୁ ଇଚ୍ଛାକୃତ ଭାବରେ ଅଧା କଥା କହି ବାକି ଅଧିକ ଭିନ୍ନ ପରିବେଶରେ ଅର୍ଥ ବିନିମୟରେ ପରିବେଷଣ କରିବାକୁ ସଂରକ୍ଷିତ ରଖିବା କେବେବି କ୍ଷମଣୀୟ ବା ଗ୍ରହଣୀୟ ନୁହେଁ। ଭିନ୍ନ ରୂପରେ କଥା ବିକ୍ରି କରି ଯେଉଁମାନେ କ୍ୟାରିୟର ଗଢ଼ିବାକୁ ଚାହାନ୍ତି, ସେମାନେ ରାଜନେତାମାନଙ୍କୁ ଅନୁସରଣ କରିବା ଉଚିତ। ଏମାନେ ଶିକ୍ଷିତ ପେସାଦାର ପ୍ରେରଣାଦାୟୀ ବକ୍ତାଙ୍କୁ ଅବାନ୍ତର କରି ତୋଳନ୍ତି । ଜନତା, ଭୋଟଦାତା ଖୁସି ହେଲା ଭଳି ଯାବତୀୟ ସକାରାତ୍ମକ କଥା କହି, ପ୍ରତିଶ୍ରୁତିର ପାହାଡ଼ ଛିଡ଼ା କରାଇ ଲୋକଙ୍କ ମନ ଜିଣନ୍ତି, ଏକ ଅପେକ୍ଷମାଣ ରାମରାଜ୍ୟର ସ୍ୱପ୍ନ ଦେଖାନ୍ତି। ଆକ୍ଷରିକ ଅର୍ଥରେ ଅର୍ଥ କାରବାର ହେଉ ବା ନ ହେଉ, ଏଠିବି କିଣାବିକା ଚାଲେ- ଭୋଟ ବିକି ଲୋକେ ମିଛ ପ୍ରତିଶ୍ରୁତି ହିଁ କିଣନ୍ତି। ମନରୋଗ ବିଶେଷଜ୍ଞ ହୋଇ ମଧ୍ୟ ଡାକ୍ତର ବିମ୍ବାଧର ଦାସଙ୍କୁ ମାଡ଼ି ପଡ଼ିଥିଲା ସେ ତୁଚ୍ଛା କଥା ବିକି କିପରି ରୋଗୀଠୁ ପଇସା ନେବେ। ଏବେ ସେମିତି କାହାକୁ କିଛି ମାଡ଼ି ପଡୁନି। ଏବେ ମାଡ଼ି ପଡ଼ିବା ଏକ ପୌରାଣିକ ଗୁଣରେ ପରିଣତ ହେଲାଣି।

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ଼, ବାଲେଶ୍ୱର,
ମୋ: ୯୪୩୭୩୭୬୨୧୯

# ଶିକ୍ଷକ ପ୍ରଶିକ୍ଷଣରେ ପରିବର୍ତ୍ତନ ଲୋଡ଼ା



ଡ. ପ୍ରମୋଦ କୁମାର ପଣ୍ଡା

ସଭ୍ୟତାର ଅଭ୍ୟୁଦୟରେ ଶିକ୍ଷା ଏକ ପ୍ରଗତିଶୀଳ ଗାଡ଼ିର ଭୂମିକା ଗ୍ରହଣ କରିଥାଏ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି ବିଦ୍ୟୟା ଅମୃତମ ଅଶ୍ନୁତେ। ଅର୍ଥାତ୍ ବିଦ୍ୟା ଦ୍ୱାରା ଅମୃତ ପ୍ରାପ୍ତି କରାଯାଇପାରିବ। ବିଭିନ୍ନ ଯୁଗରେ ମନୀଷୀଗଣଙ୍କ ଦ୍ୱାରା ଏହି ବିଦ୍ୟାର ସଂଜ୍ଞା ନିରୂପଣ କରାଯାଇଛି। ତନ୍ମଧ୍ୟରୁ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ସଂଜ୍ଞା ସର୍ବୋତ୍କୃଷ୍ଟ ବୋଲି ସମାଜ ବିବେଚନା କରେ। ସେ କହିଥିଲେ- ଶିକ୍ଷା ତାହା ଅଟେ, ଯାହାଦ୍ୱାରା ବ୍ୟକ୍ତିର ଚରିତ୍ର ନିର୍ମାଣ ହୁଏ, ମନର ଦକ୍ଷତାର ବିକାଶ ହୁଏ, ମେଧା ଶକ୍ତିର ବୃଦ୍ଧି ଘଟେ ଓ ବ୍ୟକ୍ତି ନିଜ ଗୋଡ଼ରେ (ଅର୍ଥାତ୍ ଆତ୍ମନିର୍ଭରଶୀଳ ହୋଇଥାଏ) ଠିଆ ହେବାର ସୌଭାଗ୍ୟ ଲାଭ କରେ। ଉତ୍ତମ ଓ ବାସ୍ତବ ଶିକ୍ଷା ସର୍ବଦା ସମାଜକୁ ଆଗକୁ ନେବାରେ ସହାୟକ ହୋଇଥାଏ। ତେଣୁ ଆମ ସମାଜକୁ ସେ ଶିକ୍ଷା ଦେବାର ସମୟ ଆସି ପହଞ୍ଚି ଯାଇଛି। ଶିକ୍ଷାର ଆଉ ଗୋଟିଏ ଦିଗ ହେଉଛି ଏହା ସ୍ଥିର ନୁହେଁ, ଏହା ସର୍ବଦା ଚଳମାନ। ଅର୍ଥାତ୍ ସଭ୍ୟତାର ବିଭିନ୍ନ ସୋପାନରେ ପ୍ରାଦ୍ୟୋଗିକ ସ୍ତର ଅନୁସାରେ ଶିକ୍ଷାର ପ୍ରକାର ଓ ସ୍ୱରୂପ ନିର୍ଣ୍ଣୟ ହେବା ବାଞ୍ଛନୀୟ। ଏହି ଶିକ୍ଷା ସାଧାରଣତଃ ଶିକ୍ଷକ ମାନଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଇଥାଏ। ତେଣୁ ପ୍ରଥମେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ଦେଇ ସେମାନଙ୍କର ଦକ୍ଷତା ବୃଦ୍ଧି କରାଯାଏ। ସେଥିପାଇଁ ଆମ ରାଜ୍ୟରେ ଦୁଇ ପ୍ରକାର ଶିକ୍ଷକ ତାଲିମର ବ୍ୟବସ୍ଥା ଅଛି। ପ୍ରାଥମିକ ସ୍ତରରେ ସିଟି ଓ ମାଧ୍ୟମିକ ସ୍ତରରେ ବିଇଡି। ଏହି ଦୁଇ ପ୍ରକାର ଶିକ୍ଷା ତାଲିମ ବ୍ୟବସ୍ଥା ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଆରମ୍ଭ କରାଯାଇଥିଲା। ତେଣୁ ସେ ସମୟରେ ଶିକ୍ଷା ଏବଂ ଶିକ୍ଷକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଏହା ପ୍ରସ୍ତୁତ ହୋଇଥିଲା। ସେଥିରେ ବିଭିନ୍ନ ବିଷୟରେ ଦକ୍ଷତା ଅର୍ଜନ ଓ ଶିକ୍ଷାଦାନ କୌଶଳ ହାସଲ ଉପରେ ମୁଖ୍ୟତଃ ଗୁରୁତ୍ୱ ଦିଆଯାଉଥିଲା । କେଉଁ କୌଶଳରେ ଶିକ୍ଷା ଦେଲେ ଛାତ୍ରୀଛାତ୍ର ଭଲଭାବେ ବୁଝିପାରିବେ ସେ ସବୁ ଉପରେ ବିଶେଷ ଧ୍ୟାନ ଦିଆଯାଉଥିଲା। ସେଥିପାଇଁ ଲେଶନ ପ୍ଲାନ ଓ ପ୍ରାକ୍ଟିକାଲ ଟିଚିଂ ଉପରେ ବେଶି ଗୁରୁତ୍ୱ ଦିଆଯାଉଥିଲା। ମାତ୍ର ବର୍ତ୍ତମାନ ସମୟ ବଦଳି ଯାଇଛି। ତା' ଛଡ଼ା ପ୍ରାଦ୍ୟୋଗିକ ସ୍ତରରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ତା' ସହିତ ସମାଜ ସମୃଦ୍ଧିରେ ବିଭିନ୍ନ ପ୍ରକାର ଚାଲେଞ୍ଜ ମୁଣ୍ଡ ଟେକି ଉଭା ହୋଇଛି। ନୂଆ ନୂଆ ସମସ୍ୟା ଦେଖାଦେଇଛି। ସୂଚନା ପ୍ରୋଦ୍ୟୋଗିକୀରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ସମାଜରେ ନୈତିକ ମୂଲ୍ୟବୋଧର ଅଧଃପତନ ଘଟିଛି। ତେଣୁ ଆମର ସିଟି ଓ ବିଇଡି ତାଲିମ ଖସଡ଼ାରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ଦେଖାଦେଇଛି। କାରଣ ଜଣେ ଶିକ୍ଷକ ନୂତନ ବ୍ୟବସ୍ଥା ପାଇଁ କୁଶଳୀ ଓ ଦକ୍ଷ ସାବ୍ୟସ୍ତ ହେଲେ ନୂତନ ପିଢିକୁ କୁଶଳୀ ଓ ଦକ୍ଷ କରି ଗଢ଼ି ତୋଳିପାରିବ। ସମାଜରେ ମୁଣ୍ଡ ଟେକିଥିବା ଚ୍ୟାଲେଞ୍ଜଗୁଡ଼ିକ ମଧ୍ୟରେ ଲିଙ୍ଗଗତ ପାର୍ଥକ୍ୟ, ବୌଦ୍ଧିକ ସମ୍ପଦ ଅଧିକାର, ସୂଚନା ବିପ୍ଳବ, ସାଇବର ଅପରାଧ, ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ସୁସ୍ଥ ଓ ପରିଷ୍କାର ପରିବେଶ, ଜଳ ଓ ଶକ୍ତି ସଞ୍ଚୟ, ଜୈବ ବିବିଧତା ସଂରକ୍ଷଣ, ଜୈବିକ କୃଷି, ଧାରଣକ୍ଷମ ବିକାଶ, ଅପମିଶ୍ରିତ ଖାଦ୍ୟ, ସ୍ୱାସ୍ଥ୍ୟଗତ ସମସ୍ୟା ଯଥା ମୋଟାପା ଓ ମଧୁମେହ, ବୃଦ୍ଧାବସ୍ଥା ସମସ୍ୟା, ଘରୋଇ ହିଂସା, ଅର୍ଥନୈତିକ ପରିଚାଳନା, ଚାକିରିର ସ୍ୱରୂପ ପରିବର୍ତ୍ତନ, ଜାତୀୟତା ବୋଧ, ଚରିତ୍ର ନିର୍ମାଣ, ସଚେତନତା ଓ ସମୟାନୁବର୍ତ୍ତିତାର ଉଦ୍ରେକ, ଛାତ୍ରୀଛାତ୍ରଙ୍କଠାରେ ବହୁ ଭାଷାରେ ପଢ଼ା, ଲେଖା ଓ କଥନ ଦକ୍ଷତା ନିର୍ମାଣ, ପାଠ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ର ଯଥା ନାଚ, ସଙ୍ଗୀତ, ଚିତ୍ର, ବକ୍ତୃତା କ୍ଷେତ୍ରରେ ଦକ୍ଷତା ଅର୍ଜନ ଆଦି ବିଭିନ୍ନ ସମସ୍ୟା ମୁଣ୍ଡ ଟେକି ଆମ ସାମ୍‌ନାରେ ଉଭା ହୋଇଛି। ଆମର ଶିକ୍ଷୟିତ୍ରୀ ଶିକ୍ଷକ ଉପରୋକ୍ତ ବିଷୟରେ ଦକ୍ଷ ହେବା ଆବଶ୍ୟକ।

ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆସନ୍ତାକାଲିର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ହେବାକୁ ପଡ଼ିବ। ସେମାନଙ୍କୁ ଛାତ୍ର, ଅଭିଭାବକ, ଅନ୍ୟ ଶିକ୍ଷକ, ଜନ ପ୍ରତିନିଧି ଓ ସରକାରଙ୍କ ସହିତ ମିଶି କାର୍ଯ୍ୟ କରିବାକୁ ପଡ଼ିବ। ତେଣୁ ସେମାନଙ୍କର ପରିଚାଳନା ସମ୍ବନ୍ଧୀୟ ଜ୍ଞାନ କୌଶଳର ଆବଶ୍ୟକତା ମଧ୍ୟ ଅଛି। ସମାଜର ଜଟିଳତା ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିବାର କଳା ମଧ୍ୟ ନୂତନ ପିଢ଼ିଙ୍କୁ ଶିଖାଇବାକୁ ପଡ଼ିବ। ଶିକ୍ଷକମାନଙ୍କୁ ଏପରି ଛାତ୍ର ତିଆରି କରିବାକୁ ପଡ଼ିବ; ଯଦ୍ଦ୍ୱାରା ସେମାନେ ଆସନ୍ତାକାଲି ରାଜ୍ୟ, ଦେଶ ଓ ବିଶ୍ୱର ନେତୃତ୍ୱ ଠିକ୍ ଭାବେ ନେଇପାରିବେ । ଉପଯୁକ୍ତ ଶିକ୍ଷକ ପ୍ରଶିକ୍ଷଣ ମାଧ୍ୟମରେ ଆମକୁ ଆମ ଶିକ୍ଷକ ସମାଜର ଦକ୍ଷତା ବୃଦ୍ଧି କରିବାକୁ ପଡ଼ିବ। ତେଣୁ ସିଟି ବିଇଡି ଶିକ୍ଷକ ତାଲିମ ଖସଡ଼ାରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ପଡ଼ିବ।

ଅତୀତରେ ଆମ ମାଟିଘର ସ୍କୁଲ (ବିନା ପାଇଖାନା, ଆଲୁଅ, ପରୀକ୍ଷାଗାର, ପିଇବା ପାଣି ଇତ୍ୟାଦି ଇତ୍ୟାଦି) ସମଗ୍ର ଦେଶ ଓ ରାଜ୍ୟରେ ପ୍ରଥମ ହେବା ପାଇଁ ଦକ୍ଷ ଓ କର୍ମଠ ଛାତ୍ରୀଛାତ୍ର ତିଆରି କରିବାରେ ସକ୍ଷମ ହୋଇଥିଲା। ବର୍ତ୍ତମାନ ସ୍କୁଲ ଘର ପକ୍କା ହୋଇଯାଇଛି, ବିଜୁଳି ଆଲୁଅ, ପାଇଖାନା, ଗବେଷଣାଗାର, ପିଇବା ପାଣି ଇତ୍ୟାଦି ସବୁକିଛି ଅଛି। ମାତ୍ର ସେ ସ୍କୁଲ ଆଜି ଆଦର୍ଶ ଛାତ୍ର ତିଆରି କରିପାରୁନାହିଁ ରାଜ୍ୟ ଓ ଦେଶକୁ ନେତୃତ୍ୱ ଦେବା ପାଇଁ। କାରଣ ଦକ୍ଷ ଶିକ୍ଷକ ନାହାନ୍ତି ଓ ଉତ୍ତମ ଶିକ୍ଷାଦାନ ବି ନାହିଁ। ପ୍ରତିବର୍ଷ ଉତ୍ତମ ଛାତ୍ରୀଛାତ୍ରଙ୍କୁ ଶିକ୍ଷକ ପଦରେ ନିଯୁକ୍ତି ଦେଇ, ଉପଯୁକ୍ତ ଶିକ୍ଷକ ତାଲିମ ଦ୍ୱାରା ସେମାନଙ୍କ ଦକ୍ଷତା ଓ କୁଶଳତା ବୃଦ୍ଧି କଲେ ଯାଇ ଶିକ୍ଷାଦାନର ଗୁଣବତ୍ତା ବୃଦ୍ଧି ହେବ ଓ ଉତ୍ତମ ଛାତ୍ରୀଛାତ୍ର ସୃଷ୍ଟି ହେବେ ; ଯଦ୍ଦ୍ୱାରା ଏକ ଆଦର୍ଶ ସମାଜର ପରିକଳ୍ପନା ବାସ୍ତବତାରେ ରୂପାନ୍ତରିତ ହୋଇପାରିବ। ମୁଁ କହୁ ନାହିଁ ଯେ, ପୁରୁଣା ତାଲିମ ଖସଡ଼ାରେ ଯାହା ସବୁ ଅଛି, ସେ ସବୁଗୁଡ଼ିକର ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ। ପୁରୁଣା ତାଲିମ ଖସଡ଼ାରୁ ଅନାବଶ୍ୟକ ଅଂଶ ବାଦ ଦେଇ କିମ୍ବା ତା' ସହିତ ଉପରୋକ୍ତ ବର୍ଣ୍ଣିତ ନୂତନ ବିଷୟକୁ ସ୍ଥାନିତ କରି, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଦକ୍ଷତା ବିକାଶ କଲେ, ସେମାନେ ଛାତ୍ରୀଛାତ୍ରମାନଙ୍କର ଜ୍ଞାନର ପରିସୀମାକୁ ବୃଦ୍ଧି କରିବାରେ ସହାୟକ ହେବେ। ଫଳରେ ଆମ ରାଜ୍ୟର ଛାତ୍ରୀଛାତ୍ର ରାଷ୍ଟ୍ରୀୟ ସ୍ତରରେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରିବାରେ ସକ୍ଷମ ହେବେ।

ଆମର କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ପାଇଁ ଅଧ୍ୟାପକ ଚୟନ ପରେ ସେମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରି ପୋଷ୍ଟିଂ କଲେ ପାଠପଢ଼ା ନିଶ୍ଚିତ ଭଲ ହେବ ଓ ନିଶ୍ଚିତ ରୂପେ ସେମାନଙ୍କର ଉତ୍ପାଦକତା ବୃଦ୍ଧି ପାଇବ। ତା' ଛଡା ଯେଉଁମାନେ ବିଭାଗ ଅଧକ୍ଷ୍ୟ କିମ୍ବା କଲେଜ ଅଧକ୍ଷ୍ୟ ହେଉଛନ୍ତି, ସେମାନଙ୍କୁ ପରିଚାଳନାଗତ ପ୍ରଶିକ୍ଷଣ ବିନା ପଦାଭିଷେକ କରିବା ଉଚିତ ନୁହେଁ। କାରଣ ଏହା ଦ୍ୱାରା ବିଭିନ୍ନ ଅନୁଷ୍ଠାନରେ ପରିଚାଳନା ଗତ ତ୍ରୁଟି ପରିଲକ୍ଷିତ ହୋଇଥାଏ ଓ ଅନୁଷ୍ଠାନଗୁଡ଼ିକ ସମୟୋପଯୋଗୀ ହୋଇ ଅଗ୍ରସର ହୋଇପାରନ୍ତି ନାହିଁ। ତେଣୁ ଓଡ଼ିଶାରେ ଆମେ ବିଶ୍ୱସ୍ତରୀୟ ଅନୁଷ୍ଠାନ ଗଢ଼ିବାରେ ସକ୍ଷମ ହେଉ ନାହାନ୍ତି।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
(ଭାରତ ସରକାର), ଭୁବନେଶ୍ୱର
ମୋ-୮୯୧୭୪୨୬୪୪୦

## ଏଇ ଭାରତରେ

କୋଭିଡ୍ ମହାମାରୀ ପରିଚାଳନାରେ ସରପଞ୍ଚମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି। କିନ୍ତୁ ମହାରାଷ୍ଟ୍ର ସୋଲାପୁର ଜିଲାର ଅଟ୍ରୋଲି ଏବଂ ଘଟନେ ପଞ୍ଚାୟତର ଦୁଇ ଯୁବ ସରପଞ୍ଚଙ୍କ ମହାମାରୀ ବିରୋଧୀ ଲଢ଼େଇ ଏବେ ଉଦାହରଣ ସୃଷ୍ଟି କରିଛି। ଅଟ୍ରୋଲିର ସରପଞ୍ଚ କୋମଲ କାର୍ପେ ଏବଂ ଘଟନେର ସରପଞ୍ଚ ଋତୁରାଜ ଦେଶମୁଖ, ଉଭୟଙ୍କ ବୟସ ୨୧। ଦୁହେଁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ପ୍ରଥମ ଲହରରେ ଦୁଇ ପଞ୍ଚାୟତର କ୍ଷତି ହୋଇଥିବାବେଳେ ଦ୍ୱିତୀୟ ଲହରରେ ଏମାନେ ଏହାକୁ ସମ୍ପୂର୍ଣ୍ଣ କରୋନା ମୁକ୍ତ କରିପାରିଛନ୍ତି। ଦୁହେଁ ଚଳିତ ବର୍ଷ ଫେବୃଆରୀରେ ପଞ୍ଚାୟତ ଦାୟିତ୍ୱ ନେଇଥିଲେ। ସରପଞ୍ଚ ଭାବେ ଦାୟିତ୍ୱ ନେବା ପରେ ସେମାନେ ଯେଭଳି କରୋନାର ଦ୍ୱିତୀୟ ଲହରକୁ ମୁକାବିଲା କରିଛନ୍ତି ତାକୁ ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଋତୁରାଜ ତାଙ୍କ ପଞ୍ଚାୟତରେ ପୋଲିସ ସହାୟତାରେ କୋଭିଡ୍ ନିୟମ ଉଲ୍ଲଂଘନ କଲେ ୨୦୦ଟଙ୍କା ଜରିମାନା ଲାଗୁ କରିଛନ୍ତି। ପଞ୍ଚାୟତରେ ସମସ୍ତଙ୍କର କୋଭିଡ୍ ପରୀକ୍ଷା କରିବା ସହ ପ୍ରତିଦିନ ଅକ୍ସିଜେନ ସ୍ତର ମାପ କରିବାର ବ୍ୟବସ୍ଥା କରିଛନ୍ତି। କୋମଲ କାର୍ପେ ମଧ୍ୟ ତାଙ୍କ ପଞ୍ଚାୟତର ପାଖାପାଖି ୩ ହଜାର ଲୋକଙ୍କୁ ସୁରକ୍ଷିତ ରଖିପାରିଛନ୍ତି। ପଞ୍ଚାୟତର ସବୁ ଗ୍ରାମ କମିଟିର ସହଯୋଗରେ ଏହା ସମ୍ଭବ ହୋଇପାରିଛି। ତେବେ ଦୁଇ ସରପଞ୍ଚ ଏବେ ତୃତୀୟ ଲହରକୁ ମୁକାବିଲା କରିବା ଲାଗି ସବୁକିଛି ଯୋଗାଡ଼ରେ ଲାଗିପଡ଼ିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁନ୍ ୧୯୯୬

- ଖାଦ୍ୟାଭାବଜନିତ କଷ୍ଟରୁ ମୁକ୍ତି ଦେବା ପାଇଁ ଜାପାନ ସରକାର ଉତ୍ତର କୋରିଆକୁ ଛଅ ନିୟୁତ ଡଲାର ମୂଲ୍ୟର ଖାଦ୍ୟ ସାମଗ୍ରୀ ସାହାଯ୍ୟ ଦେବାକୁ ନିଷ୍ପତ୍ତି ନେଇଛି।
- ଆଠ ବର୍ଷ ଧରି ଚାଲିଥିବା ଇରାକ-ଇରାନ ଯୁଦ୍ଧ ସମୟରେ ଆମେରିକା ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଇରାନ ସରକାର ତିନିଜଣ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି।
- ଆଡଭୋକେଟ ବିଜୟନଙ୍କୁ ଆକ୍ରମଣ ଘଟଣାରେ ତାମିଲନାଡୁର ପୂର୍ବତନ ମନ୍ତ୍ରୀ ଏସ୍.ଜି. ସୋମସୁନ୍ଦରମ୍ ସିବିଆଇ ଦ୍ୱାରା ଗିରଫ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | 6 | 1 | | 9 |
| | 9 | | 1 | | | | | |
| | 7 | 4 | | | | | 3 | |
| | 4 | 6 | | 5 | | 3 | | |
| 9 | | | 8 | | | | | |
| | | | 7 | | | 8 | | 2 |
| | | | | | 8 | | | |
| | | 5 | | 4 | | 2 | | |
| | | | 6 | | | 7 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 7 | 3 | 1 | 2 | 5 | 9 | 4 |
| 4 | 9 | 2 | 7 | 8 | 5 | 3 | 6 | 1 |
| 3 | 1 | 5 | 4 | 6 | 9 | 7 | 2 | 8 |
| 5 | 8 | 9 | 2 | 4 | 1 | 6 | 3 | 7 |
| 7 | 4 | 1 | 6 | 5 | 3 | 2 | 8 | 9 |
| 6 | 2 | 3 | 9 | 7 | 8 | 4 | 1 | 5 |
| 1 | 7 | 4 | 8 | 3 | 6 | 9 | 5 | 2 |
| 2 | 5 | 6 | 1 | 9 | 7 | 8 | 4 | 3 |
| 9 | 3 | 8 | 5 | 2 | 4 | 1 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୃତଦେହ ଭସାଇବା ଅମାନବୀୟ କାର୍ଯ୍ୟ

ମହାଶୟ,

ସ୍ୱାଧୀନ ଭାରତ ବର୍ଷରେ କୋଭିଡ୍ ମହାମାରୀ ପ୍ରଳୟଙ୍କରୀ ପ୍ରଭାବରେ ଲୋକମାନେ ଯେପରି ଶହ ଶହ ସଂଖ୍ୟାରେ ମରୁଛନ୍ତି ଏହା ଅବିସ୍ମରଣୀୟ ଯନ୍ତ୍ରଣା ହୋଇ ରହିବ। ଏହାର କରୁଣ ଦୃଶ୍ୟ ଦେଖିବାକୁ ମିଳୁଛି ଶ୍ମଶାନ ଘାଟରେ ଏବଂ ଗଙ୍ଗା ନଦୀରେ। ଖବରକାଗଜରେ ଦେଖି ମନ ମୋର ବିଚଳିତ ହୋଇଉଠିଲା। ଏହି ବିଶାଳ ନଦୀ ଗଙ୍ଗା ୧୧୪୫ କି.ମି. ପର୍ଯ୍ୟନ୍ତ ପ୍ରବାହିତ। ଏହି ନଦୀ କୂଳରେ ଥିବା ବାଲି ତଳୁ ଦୁଇ ହଜାର ଲୋକଙ୍କ ମୃତଦେହ ଉଦ୍ଧାର ହେଲାଣି। କେବଳ କାନପୁରର ଶେରେଶ୍ୱର ଘାଟ ନିକଟରୁ ୪ ଶହ ମୃତ ଦେହ ଉଦ୍ଧାର କରାଯାଇଛି। ଏସବୁ ମୃତ ଦେହ ନିଶ୍ଚିତ ଭାବେ କୋଭିଡ୍ ରୋଗୀଙ୍କର ମୃତଦେହ। ଯେଉଁମାନେ ନଦୀରେ ଏହାକୁ ଭସାଇ ଦେଇଛନ୍ତି ଏବଂ ବାଲିରେ ପୋତି ଦେଉଛନ୍ତି ସେମାନେ ସମଗ୍ର ଦେଶବାସୀଙ୍କୁ ଜଘନ୍ୟ ବିପଦରେ ପକାଉନାହାନ୍ତି କି। ଏହା ଏକ ଅମାନବୀୟ କାର୍ଯ୍ୟ। ଏହାଦ୍ୱାରା ଉତ୍ତରପ୍ରଦେଶର ସରକାର ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ଏହି କାର୍ଯ୍ୟ ଯେଉଁମାନେ କରୁଛନ୍ତି ସେମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବା ଉଚିତ।

—ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ହରିଣପାର୍କ ସ୍ଥାନାନ୍ତର ନ ହେଉ

କଟକ ସହର ତୁଳସୀପୁରଠାରେ ହରିଣପାର୍କ ରହିଛି। ୧୯୮୫ ମସିହାରୁ ଏହା ସେଠାରେ ରହିଛି। ନନ୍ଦନକାନନ ଚିଡ଼ିଆଖାନାରୁ ମାତ୍ର ୬ଟି ହରିଣ ଅଣାଯାଇଥିଲା। ଏବେ ଦୁଇ ଶହରୁ ଅଧିକ ହେଲେଣି। ରାସ୍ତା ପାର୍ଶ୍ୱରେ ତଥା ମହାନଦୀ କୂଳରେ ଅବସ୍ଥିତ ଏହି ପାର୍କ ଲୋକଙ୍କ ମନରେ ଆନନ୍ଦ ଭରିଦେଉଛି। ଅନ୍ୟତ୍ର ସ୍ଥାନାନ୍ତର ହେଲେ ସହରବାସୀ ତଥା ପର୍ଯ୍ୟଟକଙ୍କ ପାଇଁ ଏହା ସ୍ୱପ୍ନ ହୋଇଯିବ। ଏଥିପ୍ରତି ପୁନର୍ବିଚାର କରାଯାଉ।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

## ଚିରନ୍ତନୀ

ଧ୍ୱଂସର ଡାକ ଭାସି ଆସେ ଦଶ ଦିଶୁଁ
ରଣଭେରୀ ତୋର ସେ ଭୀମ ଶବଦେ ମିଶୁ
ମରଣ ତୋହର ମୁକତିରେ ବୀର ଶିଶୁ!
ତିନି କାଳ ତୋର ଜୀବନର ଅନୁଯାୟୀ
ପଥ କାହିଁ? ପଥ କାହିଁ?

-(ପଥ କାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଲକ୍ଷେ କୋଟି ଦୁର୍ନୀତି ମାମଲା ପାର୍ଥସାରଥି ଗିରଫ**

ଏକ ଲକ୍ଷ କୋଟି ଟଙ୍କା ଦୁର୍ନୀତି ମାମଲାରେ ଆଇଏଲ୍ ଆଣ୍ଡ ଏଫ୍ଏସ୍ ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷ ରବି ପାର୍ଥସାରଥୀଙ୍କୁ ଚେନ୍ନାଇ ପୋଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶୁକ୍ରବାର ଗିରଫ କରିଛି। ୨୦୧୮ରେ ଏହି ଦୁର୍ନୀତି ଯୋଗୁ ଆର୍ଥିକ ସେବା ବଜାରରେ ନଗଦ ସଙ୍କଟ ଦେଖାଦେଇଥିଲା। ପାର୍ଥସାରଥୀଙ୍କୁ ୧୫ ଦିନ ପାଇଁ ପୋଲିସ ହାଜତକୁ ପଠାଯାଇଥିବାବେଳେ ସୋମବାର ତାଙ୍କ ଜାମିନ ଆବେଦନର ଶୁଣାଣି ହେବ ବୋଲି ଇଓଡବ୍ଲ୍ୟୁ ଡିଏସ୍‌ପି ପ୍ରକାଶ ବାବୁ କହିଛନ୍ତି। ୧ ଲକ୍ଷ କୋଟି ଟଙ୍କା ଆଇଏଲ୍ ଆଣ୍ଡ ଏଫ୍ଏସ୍ ଦୁର୍ନୀତିର କିଙ୍ଗପିନ୍ ତଥା ମାଷ୍ଟରମାଇଣ୍ଡ ଥିଲେ ପାର୍ଥସାରଥୀ। ୨୦୦ କୋଟି ଟଙ୍କା ହରାଇଥିବା ୬୩ ମୁନ୍ସ ଟେକ୍ନୋଲୋଜିଜ୍ ଲିଃର ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ଏତଲା ଦାଏର କରିଥିଲା।

# ସ୍ନାନଯାତ୍ରାରେ ତ୍ରିସ୍ତରୀୟ ସୁରକ୍ଷା



ସ୍ନାନଯାତ୍ରା ପାଇଁ ସ୍ନାନମଣ୍ଡପକୁ ପ୍ରସ୍ତୁତ କରାଯାଉଛି।

**ପୁରୀ ଅଫିସ, ୧୧।୬**

ଆସନ୍ତା ୨୪ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ତଥା ସ୍ନାନଯାତ୍ରା ପଡୁଛି। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଆୟୋଜନ ନେଇ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ଏସ୍‌ପି କନୱର ବିଶାଲ ସିଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଓ ଦେବସ୍ନାନ ମଣ୍ଡପ ପରିସର ବୁଲି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ପରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପୋଲିସ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି। କୋଭିଡ୍ କଟକଣା ଥିବାରୁ ଦେବସ୍ନାନ ପୂର୍ଣ୍ଣିମାରେ ପୁରୀ ସହରରେ ୧୪୪ ଧାରା ସହ କର୍ଫ୍ୟୁ ଜାରି କରାଯିବାର ସମ୍ଭାବନା ରହିଛି। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ନିକଟକୁ ଭକ୍ତମାନେ ଯେପରି ନ ଆସିପାରିବେ ସେଥିଲାଗି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ସାହିଗୁଡ଼ିକୁ ବ୍ୟାରିକେଡିଂ କରାଯିବ। ତେବେ ଜରୁରିକାଳୀନ ସେବା ସକାଶେ ଲୋକଙ୍କୁ ଛଡ଼ାଯିବ। ଯେପରି ଜନସାଧାରଣଙ୍କ ଅସୁବିଧା ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ। ସୁରକ୍ଷା ଦୃଷ୍ଟିରୁ ବଡ଼ଦାଣ୍ଡକୁ ୮ରୁ ୯ଟି ଜୋନ୍‌ରେ ବିଭକ୍ତ କରାଯିବ। ପୁରୀ ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡ଼ିକୁ ସିଲ କରାଯିବ। ତେବେ ନୂତନ ଏସ୍ଓପି ଜାରି ହେବା ପରେ ଏ ସଂକ୍ରାନ୍ତରେ ପୋଲିସ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ପି କହିଛନ୍ତି।

# କଙ୍ଗାରୁ କୋର୍ଟରେ ସାକ୍ଷୀ ଦେବାରୁ ଯୁବକଙ୍କୁ ହତ୍ୟା

## ୨ ଅଭିଯୁକ୍ତ ଗିରଫ



**ଜୟପୁର, ୧୧।୬ (ନି.ପ୍ର.)**

ଜୟପୁର ସଦର ଥାନା ଅନ୍ତର୍ଗତ କଣ୍ଡାପୁଟ ଜଙ୍ଗଲରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ରହସ୍ୟ ଉନ୍ମୋଚନ କରିଛି ଜୟପୁର ସଦର ପୋଲିସ। କଙ୍ଗାରୁ କୋର୍ଟରେ ସାକ୍ଷୀ ଦେବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ଏଥିରେ ସମ୍ପୃକ୍ତ ୨ ଜଣକୁ ଗିରଫ କରାଯାଇଛି। ସେମାନେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଛତିଡ଼ିପୁଟ ଗ୍ରାମର ଘାସିରାମ ଗାଧବା (୨୦) ଓ ବଳରାମ ଗାଧବା (୨୫) ବୋଲି ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଶୁକ୍ରବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୮ ତାରିଖରେ କଣ୍ଡାପୁଟ ଜଙ୍ଗଲରେ ଏକ ହତ୍ୟାକାଣ୍ଡ ହୋଇଥିବା ପୋଲିସ ଜାଣିବା ପରେ ତଦନ୍ତ ଆରମ୍ଭ କରିଥିଲା। ଘାସିରାମ ଓ ବଳରାମଙ୍କ ସହ ଛତିଡ଼ିପୁଟ ଗ୍ରାମର ୨ଟି ପରିବାର ସହ ଝଗଡ଼ା ହୋଇଥିଲା। ଏନେଇ ଗ୍ରାମରେ ଏକ କଙ୍ଗାରୁ କୋର୍ଟ(ସଭା) ବସିଥିଲା। ସମସ୍ତ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିବା ଉପେନ୍ଦ୍ର ଗାଧବା (୧୯)ଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ୨ ଅଭିଯୁକ୍ତ ଘାସିରାମ ଓ ବଳରାମଙ୍କୁ ୫ ଶହ ଟଙ୍କା ଲେଖାଏ ଜରିମାନା କରାଯାଇଥିଲା। ଏହି ଅପମାନ ଓ ଜରିମାନାକୁ ନେଇ ଘାସିରାମ ଓ ବଳରାମ ମନରେ ରାଗ ରଖି ୬ ତାରିଖ ସନ୍ଧ୍ୟା ସାଢେ ୭ଟାରେ ମଦ ପିଇବାକୁ ଉପେନ୍ଦ୍ରଙ୍କୁ ବାଇକରେ ବସାଇ ଡାକି ନେଇଥିଲେ। କଣ୍ଡାପୁଟ ଜଙ୍ଗଲକୁ ତାଙ୍କୁ ନେଇ ଛୁରିରେ ଉଭୟେ ଆକ୍ରମଣ କରି ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲେ। ପରେ ଘାସିରାମ ଓ ବଳରାମ ଗ୍ରାମକୁ ଚାଲି ଆସିଥିଲେ। ଉପେନ୍ଦ୍ରଙ୍କ ମୃତଦେହ ୮ ତାରିଖରେ ସ୍ଥାନୀୟ ବାସିନ୍ଦା ଦେଖି ଉପେନ୍ଦ୍ରଙ୍କ ବାପା ହର ଗାଧବାଙ୍କୁ ଜଣାଇଥିଲେ। ସେ ଜଙ୍ଗଲକୁ ଯାଇ ସେଠାରେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପୁଅର ମୃତଦେହ ପଡିଥିବା ଦେଖିଥିଲେ। ପରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ହୋଇଥିବା ପୋଲିସ ଅନୁମାନ କରିଥିଲା। ଏନେଇ ହର ସଦର ଥାନାରେ ଜୁନ୍ ୮ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ୧୦୧/୨୧ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ତଦନ୍ତ କରି ଫେରିଥିଲା। ତଦନ୍ତ ଜାରି ରହିଥିବା ବେଳେ ଏହି ୨ ଅଭିଯୁକ୍ତ ଗିରଫ ହୋଇଥିଲେ। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଡିପିଓ ବେହେରା କହିଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ଼ ଉପସ୍ଥିତ ଥିଲେ।

# ୧୬୩୭ କୋଟିର ୪ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ

## ୧୧୧୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

**ଭୁବନେଶ୍ୱର, ୧୧।୬:** ରାଜ୍ୟ ସରକାର ଶୁକ୍ରବାର ୧୬୩୭.୪୧ କୋଟି ଟଙ୍କାର ୪ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ମୋଟ୍ ୧,୧୧୬ ଜଣ ବ୍ୟକ୍ତି ବିଶେଷଙ୍କୁ ନିଯୁକ୍ତି ମିଳିପାରିବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍ଡବ୍ଲ୍ୟୁସିଏ) ଏହି ପ୍ରସ୍ତାବଗୁଡ଼ିକୁ ନୀତିଗତ ମଞ୍ଜୁରୀ ପ୍ରଦାନ କରିଥିବା ଜଣାପଡିଛି। ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ, ଧାତବ ଏବଂ ଶକ୍ତି ଭଳି କ୍ଷେତ୍ରରେ ଏହି ନିବେଶ ହେବ। ପ୍ରକଳ୍ପଗୁଡିକ ଲାଗି ଆବଶ୍ୟକ ଜମି ଏବଂ ଜଳ ଯୋଗାଣ ସୁବିଧା ନେଇ ବିଭିନ୍ନ ଦିଗ ଉପରେ ବିଚାର କରିବାକୁ ମୁଖ ଶାସନ ସଚିବ ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ ଆଣ୍ଡ୍ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ ଅଫ୍ ଓଡ଼ିଶା (ଇପିକଲ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ସ୍ଥାପନ ହେବାକୁ ଥିବା ବିଭିନ୍ନ ଶିଳ୍ପ ନିଜସ୍ୱ ବ୍ୟବହାର ଲାଗି ପାୱାର ପ୍ଲାଣ୍ଟ ସ୍ଥାପନ ବଦଳରେ ଗ୍ରୀଡ୍‌ରୁ ଶକ୍ତି ବ୍ୟବହାର କରିବାକୁ ସେମାନଙ୍କୁ ଉତ୍ସାହିତ କରିବାଲାଗି ମହାପାତ୍ର ଶିଳ୍ପ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକଳ୍ପ ଠିକ୍ ସମୟରେ ଯେଭଳି କାର୍ଯ୍ୟାନ୍ୱୟନ ହେବ ସମ୍ପୃକ୍ତ ବିଭାଗଗୁଡ଼ିକ ସହାୟତା କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରସ୍ତାବିତ ପ୍ରକଳ୍ପ ମଧ୍ୟରେ ୯୪୬ କୋଟି ଟଙ୍କା ବିନିଯୋଗରେ କେନ୍ଦୁଝର ଜିଲାର ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ଲିମିଟେଡର ଆଇରନ ଓର୍ ବେନିଫିକେଶନ ପ୍ଲାଣ୍ଟର କ୍ଷମତା ୧୨ ନିୟୁତ ଟନ୍‌ରୁ ୧୭ ନିୟୁତ ଟନ୍‌କୁ ସମ୍ପ୍ରସାରଣ ସାମିଲ ରହିଛି। ଏହା ଦ୍ୱାରା ୮୦୩ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିଭଳି ବୌଦ୍ଧରେ ୨୫୪.୭୧ କୋଟି ଟଙ୍କା ନିବେଶରେ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡର ୫୦ ମେଗାୱାଟ ପିଭି ପାୱାର ଷ୍ଟେଶନ ସ୍ଥାପନ ଦ୍ୱାରା ୩୬ ଜଣ ନିଯୁକ୍ତି ପାଇପାରିବେ। ଶ୍ୟାମ୍ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ ଦ୍ୱାରା ବାର୍ଷିକ ୧୫୦୦ ୱାଗନ କ୍ଷମତା ବିଶିଷ୍ଟ ରେଳ ୱାଗନ ମାନୁଫାକ୍ଚରିଂ ପ୍ଲାଣ୍ଟ ସମ୍ବଲପୁର ହୀରାକୁଦରେ ସ୍ଥାପନ ହେବ। ଏଥିରେ ୩୮୧.୬୦ କୋଟି ନିବେଶ ହେବା ସହ ୧୧୫ ଜଣ ନିଯୁକ୍ତି ଲାଭ କରିପାରିବେ। ସେହିଭଳି ଏହି କମ୍ପାନୀ ବାର୍ଷିକ ୧୦.୮୦ ଲକ୍ଷ ଉତ୍ପାଦନ କ୍ଷମତା ବିଶିଷ୍ଟ ଅକ୍ସିଜେନ ସିଲିଣ୍ଡର ୟୁନିଟ ରାଜ୍ୟରେ ବସାଇବ। ସମ୍ବଲପୁରର ରେଙ୍ଗାଲି ଶିଳ୍ପାଞ୍ଚଳରେ ଏହା ସ୍ଥାପନ ହେବାକୁ ଥିବା ବେଳେ ଏଥିରେ ୫୫.୧୦ କୋଟି ନିବେଶ ଏବଂ ୧୬୨ ଜଣଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସୂଚନା ମିଳିଛି।

# ହାଇକୋର୍ଟରୁ ମିଳିଲା ଜାମିନ, ମୁକୁଳିପାରିଲେନି ପ୍ରଦୀପ

## ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା

**ବ୍ରହ୍ମପୁର ଅଫିସ, ୧୧।୬**

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏବେ ଝାରପଡା ଜେଲରେ ଅଛନ୍ତି। ଚାକିରି ନାଁରେ ଠକେଇ ନେଇ ତାଙ୍କ ନାମରେ ଥିବା ୫ଟି ମାମଲାରେ ହାଇକୋର୍ଟରୁ ଜାମିନ ମିଳିଛି। ଶୁକ୍ରବାର ୪ଟି ମାମଲାରେ ପ୍ରଦୀପଙ୍କ ତରଫରୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨୦ଲକ୍ଷ ଟଙ୍କା ଜମା କରାଯାଇଛି। ବେଲବଣ୍ଡ ଓ ଜାମିନଦାର ହାଜର କରାଯାଇଛି। ପଞ୍ଚମ ମାମଲାରେ ହାଇକୋର୍ଟରୁ ଜାମିନ୍ ମିଳିଥିଲେ ମଧ୍ୟ କୋର୍ଟଙ୍କ ନିର୍ଦ୍ଦେଶନାମା ଆସିପାରି ନ ଥିବାରୁ ପ୍ରଦୀପ ଜେଲରୁ ମୁକୁଳି ପାରିନାହାନ୍ତି। ନିର୍ଦ୍ଦେଶନାମା ମିଳିବା ପରେ ୫ମ ମାମଲାରେ ବେଲବଣ୍ଡ ଓ ଜାମିନଦାର ହାଜର କରାଯିବ। ପରେ ପ୍ରଦୀପ ଜେଲରୁ ମୁକୁଳିବେ ବୋଲି ତାଙ୍କ ଓକିଲ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ କହିଛନ୍ତି। ଟାଟା ମୋଟର୍ସରେ ଚାକିରି ନାଁରେ ଟଙ୍କା ଠକେଇ ଘଟଣାରେ ବିଧାୟକ ପ୍ରଦୀପଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ପରେ ତାଙ୍କ ବିରୋଧରେ ଟଙ୍କା ଠକେଇ ନେଇ ଗୋଲନ୍ଥରା ଥାନାରେ ୪ଟି ଓ ବୈଦ୍ୟନାଥପୁର ଥାନାରେ ଗୋଟିଏ ମାମଲା ରୁଜୁ ହୋଇଥିଲା। ଏହି ୫ ମାମଲାରେ ପୂର୍ବରୁ ତଳ କୋର୍ଟରେ ପ୍ରଦୀପଙ୍କ ଜାମିନ୍ ଖାରଜ ହୋଇଥିଲା। ତେଣୁ ତାଙ୍କ ଓକିଲ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

# ତଦନ୍ତ ପାଇଁ ଏନ୍ଏଚ୍ଆର୍‌ସିରେ ପିଟିଶନ

## ଶୁଦ୍ଧିକ୍ରିୟା ପାଇଁ ରାଶନ କାର୍ଡ ବନ୍ଧା ପଡ଼ିବା ଘଟଣା

**ଭୁବନେଶ୍ୱର, ୧୧।୬(ବ୍ୟୁରୋ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଞ୍ଚଳର ଦଳିତ ମହିଳା ରେବତୀ ବେହେରା ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ଦଲାଲ ନିକଟରେ ରାଶନ କାର୍ଡ ବନ୍ଧା ପକାଇ ଟଙ୍କା ଆଣିଥିଲେ। କାର୍ଡ ନ ଥିବାରୁ ସାଧାରଣ ବଣ୍ଟନ ସାମଗ୍ରୀ ପାଇପାରୁ ନ ଥିଲେ। ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି)ରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ରାଶନ କାର୍ଡ ବନ୍ଧା ପଡ଼ିବା ଯୋଗୁ ରେବତୀଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଛି। ତେଣୁ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବ ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

# ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ

**ସମ୍ବଲପୁର, ୧୧।୬ (ବ୍ୟୁରୋ):** ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶୁକ୍ରବାର ଜ୍ୟେଷ୍ଠ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ଆରମ୍ଭ ହୋଇଛି। କୋଭିଡ୍ କଟକଣା ଯୋଗୁ ନିରାଡମ୍ବର ଭାବେ ସମ୍ବଲପୁର ନନ୍ଦପଡା ବମ୍ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ (ନିବର୍ନ୍ଧ) ଶୁକ୍ରବାର ରାତିରେ ସମ୍ପନ୍ନ ହୋଇଛି। ସନ୍ଧ୍ୟା ୬ଟାରେ ବରପିତା ରାମଚରଣ ମିଶ୍ର ସ୍ୱତନ୍ତ୍ର ବିମାନରେ ବାଲୁଙ୍କେଶ୍ୱର ମନ୍ଦିରରୁ କନ୍ୟା ଖୋଜା ଅନ୍ୱେଷଣରେ ସପ୍ତର୍ଷିଙ୍କ ସହ ବାହାରିଥିଲେ। ରାତି ୭ଟାରେ ବୈଦ୍ୟନାଥ ଛକସ୍ଥିତ ପ୍ରମିଳା ଓ ଗୋପାଳ ଚନ୍ଦ୍ର ସାହୁଙ୍କ ବାସଭବନରେ ପତରପେଡିଁ ଯାତ୍ରା ପହଞ୍ଚିଥିଲା। କନ୍ୟା ପକ୍ଷ ବନ୍ଦାଣ କରି ପତରପେଡ଼ିଁ ଓ ସପ୍ତଋଷି, ଯାତ୍ରା କମିଟି କର୍ମକର୍ତ୍ତାଙ୍କୁ ଘରକୁ ପାଛୋଟି ନେଇଥିଲେ। ପଣ୍ଡିତ ମନ୍ତ୍ର ଉଚ୍ଚାରଣରେ ବରପକ୍ଷ ଆଗମନ ବିଷୟ କନ୍ୟା ପକ୍ଷଙ୍କୁ ସୂଚନା ଦେଇଥିଲେ। ବିବାହ ଯୋଗ୍ୟ ପୁତ୍ର ବାଲୁଙ୍କେଶ୍ୱରଙ୍କ ସକାଶେ ଯୋଗ୍ୟା ପାତ୍ରୀ ଥିବା ଖବରପାଇ ଆସିଥିବା କହିଥିଲେ। ସପ୍ତଋଷିଗଣ ମନ୍ତ୍ର, ଶ୍ଳୋକ ଆବୃତ୍ତି କରି ଦେବ ଦେବ ମହାଦେବଙ୍କ ମହିମା ଗୁଣଗାନ କରିଥିଲେ। ଏହାପରେ ମହାଦେବଙ୍କ ସହ ଦେବୀ ପାର୍ବତୀଙ୍କ ବିବାହ କରିବାକୁ କନ୍ୟାପକ୍ଷ ରାଜି ହୋଇଥିଲେ। ବରପିତାଙ୍କଠାରୁ ତମ୍ବା ଥାଳରେ ଶାଳପତ୍ର ପେଣ୍ଡା, ବେଲ ପତ୍ର, ଫୁଲ, ଚନ୍ଦନ ଗ୍ରହଣ କରି କନ୍ୟା ମାତାପିତା ପାର୍ବତୀଙ୍କୁ କନ୍ୟାଦାନ ଲାଗି ସଂକଳ୍ପ ପ୍ରଦାନ କରିଥିଲେ। ପଣ୍ଡିତ ଶଶାଙ୍କଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ।


**PANCHAYAT SAMITI, ANGUL**
**INVITATION FOR BIDS (IFB)**
**IDENTIFICATION No. AGLB-01/2021-22**
E-mail Address: ori-bangul@nic.in

The Block Development Officer, Angul on behalf of the Governor of Orissa invites **Percentage rate composite bid** in Single Cover System for the works "Construction of P.H.C.(N) and Sub-Senter Building", from the Class A, B & C Contractors, registered with the State Government and contractors of equivalent grade/class registered with Central Government/MES/Railway, to be eventuall drawn up in PWD P-1 form, for execution of Building **(Composite work i.e. Civil Work except Electrical and Sanitary Wroks).** The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the 03 (three) nos. of P.H.C.(N) and Sub-Center Building. The details of the eligibility criteria, EMD, enclosures etc. along with the list of project and date & time of sale, receipt and opening of bid document can be viewed & downloaded from the district website i.e. **www.angul.nic.in**.

**Sd./- Block Development Officer, Angul**

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-03/2021-22 Dated: 09.06.2021**

No. CAD-429: Sealed tenders are invited in two parts i.e. 1) Techno Commercial Bid & 2) Price bid in separate sealed envelopes from eligible bidders meeting eligibility criteria only for execution of the following work.

| Description of Work | Cost of Tender Paper (Non-refundable) in Rs. | EMD in shape of Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Operation of Water Supply System on Job contract basis at Sector-I, II and III of Power House Colony, UIHEP, Mukhiguda for a period of one year | 4,720/- (Inclusive of GST) | As per Annexure - VIII & Clause No. 1.5 | From 18.06.2021 to 28.06.00 hrs. | 28.06.2021 (upto 13.00 hrs.) | 28.06.2021 at 16.30 hrs. |

For details of the tender documents, terms and conditions please visit our website **www.ohpcltd.com**.
OIPR-32136/11/0002/2122 **Sd./- C & P Head, UIHEP, Mukhiguda**

**Government of Odisha** No. B-138
**"e" Procurement Notice**
**Bid Identification No. PWDK-02/2021-22**
**No. G2/3751** e-mail: eepwdkeonjhar@yahoo.com **Dt.09.06.2021**

1. No. of the Work : 02 Nos. Building Works
2. Estiamted Cost : From Rs.8.38 lakhs to Rs.61.18 lakhs
3. Period of Completion : From 3 (Three) to 6 (Six) Calendra Months
4. Date and time of availability of Bid document in the portal : From 10.00 hrs. 19.06.2021 to 17.00 hrs. of 05.07.2021
5. Last date/time for receipt of bids in the portal : 17.00 hrs. of 05.07.2021
6. Date of Opening of Bid from Portal : 11.30 hrs. of 06.07.2021
7. Name and address of the Officer Inviting Bid : Executive Engineer, Keonjhar (R&B) Division, Keonjhar

Further details can be seen from the e-procurement portal **"http://tendersodisha.gov.in"**.

**Sd./- S.K. Behera**
**Executive Engineer**
**Keonjhar (R&B) Division**
OIPR-34004/11/0002/2122

No. B-142 **GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BALANGIR(R&B) CIRCLE, BALANGIR**
Mail ID : - sepwdbalangir@gmail.com
**e - Procurement Notice**
**BID IDENTIFICATION No: SE(R&B) BGR/03/2021-22**
**No. 1560 // Dtd. 11.06.2021**

1. The **Superintending Engineer, Bolangir (R&B) Circle, Bolangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **B/A** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : Building
3. No. of tender : Building : 01 No.
4. Tender Cost : Rs.10,000/-
5. Class of Contractor : **B/A**
6. Date & Time of sale & Receipt of Bids : From Dt.21.06.2021, 10.00 A.M. to Dt.05.07.2021 up to 05.00 P.M.
7. Date of opening Bid : Dt.06.07.2021 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

OIPR-34131/11/0002/2122 **Sd./- Superintending Engineer, Balangir (R&B) Circle, Balangir**

**ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର**
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର)
ଫୋନ ନଂ - ୦୬୭୪-୨୪୩୧୬୧୧, ୨୪୩୧୬୧୨

**ରାଜ୍ୟସ୍ତରୀୟ ଅନଲାଇନ ଚିତ୍ରକଳା ଶିବିର**
**ଆବେଦନର ଶେଷ ତାରିଖ ୧୬ ଜୁନ୍ (ବୁଧବାର) ୨୦୨୧**

କରୋନା (କୋଭିଡ-୧୯) ମହାମାରୀ ଅବସରରେ ଚିତ୍ରଶିଳ୍ପୀମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଏକ ରାଜ୍ୟସ୍ତରୀୟ ଅନଲାଇନ ଚିତ୍ରକଳା ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟର ୨୫ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର (ଚିତ୍ର,ଗ୍ରାଫିକ୍,ପାରମ୍ପରିକ ଓ ଭାସ୍କର୍ଯ୍ୟ) ଶିଳ୍ପୀମାନେ ଅଂଶଗ୍ରହଣ କରିପାରିବେ। ଅଂଶ ଗ୍ରହଣ କରିବାକୁ ଇଚ୍ଛୁକଥିବା ଶିଳ୍ପୀ ତାଙ୍କର ୩ଟି କୃତିର ଫଟୋଚିତ୍ର ଓ ନିଜର ଫଟୋ ଏକାଡେମୀର website : www.odishalalitkalaakademi.org କରିଆରେ ପଠାଇଲେ ଏକ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ମନୋନୀତ କରାଯାଇ ସର୍ବାଧିକ ୧୦୦ଜଣ ଶିଳ୍ପୀଙ୍କୁ ଏହି ଶିବିରରେ ଅଂଶଗ୍ରହଣ ପାଇଁ ସୁଯୋଗ ଦିଆଯିବ। ଏହି ସଂପର୍କୀୟ ସବିଶେଷ ବିବରଣୀ ଏକାଡେମୀର website : www.odishalalitkalaakademi.org ରେ ତା.୧୨/୦୬/୨୦୨୧ ଠାରୁ ଉପଲବ୍ଧ ହେବ। ଯୋଗାଯୋଗ ନମ୍ବର :- ୦୬୭୪-୨୪୩୧୬୧୧, ୨୪୩୧୬୧୨, ମୋ- ୯୫୮୩୦୯୯୨୧୦.

**ପଞ୍ଚାନନ୍ ସାମଲ**
**ସଚିବ**
**ଓଡ଼ିଶା ଲଳିତ କଳା ଏକାଡେମୀ,**

No. CAD-432:-
idco Your power to grow | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022, ODISHA**
**RFP Call Notice No. IDCO:H.O./P&C/EST/E-1677/01/2021/ 9427, Dated:- 07.06.2021**
**NOTICE INVITING THE REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work :- Fixation of rate towards conducting total station survey & preparation of Detailed Report for the Industrial Estates/ Industrial Areas/ IID Centre/ Growth Centre/ SEZ Areas etc. of IDCO within the state of Odisha.**
2. **Other details :-**

| Procurement Officer | Tender Ref/Bid Identification No. | Availability of Tender on-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | P&C/ EST/E-01/2021-22 | 16.00 Hours of dt.21.06.2021 | 17.00 Hours of dt.05.07.2021 |

Further details can be seen from the e-Procurement Portal **www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in**.
OIPR-14003/11/0030/2122 **Sd./- Chief General Manager (P&C), IDCO, Bhubaneswar**

**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ**
**ରଦ୍ଦକରଣ ବିଜ୍ଞପ୍ତି**
No.XIII-02:-
ପତ୍ର ସଂଖ୍ୟା- ୪୨୮୮ ତାରିଖ ୯।୬।୨୧

ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀଙ୍କ ମାଧ୍ୟମରେ ପତ୍ର ସଂଖ୍ୟା-୪୧୬୭ ତା୩୧।୦୫।୨୦୨୧ରିଖ ଦିନ ହୋଇଥିବା ବିଜ୍ଞପ୍ତି ତା୦୩।୦୬।୨୦୨୧ରେ ଦୈନିକ ଖବରକାଗଜ ଧରିତ୍ରୀ ଏବଂ ଦିନଲିପିରେ ବାହାରିଥିବା ବିଜ୍ଞପ୍ତି ଅନିବାର୍ଯ୍ୟ କାରଣ ବଶତଃ ସଂଶୋଧନ ଆବଶ୍ୟକତା ଥିବାରୁ ଏହାକୁ ରଦ୍ଦକରଣ କରାଗଲା।

**ଆପଣଙ୍କର ବିଶ୍ୱସ୍ତ**
**ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ**

**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ**
**ବିଜ୍ଞପ୍ତି**
ପତ୍ର ସଂଖ୍ୟା- ୪୨୮୯ ତାରିଖ ୯।୬।୨୧

ପ୍ରାପ୍ତେଷୁ,
ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର

ବିଷୟ: ଜମି ଅଧିଗ୍ରହଣ H.L. Bridge over river Bhargavi on N.H.203 to Kanchi Bridge approach road in the District of Puri.

ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀଙ୍କ ଅଧୀନରେ ପୁରୀ ତହସିଲ ଅନ୍ତର୍ଗତ ଦାସଗୋବା ମୌଜାର ୫ ଗୋଟି ପ୍ଲଟର ଭାର୍ଗବୀ ନଦୀ ଉପରେ ନିର୍ମିତ ହେଉଥିବା ସୁଉଚ୍ଚ ସେତୁ ଏବଂ ଉଭର ପାର୍ଶ୍ୱ ସଂଲଗ୍ନ ରାସ୍ତାର ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସିଧାସଳଖ କ୍ରୟ ଓ ବିକ୍ରୟ ମାଧ୍ୟମରେ କରାଯିବ। ଏହି ଜମିର ମାଲିକମାନଙ୍କ ନାମ ନିମ୍ନରେ ପ୍ରଦତ୍ତ କରାଯାଇଛି। ଏହି ଜମି ମାଲିକମାନଙ୍କର ତାଲିକାରେ ଯଦି କାହାର କିଛି ଅଭିଯୋଗ ଥାଏ ତେବେ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୩୦।୦୬।୨୦୨୧ରିଖ କିମ୍ବା ପୂର୍ବରୁ ଲିଖିତ ଆକାରରେ ଦର୍ଶାଇଲେ ତାହା ବିଚାରଯୋଗ୍ୟ ହେବ। ନଚେତ ନିମ୍ନ ଜମି ମାଲିକମାନଙ୍କୁ ସ୍ୱତ୍ୱାଧିକାରୀ ଭାବେ ବିବେଚନା କରାଯାଇ ପ୍ରାପ୍ୟ ପ୍ରଦାନ କରାଯିବ, ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ଏଥିସହିତ ଜମି ମାଲିକମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନଙ୍କର ଜମିର ବିକ୍ରି କବଲା କରିବା ନିମ୍ନ ପ୍ରଦତ୍ତ କାଗଜ ଉପନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ, ଉପବିଭାଗ, ପୁରୀଙ୍କ କାର୍ଯ୍ୟାଳୟରେ ତା୩୦।୦୬।୨୦୨୧ ସୁଦ୍ଧା ଦଖଲ କରନ୍ତୁ।
(୧) ଜମିର ପଟ୍ଟା ଏବଂ ହାଲ ପାଉତିର କପି। (୨) ତା୩୦।୦୬।୨୦୨୧ ସୁଦ୍ଧା ଜମି ମାଲିକାନା ସ୍ୱତ୍ୱ ୧୩ ବର୍ଷ ଅବଧିର ପ୍ରମାଣପତ୍ର (E.C.)। (୩) ଜମି ମାଲିକଙ୍କ ଫଟୋ ପରିଚୟ ପତ୍ର କିମ୍ବା ଆଧାରକାର୍ଡ। (୪) ୨ଟି ରଙ୍ଗିନ ପାସ୍‌ପୋର୍ଟ ସାଇଜ ଫଟୋ।

**ଆପଣଙ୍କର ବିଶ୍ୱସ୍ତ**
**ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ**

**ଜମିର ବିବରଣୀ**

| କ୍ର. ନଂ. | ପ୍ଲଟ୍ ନଂ. | ଖାତା ନଂ. | କିସମ | ଅଧିଗ୍ରହଣ ରକବା | ଭୂମି ମାଲିକଙ୍କ ନାମ ଓ ଧାମ | |
|---|---|---|---|---|---|---|
| | | | | | ନାମ | ପିତା/ସ୍ୱାମୀଙ୍କ ନାମ |
| ୧ | ୧୮ | ୨୫୬ | ବଗାୟତ-୨ | ୦.୧୦ | ପ୍ରହ୍ଲାଦ ଦାସ | ପିତା- ନୀଳକଣ୍ଠ ଦାସ |
| ୨ | ୪୪ | ୨୪୯ | ବଗାୟତ-୨ | ୦.୧୬ | ଶ୍ରୀ ବରାହୀ ଠାକୁରାଣୀ, (ଭୁଙ୍ଗେଇ ମହାପାତ୍ର, ରାମ ସାହୁ) | ପିତା- ସଦେଇ ମହାପାତ୍ର, ପିତା-ଗଙ୍ଗାଧର ସାହୁ |
| ୩ | ୪୫ | ୬୬ | ବଗାୟତ-୨ | ୦.୦୨ | ବୃନ୍ଦାବନ ଷଡଙ୍ଗୀ, ଅନ୍ନପୂର୍ଣ୍ଣା ଦେବୀ | ପିତା- ସଦାଶିବ ଷଡଙ୍ଗୀ ସ୍ୱାମୀ- ବୃନ୍ଦାବନ ଷଡଙ୍ଗୀ |
| ୪ | ୪୭ | ୨୧୫/୧୬୯ | ବଗାୟତ-୨ | ୦.୧୧ | ନାରାୟଣ ବେହେରା | ପିତା- ବଂଶୀଧର ବେହେରା |
| ୫ | ୪୮ | ୯୧ | ବଗାୟତ-୨ | ୦.୦୨ | ବଡ ଲକ୍ଷ୍ମଣ ଦାସ | ପିତା- ପ୍ରଭାକର ଦାସ |

OIPR-25065/14/0003/2122

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
**INSTITUTE OF BANKING PERSONNEL SELECTION**
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍ଆର୍‌ବି)ଗୁଡ଼ିକରେ ଅଫିସର (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍ଆର୍‌ବି - X**

ଆର୍ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍ଆର୍‌ବିଏସ୍ X) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର/ ଅକ୍ଟୋବର ୨୦୨୧ରେ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୧ରେ ସଂଯୋଜିତ ହେବ।

ସିଆର୍‌ପି ଆର୍ଆର୍‌ବି - X ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍-ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୮।୦୬।୨୦୨୧ରୁ ୨୮।୦୬।୨୦୨୧ |
| ପ୍ରାକ୍-ପରୀକ୍ଷା ତାଲିମ୍ (ପିଇଟି)* ସଞ୍ଚାଳନ | ୧୯।୦୭।୨୦୨୧ରୁ ୨୫।୦୭।୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ସେପ୍ଟେମ୍ବର, ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର/ଅକ୍ଟୋବର, ୨୦୨୧ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୮।୦୬।୨୦୨୧ ନିର୍ଦ୍ଦେଶକ

**DIRECTORATE OF MEDICAL EDUCATION & TRAINING, ODISHA**
**HOD BUILDING, BHUBANESWAR-751001**
**Website: dmetodisha.gov.in**
**ADVERTISEMENT**
**for opening of new Nursing Training Institution for the ACADEMIC SESSION: 2021-2022**
**(ADVT No. 1085, Dt. 11.06.2021)**

No. E-154:- Applications are invited from establishments/ organizations interested in opening new Nursing training institution for courses (GNM, Post Basic B.Sc Nursing & B.Sc Nursing) in the State of Odisha as per Govt. Notification 26601/H Dt. 22/10/19.

The Govt. Notification, Guidelines, Inspection Fees, List of districts in which institutions can be opened and online application form for submission are available in the website: dmetodisha.gov.in under ONMRC link. **The last date of receipt of application is 16.08.2021. Online application will not be accepted after the due date. No offline application shall be accepted. Inspections shall be conducted only after the COVID-19 situation becomes normal.**

**Sd./- Registrar**
**Odisha Nurses & Midwives Registration Council**
OIPR-10110/11/0001/2122

**OFFICE OF THE PANCHAYAT SAMITI, JODA**
**KEONJHAR, ODISHA-758038**
**E-mail: ori-joda@nic.in, Mob.- 7978004106**
**CORRIGENDUM**
**No.1800 Dt.09.06.2021**

No.i-65:- Tender invited for disposal/ selling of tender paper of 19 numbers of project under Joda Block vide Tender Call Notice No.03 / BDO- Joda of 2021-22 published vide this Office Notice No.1752 / Dt.08.06.2021, in the Sl. No. 11, the Name of GP will be Palasa GP instead of Badakalimati GP. All other terms and conditions remain unchanged.

**Sd./-Block Development Officer, Joda**
OIPR-19122/11/0001/2122

## ଲୁଗା ଦୋକାନରୁ ୨୦୦୦ ଜରିମାନା ଆଦାୟ

**କଟକ ଅଫିସ:** କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ହେଲେ କରୋନା କଟକଣାକୁ ଉଲ୍ଲଂଘନ କରି କେତେକ ଲୁଗା ଦୋକାନରେ ବିକ୍ରି କରାଯାଉଛି। ଖବରପାଇ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ପିଠାପୁର, ହରିପୁର ଚୌଧୁରୀବଜାରରେ ଥିବା କେତେକ ଲୁଗା ଓ ଡ୍ରେସ୍ ଦୋକାନରେ ଚଢାଉ କରାଯାଇଥିଲା। ତେବେ ଲୁଚାଛପାରେ ବିକ୍ରି ହେଉଥିବା ୪ଟି ଦୋକାନରୁ ୨୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି।

# ବୃଦ୍ଧଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ସଂଘବଦ୍ଧ ଆକ୍ରମଣ

**ମାହାଙ୍ଗା,୧୧।୬(ସ୍ୱ.ପ୍ର.)**

ଜଣେ ବୃଦ୍ଧ ଛେଳି ମାରି ଦେଇଥିବା ଅଭିଯୋଗରେ ଗ୍ରାମର କେତେଜଣ ଲୋକ ତାଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ସଂଘବଦ୍ଧ ଆକ୍ରମଣ କରିଥିବାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି। ବୃଦ୍ଧ ମଧ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବୃଦ୍ଧ ମାହାଙ୍ଗା ଥାନା ଗୋତରା ଗ୍ରାମର ଗୌରାଙ୍ଗ ରାଉତ ବୋଲି ଜଣାପଡ଼ିଛି। ଗୁରୁବାର ସେହିଗ୍ରାମର କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ଏକ ଛେଳି କୌଣସି କାରଣରୁ ମରି ପଡ଼ିଥିଲା। ଛେଳି କିପରି ମଲା ତାହା ଜାଣିବାକୁ କାର୍ତ୍ତିକଙ୍କ ପରିବାର ସଦସ୍ୟ ଖୋଳତାଡ଼ ଆରମ୍ଭ କରିଥିଲେ। ତେବେ ଛେଳିଟିକୁ ଗୌରାଙ୍ଗ ମାରି ଦେଇଥିବା କାର୍ତ୍ତିକଙ୍କ ଭଣଜା ମନୋଜ ସାହୁ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। କିନ୍ତୁ ଅଭିଯୋଗ ପୂର୍ବରୁ ଗୌରାଙ୍ଗଙ୍କୁ ଗୋତରା ଗ୍ରାମର ନରେନ୍ଦ୍ର ସାହୁ, କାର୍ତ୍ତିକ ସାହୁ, ଦେବେନ୍ଦ୍ର ସାହୁ, ରବୀନ୍ଦ୍ର ସାହୁ, ଶରତ ସାହୁ, ସୁବାସ ସାହୁ, ତୁଳସୀ ସାହୁ ସ୍ୱାମୀ ନରେନ୍ଦ୍ର ଏବଂ ମନୁଆ ସାହୁ ସଂଘବଦ୍ଧ ଭାବେ ଠେଙ୍ଗା, ଭୁଜାଲି ଧରି ତାଙ୍କ ଘରେ ପହଞ୍ଚି ଆକ୍ରମଣ କରିଥିଲେ। ଏପରି କି ଗୌରାଙ୍ଗଙ୍କ ଦିବ୍ୟାଙ୍ଗ ସ୍ତ୍ରୀଙ୍କୁ ମଧ ମାଡ଼ ମାରିଥିଲେ। ପରେ ଗୌରାଙ୍ଗଙ୍କ ଘରେ ପଶି ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପଥର ଫୋପାଡି ଘରର ଆଜବେଷ୍ଟସ ଭାଙ୍ଗି ଦେଇଥିଲେ। ଦମ୍ପତିଙ୍କୁ ସନ୍ଧ୍ୟାରେ ତାଙ୍କ ସମ୍ପର୍କୀୟମାନେ ନିଶ୍ଚିନ୍ତକୋଇଲି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ଗୌରାଙ୍ଗ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଗୌରାଙ୍ଗ ଓ ତାଙ୍କ ସ୍ତ୍ରୀ ନ୍ୟାୟ ନ ପାଇଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିଲେ ବି ପୋଲିସ କାହାରିକୁ ଗିରଫ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତି କହିଛନ୍ତି, ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ୨ଟି ମାମଲା ରୁଜୁ ହୋଇଛି। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ନ୍ୟାୟ ନ ମିଳିଲେ ଆତ୍ମହତ୍ୟା ଚେତାବନୀ**



# ଟିକାକରଣରୁ ବଞ୍ଚିତ ହେଉଛନ୍ତି ଲୋକେ

**କଟକ ଅଫିସ, ୧୧।୬**

ରାଜ୍ୟରେ କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ। ସମସ୍ତଙ୍କୁ ମାଗଣାରେ ଟିକା ଦିଆଯିବା ପାଇଁ ଘୋଷଣା କରାଯାଇଛି। ମାତ୍ର ଟିକା ଉପଲବ୍ଧ ନ ଥିବାରୁ ଲୋକେ ଟିକାକରଣରୁ ବଞ୍ଚିତ ହେଉଛନ୍ତି ବୋଲି ଏସ୍‌ୟୁସିଆଇ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ସିଡିଏ ସେକ୍ଟର-୯ରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରତି ଜିଲା ଓ ବ୍ଲକରେ କୋଭିଡ୍ ହସ୍ପିଟାଲ ସ୍ଥାପନ, ବିନା ମୂଲ୍ୟରେ ଚିକିତ୍ସା ଓ ଔଷଧ ଯୋଗାଣ, ସମସ୍ତଙ୍କୁ ଟିକାକରଣ, କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ହ୍ରାସ କରିବା ପାଇଁ ଏସ୍‌ୟୁସିଆଇ ପକ୍ଷରୁ ଦାବି କରାଯାଇଛି। ଏସ୍‌ୟୁସିଆଇର କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ଶିବାଶିଷ ପ୍ରହରାଜ, ବବି ବଳବନ୍ତରାୟ, ଭାଗ୍ୟରବି ଦାସ, ସସ୍ମିତା ମହାନ୍ତି ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।



ଏସ୍‌ୟୁସିଆଇ(ସି) ପକ୍ଷରୁ ସିଡିଏ ସେକ୍ଟର-୯ରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ।

# ବର୍ଦ୍ଧିତ ପ୍ରଦୂଷଣ ନିୟନ୍ତ୍ରଣ ଦାବି

**କଟକ ଅଫିସ, ୧୧।୬**

ବର୍ଦ୍ଧିତ ପ୍ରଦୂଷଣ ନିୟନ୍ତ୍ରଣ ଦାବିରେ ଓଡ଼ିଶା ପର୍ଯ୍ୟାବରଣ ମଞ୍ଚର ଜିଲା ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି, ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହନଗୁଡିକୁ ବନ୍ଦ, କଳକାରଖାନା ଓ ପରିବହନ ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଅନାବଶ୍ୟକ ଗଛ କାଟିବା ବନ୍ଦ, ନାଳକୁ ପ୍ରଦୂଷଣ କରୁଥିବା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ, ନାଳ ଓ ପୁଷ୍କରିଣୀ ପାଣିକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଦର୍ଶାଯାଇଛି। ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ଭାଗୀରଥି ବେହେରା, ସଭାପତି ଗୌରାଙ୍ଗ ଚରଣ ରଥ, ପର୍ଯ୍ୟାବରଣ ମଞ୍ଚ ଜିଲା ସଂଯୋଜକ ବସନ୍ତ ସାହୁ ପ୍ରମୁଖ ଉକ୍ତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବାରିକଙ୍କୁ ସମ୍ମୁଖ ଯୋଦ୍ଧା ମାନ୍ୟତା ଦାବି

**କଟକ ଅଫିସ, ୧୧।୬:** ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ସେଲୁନ୍, ପାର୍ଲର ଓ ଗାଁରେ କାମ କରୁଥିବା ବାରିକମାନଙ୍କର ଚଳିବା କଷ୍ଟକର ହୋଇପଡିଛି। ସରକାର ଉଠାଦୋକାନୀମାନଙ୍କୁ ସହାୟତା ରାଶି ପ୍ରଦାନ କରିଥିବାବେଳେ ସେଲୁନ୍ ଓ ପାର୍ଲରରେ କାମ କରୁଥିବା ବାରିକଙ୍କୁ ଅଣଦେଖା କରୁଛନ୍ତି ବୋଲି ନିଖିଳ ଉତ୍କଳ ବାରିକ ସମିତି ଜିଲା ଶାଖା ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସମିତି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ସେଲୁନ୍, ପାର୍ଲର ଓ ଗାଁରେ କାମ କରୁଥିବା ବାରିକଙ୍କୁ ୨୦୨୦ ମାର୍ଚ୍ଚରୁ ୨୦୨୧ ନଭେମ୍ବର ପର୍ଯ୍ୟନ୍ତ ମାସିକ ୧୫ ଶହ ଟଙ୍କା ପ୍ରଦାନ, ବ୍ୟାଙ୍କ ଋଣଛାଡ କରିବା, ବାରିକମାନଙ୍କୁ ସମ୍ମୁଖ ଯୋଦ୍ଧା ମାନ୍ୟତା ଦେବା, କୋଭିଡ୍ କିଟ୍‌ସ, ସାନିଟାଇଜର ଓ ମାସ୍କ ମାଗଣାରେ ପ୍ରଦାନ ଏବଂ ଅଗ୍ରାଧିକାର ଭିତ୍ତିରେ ଭ୍ୟାକ୍ସିନ ପ୍ରଦାନ କରାଯାଉ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲଖ କରାଯାଇଛି। ସମିତିର କଟକ ଜିଲା ଶାଖା ସଭାପତି ଅକ୍ଷୟ କୁମାର ବାରିକ ଓ ମହିଳା ସଭାପତି ପ୍ରତିମା ବାରିକ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

### କିନ୍ନରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**କଟକ ଅଫିସ, ୧୧।୬:** କଟକ କଲେଜ ଛକ ଅଞ୍ଚଳରେ ବସବାସ କରୁଥିବା ୭୦ ଜଣ କିନ୍ନରଙ୍କୁ ଶୁଖିଲା ଖାଦ୍ୟ ଶୁକ୍ରବାର ବଣ୍ଟନ କରାଯାଇଛି। ଏସିପି ଅମରେନ୍ଦ୍ର ପଣ୍ଡା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ କିନ୍ନରମାନଙ୍କୁ ଖାଦ୍ୟ ସାମଗ୍ରୀ ଦେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଜେଲ ୱେଲଫେୟାର ପକ୍ଷରୁ ଏହି ଖାଦ୍ୟ ସାମଗ୍ରୀ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ସଂଗଠନର ପ୍ରତିଷ୍ଠାତା ସଭ୍ୟ ଭିରେନ ସାଲୋତ୍, ସଭାପତି ଭିଶାଲ ଅଗ୍ରୱାଲ, ହିତେଶ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

### ବାଲି ବୋଝେଇ ହାଇୱା ଜଳିଗଲା

**କଟକ ଅଫିସ,୧୧।୬:** କଟକ ସତୀଚଉରା ଶ୍ମଶାନ ସମ୍ମୁଖରେ ଶୁକ୍ରବାର ସକାଳେ ନିଆଁ ଲାଗି ଏକ ବାଲି ବୋଝେଇ ହାଇୱା ଜଳିଯାଇଛି। ଖବରପାଇ ସିଡିଏ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ସମ୍ପର୍କରେ ସହକାରୀ ଅଗ୍ନିଶମ ଅଧିକାରୀ ଅବନୀ କୁମାର ସ୍ୱାଇଁ କହିଛନ୍ତି, ଉକ୍ତ ଟ୍ରକ(ଓଆର୦୯ପି-୧୫୩୭)ଟି କାଠଯୋଡି ନଦୀରୁ ବାଲି ବୋଝେଇ କରି ଆସୁଥିଲା। ରାସ୍ତାରେ ଯାଉଥିବା ସମୟରେ ହଠାତ୍ କୌଣସି କାରଣରୁ ନିଆଁ ଲାଗିଯାଇଥିଲା।

### ୩୦ ବସ୍ତା କାଠକୋଇଲା ଜବତ ବ୍ୟବସାୟୀ ଗିରଫ

**ଖୁଣ୍ଟୁଣୀ,୧୧।୬(ଡି.ଏନ.ଏ):** ୫୫ନଂ. ଜାତୀୟ ରାଜପଥର ପୁରୁଷୋତ୍ତମପୁର ଗ୍ରାମ ନିକଟରୁ ଖୁଣ୍ଟୁଣୀ ବନ ବିଭାଗ ଏକ ଚୋରା କାଠକୋଇଲା ବୋଝେଇ ଗାଡ଼ି ଜବତ କରିଛି। ଏହି ଘଟଣାରେ ବ୍ୟବସାୟୀ ଭଦ୍ରକ ଜିଲା ବାଂଶଡା ଥାନା ଅଧୀନ ପାଇକସାହି ଗ୍ରାମର ଧ୍ରୁବ ଚରଣ ଦାସଙ୍କୁ ଗିରଫ କରାଯାଇଛି। ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖଣ୍ଡୁଆଳି ଗ୍ରାମରୁ ଉକ୍ତ ଗାଡ଼ିରେ ୩୦ ବସ୍ତା କାଠକୋଇଲା ବୋଝେଇ ହୋଇ ଭୁବନେଶ୍ୱରକୁ ଚାଲାଣ ହେଉଥିଲାବେଳେ ବନବିଭାଗ କର୍ମଚାରୀମାନେ ତାହାକୁ ଜବତ କରିଥିଲେ। ଏ ନେଇ ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

### ଟ୍ରାନ୍ସଫର୍ମରରୁ କଏଲ ଚୋରି: ଯୁବକ ଗିରଫ

**କଣ୍ଟାପଡା, ୧୧।୬(ଡି.ଏନ୍.ଏ.):** ଟ୍ରାନ୍ସଫର୍ମରରୁ କଏଲ ଚୋରି କରିବା ଅଭିଯୋଗରେ ଓଲଟପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଗୋବିନ୍ଦପୁର ଥାନା ଅଧୀନ ଅଲିଙ୍ଗ ଗ୍ରାମର ଦୀପକ କୁମାର ମଲ୍ଲିକ। ଗୁରୁବାର ରାତି ପ୍ରାୟ ୨ଟାରେ ଦୀପକ ଅଡ଼ଶପୁର ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ଥିବା ଟ୍ରାନ୍ସଫର୍ମରରୁ ତମ୍ବା କଏଲ ଚୋରି କରୁଥିଲେ। ସେଠାରେ ଥିବା କର୍ମଚାରମାନେ ତାଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ବିଦ୍ୟୁତ୍ କାର୍ଯ୍ୟାଳୟର ସହକାରୀ ପରିଚାଳକ ବୈରୀରଞ୍ଜନ ବିଶ୍ୱାଳଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୬୨/୨୧) ରୁଜୁ କରିଛି।

# କାର୍‌ରେ ଅନ୍ୟ ନମ୍ବର ଲଗାଇବା ମହଙ୍ଗା ପଡ଼ିଲା

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

**ଯୁବକ ଗିରଫ, ଗାଡ଼ି ଜବତ**
- ନିଜକୁ ଆର୍ମି ଅଫିସର କହିଥିଲେ
- ଆଳୁ ବ୍ୟବସାୟୀଙ୍କ ନାଁରେ ଅଛି ଜବତ କାର

ନିଜ ଏକ୍ସୟୁଭି କାର୍‌ରେ ଅନ୍ୟଜଣଙ୍କ ଗାଡ଼ି ନମ୍ବର ଲଗାଇବା ସହ ଆଗପଛରେ ଆର୍ମି ଲେଖି ସହରରେ ନିର୍ଭୟରେ ବୁଲୁଥିଲେ ଜଣେ ଯୁବକ। ବୁଧବାର ଜୟଦେବ ବିହାର ନିକଟରେ ଉକ୍ତ ଗାଡ଼ି ନମ୍ବରର ପ୍ରକୃତ ମାଲିକ ଦେଖିବା ପରେ ଉକ୍ତ ଯୁବକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ତଥାପି ଯୁବକ ନିଜକୁ ଆର୍ମି ଅଫିସର କହିବା ସହ ଜଷ୍ଟିସ, ଆଇଜି ଚିହ୍ନା ଅଛନ୍ତି କହି ନାଲି ଆଖି ଦେଖାଇଥିଲେ। ନୟାପଲ୍ଲୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଗିରଫ କରିଛି। ସେ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଅଭୟମୁଖୀ ଅଞ୍ଚଳର ରତିକାନ୍ତ ଶତପଥୀ(୪୩)। ଏହାସହ ପୋଲିସ ଉକ୍ତ ଫେକ୍ ନମ୍ବର ବିଶିଷ୍ଟ ଏକ୍ସୟୁଭି କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

ନୟାପଲ୍ଲୀ ଅଞ୍ଚଳର ଧନଞ୍ଜୟ ହୋତାଙ୍କ ଏକ କାର୍(ଓଡ଼ି୦୨ ୱାଇ-୦୦୨୩) ରହିଛି। ତାଙ୍କ ଗାଡ଼ି ନମ୍ବରକୁ ଅଭିଯୁକ୍ତ ରତିକାନ୍ତ ନିଜର ଏକ୍ସୟୁଭି କାର୍‌ରେ ନକଲ କରି ଲଗାଇଥିଲା। ରତିକାନ୍ତ ବିଭିନ୍ନ ସମୟରେ ଟ୍ରାଫିକ ନିୟମ ଭାଙ୍ଗୁଥିଲେ ମଧ ଜରିମାନାର ରସିଦ ଧନଞ୍ଜୟଙ୍କ ପାଖକୁ ଯାଉଥିଲା। ବର୍ଷକ ମଧରେ ପାଖାପାଖି ୮ହଜାର ଟଙ୍କା ଜରିମାନା ଆସିଥିଲା । ସେ ଜରିମାନା ନ ଦେବାରୁ ଧନଞ୍ଜୟଙ୍କ ପାଖକୁ ବାରମ୍ବାର କୋର୍ଟରୁ ସମନ ମଧ ଆସିଥିବା କହିଛନ୍ତି।

ଗତବର୍ଷ ମଧ ଧନଞ୍ଜୟ ତାଙ୍କ କାର୍ ନମ୍ବର ଆଉ ଏକ ଏକ୍ସୟୁଭି କାର୍‌ରେ ଲାଗିଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ସେହି ଗାଡ଼ି ପିଛା କରିଥିଲେ ବି ଧରିପାରି ନ ଥିଲେ। ବର୍ଷେ ପରେ ଅର୍ଥାତ ଶୁକ୍ରବାର ଧନଞ୍ଜୟ ସେହି କାର୍‌କୁ ଜୟଦେବ ବିହାର ଛକରେ ମଧ୍ୟାହ୍ନ ୧୨ଟାରେ ଦେଖି ଅଟକାଇଥିଲେ। କାର୍ ମାଲିକ(ରତିକାନ୍ତ)ଙ୍କୁ ପଚାରିବାରୁ ସେ ନାନା କଥା କହି ପାଟି କରିଥିଲେ। ଏ ନେଇ ଧନଞ୍ଜୟ ପୋଲିସକୁ ଜଣାଇବାରୁ ଟିମ ଆସି ରତିକାନ୍ତଙ୍କୁ ନେଇଥିଲା। ଥାନାରେ ରତିକାନ୍ତ ନିଜ ଭୁଲ ମାନିବା ସହ ସେ ସଫ୍ଟୱେର ଇଞ୍ଜିନିୟର ବୋଲି କହିଥିଲେ। ଏମିତିକି ଉକ୍ତ ଗାଡ଼ିଟିକୁ ଜଣେ ଆଳୁ ବ୍ୟବସାୟୀଠାରୁ କିଣିଥିଲେ। ବ୍ୟବସାୟୀ ଜଣକ ମାଲିକାନା ପରିବର୍ତ୍ତନ କରି ନ ଥିବା କହିଥିଲେ। ହେଲେ ତାଙ୍କ କୌଣସି କଥା ବିଶ୍ୱାସଜନକ ନ ଥିବାରୁ ନାନା ସନ୍ଦେହ ସୃଷ୍ଟି କରୁଛି। ଅନ୍ୟପକ୍ଷେ ରତିକାନ୍ତ ଯେଉଁ ଆଳୁ ବ୍ୟବସାୟଙ୍କ ନାଁ କହିଥିଲେ ସେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକିନେଇ ଫେରାର ଥିବା ସୂଚନା ମିଳିଛି।

# ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

**କଟକ ଅଫିସ/କଟକ ସଦର/ ଫୁଲନଖରା/ ଚୌଦ୍ୱାର/ ବାରଙ୍ଗ/ ମାହାଙ୍ଗା/ ଆଠଗଡ଼/ ବାଙ୍କୀ,୧୧।୬(ଡି.ଏନ.ଏ/ସ୍ୱ.ପ୍ର.)**

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ବିରୋଧରେ ଶୁକ୍ରବାର କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ସହରର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ସିଡିଏସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ଆୟୋଜିତ ବିକ୍ଷୋଭରେ ବିଧାୟକ ମହମ୍ମଦ ମୋକିମ, ଶୈଳବାଳା ଜେନା, ତୃପ୍ତି ଦାସ, ନମିତା ମଞ୍ଜରୀ ସାହୁ, ବିଜୟ ବାରିକ, ଆର୍ଯ୍ୟବୀର ଲେଙ୍କା, ରଶ୍ମି ରଞ୍ଜନ ମିଶ୍ରଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ସେହିପରି ବାରବାଟୀ-କଟକ ଯୁବ କଂଗ୍ରେସ, ଚୌଦ୍ୱାର-କଟକ ଯୁବ କଂଗ୍ରେସ ପକ୍ଷରୁ ସହରର ଥିବା ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

କଟକ ସଦର ବ୍ଲକ କଂଗ୍ରେସ ପକ୍ଷରୁ କନ୍ଦରପୁରସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ପ୍ରତାପ ଚନ୍ଦ୍ର ମଲ୍ଲିକଙ୍କ ଆହ୍ୱାନରେ କର୍ମୀମାନେ ଦୈନିକ ତୈଳଦର ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରି ସ୍ଲୋଗାନ ଦେଇଥିଲେ।

କଟକ ସଦର ବ୍ଲକ ଯୁବ କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ପରିଡ଼ାଙ୍କ ନେତୃତ୍ୱରେ ବାଲିକୁଦା ଛକରୁ ରିକ୍ସା ଶୋଭାଯାତ୍ରା ବାହାରି ବମ୍ପକୁଦ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ଥିବା ବାରଙ୍ଗ ବ୍ଲକ କଂଗ୍ରେସର ସଦସ୍ୟଙ୍କ ସହ, କଟକ ସଦର ବ୍ଲକ ଯୁବ କଂଗ୍ରେସର କର୍ମୀମାନେ ଏକତ୍ରିତ ବିକ୍ଷୋଭ କରିଥିଲେ। ଏହି ବିକ୍ଷୋଭ ପିସିସି ସମ୍ପାଦକ ଅନିଲ ବେଉରା, ସମରେନ୍ଦ୍ର ହାତୀ, ଗୁରୁଚରଣ ସ୍ୱାଇଁ, ପ୍ରଶାନ୍ତ ମହାନ୍ତି, ସନ୍ତୋଷ ଲେଙ୍କା, ବିଜୟ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

ଚୌଦ୍ୱାର ନଗର କଂଗ୍ରେସ ପକ୍ଷରୁ କଳିଙ୍ଗଛକସ୍ଥିତ ପେଟ୍ରୋଲ ପମ୍ପଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚୌଦ୍ୱାର ନଗର ସଭାପତି ବିଜୟ ବେହେରାଙ୍କ ନେତୃତ୍ୱରେ ଧୀରେନ୍ଦ୍ର ଚୌଧୁରୀ, ଭ୍ରମରବର ନାୟକ, ବିଜୟ ଦାସ, ରାଜୀବ ମହାନ୍ତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।

ରାଜ୍ୟରେ ପେଟ୍ରୋଲ ଡିଜେଲର ମୂଲ୍ୟ ଦିନକୁ ଦିନ ବୃଦ୍ଧି ହୋଇଛି ବୋଲି ବାରଙ୍ଗ ଏସ୍‌ୟୁସିଆଇ(ସି) ପକ୍ଷରୁ ଅଭଯୋଗ କରାଯାଇଛି। ଏହାସହ ପ୍ରତି ବ୍ଲକରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା, ମାଗଣା ଔଷଧ ଓ ସମସ୍ତଙ୍କୁ ମାଗଣାରେ ଟିକାକରଣ, ଦରଦାମ ବୃଦ୍ଧି ବନ୍ଦ କରିବା ଆଦି ୫ଦଫା ଦାବି ନେଇ ବାରଙ୍ଗ ଆଞ୍ଚଳିକ କମିଟିର ସଦସ୍ୟମାନେ ଅନଲାଇନ୍‌ରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ କମିଟି ପକ୍ଷରୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାରଙ୍ଗ ବିଡିଓଙ୍କ ମେଲକୁ ପଠାଯାଇଛି।

ମାହାଙ୍ଗାରେ କଂଗ୍ରେସ ପକ୍ଷରୁ ଅଳିଯୋଡାସ୍ଥିତ ମା'ତ୍ରିପୁରା ପେଟ୍ରୋଲ ଟାଙ୍କି ସମ୍ମୁଖରେ ମାହାଙ୍ଗା ବରିଷ୍ଠର କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଧାରଣା ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ରେ କଂଗ୍ରେସ ପକ୍ଷରୁ ରାଧାଗୋବିନ୍ଦପୁରସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଗଣଧାରଣା ଦିଆଯାଇଥିଲା। ଏଥିରେ ଆଠଗଡ଼ ଯୁବ କଂଗ୍ରେସ ସଭାପତି ବିକ୍ରମ କେଶରୀ ରାୟସାମନ୍ତ, ମନୋରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଟିଗିରିଆ ବ୍ଲକ ସଭାପତି ସୋମନାଥ ଦାସ ପ୍ରମୁଖ ସାମିଲ ହୋଇଥିଲେ। ବାଙ୍କୀରେ ନଗର କଂଗ୍ରେସ ସଭାପତି କାଶୀନାଥ ମହାପାତ୍ରଙ୍କ ନେତୃତ୍ୱରେ ଶିଶୁଆ ପେଟ୍ରୋଲ ପମ୍ପରେ ଧାରଣା ଦିଆଯାଇଥିଲା। ସେହିପରି ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ କୁମାର ସାହୁଙ୍କ ଉପସ୍ଥିତିରେ କଳାପଥର ଏବଂ ଡମପଡା ବ୍ଲକ କଂଗ୍ରେସ ସଭାପତି ଅସିତ ବରଣ ପଟ୍ଟନାୟକଙ୍କ ନେତୃତ୍ୱରେ ବାଙ୍କୀ ପେଟ୍ରୋଲ ପମ୍ପ ନିକଟରେ ଧାରଣା ଦିଆଯାଇଥିଲା।



ସିଡ଼ିଏସ୍ଥିତ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଶ୍ୱଜିତ୍


@ ରାହୁଲ


@ ବୀରେନ୍


@ ନିଶାମଣି


@ ମମତା


@ ଅର୍ଚ୍ଚନା

# 'ସ୍ୱୟଂ'ରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ଉତ୍କଳ ସମ୍ମିଳନୀର ଦାବି

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ 'ସ୍ୱୟଂ' ଅନ୍‌ଲାଇନ୍ ଶିକ୍ଷା ପୋର୍ଟାଲରୁ ଓଡ଼ିଆ ଭାଷାକୁ ବାଦ୍ ଦେବା ଘଟଣାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏଥିସହିତ ଯଥାଶୀଘ୍ର ଏହି ପୋର୍ଟାଲରେ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ବ୍ୟବସ୍ଥା କରିବାକୁ ସମ୍ମିଳନୀ ଦାବି କରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଏଭଳି ଓଡ଼ିଆ ମାରଣ ନୀତିକୁ ସମାଲୋଚନା କରି ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି, ବଙ୍ଗାଳୀ ଓ ଗୁଜୁରାଟୀ ଭଳି ଅଣଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷାରେ ପିଲାମାନେ ପଢିବାର ସୁଯୋଗ ପାଉଥିବା ବେଳେ ଓଡ଼ିଆ ଭଳି ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷାରେ ପଢ଼ିବାକୁ ପିଲାମାନଙ୍କୁ ବଞ୍ଚିତ କରାଯାଉଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଓ ଏଆଇସିଟିଇ ଏ ବାବଦରେ ନିଜର ନିଷ୍ପତ୍ତି ବଦଳାଇବାକୁ ଉତ୍କଳ ସମ୍ମିଳନୀ ଦାବି କରିଛି।

# ରୁଚି କମ୍ପାନୀ ପକ୍ଷରୁ ରିଲିଫ୍ ବଣ୍ଟନ

**କଟକ ଅଫିସ, ୧୧।୬**

ରୁଚି କମ୍ପାନୀ ପକ୍ଷରୁ ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘର ସମସ୍ତ ସଭ୍ୟଙ୍କୁ ଶୁକ୍ରବାର ରିଲିଫ ବଣ୍ଟନ କରାଯାଇଥିଲା। କମ୍ପାନୀର ସଦସ୍ୟ ଶୁଭେନ୍ଦୁ ଭୂୟାଁଙ୍କ ଉପସ୍ଥିତିରେ ସଂଘର ସଭ୍ୟମାନେ ଉକ୍ତ ସାମଗ୍ରୀ ଗ୍ରହଣ କରିଥିଲେ। ସଂଘର କର୍ମକର୍ତ୍ତା ଦୁର୍ଗା ପ୍ରସାଦ ଛାଟୋଇ, ଶ୍ରୀନିବାସ ରେଡ୍ଡୀ, ରତ୍ନାକର ପ୍ରଧାନ, ଅକ୍ଷୟ ମହାନ୍ତି, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ମନୋଜ ପାଲ, ପ୍ରଶାନ୍ତ ସାହୁ ଓ ପ୍ରଭାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# କୋପା ଆମେରିକା ଆୟୋଜନକୁ ସୁପ୍ରିମକୋର୍ଟଙ୍କ ଅନୁମତି

**ସାଓ ପାଉଲୋ, ୧୧।୬ (ଏପି)**

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ ନେଇ ପଥ ପରିଷ୍କାର ହୋଇଛି। କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ବ୍ରାଜିଲ ସୁପ୍ରିମକୋର୍ଟ ଏହି ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଅନୁମତି ଦେଇଛନ୍ତି। ଦେଶରେ କରୋନା ମହାମାରୀର ଭୟାବହତା ଜାରି ରହିଥିବା ବେଳେ ଟୁର୍ନାମେଣ୍ଟ ଆୟୋଜନକୁ ସମାଲୋଚନା କରାଯାଇଥିଲା। ସର୍ବସମ୍ମତିକ୍ରମେ ୧୧ଜଣ ଜଜ୍ ଆୟୋଜନ ସପକ୍ଷରେ ନିଜର ମତ ରଖିଥିଲେ। ଫଳରେ ବ୍ରାଜିଲ ରାଷ୍ଟ୍ରପତି ଜାଇର ବୋଲସୋନାରୋ ଆୟୋଜକଙ୍କୁ ଆଶ୍ୱସ୍ତି ମିଳିଛି। ପ୍ରଥମେ ଏହି ଟୁର୍ନାମେଣ୍ଟକୁ କଲମ୍ବିଆ ଓ ଆର୍ଜେଣ୍ଟିନା ମିଳିତ ଭାବେ ଆୟୋଜନ କରିବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ ପାଇଁ ଏହି ଦୁଇ ଦେଶ ଆୟୋଜନରୁ ଓହରିଯାଇଥିଲେ। ଫଳରେ ବ୍ରାଜିଲକୁ ଆୟୋଜନ ଅଧିକାର ମିଳିଥିଲା।

ବ୍ରାଜିଲରେ ଏହି ଟୁର୍ନାମେଣ୍ଟ ଆୟୋଜନକୁ ବିରୋଧ କରି ଦୁଇଟି ମକଦ୍ଦମାକୁ ସୁପ୍ରିମକୋର୍ଟ ଖାରଜ କରିଥିଲେ। ରବିବାର କୋପା ଆମେରିକା ଉଦ୍‌ଘାଟନୀ ମ୍ୟାଚ୍‌ରେ ବ୍ରାଜିଲ ଓ ଭେନେଜୁଏଲା ପରସ୍ପରକୁ ଭେଟିବେ ଓ ଏହି




ମ୍ୟାଚ୍ ରାଜଧାନୀ ବ୍ରାସିଲିଆର ମାନେ ଗାରିଞ୍ଚା ଷ୍ଟାଡିୟମରେ ଆୟୋଜନ ହେବ। ଫାଇନାଲ ମୁକାବିଲା ରିଓ ଡି ଜାନେଇରୋର ଐତିହାସିକ ମାରାକାନା ଷ୍ଟାଡିୟମରେ ଖେଳାଯିବ। ବ୍ରାଜିଲିଆନ ସୋସିଆଲିଷ୍ଟ ପାର୍ଟି ଓ ମେଟାଲ ୱାର୍କର୍ସ ୟୁନିୟନ ଆୟୋଜନ ବିରୋଧରେ ସୁପ୍ରିମକୋର୍ଟରେ ମକଦ୍ଦମା ଦାଏର କରିଥିଲେ। ଦେଶର ବିଭିନ୍ନ ରାଜ୍ୟରେ କୋଭିଡ-୧୯ ସ୍ଥିତି ଉଦ୍‌ବେଗଜନକ ରହିଛି। ପୁଣି ଟୁର୍ନାମେଣ୍ଟ ଆୟୋଜନ ହେଲେ ନୂଆ ଭାରିଆଣ୍ଟ ଦେଶକୁ ଆସିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପାର୍ଟି ତରଫରୁ କୁହାଯାଇଥିଲା। ପୁଣି ଯେପର୍ଯ୍ୟନ୍ତ ସାମାଜିକ ଦୂରତା ରକ୍ଷା କରିବା ନିୟମ ଜାରି ରହିବ ସେ ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନ ନ ହେବା ଉଚିତ ବୋଲି ୟୁନିୟନ ତରଫରୁ କୁହାଯାଇଥିଲା। ସବୁପ୍ରକାର ଦୃଷ୍ଟିକୋଣକୁ ବିଚାର କରି ଟୁର୍ନାମେଣ୍ଟ ଆୟୋଜନକୁ ଅନୁମତି ଦିଆଯାଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସମ୍ବିଧାନ ଓ ଏବେକାର ନିୟମକାନୁନ ଅନୁଯାୟୀ କୋର୍ଟ ଅନୁମତି ଦେଇଛନ୍ତି। ଲୋକଙ୍କ ଉପରେ ଜବରଦସ୍ତି ଟୁର୍ନାମେଣ୍ଟ ଆୟୋଜନକୁ ଲଦି ଦିଆଯାଇନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ରିଓ ଡି ଜାନେଇରୋ, ଗୋଇଆସ, ମାଟୋ ଗ୍ରୋସୋ ଓ ଦେଶର ବିଭିନ୍ନ ଫେଡେରାଲ ଜିଲାରେ କୋପା ଆମେରିକା ମ୍ୟାଚ୍ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ଗ୍ରିକୋ-ରୋମାନ ରେସଲିଂ କୋଚ୍ ବହିଷ୍କୃତ

**ନୂଆଦିଲ୍ଲୀ, ୧୧।୬ (ପି.ଟି.)**

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଶୁକ୍ରବାର ଏକ ବଡ଼ ନିଷ୍ପତ୍ତି ନେଇଛି। ଜର୍ଜିଆର ରେସଲିଂ କୋଚ୍ ଟେମୋ କାଜାରାଶଭିଲିଙ୍କୁ ଦୁର୍ବଳ ପ୍ରଦର୍ଶନ ପାଇଁ ବହିଷ୍କାର କରିଛି। କୌଣସି ଭାରତୀୟ ଗ୍ରିକୋ ରୋମାନ ରେସ୍‌ଲର ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରି ନ ପାରିବାରୁ ସାଇ ଏହି କଠୋରେ ନିଷ୍ପତ୍ତି ନେଇଛି।

୨୦୧୯ ଫେବୃୟାରୀରେ ଭାରତ କାଜାରେଶଭିଲିଙ୍କୁ ନିଯୁକ୍ତି ଦେଇଥିଲା। ଅଲିମ୍ପିକ୍ସ ପର୍ଯ୍ୟନ୍ତ ସୋନେପତରେ ସେ ଦେଶର ଗ୍ରିକୋ ରୋମାନ ରେସ୍‌ଲରଙ୍କୁ ଜାତୀୟ କ୍ୟାମ୍ପରେ ପ୍ରଶିକ୍ଷଣ ଦେବାର ଦାୟିତ୍ୱ ତାଙ୍କୁ


ଟେମୋ କାଜାରାଶଭିଲି

ଦିଆଯାଇଥିଲା। ଅଲିମ୍ପିକ୍ସ ପାଇଁ ୪ଜଣ ପୁରୁଷ ଫ୍ରିଷ୍ଟାଇଲ ରେସ୍‌ଲର ଓ ୪ଜଣ ମହିଳା ଫ୍ରିଷ୍ଟାଇଲ ରେସ୍‌ଲର ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ଗ୍ରେକୋ ରୋମାନ ଷ୍ଟାଇଲ୍‌ରେ ଦେଶରୁ କୌଣସି ରେସ୍‌ଲର ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ରେସ୍‌ଲିଂ ଫେଡେରେଶନ ଅଫ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ତରଫରୁ ପରାମର୍ଶ ପାଇବା ପରେ ସାଇ ତାଙ୍କୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛି ବୋଲି କହିଛି। ୨୦୧୯ ଫେବୃୟାରୀରୁ ଅଲିମ୍ପିକ୍ସ ପର୍ଯ୍ୟନ୍ତ ତାଙ୍କ ଚୁକ୍ତି ବଳବତ୍ତର ଥିଲା। ଡବ୍ଲ୍ୟୁଏଫ୍‌ଆଇ ସହସମ୍ପାଦକ ବିନୋଦ ତୋମାର ସାଇର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି।

# ଏଫ୍‌ସି ବେୟର୍ନ ବିଶ୍ୱ ଦଳରେ ଶୁଭୋ ପଲ୍

**ନୂଆଦିଲ୍ଲୀ, ୧୧।୬ (ପି.ଟି.)**

ଦିଲ୍ଲୀ ଭିତ୍ତିକ ସୁଦେଭା ଏଫ୍‌ସି ଆଇ-ଲିଗ୍ ଦଳର ଅଧିନାୟକ ଶୁଭୋ ପଲ୍ ପ୍ରସିଦ୍ଧ ଜର୍ମାନ ଫୁଟ୍‌ବଲ କ୍ଲବ ଏଫ୍‌ସି ବେୟର୍ନର ୧୯ ବର୍ଷରୁ କମ୍ ବିଶ୍ୱଦଳରେ ସ୍ଥାନ ପାଇଛନ୍ତି। ଏଫ୍‌ସି ବେୟର୍ନ ବିଶ୍ୱ ଦଳର ଏକ ଟ୍ରେନିଂ କ୍ୟାମ୍ପ ମ୍ୟୁନିକ୍‌ରେ ହେବ। ଏଥିରେ ୧୭ ବର୍ଷୀୟ ପଲ୍ ଯୋଗ ଦେବେ। ଏଥିରେ ଯୁବ ଫୁଟ୍‌ବଲରମାନେ ଏଫ୍‌ସି ବେୟର୍ନ ସମ୍ପର୍କରେ ଜାଣିବା ଲାଗି ଏକ ସୁଯୋଗ ପାଇବେ। ସେମାନେ ୧୯ବର୍ଷରୁ କମ୍ ଏଫ୍‌ସି ବେୟର୍ନ ଦଳ ସହି ଏକ ମ୍ୟାଚ ଖେଳିବେ। ବିଶ୍ୱକପ୍ ବିଜେତା କିମ୍ବଦନ୍ତୀ କ୍ଲାଅସ୍ ଅଗେନଥଲର ଏବଂ ସେମାନଙ୍କ ଇଣ୍ଟରନ୍ୟାଶନାଲ ପ୍ରୋଗ୍ରାମ୍‌ର କୋଚ୍ ଖ୍ରୀଷ୍ଟୋଫର ଲୋର୍‌ଙ୍କ ନେତୃତ୍ୱରେ ଏଫ୍‌ସି ବେୟର୍ନ ଏକ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଜରିଆରେ ସମଗ୍ର ବିଶ୍ୱର ୧୫ଜଣ ଖେଳାଳିଙ୍କୁ ମନୋନୀତ କରାଯାଇ ଏକ ବିଶ୍ୱ ଦଳ ଗଠନ କରାଯାଇଥାଏ। ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି



ଖେଳାଳିମାନଙ୍କୁ ସେମାନଙ୍କର ଏକ ଶର୍ଟ ଭିଡିଓ ପଠାଇବାକୁ ହୋଇଥାଏ। ଖେଳାଳି ଜଣକ ୨୦୦୩ କିମ୍ବା ୨୦୦୪ରେ ଜନ୍ମଗ୍ରହଣ କରିଥିବା ଆବଶ୍ୟକ। ଏଫ୍‌ସି ବେୟର୍ନ ୧୯ ବର୍ଷରୁ କମ୍ ବିଶ୍ୱ ଦଳ ଅନ୍ୟ ବୁନ୍ଦେସ୍‌ଲିଗା ଟିମ୍ ସହ ଖେଳିବ। ଏବଂ ସେଠାରେ ପ୍ରାୟ ଦୁଇ ସପ୍ତାହ ଧରି ଟ୍ରେନିଂ ନେବ। ଭାରତର ୧୭ ବର୍ଷରୁ କମ୍ ଦଳର ଅନ୍ୟତମ ସଦସ୍ୟ ପଲ୍‌ଙ୍କୁ ଯେତେବେଳେ ମାତ୍ର ୧୨ବର୍ଷ ବୟସ ହୋଇଥିଲା, ସେ ସୁଦେଭାରେ ଫୁଟ୍‌ବଲ ଖେଳିବା ଆରମ୍ଭ କରିଥିଲେ। ୨୦୧୭ରେ ଗ୍ରାସ୍‌ରୁଟ୍ ଓ ୟୁଥ୍ ଟ୍ରାଏଲ୍ ବେଳେ ସେ ସୁଦେଭାର ସ୍କାଉଟିଂ ଟିମ୍ ପାଇଁ ମନୋନୀତ ହୋଇଥିଲେ। ୨୦୧୭ ମେ ମାସଠାରୁ ପଲ୍‌ଙ୍କୁ ବୋର୍ଡିଂ, ଲଜିଂ, ଟ୍ରେନିଂ ଓ ସ୍କୁଲିଂ ସୁବିଧା ପାଇ ଆସୁଛନ୍ତି।

## ଅଲ୍‌ଟ୍ରା ମାରାଥନ୍ ଆୟୋଜନ ପାଇଁ ୨୭ ଦଣ୍ଡିତ ହେବେ

**ବେଜିଂ, ୧୧।୬ (ପି.ଟି.):** ଚାଇନାର ଗାନ୍‌ସୁରେ ଅଣ ପ୍ରଫେସନାଲ ଅଲ୍‌ଟ୍ରା ମାରାଥନର ଆୟୋଜନ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨୭ଜଣ ଦଣ୍ଡିତ ହେବେ। ସେମାନଙ୍କ ମଧ୍ୟରେ ବହୁ ସିନିୟର ମ୍ୟୁନିସିପାଲ ସରକାରୀ ଅଫିସିଆଲ ରହିଛନ୍ତି। ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ଦାଏର କରାଯାଇପାରେ ନତୁବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଗତ ମେ' ୨୨ ତାରିଖରେ ଗାନ୍‌ସୁର ଉତ୍ତର-ପୂର୍ବାଞ୍ଚଳ ପ୍ରୋଭିନ୍ସରେ ୧୦୦ କିଲୋମିଟର ଦୂରତା ବିଶିଷ୍ଟ କ୍ରସ୍‌କଣ୍ଟ୍ରି ମାଉଣ୍ଟେନ ରେସ୍ ହେଉଥିଲା। ସେତେବେଳେ କୋହଲା ପାଗ ସହ ଝଡ଼ ବର୍ଷା ଓ ତୁଷାରପାତ ହୋଇଥିଲା। ହଠାତ୍ ପ୍ରତିକୂଳ ପାଗ ଯୋଗୁ ୨୧ଜଣ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରେ ଚାଇନାର ଜଣାଶୁଣା ଧାବକ ଲିଆଙ୍ଗ୍ ଜିଙ୍ଗ୍ ଅନ୍ୟତମ ଥିଲେ। ଘଟଣାର ତଦନ୍ତ ପରେ ଏହା ଜଣାପଡ଼ିଥିଲା।

# ଶ୍ରୀଲଙ୍କା ଟୁର୍ ପାଇଁ ଧାୱନ ପ୍ରସ୍ତୁତ

**ନୂଆଦିଲ୍ଲୀ, ୧୧।୬**

ଶ୍ରୀଲଙ୍କା ବିପକ୍ଷ ସୀମିତ ଓଭର କ୍ରିକେଟ ସିରିଜ ପାଇଁ ଭେଟେରାନ ଓପନର ଶିଖର ଧାୱନଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ଗୁରୁଦାୟିତ୍ୱକୁ ଅତ୍ୟନ୍ତ ବିନମ୍ରତାର ସହ ଗ୍ରହଣ କରିଛନ୍ତି ଏହି ବାମହାତୀ ବ୍ୟାଟ୍ସମ୍ୟାନ। ଧାୱନ ଅଧିନାୟକ ଏବଂ ଭୁବନେଶ୍ୱର କୁମାର ଉପ-ଅଧିନାୟକ ମନୋନୀତ ହୋଇଛନ୍ତି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ଏବେ ଇଂଲଣ୍ଡ ଗସ୍ତରେ ଥିବାରୁ ଧାୱନଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରିବ। ଜୁଲାଇ ୧୩ରୁ ୨୫ ମଧ୍ୟରେ ଭାରତ କଲମ୍ବୋରେ ଶ୍ରୀଲଙ୍କା ସହ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। ଟିମ୍ ଇଣ୍ଡିଆର ନେତୃତ୍ୱ ନେବା ସୁଯୋଗ ଦିଆଯାଇଥିବାରୁ ସେ ଅତ୍ୟନ୍ତ ଖୁସି। ତାଙ୍କୁ ଶୁଭେଚ୍ଛା ଜଣାଇଥିବା ସମସ୍ତ ଶୁଭେଚ୍ଛୁଙ୍କୁ ସେ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି।


କୋଚ୍ ରାହୁଲ ଦ୍ରାବିଡଙ୍କ ସହ ଶିଖର ଧାୱନ।

୩୫ ବର୍ଷୀୟ ଧାୱନ କ୍ୟାରିୟରରେ ୩୪ ଟେଷ୍ଟ, ୧୪୫ ଦିନିକିଆ ଓ ୬୫ଟି ଟି୨୦ ମ୍ୟାଚ ଖେଳିଛନ୍ତି। ଘୋଷିତ ୨୦ ଜଣିଆ ଦଳରେ ୫ ଜଣ ଖେଳାଳି ପ୍ରଥମଥର ପାଇଁ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ କ୍ରିଷ୍ଣାପ୍ପା ଗୋଥାମ, ଦେବଦତ୍ତ ପଡିକାଲ, ନୀତୀଶ ରାଣା, ଋତୁରାଜ ଗାଏକ୍ୱାଡ ଏବଂ ଚେତନ ସାକାରିୟା।

**ଭାରତୀୟ ଦଳ:** ଶିଖର ଧାୱନ (ଅଧିନାୟକ), ଭୁବନେଶ୍ୱର କୁମାର (ଉପ-ଅଧିନାୟକ), ପୃଥ୍ୱୀ ଶ', ଦେବଦତ୍ତ ପଡିକାଲ, ଋତୁରାଜ ଗାଏକ୍ୱାଡ୍, ସୂର୍ଯ୍ୟକୁମାର ଯାଦବ, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ ରାଣା, ଈଶାନ କିଶନ (ଉଇକେଟ କିପର), ସଞ୍ଜୁ ସାମ୍‌ସନ (ଉଇକେଟ କିପର), ଯୁଜବେନ୍ଦ୍ର ଚହଲ, ରାହୁଲ ଚହର, କ୍ରିଷ୍ଣାପ୍ପା ଗୋଥାମ, କୃନାଲ ପାଣ୍ଡ୍ୟା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଦୀପକ ଚହର, ନବଦୀପ ସଇନୀ, ଚେତନ ସାକାରିୟା। ନେଟ୍ ବୋଲର: ଇଶାନ ପୋରେଲ, ସନ୍ଦୀପ ୱାରିୟର, ଅର୍ଶଦୀପ ସିଂ, ସାଇ କିଶୋର, ସିମରଜିତ ସିଂ।

## ପ୍ରଶଂସକ ଉପସ୍ଥିତି ନେଇ ନିଷ୍ପତ୍ତି ନୋହିଲା

**ଟୋକିଓ, ୧୧।୬ (ଏପି):** ଟୋକିଓ ଅଲିମ୍ପିକ୍ସରେ ପ୍ରଶଂସକଙ୍କ ଉପସ୍ଥିତି ନେଇ ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନିଆଯାଇପାରି ନାହିଁ। ଅଲିମ୍ପିକ୍ସ ଭେନ୍ୟୁଗୁଡିକୁ ପ୍ରଶଂସକଙ୍କୁ ପ୍ରବେଶ ପାଇଁ ଅନୁମତି ଦିଆଯିବ କି ନା ସେ ନେଇ ଚର୍ଚ୍ଚା ଚାଲୁଛି। ଏ ନେଇ ଆୟୋଜକ କି ନିଷ୍ପତ୍ତି ନେବେ ସେ ନେଇ ସମସ୍ତେ ଅନ୍ଧାରରେ ଅଛନ୍ତି। ତେବେ ଜୁନ୍ ଶେଷ ନ ହେବା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଘୋଷଣା ହେବ ବୋଲି ଆଶା କରାଯାଉ ନାହିଁ। ଜୁଲାଇ ୨୩ରେ ଅଲିମ୍ପିକ୍ସ ଆରମ୍ଭ ହେବ। ଏହାର ଠିକ୍ ୩ ସପ୍ତାହ ପୂର୍ବରୁ ଏ ନେଇ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ତେବେ ବିଦେଶୀ ପ୍ରଶଂସକଙ୍କୁ ବହୁ ପୂର୍ବରୁ ବ୍ୟାନ୍ କରାଯାଇଛି। ଏଥର ପ୍ରଶଂସକ ଟେଲିଭିଜନରେ ଅଲିମ୍ପିକ୍ସ କ୍ରୀଡ଼ାକୁ ଉପଭୋଗ କରିବେ। ଜୁନ୍ ୨୦ ପର୍ଯ୍ୟନ୍ତ ଟୋକିଓ, ଅନ୍ୟ କେତୋଟି ସହର ତଥା ଅଞ୍ଚଳରେ ଇମର୍ଜେନ୍ସି ଜାରି ରହିଛି। ଏବେ କରୋନା ସଂକ୍ରମଣରେ ଅବନତି ପରିଲକ୍ଷିତ ହୋଇଛି। ତେବେ ନୂଆ ନୂଆ ଭାରିଆଣ୍ଟଗୁଡିକର ସଂକ୍ରମଣ ଚିନ୍ତା ବଢାଇଛି।

## କେରଳ ବ୍ଲାଷ୍ଟର୍ସ ଏଫ୍‌ସି ସହ ଚୁକ୍ତି କଲେ ଅନିଲ

**ପଣଜୀ, ୧୧।୬ (ପି.ଟି.):** ଭାସ୍କୋ ଏସିସି ଖେଳାଳି ଅନିଲ ଗାଁଓକାର କେରଳ ବ୍ଲାଷ୍ଟର୍ସ ଏଫ୍‌ସି ସହ ଏକ ଦୁଇବର୍ଷିଆ ଚୁକ୍ତି କରିଛନ୍ତି। ପ୍ରି-ସିଜନ ମ୍ୟାଚଗୁଡ଼ିକ ଲାଗି ସେ ଖୁବ୍ ଶୀଘ୍ର ଏହି ଇଣ୍ଡିଆନ ସୁପର ଲିଗ୍ ଦଳ ସହ ଯୋଗ ଦେବେ। ଗୋଆ ପ୍ରିମିୟର ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଗାଁଓକାର ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

GOVERNMENT OF ODISHA — No. O-332

**OFFICE OF THE SUPERINTENDING ENGINEER CENTRAL CIRCLE, RURAL WORKS, BHUBANESWAR**

No.2775 / Date: 09.06.2021

**"e" PROCUREMENT NOTICE FOR BUILDING WORK FOR THE YEAR 2020-21**

| | | | |
|---|---|---|---|
| 1. | Name of the Work | : | Building Work |
| 2. | Total No. of Packages | : | 1 No. of Building Work |
| 3. | Estimated Cost of the Package | : | Rs.115.40 lakhs |
| 4. | Class of Contractors | : | Estimated cost more than Rs.40.00 lakhs & upto Rs.300.00 lakhs. **B Class & A Class** (of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offer rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Central Circle, Rural Works, Bhubaneswar | Tender Online - C.C.- 16 of 2021 | 21.06.2021 at 11.00 A.M. | 07.07.2021 upto 5.00 P.M. | 05.07.2021 upto 3.00 P.M. | 08.07.2021 at 11.00 A.M. | 16.07.2021 at 11.00 A.M. |

Further details can be seen from the website: **www.tendersorissa.gov.in**.

OIPR-25082/11/0012/2022 — Sd./- Superintending Engineer, Central Circle, Rural Works, Bhubaneswar

**ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର**

**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା (ରାସ୍ତା ଓ ଗୃହ) ବିଭାଜନ, ଝାରସୁଗୁଡ଼ା**

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: 2508 — ତା: 27.05.2021

No. XXIII-02: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, Construction of ROB in Lieu of JT-1 & JT-2 near Sarbahal in Jharsuguda Town କାର୍ଯ୍ୟପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ଯୋଜନାରେ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ଟା.ୟୁ.ନଂ.-୫ (ସରବାହାଲ)ର ବେସରକାରୀ ଜମିର ଆବଶ୍ୟକତା ଅଛି। ଯାହାପାଇଁ ଜନଶୁଣାଣି ତା୦୪।୧୨।୨୦୨୦ରିଖରେ ଜିଲ୍ଲାପାଳଙ୍କ ଅଫିସଠାରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଜମିର ମାଲିକାନା ଝାରସୁଗୁଡ଼ା ତହସିଲଦାରଙ୍କଠାରୁ ପ୍ରାପ୍ତ ହୋଇଛି। ଉକ୍ତ ଜମିଗୁଡ଼ିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାର ପତ୍ର ସଂଖ୍ୟା ୪୦୩୦ ତା୦୭।୦୨।୨୦୧୪, ୧୦୨୪୧ ତା୩୧।୦୩।୨୦୧୪, ୨୮୪୬ ତା୨୭।୦୧।୨୦୧୬, ୧୦୮୧୧ ତା୦୫।୦୪।୨୦୧୬ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ, ଝାରସୁଗୁଡ଼ା (ରାସ୍ତା ଓ ଗୃହ) ବିଭାଜନଙ୍କ ଦ୍ୱାରା ଜମି ମାଲିକଙ୍କଠାରୁ ସିଧା ସାଲଖ କ୍ରୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଯଦି କାହାର ଜମି ମାଲିକାନା ଉପରେ ଆପତ୍ତି ଥାଏ, ତେବେ ପାଞ୍ଚ (୫) ଦିନ ମଧ୍ୟରେ ନିମ୍ନ ଲିଖିତ ଠିକଣାରେ ଜଣାଇପାରିବେ।

୦୧. ନିର୍ବାହୀ ଯନ୍ତ୍ରୀ, ଝାରସୁଗୁଡ଼ା (ରାସ୍ତା ଓ ଗୃହ) ବିଭାଜନଙ୍କ କାର୍ଯ୍ୟାଳୟ, ଜି.- ଝାରସୁଗୁଡ଼ା।

ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଝାରସୁଗୁଡ଼ା (ରାସ୍ତା ଓ ଗୃହ) ବିଭାଜନ, ଝାରସୁଗୁଡ଼ା

**ବେସରକାରୀ ଜମି ସମ୍ବନ୍ଧୀୟ ବିବରଣୀ**

**ମୌଜା: ଝାରସୁଗୁଡ଼ା, ଟାଉନ ୟୁନିଟ୍.-୫ (ସରବାହାଲ), ଥାନା/ତହସିଲ: ଝାରସୁଗୁଡ଼ା, ଜି.: ଝାରସୁଗୁଡ଼ା**

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ, ଠିକଣା | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକ ରକବା (ଏକରରେ) |
|---|---|---|---|---|---|---|
| ୧ | ୧୨୧୨/୬୧୯୨ | ୬୪୯୦/୭୧୮୧ | ଆ.ସା | ଶ୍ରୀମତୀ ନନ୍ଦିନୀ ମିଶ୍ର, ସ୍ୱାମୀ: ଗୁଡ଼ାକେଶ ମିଶ୍ର, ଜାତି: ବ୍ରାହ୍ମଣ, ବା: ସରବାହାଲ, ଝାରସୁଗୁଡ଼ା | ୦.୧୫୦ | ୦.୦୭୦ |
| ୨ | ୧୨୧୨/୨୭୭୯ | ୪୧୮୨/୧୨୫୪୩ | ଜି.ବି. | ଜବାହାରଲାଲ ଶୁକ୍ଳା, ପିତା: ରାମସ୍ୱରୂପ ଶୁକ୍ଳା, ଜା: ବ୍ରାହ୍ମଣ, ବା: ମିଶ୍ର ସିନେମା ପାଖ, ଝାରସୁଗୁଡ଼ା | ୦.୩୦୦ | ୦.୨୬୦ |
| | ୧୨୧୨/୨୭୭୯ | ୪୧୮୨ | ଆ.ସା | | ୦.୪୧୯ | ୦.୦୧୦ |
| ୩ | ୧୨୧୨/୧୬୭୩ | ୪୧୮୧/୮୭୨୩ | ଜି.ବି. ୧ | ସୁମତୀ ସାହୁ, ସ୍ୱାମୀ: ଫରେନ୍ଦ୍ର ସାହୁ, ଜା: କୁଲିତା, ବା: ସରବାହାଲ, ହୋତା କଲୋନୀ, ଝାରସୁଗୁଡ଼ା | ୦.୧୦୦ | ୦.୦୭୩ |
| ୪ | ୧୨୧୨/୭୭୭ | ୪୧୮୧/୭୭୦୯ | ଜି.ବି. ୧ | ସରିତା ଅଗ୍ରୱାଲ, ସ୍ୱାମୀ: ଓମ୍ ପ୍ରକାଶ ଅଗ୍ରୱାଲ, ଜା: ବଣିଆ, ବା: ଝାରସୁଗୁଡ଼ା | ୦.୧୦୦ | ୦.୦୮୯ |
| ୫ | ୧୨୧୨/୫୭୯୭ | ୪୧୮୧/୭୭୧୩ | ଜି.ବି. ୧ | ଆଶିଷ ଅରୋରା, ପିତା: ଅଶୋକ କୁମାର ସୋନି, ଜା: ପଞ୍ଜାବୀ, ବା: ମଙ୍ଗଳ ବଜାର ରୋଡ, ଝାରସୁଗୁଡ଼ା | ୦.୦୭୦ | ୦.୦୭୦ |
| ୬ | ୧୨୧୨/୬୦୩ | ୪୧୮୧/୭୫୭୬ | ଆ.ସା | ଜ୍ୟୋତିଶଙ୍କର ତିବାରି, ପିତା: ଗୌରୀଶଙ୍କର ତିବାରି, ଜା: ବ୍ରାହ୍ମଣ, ବା: ସୋହେଲ, ଜିଲ୍ଲା: ବରଗଡ଼ | ୦.୨୫୦ | ୦.୦୬୧ |
| ୭ | ୧୨୧୨/୫୯୮୫ | ୪୧୮୧/୧୨୬୫୯ | ଆ.ସା | ସେଓ ବନ୍ଦନା ରିୟଲିଟିସ୍ ପ୍ରା.ଲି., ସରବାହାଲ, ଝାରସୁଗୁଡ଼ା | ୦.୩୦୫ | ୦.୦୪୩ |
| ୮ | ୧୨୧୨/୫୮୦୮ | ୪୧୮୧/୭୨୩୦ | ଆ.ସା | ସେଓ ବନ୍ଦନ ରିୟଲିଟିସ୍ ପ୍ରା.ଲି., ସରବାହାଲ, ଝାରସୁଗୁଡ଼ା | ୦.୪୧୦ | ୦.୧୦୦ |
| ୯ | ୧୨୧୨/୨୯୪୦ | ୪୧୭୯/୭୪୮୪ | ଆ.ସା | କୋଲକତା ସି.ଡି., ମାନୁଫାକ୍ଚରିଙ୍ଗ ପ୍ରା.ଲି. ତରଫରୁ ନିର୍ଦ୍ଦେଶକ କପିଲ ଶ୍ରାଫ, ପିତା: ଶ୍ରବନ କୁମାର ଶ୍ରାଫ, ଜା: ମାରୱାଡ଼ି, ବା-୫, ଲୋବର ରୋଡନ ଷ୍ଟ୍ରିଟ୍, କୋଲକୋତା | ୦.୩୧୦ | ୦.୦୫୦ |
| ୧୦ | ୧୨୧୨/୬୧୯୦ | ୪୧୭୯/୭୨୭୧ | ଆ.ସା | ମନୋଜ କୁମାର ମିଶ୍ର, ପିତା: ଶିବପଦ ମିଶ୍ର ଓରଫ୍ ଶିବ ପ୍ରସାଦ ମିଶ୍ର, ଜାତି: ବ୍ରାହ୍ମଣ, ବା: ବଂଶୀଧର ଫ୍ଲାଟ, କେନାଲ ରୋଡ, ବଡୋଦ୍ରା (ଗୁଜୁରାଟ), ହା.ନି. ଡ୍ରିମ୍‌ଭିଲ୍ଲା ଡୁପ୍ଲେକ୍ସ, ନିୟୁ କରେଲିବେଙ୍ଗ, ବଡୋଦ୍ରା (ଗୁଜୁରାଟ) | ୦.୧୦୮ | ୦.୦୨୦ |
| | | | | | ସମୁଦାୟ : | ୦.୮୪୬ |

OIPR-34094/14/0007/2122 — ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଝାରସୁଗୁଡ଼ା (ରାସ୍ତା ଓ ଗୃହ) ବିଭାଜନ, ଝାରସୁଗୁଡ଼ା

GOVERNMENT OF ODISHA — No. A-182

**DEPARTMENT OF WATER RESOURCES**

**OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN**

AT/P.O.- LAXMIPOSI, DIST.- MAYURBHANJ

**Government of Odisha "e" PROCUREMENT NOTICE**

**Bid Identification No. 02/21-22 of CEBM, SBB, Laxmiposi**

| | | |
|---|---|---|
| i | Name of Works | a. Construction of Baisinga Branch Canal from RD 45.00 KM to RD 50.00 KM including all structures with Cement Concrete lining and Service Road (Package No. XXII). b. Consturction of Baisinga Branch Canal from RD 51.20 KM to RD 54.00 KM including all structures with Cement Concrete lining and Service Road (Package No. XXIV). c. Construction of Minors and Sub-Minors of Baisinga Branch Canal from RD 30.00 KM to RD 45.00 KM including all structures with Cement Concrete Lining, (Package No. XXVII). |
| ii | Estimated Cost (Lakh) | a) Rs.3828.30 lakh, b) Rs.4537.04 lakh & c) Rs.3414.00 lakh |
| iii | Period of Completion | 24 (Twenty four) Calendar months for each |
| iv | Date & time of availability of bid document in the portal | 21.06.2021 at 10 A.M. |
| v | Last date/time for receipt of bid in the portal | 19.07.2021 upto 5 P.M. |
| vi | Name & address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "**https://tendersodisha.gov.in**".

**Sd./- Chief Engineer & Basin Manager**
**Subarnarekha & Budhabalanga Basi, Laxmiposi**
**cebmsbb2019@gmail.com**
**OIPR-32074/11/0002/2122**

**OFFICE OF THE SORO MUNICIPALITY, SORO**

No. 1279 — Date: 11.06.2021

**DETAILED TENDER CALL NOTICE**

No. C-386: Sealed bid in conformity with Detailed Tender Call Notice are invited from intending registered firms/NGOs/Private Companies/Contractors working with the jurisdiction of Odisha, having eligibility criteria as stipulated in DTCN, for execution of the under mentioned work, so as to reach by **Speed Post/Registered Post only** to the Executive Officer, Soro Municipality, Soro by 1.00 P.M. of Dt.25.06.2021 and bid documents will be opened on Dt.25.06.2021 at 3.00 P.M. in presnece of the bidder or their authorized representatives who wish to remain present for the occasion. If the office happens to be closed due to subsequent declaration of holiday, the process of receipts and opening schedule will be on next working day at the specified time and venue without any further notice. The sale of bid document shall start from Dt.16.06.2021 at 02.00 P.M. and close by 1.00 P.M. of Dt.25.06.2021. The intending bidders shall have to deposit the cost of tender paper (non-refundable) in shape of Demand Draft from any Nationalized Bank drawn in favour of Executive Officer, Soro Municipality, Soro, payable at Soro.

| Sl. No. | Name of the Work | Estimated Cost per month | Cost of Tender Paper |
|---|---|---|---|
| 1 | Providing manpower, all equipment and ancillaries for SWM, cleaning and sanitation services in 19 wards of Soro Municipality as per DTCN. | Rs.6,53,700.00 | Rs.4,000.00 |

Bid documetns can be purchased from Office of the Municipality, Soro against cost of bid document in the form of Demand Draft issued from any Scheduled bank payable at Soro in favour of Executive Officer, Soro Municipality. The Bank Draft should be preparaed on or before the last date of sale of the Bid document or the tender paper. Paper cost of tender paper in form of DD must be submitted with bid documents failing which the bid will be rejected. All other details are available at the Office of the undersigned as well as in the official website **www.soromunicipality.in**.

**Sd./- Executive Officer, Soro Municipality**
**OIPR-13166/11/0002/2122**

**ODISHA LIFT IRRIGATION CORPORATION LTD.**
(A Govt. of Odisha Undertaking)
Plot No. 17/2, Nayapalli, Bhubaneswar - 12
Phone No. 0674-2390195, Fax No. 0674-2395844
e-mail ID: olicltd123@bsnl.in, olicltd@ymail.com

**NOTICE INVITING REQUEST FOR PROPOSAL FOR SELECTION OF FACILITY MANAGEMENT AGENCY FOR PROVIDING SERVICES OF ASSISTANT ACCOUNTANT (COM.) ON OUTSOURCING BASIS**

**No. 2M-B(Estt)12/2019-3927** — **Dt. 11.06.2021**

No. CAD-434: Odisha Lift Irrigation Corporation Ltd., Bhubaneswar invites sealed proposals from eligible bidders (Firms/Agencies) interested to provide "Facility Management Services of Assistant Accountant (Com.)" on outsourcing basis vide a service contract to be engaged at Lift Irrigation Divisions located at different places within Odisha & OLIC Head Office at Bhubaneswar.

Interested bidders can downloaded the RFP documents containing detailed terms & conditions, scope and eligible criteria from the official website: **www.odishalift.co.in & www.odisha.gov.in** from **18.06.2021 (10.00 A.M.) to 08.07.2021 (5.00 P.M.)**. The last date & time for submission of RFP is on 08.07.2021 upto 5.00 P.M. by Speed Post/Registered Post/Courier only. The technical bid will be opened on 09.07.2021 at 11.00 A.M. in presence of the bidder or their authorized representatives if any.

The undersigned reserves the right to accept or reject any or all the tenders without assigning any reason thereof.

**Sd./- Managing Director**
**OLIC Ltd., Bhubaneswar**
**OIPR-32135/11/0001/2122**

idco — Your power to grow
ODISHA — NEW OPPORTUNITIES

File No. HO/Civil/T&E/4559/01/2021/9737 — dt.11.06.2021

**NOTICE FOR ENGAGEMENT OF PROGRAMME MANAGEMENT CONSULTANT (PgMC) FOR VARIOUS PROJECTS OF IDCO**

**ODISHA INDUSTRIAL INFRASTRUCTURE DEVELOPMENT CORPORATION (IDCO)**

No. CAD-436:- Odisha Industrial Infrastructure Development Corporation (IDCO) invites technical and financial proposals from reputed consulting firms having experience in design, engineering, monitoring and supervision for "Engagement of Programme Management Consultancy Firm for various projects of IDCO". The detailed Request for Proposal (RFP) document can be downloaded from e-procurement portal of Govt. of Odisha from 5 PM of 16.06.2021 to 4 PM of 08.07.2021. A pre bid meeting shall be held on 23.06.2021 at 11.30 AM through VC (meet.google.com/trr-psob-uvx). Interested applicants are requested to send their queries by 22.06.2021 by 4 PM in the email id (pmu@idco.in). The last date of receipt of technical and financial bids through e-procurement portal of Govt. of Odisha is 08.07.2021 till 5 PM.

The cost of bid document is Rs.11,800/- and is to be paid online. The technical bids will be opened online on 08.07.2021 at 5.30 PM. IDCO has the right to accept or reject the Notice / RFP without assigning any reasons thereof.

meet.google.com/trr-psob-uvx
pmu@idco.in
08.07.2021 till 5 PM.

**Sd./- Chief General Manager (Civil)**
OIPR-14003/11/0031/2122

## ୬୦୦ ବିଲିୟନ ଡଲାର ସ୍ତରରେ ବିଦେଶୀ ମୁଦ୍ରାଭଣ୍ଡାର

ଦେଶର ବିଦେଶୀ ମୁଦ୍ରାଭଣ୍ଡାର ପ୍ରଥମ ଥର ଲାଗି ୬୦୦ ବିଲିୟନ ଡଲାର ସ୍ତର ଛୁଇଁଛି। ଏଥିରେ ଜୁନ୍ ୪ ଶେଷ ସୁଦ୍ଧା ୬.୮୪୨ ବିଲିୟନ ଡଲାର ଯୋଡି ହୋଇଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ସୂଚନା ମିଳିଛି। ଫରେନ୍ କରେନ୍ସି ଆସେଟ୍‌ରେ ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହା ପୂର୍ବରୁ ମୁଦ୍ରାଭଣ୍ଡାର ୫୯୮.୧୬୫ ବିଲିୟନ ଡଲାର ସ୍ତରରେ ଥିଲା। ସୁନା ରିଜର୍ଭ ୫୦୨ ନିୟୁତ ଡଲାର ବଢି ୫୬୦.୮୯୦ ଡଲାର ରହିଥିବା ଜଣାପଡିଛି।

## ସଂକ୍ଷେପରେ

### ଆଜି ଜିଏସ୍‌ଟି ପରିଷଦ ବୈଠକ




ନୂଆଦିଲ୍ଲୀ,୧୧।୬: ଶନିବାର ଜିଏସ୍‌ଟି ପରିଷଦର ୪୪ତମ ବୈଠକ ଅନୁଷ୍ଠିତ ହେବ। ଏଥିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅଧକ୍ଷତା କରିବେ। ରାଜ୍ୟ ସ୍ତରରୁ ଜିଏସ୍‌ଟି ପରିଷଦର ସଦସ୍ୟମାନେ ମଧ ଉପସ୍ଥିତ ରହିବେ। କୋଭିଡ୍-୧୯ ସାମଗ୍ରୀ ଏବଂ ବ୍ଲାକ୍ ଫଙ୍ଗସ୍ ମେଡିସିନ ଉପରେ ଟିକସ ହ୍ରାସ ନେଇ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ଆଶା କରାଯାଉଛି। ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର, ରାଜ୍ୟଗୁଡ଼ିକର ଅର୍ଥମନ୍ତ୍ରୀ, କେନ୍ଦ୍ର ଶାସିତ ଅଞ୍ଚଳର ପ୍ରତିନିଧି ଏବଂ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଯୋଗଦେବେ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଟୁଇଟ ଯୋଗେ ସୂଚନା ଦିଆଯାଇଛି।

### ୱାଜିରଏକ୍ସକୁ ଇଡି ନୋଟିସ

ନୂଆଦିଲ୍ଲୀ,୧୧।୬: କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ୱାଜିରଏକ୍ସ ଏବଂ ଏହାର ନିର୍ଦ୍ଦେଶକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଶୁକ୍ରବାର ନୋଟିସ ଜାରି କରାଯାଇଛି। ନିର୍ଦ୍ଦେଶକ ନିଶ୍ଚଳ ସେଟ୍ଟୀ ଏବଂ ସମୀର ଏମ୍‌ଙ୍କୁ କାରଣ ଦର୍ଶାଇବାକୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ମୁତାବକ, ଏହା ୨୭୯୦ କୋଟି ଟଙ୍କାର କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ମାମଲା। ବିଦେଶୀ ବିନିମୟ ପରିଚାଳନା ଆଇନ(ଫେମା) ଉଲ୍ଲଂଘନ ଅଭିଯୋଗରେ ଏହି କମ୍ପାନୀ ବିରୋଧରେ ଇଡି ତଦନ୍ତ ଜାରୀ କରିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, ଏଭଳି ନେଣଦେଣ ଚାଇନା ଭିତ୍ତିକ ଅନଲାଇନ ବେଟିଂ ଆପ୍ ଦ୍ୱାରା କରାଯାଇଛି। ଏହା ଏକ ବେଆଇନ ଅର୍ଥ କାରବାର ମାମଲା ପରିସରଭୁକ୍ତ। ଉଲ୍ଲେଖଯୋଗ୍ୟ, ୱାଜିରଏକ୍ସ ଦେଶ ମଧ୍ୟରେ ଭିନ୍ନ ଭିନ୍ନ କ୍ରିପ୍ଟୋକରେନ୍ସି ଟ୍ରେଡିଂ ଲାଗି ସୁବିଧା ପ୍ରଦାନ କରୁଛି।

# ଇଏମ୍‌ଆଇ ଉପରେ ମିଳିବନି ଆଶ୍ୱସ୍ତି

ନୂଆଦିଲ୍ଲୀ,୧୧।୬

କୋଭିଡ୍-୧୯ ଦ୍ୱିତୀୟ ଲହର ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏହାକୁ ବିଚାରକରି ବ୍ୟାଙ୍କର ଋଣ କିସ୍ତି ଉପରେ ମୋରାଟୋରିୟମ ସୁବିଧା ଦେବାକୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାୟର କରାଯାଇଥିଲା। ମୋରାଟୋରିୟମ ନେଇ ବର୍ତ୍ତମାନ କୌଣସି ନିଷ୍ପତ୍ତି ଶୁଣାଇବାକୁ ସୁପ୍ରିମକୋର୍ଟ ଶୁକ୍ରବାର ଅଗ୍ରାହ୍ୟ କରିଦେଇଛନ୍ତି। ଆର୍ଥିକ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟ ବିଶେଷଜ୍ଞ ହୋଇ ନ ଥିବାରୁ ଏ ନେଇ କୌଣସି ନିଷ୍ପତ୍ତି ଗ୍ରହଣ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଥିବା ଜଣାପଡ଼ିଛି। ଆଇନଜୀବୀ ବିଶାଲ ତିୱାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରାଯାଇଥିଲା। ମୋରାଟୋରିୟମ ସୁବିଧା, ଋଣ ପୁନର୍ଗଠନ ଲାଗି ସମୟ ଅବଧି ବୃଦ୍ଧି ଏବଂ ଏନ୍‌ପିଏ କଟକଣାରୁ ଲୋକଙ୍କୁ କ୍ଷାନ୍ତ କରିବାକୁ ଏଥିରେ ନିବେଦନ କରାଯାଇଥିଲା।

## ମୋରାଟୋରିୟମ ନିଷ୍ପତ୍ତି ଶୁଣାଣି ଲାଗି ସୁପ୍ରିମକୋର୍ଟଙ୍କ ଅଗ୍ରାହ୍ୟ



ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏମ୍.ଆର୍.ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣିକରି କହିଛନ୍ତି, ବିତ୍ତୀୟ ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ବିଶେଷଜ୍ଞ ନୁହନ୍ତି। ଏଭଳି ନିଷ୍ପତ୍ତି ଦ୍ୱାରା ଆର୍ଥିକ କ୍ଷେତ୍ରରେ କିଭଳି ପ୍ରଭାବ ପଡ଼ିବ ତାହା ମଧ ଅନୁମାନ କରିହେବ ନାହିଁ। ଏହା ନୀତିଗତ ନିଷ୍ପତ୍ତି। ସରକାର ଏଭଳି ଦିଗକୁ ବିଚାରକରି ବିହୀତ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

ଆବେଦନରେ କୁହାଯାଇଛି, ଦ୍ୱିତୀୟ ଲହର ଯୋଗୁ ପ୍ରାୟ ୧ କୋଟି ଲୋକଙ୍କ ନିଯୁକ୍ତି ଚାଲିଯାଇଛି। ସୁପ୍ରିମକୋର୍ଟ କହିଛନ୍ତି, ଆର୍‌ବିଆଇ ପକ୍ଷରୁ କେତେକ ଆର୍ଥିକ ପ୍ୟାକେଜ ଘୋଷଣା କରାଯାଇଛି। ସରକାର ଏ ଦିଗରେ ଉଚିତ ପଦକ୍ଷେପ ନେଇପାରିବେ। ସେହିଭଳି ଆଗାମୀ ୬ ମାସ ଯାଏ ଲୋକଙ୍କ ସମ୍ପତ୍ତି ନିଲାମରୁ କ୍ଷାନ୍ତ ରହିବାକୁ ବ୍ୟାଙ୍କ ଏବଂ ବିତ୍ତ ପ୍ରତିଷ୍ଠାନଗୁଡ଼ିକୁ କହିଛନ୍ତି। ଏହାର ଉତ୍ତରରେ ଆବେଦନକାରୀ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ଘୋଷଣା କରିଥିବା ପଦକ୍ଷେପ ଦ୍ୱାରା ମଧ୍ୟବିତ୍ତ ବର୍ଗର ପରିବାରଗୁଡିକ ବିଶେଷ ଭାବେ ଲାଭବାନ ହୋଇପାରିବେ ନାହିଁ। ଏଣୁ ଦୀର୍ଘ ମିଆଦୀ ଭିତ୍ତିରେ ସୁଧ ମୁକ୍ତ ଋଣ ମୋରାଟୋରିୟମ ସୁବିଧା ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦିଅନ୍ତୁ। ସେହିଭଳି ଅନନ୍ତଃ ପକ୍ଷେ ଋଣ କିସ୍ତି ପ୍ରଦାନ ଆଗାମୀ ୬ ମାସ ଯାଏ କୋହଳ କରିବାକୁ ନିବେଦନ କରାଯାଇଥିଲା।

# ଦାବି ସମାଧାନ ଲାଗି ସେଣ୍ଟ୍ରାଲ ବ୍ୟାଙ୍କର ସୁବିଧା

ଭୁବନେଶ୍ୱର,୧୧।୬

ମହାମାରୀ ସମୟରେ ଆକସ୍ମିକ ଭାବେ ଲୋକଙ୍କ ମୃତ୍ୟୁ ହେଉଛି। ଲକ୍‌ଡାଉନ ଓ ଅନ୍ୟାନ୍ୟ ଗମନାଗମନ କଟକଣା ଲାଗିଥିବାରୁ ମୃତକଙ୍କ ନିର୍ଭରଶୀଳମାନେ ମୃତକଙ୍କ ବ୍ୟାଙ୍କ ଖାତାର ଅର୍ଥ ପାଇବା ଲାଗି ଦାବି କରିବା ବେଳେ ଅନେକ ସମସ୍ୟା ସାମ୍ନା କରୁଛନ୍ତି। ଦାବି ଫଇସଲା ଲାଗି ବ୍ୟାଙ୍କ ଶାଖା ପରିଦର୍ଶନରେ ଆସି ହଇରାଣ ହେଉଥିବା ଦାବି ଉପସ୍ଥାପନକାରୀ ଓ ଆଇନଗତ ଉତ୍ତରାଧିକାରୀମାନଙ୍କ ସମସ୍ୟାକୁ ନଜରରେ ରଖି ସହଜ ଓ ସୁବିଧାରେ ମୃତକଙ୍କ ଦାବିର ପ୍ରକ୍ରିୟାକରଣ କରିବା ଲାଗି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ନୂଆ ସ୍କିମ୍‌ର ଶୁଭାରମ୍ଭ କରାଯାଇଛି। ବ୍ୟାଙ୍କର ଦେୟମୁକ୍ତ ନମ୍ବର 18002219111ରେ ଦାବି ଉପସ୍ଥାପନ କରାଯାଇଛି। ସେହିଭଳି ଲୋକମାନେ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଡଟ୍ କୋ ଡଟ୍ ଇନ୍‌ରେ ଦାବି ଉପସ୍ଥାପନ କରିପାରିବେ।

# ସ୍ୱାସ୍ଥ୍ୟ ଯତ୍ନ ତଥ୍ୟ ଦେବ ଟ୍ରୁକଲର

ଭୁବନେଶ୍ୱର,୧୧।୬: ଟ୍ରୁକଲର କୋଭିଡ୍ ସ୍ୱାସ୍ଥ୍ୟ ଯତ୍ନ ବୈଶିଷ୍ଟ୍ୟ ପ୍ରଦାନ କରିବା ନିମନ୍ତେ ମ୍ୟାପ୍ ମାଇଁ ଇଣ୍ଡିଆ ଏବଂ ଫ୍ୟାକ୍ଟ ଚେକର ସହିତ ସହବନ୍ଧିତ ହୋଇଛି।ଏହି ବୈଶିଷ୍ଟ୍ୟ ସମସ୍ତ ଆଣ୍ଡ୍ରଏଡ୍ ଉପଭୋକ୍ତାଙ୍କ ନିମନ୍ତେ ଏପ୍ରିଲ ୨୦୨୧ରେ ଶୁଭାରମ୍ଭ କରାଯାଇଥିଲା। ନୂଆ ଚୁକ୍ତି ଫଳରେ ଏହା ସହଜ ବ୍ୟବହାରଯୋଗ୍ୟ ହେବା ସହିତ ଅପଡେଟେଡ୍ ତଥ୍ୟ ପ୍ରଦାନ କରିବାକୁ ଯାଉଛି।ଭାରତରେ ଅଗ୍ରଣୀ ଲୋକେସନ୍ ଭିତ୍ତିକ ଆଇଓଟି ପ୍ଲାଟ୍‌ଫର୍ମ, ମ୍ୟାପ୍ ମାଇଁ ଇଣ୍ଡିଆରେ ୬୦ହଜାରରୁ ଅଧିକ କୋଭିଡ୍ ସମ୍ପର୍କିତ ଜାଣିବା ତଥ୍ୟ ଯେପରିକି ଦେଶର ସମସ୍ତ ଭାକ୍ସିନ ଓ କେନ୍ଦ୍ର, କୋଭିଡ୍ ହସ୍ପିଟାଲ, ଟେଷ୍ଟ ସେଣ୍ଟର ଏବଂ ଆହୁରି ଅଧିକ କିଛି ଏଥିରେ ଅନ୍ତର୍ଭୁକ୍ତ ।

# ବିପର୍ଯ୍ୟୟ ପ୍ରତିରୋଧୀ ଗୃହ ପାଇଁ ଦୀର୍ଘମିଆଦୀ ସମାଧାନ ଲୋଡ଼ା

ଭୁବନେଶ୍ୱର,୧୧।୬

ବିପର୍ଯ୍ୟୟପ୍ରବଣ ଅଞ୍ଚଳଗୁଡ଼ିକରେ ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ, ବିପର୍ଯ୍ୟୟ ପ୍ରତିରୋଧୀ ଗୃହ ହେଉଛି ସମୟର ଆହ୍ୱାନ ବୋଲି ରାଜ୍ୟ ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପି.କେ. ଜେନା କହିଛନ୍ତି। ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ(ଆଇସିସି) ପକ୍ଷରୁ ଅନୁଷ୍ଠିତ ଏକ ୱେବିନାରରେ ସେ କହିଛନ୍ତି, ଆମକୁ ଦୀର୍ଘମିଆଦୀ ସମାଧାନ ଦରକାର। ଘର ତିଆରି କରିବା ବେଳେ ସବୁ ସୁରକ୍ଷା ଓ ପ୍ରତିରୋଧୀ ବ୍ୟବସ୍ଥାକୁ ନଜର ରଖିବା ଆବଶ୍ୟକ। ସୌନ୍ଦର୍ଯ୍ୟକରଣରେ ଟଙ୍କା ବରବାଦ ନ କରିବା, ସରକାରୀ ସହାୟତାର ହାଉସିଂ କାର୍ଯ୍ୟକ୍ରମ ଓ ସରକାରୀ କୋଠାଗୁଡ଼ିକ ଲାଗି ବିପର୍ଯ୍ୟୟ ପ୍ରତିରୋଧକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ସମସ୍ତ ବିପର୍ଯ୍ୟୟ ପ୍ରଭାବିତ ବ୍ଲକ୍‌ରେ ଗୃହ ସହାୟତା ସେବା ହବ୍‌ର ଆବଶ୍ୟକତା ଥିବା କହିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମିନା କହିଛନ୍ତି, ଘର ତିଆରି ବେଳେ ସୁରକ୍ଷା ବିଷୟକୁ ଗୁରୁତ୍ୱ ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏକ ଆନ୍ଦୋଳନର ଆବଶ୍ୟକତା ରହିଛି। ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧକ୍ଷ ଜେ.ବି.ପାଣି ରାଜ୍ୟର ବିପର୍ଯ୍ୟୟ ପ୍ରତିରୋଧୀ ଗୃହ ଅଭିଯାନରେ କର୍ପୋରେଟଗୁଡିକ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଆଇସିସି ଓଡ଼ିଶା ପରିଷଦର ସିଏସ୍ଆର୍ ଆଣ୍ଡ ସଷ୍ଟେନେବିଲିଟି କମିଟିର ସଂଯୋଜକ ଜଗଦାନନ୍ଦ କଛାରୁ ପକ୍କାଘର ଭଳି ସାମାଜିକ ଆନ୍ଦୋଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଟିକାକରଣ

ଭୁବନେଶ୍ୱର,୧୧।୬

ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନିଜର ସମସ୍ତ କର୍ମଚାରୀ, ସେମାନଙ୍କ ପରିବାର ଓ ବିଜ୍‌ନେସ୍ ଆସୋସିଏଟ୍‌ଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ଠାରୁ ୩୩ ହଜାର କୋଭିଶିଲ୍ଡ ଟିକା କ୍ରୟ କରାଯାଇଛି। ଏହି ଟିକା ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। ଏହି କ୍ରମରେ କମ୍ପାନୀ ପକ୍ଷରୁ ପାରାଦୀପ ସ୍ଥିତ ପେଲେଟ୍ ପ୍ଲାଣ୍ଟରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଓଡ଼ିଶା ଅପରେଶନ ମାନବ ସମ୍ବଳ ମୁଖ୍ୟ ପି.କେ. ମହାନ୍ତି ଓ ମୁଖ୍ୟ ସୁରକ୍ଷା ଅଧିକାରୀ ଦୁର୍ଲଭ ସିଂଙ୍କ ଉପସ୍ଥିତ ଥିଲେ। ମୋଟ ୩ ହଜାର ଲୋକଙ୍କୁ ଟିକା ପ୍ରଦାନ କରଯାଇଥିବା ଓଡ଼ିଶା ଅପରେଶନ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସୁରେଶ ଜି କହିଛନ୍ତି।

# ୧୦୦୦ କୋଟିରେ ପହଞ୍ଚିବ କ୍ଷୁଦ୍ରଶିଳ୍ପ ନିଗମ କାରବାର

ଭୁବନେଶ୍ୱର,୧୧।୬

ଓଡିଶା କ୍ଷୁଦ୍ର ଶିଳ୍ପ ନିଗମର ବ୍ୟବସାୟକୁ ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ୧୦୦୦ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଦିଗରେ ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ଫଳପ୍ରଦ କରିବାକୁ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ନିଗମର ସମସ୍ତ କାର୍ଯ୍ୟ ରୂପାୟନରେ ସ୍ୱଚ୍ଛତା, ସମୟାନୁବର୍ତ୍ତିତା, ଗୁଣବତା ରକ୍ଷା ଏବଂ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ରୂପାନ୍ତରଣ ପରେ ସେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଗୁରୁବାର ଏକ ସମୀକ୍ଷା ବୈଠକ ଭିଡିଓ କନଫେରନ୍ସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗ ସହ ଜଡିତ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମର ବ୍ୟବସାୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧକ୍ଷ ଚିନ୍ମୟ କୁମାର ସାହୁ, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ୍ ସିଦ୍ଦିକ୍ ଆଲାମ୍, ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ସଚିବ ଇଉ.ଏନ୍. ଦାସ, ଏମ୍‌ଏସ୍‌ଏମ୍‌ଇ ବିଭାଗର ସ୍ୱତନ୍ତ୍ର ସଚିବ ମନ୍ମଥ ବିଶ୍ୱାଳ, ଓଡିଶା କ୍ଷୁଦ୍ର ଶିଳ୍ପ ନିଗମର ପରିଚାଳନା ନର୍ଦ୍ଦେଶକ ପ୍ରଦୀପ୍ତ କୁମାର ସାହାଣୀ ଏବଂ ନିଗମର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ନିଗମର ଅଧକ୍ଷ ଜଣାଇଥିଲେ ଯେ, ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ନିଗମ ପ୍ରାୟ ୬୧୫ କୋଟି ଟଙ୍କାର ବ୍ୟବସାୟ କରିଛି, ଯାହାକି ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୭% ଅଧିକ। ସେହିପରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ସାମଗ୍ରୀର ମାନବୃଦ୍ଧି ତଥା ସେମାନଙ୍କର ବ୍ୟବସାୟର ଅଭିବୃଦ୍ଧି ପାଇଁ ଏକ ପ୍ଲାଟ୍‌ଫର୍ମ ଯୋଗାଇବା ପାଇଁ ନିଗମର ଆଗାମୀ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ।

ନିଗମର ବିଭିନ୍ନ ବିଭାଗର କାର୍ଯ୍ୟକାରିତାର ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ବିଭାଗର ପ୍ରମୁଖ ଶାସନ ସଚିବ ବ୍ୟବସାୟର ଗୁଣାତ୍ମକ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଯାହା ସବୁ ସହଯୋଗ ଆବଶ୍ୟକ ସେ ସବୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ନିଗମର ବିଟୁମିନ୍ ବ୍ୟବସାୟର ତ୍ୱରିତ ଅଭିବୃଦ୍ଧି ଆଣିବା ପାଇଁ ସେହି ମିଟିଂରେ ପୂର୍ତ୍ତ ବିଭାଗ ସହ ଆଲୋଚନା କରିଥିଲେ। ବର୍ତ୍ତମାନର ବିଟୁମିନ୍‌ର ବ୍ୟବସାୟ ପରିମାଣ ପ୍ରାୟ ୨୦ କୋଟି ଟଙ୍କାରୁ ୧୫୦ କୋଟି ଟଙ୍କାରେ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଫୁରସତ୍

# ବୈଜ୍ଞାନିକ ତିଆରି କଲେ ପକେଟ ଭେଣ୍ଟିଲେଟର

କୋଲକାତା: ବର୍ତ୍ତମାନ ଦେଶରେ ଦୈନିକ ସଂକ୍ରମଣ ହ୍ରାସ ପାଉଥିବା ବେଳେ ମୃତ୍ୟୁସଂଖ୍ୟା କିନ୍ତୁ ଥମିବାର ନାଁ ନେଉନି। କରୋନା କାଳରେ ଦେଶରେ ଭେଣ୍ଟିଲେଟରର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଲୋକମାନେ ହାହାକାର ହେଉଥିବା ବେଳେ ସେମାନଙ୍କର ଚିକିତ୍ସାରେ ବାଧା ଉପୁଜିଛି। ହେଲେ ଏବେ କାଲକାତାର ଜଣେ ବୈଜ୍ଞାନିକ ଏହି ସମସ୍ୟାର ସମାଧାନ ବାଟ ଖୋଜିନେଇଛନ୍ତି। ସେ କୋଭିଡ ରୋଗୀଙ୍କ ପାଇଁ ଏକ ପକେଟ ଭେଣ୍ଟିଲେଟର ତିଆରି କରିଛନ୍ତି। ସୂଚନାଯୋଗ୍ୟ, କୋଲକାତାରେ ରହୁଥିବା ଡାକ୍ତର ରାମେନ୍ଦ୍ର ଲାଲ ମୁଖାର୍ଜୀ ଜଣେ ଇଞ୍ଜିନିୟର ହୋଇଥିବା ବେଳେ ଲଗାତର ଭାବେ ସେ ଏହିଭଳି ଉଦ୍ଭାବନ ଜାରି ରଖିଛନ୍ତି। ରମେନ୍ଦ୍ର ବ୍ୟାଟେରୀ ଦ୍ୱାରା ପରିଚାଳିତ ହେଉଥିବା ଏକ ପକେଟ ଭେଣ୍ଟିଲେଟର ତିଆରି କରିଛନ୍ତି। ଯାହାଦ୍ୱାରା ରୋଗୀଙ୍କୁ ତୁରନ୍ତ ଆରାମ ମିଳିପାରିବ।



ଏହା ସହଜରେ କାମ କରିବା ସହ ଶସ୍ତା ମଧ। ଯଦି କୌଣସି ରୋଗୀଙ୍କୁ ନିଶ୍ୱାସ ନେବାରେ କଷ୍ଟ ହୁଏ ତେବେ ଏହା ତାଙ୍କ ପାଇଁ ଲାଭଦାୟକ ରହିବ। ସୂଚନା ମୁତାବକ ଗତ କିଛି ଦିନ ପୂର୍ବରୁ ରମେନ୍ଦ୍ର କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ତାଙ୍କର ଅକ୍ସିଜେନ ସ୍ତର ୮୮ ତଳକୁ ଖସିଯାଇଥିଲା। ସେତେବେଳେ ପରିବାରଲୋକେ ତାଙ୍କୁ ହସ୍ପିଟାଲ ନେଇ ଚିକିତ୍ସା କରାଇଥିଲେ। ତେବେ ସୁସ୍ଥ ହେବା ପରେ ରୋଗୀଙ୍କ ସାହାଯ୍ୟ ପାଇଁ ତାଙ୍କ ମନରେ ଏକ ଯୋଜନା ଆସିଥିଲା। ପରେ ଏହା ଉପରେ କାର୍ଯ୍ୟ ସେ କରିବା ଆରମ୍ଭ କରିଦେଇଥିବା ବେଳେ ମାତ୍ର ୨୦ ଦିନରେ ପକେଟ ଭେଣ୍ଟିଲେଟର ତିଆରି କରିଥିଲେ।କ ଏହାର ଓଜନ ପ୍ରାୟ ୨୫୦ ଗ୍ରାମ ହୋଇଥିବା ବେଳେ ଏହାକୁ ସହଜରେ ବ୍ୟବହାର କରାଯାଇପାରିବ। ଏଥିରେ ୨ଟି ୟୁନିଟ ଯଥା ପାୱାର ଓ ଭେଣ୍ଟିଲେଟର ରହିଛି, ଯାହା ମାସ୍କ ସହିତ ଜଡ଼ିତ ଅଛି। ଏକ ବଟନ ଦବାଇବା ମାତ୍ରେ ହିଁ ଭେଣ୍ଟିଲେଟର କାମ କରିବା ସହ ରୋଗୀଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ କରିବ। ଥରେ ଏହାକୁ ଚାର୍ଜ କଲେ ପ୍ରାୟ ୮ଘଣ୍ଟା ଏହା କାମ କରିବ। ଆଉ ଏହାକୁ ସ୍ମାର୍ଟ ଫୋନର ଚାର୍ଜର ଦ୍ୱାରା ଚାର୍ଜ କରାଯାଇପାରିବ। ଯଦି ଜଣେ ରୋଗୀ କରୋନାରେ ଆକ୍ରାନ୍ତ ହୋଇଥାନ୍ତି ତେବେ ଏଥିରେ ଥିବା ୟୁଭି ଫିଲଟର ଭାଇରସ୍କୁ ମାରିବାରେ ସହାୟକ ହେବା ସହ ବାୟୁକୁ ସଫା କରିଥାଏ ବୋଲି ରମେନ୍ଦ୍ର କହିଛନ୍ତି। କେବଳ ସେତିକି ନୁହେଁ ଏହି ଭେଣ୍ଟିଲେଟର ଦ୍ୱାରା ଭାଇରସ କମ ବ୍ୟାପିବା ସହ ରୋଗୀ ଓ ଡାକ୍ତରଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଏହା ବ୍ଲାକ ଫଙ୍ଗସ ରୋଗୀଙ୍କ ପାଇଁ ମଧ ଲାଭଦାୟକ ବୋଲି ରମେନ୍ଦ୍ର କହିଛନ୍ତି। ତେବେ ତାଙ୍କର ଏହି ପକେଟ ଭେଣ୍ଟିଲେଟର ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ଗୁପ୍‌ଚୁପ୍ ଭିତରେ ବିବାହମୁଦି



ନୂଆଦିଲ୍ଲୀ: ଗୁପ୍‌ଚୁପ୍ ଭିତରେ ସୁନା ମୁଦି। ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇ ଯାଉଛନ୍ତି କି ? ଏଭଳି ଏକ କାମ କରି ପ୍ରେମିକାକୁ ପ୍ରପୋଜ କରିଛନ୍ତି ଜଣେ ଯୁବକ। ତାଙ୍କ ପ୍ରେମିକା ଗୁପଚୁପ୍ ଖାଇବାକୁ ଖୁବ୍ ଭଲ ପାଉଥିବା ଜାଣି ସେ ଏଭଳି ଢଙ୍ଗରେ ମୁଦି ଦେଇ ବିବାହ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି। ନିଆରା ଷ୍ଟାଇଲରେ ବିବାହ ପ୍ରସ୍ତାବ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଗୁପଚୁପ୍‌କୁ ସୁନ୍ଦରଭାବରେ ସଜାଇ ସେଥିରେ ଏକ ବିବାହ ମୁଦି ରଖି ସେ ତାଙ୍କ ପ୍ରେମ ସ୍ୱୀକାର କରିବା ପାଇଁ ଅନୁରୋଧ କରିଥିଲେ। ଏଭଳି ଏକ ନିଆରା ଢଙ୍ଗରେ ବିବାହ ପ୍ରସ୍ତାବକୁ ଦେଖି ତାଙ୍କ ପ୍ରେମିକା ବି ବହୁତ ଖୁସି ହୋଇ ଯାଇଥିଲେ। ଏହି ଯୋଡିଙ୍କର ପ୍ରେମ କାହାଣୀର ଏଭଳି ଷ୍ଟାଇଲ୍‌ର ଏକ ଭିଡିଓ ପ୍ରଥମେ ଟୁଇଟରରେ ଶେୟାର କରାଯାଇଥିଲା। ଏହାପରେ ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି।

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର୍, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

# ଶୁଟିଂ ସମୟରେ ନିଆ ଶର୍ମାଙ୍କୁ ପ୍ରପୋଜ



ମୁମ୍ବାଇ: ଛୋଟ ପରଦାର ପ୍ରସିଦ୍ଧ ଅଭିନେତ୍ରୀ ନିଆ ଶର୍ମା ଷ୍ଟାଇଲିଷ୍ଟ ସହ ଫ୍ୟାଶନ ଆଇକନ ମଧ। ତାଙ୍କ ସିରିଏଲ 'ଏକ ହଜାରୋଁ ମେ ମେରି ବେହନା ହେ'ର ଫଟୋ ଏବଂ ନୃତ୍ୟ ଭିଡିଓ ସୋସିଆଲ ମିଡିଆରେ ପ୍ରତିଦିନ ଭାଇରାଲ ହେବାରେ ଲାଗିଛି। ନିଆ ତାଙ୍କ ସୌନ୍ଦର୍ଯ୍ୟରେ କେବଳ ଦର୍ଶକଙ୍କୁ ନୁହନ୍ତି ବରଂ କୋ-ଷ୍ଟାରଙ୍କୁ ପାଗଳ କରିଦେଇଛନ୍ତି। ଏକଦା କୋ ଷ୍ଟାର ଶୁଟିଂ ସମୟରେ ସମସ୍ତଙ୍କ ସାମ୍ନାରେ ତାଙ୍କୁ ପ୍ରପୋଜ କରିଥିଲେ। ଏଥିରେ ନିଆ ଆଶ୍ଚର୍ଯ୍ୟ ହୋଇଗଲେ। ନିଆ ଏକ ନୂଆ ମ୍ୟୁଜିକ ଭିଡିଓରେ କାମ କରୁଛନ୍ତି। ଏଥିରେ ଅଭିନେତା କମଲ କୁମାର ତାଙ୍କ ସହ ଅଛନ୍ତି। ଏକ ସାକ୍ଷାତକାରରେ କମଲ ଏହି କଥା କହିଥିଲେ। କମଲ କହିଛନ୍ତି ଯେ, ଶୁଟିଂ ପାଇଁ ପ୍ରସ୍ତୁତି ଚାଲିଥିଲା। ସେଟ୍‌ରେ ସଦସ୍ୟମାନେ କାର୍ଯ୍ୟରେ ବ୍ୟସ୍ତ ଥିଲେ। ସେତେବେଳେ ମୁଁ ହଠାତ ଆଣ୍ଠୁମାଡି ନିଆଙ୍କୁ ପ୍ରପୋଜ କଲି। ତାଙ୍କ ସମେତ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତା'ପରେ ମୁଁ ଏବଂ ନିଆ ହସିବାକୁ ଲାଗିଲୁ। କାରଣ ଏହା ସେଭଳି ସିରିୟସ ନଥିଲା । କିନ୍ତୁ ନିଆ ଏତେ ସୁନ୍ଦର ତାଙ୍କୁ ପ୍ରପୋଜ କରିବାକୁ କିଏ ଚାହିଁବ ନାହିଁ। ମୁଁ ମଜା କରିବା ପାଇଁ ଏହା କରିଥିଲି, ନିଆ ମଧ ଏଥିରେ ମୋତେ ସମର୍ଥନ କରିଥିଲେ।

# ଟିକା ନେବା ପରେ ଶରୀରରେ ଚୁମ୍ବକୀୟ ଶକ୍ତି

ନାସିକ: କୋଭିଡ୍ ଟିକା ନେବା ପରେ ଲୋକଙ୍କ ଠାରେ ବିଭିନ୍ନ ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉଛି। କିନ୍ତୁ ନାଶିକର ଅରବିନ୍ଦ ସୋନାର ନାମକ ଜଣେ ବ୍ୟକ୍ତି ଅଜବ ଦାବି ଆଣିଛନ୍ତି। ଦ୍ୱିତୀୟ ଟିକା ନେବା ପରେ ତାଙ୍କୁ ଚୁମ୍ବକୀୟ ଶକ୍ତି ମିଳିଛି। ଲୁହାରେ ତିଆରି ପଦାର୍ଥ ତାଙ୍କ ଦେହରେ ଲାଗି ରହୁଥିବା ସେ ଦାବି କରିଛନ୍ତି। ନିଜ ଦାବିକୁ ପ୍ରମାଣ କରିବା ପାଇଁ ସେ ଭିଡିଓ ମଧ ଶେୟାର କରିଛନ୍ତି। ଭିଡିଓରେ ପ୍ଲେଟ, ଚାମଚ ଓ ମୁଦ୍ରା ତାଙ୍କ ଦେହରେ ଲାଗି ରହିଥିବା ଦେଖିବାକୁ ମିଳୁଛି। ପ୍ରଥମେ ଦେହର ଝାଳ କାରଣରୁ ଏଭଳି ହେଉଥିବା ଅରବିନ୍ଦଙ୍କ ପରିବାର ଲୋକେ ଅନୁମାନ କରୁଥିଲେ। କିନ୍ତୁ ଗାଧୋଇ ସାରିବା ପରେ ମଧ ଲୁହା ସାମଗ୍ରୀ ତାଙ୍କ ଦେହରେ ଲାଗି ରହୁଥିବା ଜାଣିବାକୁ ପାଇଥିଲେ। ଏହାର କାରଣ ଜାଣିବା ପାଇଁ ସୋନାରଙ୍କ ଘରେ ପହଞ୍ଚିଥିଲେ ନାଶିକ ମ୍ୟୁନିସିପାଲ କର୍ପୋରେଶନର ଡାକ୍ତର। ତଦନ୍ତ ଶେଷ ହେବା ପରେ ହିଁ ଏହାର କାରଣ ଜଣାପଡ଼ିବ ବୋଲି ଡାକ୍ତର ଅଶୋକ ଥୋରାଟ କହିଛନ୍ତି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରମାଞ୍ଜନ ଦେହୁରୀ
ମାଧପୁର, ବନ୍ତଳା, ଅନୁଗୋଳ
ଆବିର୍ଭାବ: ୦୫।୦୨।୧୯୭୪
ତିରୋଧାନ: ୦୨।୦୬।୨୦୨୧
ତୁମ ଅନାବିଳ ସ୍ନେହ, ସୀମାହୀନ ମମତା, ଶ୍ରଦ୍ଧା, ଅନୁଶାସନ ଚିର ସ୍ମରଣୀୟ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ଦେହୁରୀ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୨୦୮୭୩

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବିଳାସ ପତି
ପଞ୍ଚପଡା, ହିନ୍ଦୋଳ, ଢେଙ୍କାନାଳ
ଆବିର୍ଭାବ: ୧୬।୦୬।୧୯୪୧
ତିରୋଧାନ: ୦୧।୦୬।୨୦୨୧
ଆପଣଙ୍କର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଆତ୍ମୀୟତା, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମକୁ ଚିରକାଳ ଅନୁପ୍ରାଣିତ କରୁଥିବ। ଆପଣଙ୍କ ଅବିନାଶୀ ପୁଣ୍ୟ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀବାଙ୍କବିହାରୀ ଜୀଉଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ:
ପ୍ରକାଶ, ବୀଣାପାଣି କୈଳାସ, କୀର୍ତ୍ତି, ଦେବବ୍ରତ, କଳ୍ପନା, ଚିକୁ, ରଶ୍ମି, ମିକୁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୨୦୮୭୪

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପଣ୍ଡିତ ବିନାୟକ ମିଶ୍ର
ଆବିର୍ଭାବ: ୨୭।୧୨।୧୯୨୭
ତିରୋଧାନ: ୦୫।୦୬।୨୦୧୯
ନନା, ଆଜିକୁ ଦୁଇବର୍ଷ ହେଲା ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମର ପାଣ୍ଡିତ୍ୟ, ଆଦର୍ଶ, କର୍ତ୍ତବ୍ୟନିଷ୍ଠତା, ଭବିଷ୍ୟତ ଗଣନା ଏବଂ ମନ୍ତ୍ର ପାଠ ଆଜି ମଧ ଚିରସ୍ମରଣୀୟ ରହିଯାଇଛି। ଆମେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ପ୍ରଭୁ ବିଶ୍ୱନିୟନ୍ତାଙ୍କ ପାଖରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ବଡ଼ପୁଅ: ନାରାୟଣ, ବୋହୂ: ରେଣୁ, ସାନପୁଅ: ନିରଞ୍ଜନ ଦାଶ, ବୋହୂ: ବର୍ଷା, ଝିଅମାନେ (ସୁଷମା, ପଦ୍ମନାଭ, ଶୋଭାରାଣୀ, ରାଧାରାଣୀ, କୃଷ୍ଣ, ପ୍ରିୟମ୍ବଦା, ଗୀତାଞ୍ଜଳି, ଝିଆରୀ, ପୁତୁରା, ଭଣଜା, ଭାଣିଜୀ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ)
ଧ-୨୦୮୭୫

# ବ୍ୟାସକବି ଫକୀରମୋହନ

ବାଲେଶ୍ୱର ଜିଲା ମଲୀକାଶପୁର ଗ୍ରାମର ଲକ୍ଷ୍ମଣ ଚରଣ ସେନାପତି ଓ ତୁଳସୀ ଦେବୀଙ୍କ ଔରସରୁ ସେ ଜନ୍ମ ଗ୍ରହଣ କରିଥିଲେ ୧୮୪୩ ମସିହା ଜାନୁୟାରୀ ୧୩ ତାରିଖରେ। ପିଲାବେଳୁ ବାପାମାଆ ଛେଉଣ୍ଡ ହୋଇପଡ଼ିବାରୁ ଠାକୁରମା' କୁଚିଳା ଦେଈଙ୍କ ତତ୍ତ୍ୱାବଧାନରେ ସେ ବଢ଼ିଥିଲେ। ତାଙ୍କର ପିଲାବେଳ ନାମ ଥିଲା ବ୍ରଜମୋହନ। ମାତ୍ର ଚାରିଅଣା ପଇସା ଦରମା ଦେଇ ନ ପାରିବାରୁ ତାଙ୍କ ପାଠପଢ଼ାର ସମାପ୍ତି ଘଟିଥିଲା।

**"ସେ ଥିଲେ ଏକାଧାରରେ ଆଧୁନିକ ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଜାତୀୟବାଦୀ ଚେତନାର ଜନକ, ଶିକ୍ଷାବିତ୍, ଦାର୍ଶନିକ ତଥା ମାନବବାଦୀ ଓ ସମାଜ ସଂସ୍କାରକ। ଏହି ମହାନ୍ ବ୍ୟକ୍ତିତ୍ୱଜଣକ ହେଉଛନ୍ତି ବ୍ୟାସକବି ଫକୀର ମୋହନ ସେନାପତି।"**



ପରେ ନିଜ ଅଧ୍ୟବସାୟ ବଳରେ ଫକୀର ମୋହନ ଓଡ଼ିଆ, ସଂସ୍କୃତ, ବଂଗଳା, ପାର୍ସୀ ଓ ଇଂଲିଶ ଇତ୍ୟାଦି ପାଞ୍ଚଟି ଭାଷା ଶିକ୍ଷା କରି ଶିକ୍ଷକତା କରିଥିଲେ।

ସେ ବୋଧଦାୟିନୀ, ସମ୍ବାଦବାହିକା ପତ୍ରିକା ସହ ପ୍ରଥମ ପ୍ରିଣ୍ଟିଂ ମେଶିନ୍ ବାଲେଶ୍ୱରରେ ବସାଇଥିଲେ। ଜିଲାପାଳ ଜନ୍ ବୀମସ୍‌ଙ୍କ ସହାୟତାରେ ଗ୍ରାମାଞ୍ଚଳରେ ଓଡ଼ିଆ ବିଦ୍ୟାଳୟ ସ୍ଥାପନକରି ସେ ନିଜେ ପାଠ୍ୟପୁସ୍ତକ ଲେଖିଥିଲେ। ରାମାୟଣ ଓ ମହାଭାରତ ଅନୁବାଦ ପାଇଁ 'ବ୍ୟାସକବି' ଉପାଧି ଓ ବାମଣ୍ଡା ମହାରାଜାଙ୍କ ଦ୍ୱାରା ସେ 'ସରସ୍ୱତୀ' ଉପାଧି ପାଇଥିଲେ। ତାଙ୍କର ଛମାଣ ଆଠଗୁଣ୍ଠ, ମାମୁଁ, ପ୍ରାୟଶ୍ଚିତ୍ତ ଓ ଲଛମା ଉପନ୍ୟାସ ତଥା ରେବତୀ, ରାଣ୍ଡୀ ପୁଅ ଅନନ୍ତା ଗଳ୍ପ ଓ କବିତା 'ମୁଁ ହାଟ ବାହୁଡ଼ା' ପାଇଁ ସେ ଓଡ଼ିଆ ଜାତି ନିକଟରେ ଯୁଗଯୁଗ ପାଇଁ ନମସ୍ୟ ହୋଇ ରହିଥିବେ। ୧୯୧୮ ମସିହା ଜୁନ୍ ୧୪ ତାରିଖରେ ସେ ଇହଧାମ ତ୍ୟାଗ କରିଥିଲେ।

**–ଡ. ନାରାୟଣ ବାରିକ୍**
ସଭାପତି, ସର୍ବଭାରତୀୟ ଶିକ୍ଷା ସ୍ୱାସ୍ଥ୍ୟ ଓ ସାହିତ୍ୟ ସଂଗଠନ, ଭୁବନେଶ୍ୱର




## ଆସ ଜାଣିବା

# ଡାହାଣୀକୁ ବାପାଙ୍କ ଢେଲାମାଡ଼

**ପ୍ର. ରମେଶ ଚନ୍ଦ୍ର ପରିଡା**




ମୋ ପିଲାଦିନେ ଆମ ଗାଁରେ ଅନେକ ଡାହାଣୀ ଥିଲେ ବୋଲି ଲୋକେ କହୁଥିଲେ। ସେ ବିଷୟରେ ଅନେକ କାହାଣୀ ମୁଁ ମୋ ଜେଜେମା', ବୋଉ, ଖୁଡ଼ୀଙ୍କ ନିକଟରୁ ଶୁଣିଥିଲି। ସେମାନେ କହୁଥିଲେ ଯେ, ସାଧାରଣ ସ୍ତ୍ରୀ ଲୋକଟିଏ ମଲେ ସେ ଡାହାଣୀ ହେଉଥିଲା। ଗର୍ଭଧାରଣ ଅବସ୍ଥାରେ ମଲେ ଚିରିଗୁଣୀ ଏବଂ ଅବିବାହିତ ଅବସ୍ଥାରେ ମଲେ ପିତାଶୁଣୀ ହେଉଥିଲା। କେବଳ ସେତିକି ନୁହେଁ, ପିଲାଦିନେ ବୁଢ଼ୀ ବୋଉ ସହ ରାତିରେ ବାହାରକୁ ପରିସ୍ରା କରିବାକୁ ଉଠିଲେ ଅନେକ ଥର ତହିଁରୁ ଗୋଟିଏ ଅଧେ ଦୂରରୁ ଦେଖିଥିଲି ମଧ୍ୟ। ତାହା ଦେଖି ମୁଁ ଭୟଭୀତ ହୋଇଯାଉଥିଲି।

ହେଲେ ଶିକ୍ଷକ ଥିବା ମୋ ବାପାଙ୍କର ଏଥିରେ ବିଶ୍ୱାସ ନ ଥିଲା। ସେ ଏହାକୁ ନେଇ ଅଲଗା କଥା କହୁଥିଲେ। ଥରେ ସେ ମୋତେ ଏ ନେଇ ବୁଝାଇବାକୁ ଯାଇ କହିଥିଲେ, ''ମଶାଣିରେ ମଲା ମଣିଷ ବା ଗୋରୁ ଆଦିଙ୍କ ଶବ ପୋତାଯାଏ କିମ୍ବା ପୋଡ଼ାଯାଏ। ସେମାନଙ୍କର ମାଂସ, ଚମ ମାଟିରେ ମିଶିବା ପରେ ରହିଯାଏ ହାଡ଼। ସେଥିରେ ଥାଏ ଫସଫରସ ବୋଲି ଗୋଟିଏ ପଦାର୍ଥ। ରାତିରେ ଓଦାଳିଆ ଥଣ୍ଡା ପବନ ସେଥିରେ ବାଜିଲେ ତାହା ଜଳେ। ସେଥିରୁ ଆଲୁଅ ବାହାରେ। ହେଲେ ଦିନରେ କିଛି ହୁଏନାହିଁ। କିନ୍ତୁ ଆମେ ତାକୁ ଦେଖି ପାରୁନା–ତାରାମାନଙ୍କୁ ନ ଦେଖିଲା ଭଳି। ହେଲେ ରାତିରେ ତାହା ଭଲ ଭାବରେ ଦିଶେ। ଆମେ ତାକୁ 'ଡାହାଣୀ ଆଲୁଅ' ବୋଲି ଭାବୁ। ସେହିପରି ବିଲୁଆମାନେ ଶବ ଖାଇଲା ବେଳେ ହାଡ଼ ବି ଚୋବାଇ ଥାଆନ୍ତି। ତେଣୁ ତାଙ୍କ ପାଟିରେ ଫସଫରସ ଲାଗିଥାଏ। ରାତିରେ ସେମାନେ ଏଣେତେଣେ ବୁଲନ୍ତି। ଯେତେବେଳେ ସେମାନେ ପାଟି ଆଁ କରିଦିଅନ୍ତି ଆଉ ସେଥିରେ ପବନ ବାଜେ, ସେତିକିବେଳେ ସେଥିରୁ ଆଲୁଅ ବାହାରେ। ବୁଢ଼ୀବୋଉ ତୋତେ ଯେଉଁ ଡାହାଣୀ ଦେଖାଇଛି ପ୍ରକୃତରେ ସେଇଥିରୁ ଗୋଟିଏ।''

ବାପାଙ୍କ ପାଖରୁ ଏସବୁ ଶୁଣିବା ପରେ ମୋର ତାହା ଉପରେ ଟିକେ ବିଶ୍ୱାସ ଆସିଲା। ଥରେ ଅଧା ରାତିରେ ବାପା ମୋତେ ଉଠାଇଲେ। ମୁଁ ଆଖି ମଳି ମଳି ଉଠିଲି। ସେ ଝରକା ବାଟେ ମୋତେ ବାହାରକୁ ଚାହିଁବାକୁ କହିଲେ। ମୁଁ ଦେଖିଲି ରାସ୍ତା ଉପରେ ଡାହାଣୀଟିଏ ବୁଲୁଛି। ତା' ପାଟିରୁ ଧପଧପ ହୋଇ ଆଲୁଅ ବାହାରୁଛି। ତା'ପରେ ବାପା ହଠାତ୍ କବାଟ ଖୋଲି ସେ ଡାହାଣୀ ଉପରକୁ ଢେଲାଟାଏ ମାରିଲେ। ଢେଲାଟି ତା' ପାଖରେ ପଡ଼ିଲା ଏବଂ ସେହି ଡାହାଣୀ ବିଚିତ୍ର ଶବ୍ଦ କରି ଧାଇଁ ପଳାଇଲା। ତାହା ଦେଖି ମୋ ଗୋଡ଼ହାତ ଥରୁଥାଏ। ବାପା କବାଟ ବନ୍ଦ କରି ମୋତେ କହିଲେ, ''ଦେଖିଲୁ, ତାହା ଡାହାଣୀ କି ? ସେଇଟା ଗୋଟେ ବିଲୁଆ। ତା' ସାଙ୍ଗମାନଙ୍କ ସହ ଆହାର ଖୋଜିବାକୁ ଆସିଥିଲା।''

ମୁଁ ବଡ଼ ହୋଇ କଲେଜରେ ବିଜ୍ଞାନ ପଢ଼ିଲି। ତେଣୁ ଫସଫରସ ବିଷୟରେ ଅନେକ କଥା ଜାଣିଲି। ବୁଝିଲି ଯେ, ବାପାଙ୍କ କଥାରେ ଅଳ୍ପଟିକେ ଭୁଲ୍ ରହିଯାଇଥିଲା। ଅବଶ୍ୟ ତାଙ୍କ କଥା ଠିକ୍ ଯେ କେତେକ ଫସଫରସ (ଧଳା) ଓଦାଳିଆ ପବନରେ ଜଳେ। ମଶାଣିରେ ହୁଏତ ତାହା ହେଉଥିବ। ହେଲେ ମଶାଣିର ମାଟି ଖାରିଆ ଓ ସନ୍ତସନ୍ତିଆ ହୋଇଥିଲେ ସେଥିରୁ 'ଫସଫିନ୍' ନାମକ ବାଷ୍ପ ବାହାରେ। ସେଥିରେ 'ଫସଫରସ ଡାଇ ହାଇଡ୍ରିନ୍' ନାମକ ଆଉ ଏକ ବାଷ୍ପ ମିଶିଥାଏ। ଏହି ଦୁଇଟି ଏକାଠି ହେଲେ ଓଦାଳିଆ ପବନରେ ଖୁବ୍ ଜୋର୍‌ରେ ଜଳନ୍ତି। ଏହା ହିଁ ମଶାଣିର ବଡ଼ ବଡ଼ 'ଡାହାଣୀ ଆଲୁଅ'। ସେହିପରି ବିଲୁଆ ପାଟିରେ ଫସଫରସ ନୁହେଁ ଥାଏ 'ଲୁସିଫେରିନ୍' ନାମକ ଏକ ପ୍ରୋଟିନ୍ ଏବଂ 'ଲୁସିଫେରେଜ୍' ନାମକ ଏକ ଏଞ୍ଜାଇମ୍। ଏହି ଦୁଇଟି ଏକାଠି ଅମ୍ଳଜାନ ସଂସ୍ପର୍ଶରେ ଆସିଲେ ଜଳେ। ତେଣୁ ବିଲୁଆ ପାଟି ଆଁ କଲେ ସେଥିରେ ପବନ ବାଜି ଆଲୁଆ ବାହାରେ।

–ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୭

## ଖିଲିଖିଲି ହସ

ଥରେ ଦୁଇ ଜଣ ଚୋର ଚୋରି କରି ଅସଫଳ ହେଲେ। ଗୋଟିଏ ଜାଗାରେ ବସି ସେମାନେ କଥା ହେଉଥାଆନ୍ତି। ପ୍ରଥମ ଚୋର କହିଲା, ଜାଣିଲୁ ସାଙ୍ଗ, ଆଉ ଆମର ଚୋରି ବିଦ୍ୟା ଭଲ କାମ କରୁନାହିଁ। ଦ୍ୱିତୀୟ ଚୋର ପଚାରିଲା, ଆରେ କାହିଁକି ? ପ୍ରଥମ ଚୋର କହିଲା, ଆରେ, ଏବେ ପରା ନେଟ୍ ଶସ୍ତା ହେଲାଣି। ତେଣୁ କୌଣସି ପରିବାରର କେହି ନା କେହି ଡେରି ରାତି ପର୍ଯ୍ୟନ୍ତ ମୋବାଇଲ୍‌ରେ ବ୍ୟସ୍ତ ରହୁଛନ୍ତି। ତେଣୁ ଚୋରି କେମିତି କରିବା କହିଲୁ ?

କ୍ଲାସରେ ପଢ଼ାଇବା ସମୟରେ ଶିକ୍ଷକ ଅମରକୁ ପଚାରିଲେ, ଆରେ ତୁ ଚଢ଼େଇ ବିଷୟରେ କିଛି ଜାଣିଛୁ ? ଅମର କହିଲା, ହଁ, ସାର, କିଛି ଚଢ଼େଇଙ୍କ ବିଷୟରେ ମୋର କିଛି ଜ୍ଞାନ ଅଛି। ସାର୍ କହିଲେ, 'ଆଚ୍ଛା କହିଲ, କେଉଁ ଚଢ଼େଇ ଉଡିପାରେ ନାହିଁ। ଏକଥ ଶୁଣି ଅମର ଉତ୍ତର ଦେଲା, 'ସାର୍, ଏହାର ଉତ୍ତର ଅତି ସହଜ। ମରିଯାଇଥିବା ଚଢ଼େଇ ଉଡିପାରେ ନାହିଁ।'

## ମତାମତ

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ପ୍ରକାଶିତ ପରିବେଶ ସମ୍ବନ୍ଧୀୟ ଲେଖାରୁ ଗଛ ଲଗାଇବା ପ୍ରତି ଆମର ଆଗ୍ରହ ସୃଷ୍ଟି ହୋଇପାରିବ। ତେଣୁ ଗପଟି ଭାରି ଭଲ ଲାଗିଲା। *–ଅମୂଲ୍ୟ କୁମାର ପଣ୍ଡା, କଟକ*

➤ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କବିତାଗୁଡ଼ିକ ଛୋଟ ହୋଇଥିଲା ଏବଂ ଏଥିରେ ସ୍ଥାନୀତ ଚିତ୍ରଗୁଡିକ ବହୁତ ସୁନ୍ଦର ଲାଗିଲା।
*–ସ୍ନିଗ୍ଧା ମହାନ୍ତି, ଭୁବନେଶ୍ୱର*

➤କହିଲ ଦେଖି ସ୍ତମ୍ଭରେ ଛୋଟ ଛୋଟ କବିତା ଶୈଳୀରେ ବିଭିନ୍ନ ବିଷୟ ଉପସ୍ଥାପନା ପ୍ରତିଥର ପରି ଏଥର ବି ବହୁତ ଭଲ ହୋଇଥିଲା।
*–ସଂଗ୍ରାମ କେଶରୀ ସ୍ୱାଇଁ, ପୁରୀ*

ରଙ୍ଗ ତୁଳୀରୁ



**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ–୧, ଏସ୍ଆର୍ ଡିଗି ସ୍କୁଲ, ସୁଚିତ୍ରା, ହାଇଦ୍ରାବାଦ





**ଶ୍ରୀୟାରାଣୀ ସାହୁ**
କ୍ଲାସ–୬, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଇଁଶିଆ, ଢେଙ୍କାନାଳ





**ଅନମୋଲ ଅନିକେତ**
କ୍ଲାସ–୨, ଦିଲ୍ଲୀ ପବ୍ଲିକ ସ୍କୁଲ, ଭାଇଜାଗ ଷ୍ଟିଲ, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ



## କବିତା



### ନାହିଁ ଆଗଭଳି ରଜ

ଫିକା ପଡ଼ିଲାଣି ଏ ରଜ ମଉଜ
ନାହିଁ ଆଉ ଆଗ ଭଳି
ଗାଆଁ ଝିଅମାନେ ଖିଲି ପାନ ଖାଇ
ବୁଲୁ ନାହିଁ ଗାଆଁ ଗଳି ।

ତୋଟାମାନେ ଆଉ ବନ୍ଧା ହେଉ ନାହିଁ
ଗୋଟେ ହେଲେ ପଟା ଦୋଳି
ନାହିଁ ଭାଇଚାରା ମମତାର ପ୍ରୀତି
ସ୍ନେହ ଆଉ କୋଳାକୋଳି ।

ରଜ ଦୋଳି ଗୀତେ ଶ୍ରଦ୍ଧା ଆଉ ନାହିଁ
ହେଉନାହିଁ ପୋଡ଼ପିଠା
ସହରରୁ କେହି ଆସେନି ଗାଆଁକୁ
ଧରି କିଲେ କିଲେ ମିଠା।

ଓଡ଼ିଆ ଭୁଲୁଛି ପରମ୍ପରା ତା'ର
ହଜାଇ ସଂସ୍କୃତି ସତ୍ତା
ତଥାପି ରଜଟା ମନେ ପଡିଗଲେ
ଭିଜି ଯାଏ ଆଖି ପତା।

*–ଅମୂଲ୍ୟ କୁମାର ପଣ୍ଡା*
*ଅରଙ୍ଗାବାଦ, ବରୀ, ଯାଜପୁର*

### ବରଷକେ ଥରେ

ବରଷ କେ ଥରେ ଆସିଛି ରଜ
ନାହିଁ ଦୋଳି ଖେଳ ନାହିଁ ମଉଜ।
କରୋନା ନେଇଛି ସବୁତ ଧୋଇ
କାହାରି ମନରେ ସରାଗ ନାହିଁ ।
ତଥାପି ଆମେରେ ଯିବାନି ହାରି
କରୋନାକୁ ଦେବା ଦେଶରୁ ତଡ଼ି।
ନିୟମକୁ ସଦା ମାନି ଚଳିବା
ମାନି ଚଳୁ ଥିଲେ ସୁସ୍ଥ ରହିବା।
ଆର ବରଷକୁ ପାଳିବା ରଜ
ହସି ଖେଳି କରିବାରେ ମଉଜ।

**–ରଶ୍ମିତା ସେଠୀ,** ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା





### ରଜ ପରବ

ପରବ ଭିତରେ ସାର ଅଟେ ପରା
ଏ ଆମ ରଜ ପରବ,
ଆନନ୍ଦ ଉତ୍ସବ ହୁଅଇ ପାଳନ
ଓଡ଼ିଶାର ଇଏ ଗର୍ବ।



ପାଦରେ ଘୁଙ୍ଗୁର ବାନ୍ଧି ବର୍ଷା ରାଣୀ
ହେଉଥାଏ ସଜବାଜ,
ଟୁପୁରୁ ଟାପୁରୁ ଛନ୍ଦେ ଗାଇ ଉଠେ
ସେ ମଧ୍ୟ ପାଳଇ ରଜ।

ପୋଡପିଠା ବାସ୍ନା ଆହା କି ମଧୁର
ଖାଇଦେଲେ ମନବୋଧ,
ରଜ ଦୋଳି ଖେଳ ଝିଅମାନଙ୍କର
ଦୋଳି ଗୀତ ବର୍ଣ୍ଣବୋଧ।

ଗ୍ରାମ୍ୟ ଲଳନାର ମିଳିତ କଣ୍ଠରୁ
ସଙ୍ଗୀତ ମୂର୍ଚ୍ଛନା ଛୁଟେ,
ଭାବ ଦିଆନିଆ ରଜ ପରବରେ
ସମୟ ଖୁସିରେ କଟେ।

***–ଅରୂପ କୁମାର ବିଶ୍ୱାଳ***
*ଏନ୍.ଏ.ସି. ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ, ଜଗତସିଂହପୁର*

### ରଜ ଆସିଗଲା

ରଜ ଆସିଗଲା ବରଷକ ପରେ
ଆମରି ଓଡ଼ିଶା ମାଟିକି
ହେଲେ କିବା ଲାଭ କରୋନା ଭୟରେ
ରୁଚୁନାହିଁ କିଛି ପାଟିକି।

ପିଠା ଦବ ବୋଉ ଖାଲି ଯା' କହିଛି
କେତେ ରକମର କରିକି
ନୂଆ ପୋଷାକ ଯେ କେମିତି କିଣିବୁ
ଦୋକାନୀ ଆସୁନି ଡରିକି।

ଜମିବନି ଖେଳ ଏଥର କୋଉଠି
ତାଆସ, କ୍ୟାରମ, ଲୁଡୁର
ଏଇସବୁ କଥା ଭାବିକି ମୁହଁଟା
ଶୁଖିଛି ଆମରି ଗୁଡୁର।

ବଞ୍ଚି ରହିଥିଲେ ଆର ବରଷକୁ
ଜମେଇକି ରଜ ପାଳିବା
ମଙ୍ଗଳ ମନାସି ଏ ବରଷ ଆସ
ଦୀପ ଗୋଟେ ଗୋଟେ ଜାଳିବା।

***–ଶିଶିର କୁମାର ପଣ୍ଡା,***
*କୁଆଁସ, ମେରଦା କାଟିଆ*

## ଚଗଲା ଭୀମୁ




## କହିଲ ଦେଖି

(୧)
ଗଛରେ ବାନ୍ଧନ୍ତି ପିଲାଏ ଦୋଳି,
ଖେଳନ୍ତି ମେଳି ହୋଇ...
ପୋଡ଼ ପିଠାର ମହକ ଛୁଟଇ,
ସହରଠୁ ଗାଁ ଭୂଇଁ...
ପରବ ଭିତରେ ସାର,
ବସୁଧା ମାତା ଯେ ପୂଜିତ ହୁଅଇ
ଅବିରତ ତିନି ବାର।
ଉତ୍ତର–**ରଜ ପର୍ବ**



(୨)
ଜଗତର ନାଥ ଛାଡ଼ି ଶ୍ରୀମନ୍ଦିର
ଭାଇ ଭଉଣୀଙ୍କୁ ନେଇ,
ମାଉସୀ ଘରକୁ ଯାଆନ୍ତି ସେଦିନ
ଭକ୍ତଙ୍କୁ ଦର୍ଶନ ଦେଇ,
ଚକ ଯାଏ ଗଡ଼ି ଗଡ଼ି
ଶଙ୍ଖ ଝାଞ୍ଜ ଘଣ୍ଟ ମୃଦଙ୍ଗ ଶବଦେ
ଗଗନ ଉଠଇ ପଡ଼ି।
ଉତ୍ତର –**ରଥଯାତ୍ରା**



**–ଶୁଭବ୍ରତ ମଲିକ**
କୋରୁଆ, ଧୂଷୁରୀ, ଭଦ୍ରକ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁନ୍ ୧୨/୨୦୨୧ Bhubaneswar, Saturday, June 12/ 2021

# ସିତ୍‌ସିପାସ ଫାଇନାଲରେ

## ଫ୍ରେଞ୍ଚ୍ ଓପନ ଟେନିସ

ପ୍ୟାରିସ, ୧୧।୬

ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ। ଶୁକ୍ରବାର ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ପ୍ରଥମ ସେମିଫାଇନାଲରେ ସେ ଜର୍ମାନୀର ଆଲେକଜାଣ୍ଡର ଜେଭ୍‌ରେଭ୍‌ଙ୍କୁ ୬-୩, ୬-୩, ୪-୬, ୪-୬, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି।



ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ଅବସରରେ ଷ୍ଟିଫାନୋସ ସିତ୍‌ସିପାସ।

### ମହିଳା ଡବଲ୍ସ

ମହିଳା ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଚେରି ରିପବ୍ଲିକ ଯୋଡ଼ି ବାର୍ବରା କ୍ରେଜିକୋଭା ଏବଂ କାଟରିନା ସିନିକୋଭା। ପ୍ରଥମ ସେମିଫାଇନାଲରେ ଏହି ଯୋଡ଼ି ପୋଲାଣ୍ଡର ମାଗ୍‌ଦା ଲିନେଟି ଏବଂ କ୍ରୋଏସିଆର ବେର୍ନାର୍ଡା ପେରାଙ୍କୁ ୬-୧, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। କ୍ରେଜିକୋଭାଙ୍କ ପାଇଁ ଚଳିତ ଟୁର୍ନାମେଣ୍ଟରେ ଡବଲ ଟାଇଟଲ ହାସଲର ସୁଯୋଗ ରହିଛି। କାରଣ ଏହି ଚେକ୍ ଖେଳାଳି ମହିଳା ସିଙ୍ଗଲ୍ସ ଫାଇନାଲରେ ମଧ୍ୟ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ସେ ୭-୫, ୪-୬, ୯-୭ ସେଟ୍‌ରେ ଗ୍ରୀସ୍‌ର ମାରିଆ ସାକାରିଙ୍କୁ ପରାସ୍ତ କରିଥିଲେ। କ୍ରେଜିକୋଭା-ସିନିକୋଭା ଯୋଡ଼ି ମହିଳା ଡବଲ୍ସ ଫାଇନାଲରେ ପୋଲାଣ୍ଡର ଇଗା ସ୍ୱିଟେକ ଓ ଆମେରିକାର ବେଥାନି ମାଟେକ ସାଣ୍ଡ୍ସ ଯୋଡ଼ିଙ୍କୁ ଭେଟିବେ। ପୋଲାଣ୍ଡ-ଆମେରିକା ଯୋଡ଼ି ଦ୍ୱିତୀୟ ସେମିଫାଇନାଲରେ ରୋମାନିଆର ଇରିନା-କାମେଲିଆ ବେଗୁ ଓ ଆର୍ଜେଣ୍ଟିନାର ନାଦିଆ ପୋଡୋରୋସ୍କା ଯୋଡ଼ିଙ୍କୁ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି।

# ପୋଲାଣ୍ଡ ଓପନ୍‌ରେ ସ୍ୱର୍ଣ୍ଣ ଜିତିଲେ ଭିନେଶ

**ୱାରସ, ୧୧।୬ (ପି.ଟି.):** ଭାରତର ଷ୍ଟାର ରେସ୍‌ଲର ଭିନେଶ ଫୋଗଟ (୫୩ କେଜି) ଏଠାରେ ଚାଲିଥିବା ପୋଲାଣ୍ଡ ଓପନ୍ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଚଳିତ ସିଜନରେ ୨୬ ବର୍ଷୀୟା ଭିନେଶଙ୍କର ଏହା ହେଉଛି ତୃତୀୟ ଟାଇଟଲ। ପୂର୍ବରୁ ମାର୍ଚ୍ଚରେ ସେ ମାଟେଓ ପେଲିକୋନ୍ ଇଭେଣ୍ଟ ଏବଂ ଏପ୍ରିଲରେ ଏସିଆନ ଚାମ୍ପିୟନଶିପ୍ ଜିତିଛନ୍ତି। ଶୁକ୍ରବାର ବିଜୟ ଦ୍ୱାରା ଟୋକିଓ ଅଲିମ୍ପିକ୍ସରେ ଭିନେଶ ଟପ୍ ସିଡ୍ ମାନ୍ୟତା ଲାଭ କରିବେ। ୨୦୧୯ ବିଶ୍ୱ ବ୍ରୋଞ୍ଜ (୫୦କେଜି) ବିଜୟିନୀ ଏକାଟରିନା ପୋଲେସଚୁକ୍‌ଙ୍କ ବ୍ୟତୀତ ଭିନେଶଙ୍କୁ ଅନ୍ୟ କୌଣସି ପ୍ରତିଯୋଗୀ ଅଡୁଆରେ ପକାଇ ପାରି ନଥିଲେ। ସ୍ୱର୍ଣ୍ଣ ପଦକ ବିଜୟ ପଥରେ ସେ ମାତ୍ର ୨ ପଏଣ୍ଟ ହାରିଥିଲେ। ଫାଇନାଲରେ ସେ ଗୋଟିଏ ହେଲେ ପଏଣ୍ଟ ନ ହାରି ୟୁକ୍ରେନର ଖ୍ରିଷ୍ଟିନା ବେରେଜାଙ୍କୁ ୮-୦ରେ ପରାସ୍ତ କରିଥିଲେ। ଭିନେଶ ତାଙ୍କର ଅଧିକାଂଶ ପଏଣ୍ଟ ଡବଲ ଲେଗ୍ ଆଟାକ୍‌ରୁ ପାଇଥିଲେ। ଅନ୍ୟପକ୍ଷରେ ୨୦୧୯ ୟୁରୋପିଆନ ରୌପ୍ୟ ବିଜୟିନୀ ବେରେଜା ଲଢେଇର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରକ୍ଷଣାତ୍ମକ ରଣନୀତି ଆପଣେଇଥିଲେ।

# କନ୍‌ୱେ, ୟଙ୍ଗ୍‌ଙ୍କ ଦୃଢ଼ ବ୍ୟାଟିଂ

ବର୍ମିଂହାମ, ୧୧।୬

ଡେଭନ କନ୍‌ୱେ ଏବଂ ୱିଲ୍ ୟଙ୍ଗ୍‌ଙ୍କ ଦୃଢ଼ ବ୍ୟାଟିଂ ଏବଂ ଶତକୀୟ ଭାଗୀଦାରି ବଳରେ ନ୍ୟୁଜିଲାଣ୍ଡ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଛି। ଶୁକ୍ରବାର ଦ୍ୱିତୀୟ ଦିବସ ଶେଷ ବେଳକୁ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩ ଉଇକେଟ ହରାଇ ୨୨୯ ରନ ସଂଗ୍ରହ କରିଛି। ୱିଲ୍ ୟଙ୍ଗ୍ ୮୨ (୨୦୪ ବଲ, ୧୧ ଚୌକା), କନ୍‌ୱେ ୮୦ ଏବଂ କେନ୍ ୱିଲିୟମସନଙ୍କ ସ୍ଥାନରେ ଅଧିନାୟକ ଦାୟିତ୍ୱ ତୁଲାଉଥିବା ଟମ୍ ଲଥାମ ୬ ରନ କରି ଆଉଟ ହୋଇଛନ୍ତି। ନ୍ୟୁଜିଲାଣ୍ଡ ମାତ୍ର ୧୫ ରନରେ ପ୍ରଥମ ଉଇକେଟ ହରାଇଥିଲେ ହେଁ କନ୍‌ୱେ ଏବଂ ୟଙ୍ଗ୍ ଦ୍ୱିତୀୟ ଉଇକେଟରେ ୨୪୦ ବଲ୍‌ରୁ ୧୨୨ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ୧୪୩ଟି ବଲ୍ ଖେଳିଥିବା କନ୍‌ୱେ ନିଜ ଇନିଂସ ମଧ୍ୟରେ ୧୨ଟି ଚୌକା ମାରିଥିଲେ। ରସ୍ ଟେଲର ୪୬ ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ୍ ୨ଟି ଏବଂ ଡାନ୍ ଲରେନ୍ସ ଗୋଟିଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଡେଭନ କନ୍‌ୱେ।

### ଇଂଲଣ୍ଡ ୩୦୩ରେ ଅଲଆଉଟ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୫୮/୭ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ୩୦୩ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଡାନ୍ ଲରେନ୍ସ ୮୧ (୧୨୪ ବଲ, ୧୩ ଚୌକା) ରନରେ ଅପରାଜିତ ରହିଥିବାବେଳେ ମାର୍କ ଉଡ୍ ୪୧ (୮୦ ବଲ୍, ୭ ଚୌକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ୮ମ ଉଇକେଟ ଯୋଡ଼ିରେ ଲରେନ୍ସ ଓ ଉଡ୍ ୬୬ ରନ ସଂଗ୍ରହ କରିଥିଲେ। ୨୮୮ ରନରେ ଇଂଲଣ୍ଡ ୮ମ ଉଇକେଟ ହରାଇଥିଲେ ହେଁ ଷ୍ଟୁଆର୍ଟ ବ୍ରଡ୍ (୦) ଏବଂ ଜେମ୍ସ ଆଣ୍ଡରସନ (୪)ଙ୍କ ବିଫଳତା ଯୋଗୁ ଦଳୀୟ ସ୍କୋର ୩୦୩ରେ ସୀମିତ ରହିଯାଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୪ଟି, ମ୍ୟାଟ୍ ହେନରି ୩ଟି, ଆଜାଜ ପଟେଲ ୨ଟି ଏବଂ ନେଲ୍ ୱାଗନର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୦୩/ଅଲଆଉଟ (ଡାନ୍ ଲରେନ୍ସ-୮୧*, ରୋରି ବର୍ନ୍ସ-୮୧, ମାର୍କ ଉଡ୍-୪୧, ଟ୍ରେଣ୍ଟ ବୋଲ୍ଟ-୪/୮୫, ମ୍ୟାଟ୍ ହେନରି-୩/୭୮, ଆଜାଜ ପଟେଲ-୨/୩୪, ନେଲ୍ ୱାଗନର-୧/୬୮)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୨୨୯/୩(ୱିଲ୍ ୟଙ୍ଗ-୮୨, ଡେଭନ କନ୍‌ୱେ-୮୦, ଷ୍ଟୁଆର୍ଟ ବ୍ରଡ୍-୨/୨୨, ଡାନ୍ ଲରେନ୍ସ-୧/୮)।

# କ୍ରୀଡ଼ା ମନ୍ତ୍ରଣାଳୟ ପ୍ରତିନିଧି ଦଳ ପଠାଇବ ନାହିଁ

ନୂଆଦିଲ୍ଲୀ,୧୧।୬(ପି.ଟି.)

ଟୋକିଓ ଅଲିମ୍ପିକ୍ସ ସଂକ୍ରାନ୍ତରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। କ୍ରୀଡ଼ା ମନ୍ତ୍ରଣାଳୟ ଏଥର ଅଲିମ୍ପିକ୍ସକୁ ଏହାର ପ୍ରତିନିଧି ଦଳ ପଠାଇବ ନାହିଁ। ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଆଥ୍‌ଲେଟମାନଙ୍କ ସହିତ ଯେପରି ଅଧିକରୁ ଅଧିକ ସଂଖ୍ୟାରେ ସପୋର୍ଟ ଷ୍ଟାଫ୍, କୋଚ୍ ଓ ଫିଜିଓଙ୍କୁ ପଠାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

ଅଲିମ୍ପିକ୍ସ ପାଇଁ ଏ ପର୍ଯ୍ୟନ୍ତ ମୋଟ ଉପରେ ୧୦୦ ଜଣ ଭାରତୀୟ ଆଥ୍‌ଲେଟ ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ଆଉ ୨୫ରୁ ୩୫ଜଣ ଆଥ୍‌ଲେଟ ଯୋଗ୍ୟତା ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଅଲିମ୍ପିକ୍ସ ଜୁଲାଇ ୨୩ରୁ ଅଗଷ୍ଟ ୮ ତାରିଖ ମଧ୍ୟରେ ଆୟୋଜନ ହେବ। ଆଥ୍‌ଲେଟମାନଙ୍କର ପ୍ରଦର୍ଶନକୁ ଆହୁରି ଭଲ କରିବାକୁ ଅଧିକ ସଂଖ୍ୟାରେ ଅତିରିକ୍ତ ସପୋର୍ଟ ଷ୍ଟାଫ୍ ଯଥା କୋଚ, ଡାକ୍ତର, ଫିଜିଓ ଥେରାପିଷ୍ଟ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଆଥ୍‌ଲେଟ, କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଭ୍ରମଣ ନିଷ୍ପତ୍ତି ପ୍ରୋଟୋକଲର ଆବଶ୍ୟକତା ଅନୁଯାୟୀ ନିଆଯିବ।



ନିୟମ ଅନୁସାରେ ଆଥ୍‌ଲେଟଙ୍କ ସଂଖ୍ୟା ଉପରେ ଅଲିମ୍ପିକ୍ସ ଯିବାକୁ ଥିବା ଅଫିସିଆଲଙ୍କ ସଂଖ୍ୟା ନିର୍ଭର କରେ। ଆଥ୍‌ଲେଟଙ୍କ ସଂଖ୍ୟାର ଏକ ତୃତୀୟାଂଶ ଅଫିସିଆଲ ଅଲିମ୍ପିକ୍ସ ଯିବାର ନିୟମ ରହିଛି। କୋଭିଡ୍-୧୯ କାରଣରୁ ପ୍ରତ୍ୟେକ ଦେଶରୁ ଅତିବେଶିରେ ୧୧ଜଣ ବିଦେଶ ମନ୍ତ୍ରୀ ଟୋକିଓ ଯିବାକୁ ଅନୁମତି ଦିଆଯାଇଛି। ସେହିପରି କ୍ୟାବିନେଟସ୍ତରୀୟ ପ୍ରତିନିଧି ମଣ୍ଡଳୀକୁ ୫ଜଣରେ ସୀମିତ ରଖାଯାଇଛି। ଭାରତୀୟ ଆଥ୍‌ଲେଟଙ୍କୁ ସାହାଯ୍ୟ ସମର୍ଥନ କରିବାକୁ ଟୋକିଓସ୍ଥିତ ଭାରତୀୟ ଦୂତାବାସରେ ଏକ ଅଲିମ୍ପିକ ମିଶନ ସେଲ୍ ଖୋଲିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏହା ଦ୍ୱାରା ଆଥ୍‌ଲେଟମାନେ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟଙ୍କ ସହ ମୋଟ ଉପରେ ଏକ ୧୯୦ ଜଣିଆ ଭାରତୀୟ ଦଳ ଟୋକିଓ ଯାତ୍ରା କରିବ।







Authorised Tata Motors Dealers:

BHUBANESWAR Dion Automotives: 9319452597
BHUBANESWAR Trupti Enterprises: 8448512636
NAYAGARH Trupti Enterprises: 9311324875
PARADIP Trupti Enterprises: 9311324877
CUTTACK Gugnani Autocars: 7303658971

Images and illustrations are indicative and for information purpose only. All features/specifications are not available in all variants and may vary for different variants. Accessory may or may not be part of standard fitment. *Segment refers to petrol sedan less than 4 meter with up to 1.2L Engine. **Segment refers to hatchback less than 3.9m. ##Safety rating for adult occupant protection. #Starting price for all models are Ex-showroom price Delhi ^EMI has been calculated as per Step-up EMI scheme from HDFC Bank for Loan amount of ₹5.15 Lakh for Tigor and ₹4.45 Lakh for Tiago. This EMI is not applicable for first 6 months after which it will increase depending upon the loan tenure. ^^Offer valid till stocks last. Terms and conditions apply.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସୁଆର ମହାସୁଆର ନିଯୋଗର ଦାବି

ପୁରୀ ଅଫିସ : ଶ୍ରୀମନ୍ଦିର ପରିଚାଳନା କମିଟିରେ ସୁଆର ମହାସୁଆର ନିଯୋଗର ସଦସ୍ୟତାକୁ ନେଇ ବିବାଦ ଦେଖାଦେଇଛି। ଗତ ୩ବର୍ଷ ଧରି ସଦସ୍ୟ ଥିବା ବ୍ୟକ୍ତିଙ୍କୁ ନିଯୋଗ ପୁଣି ଥରେ ପରିଚାଳନା କମିଟିର ସଦସ୍ୟ ଭାବେ ଦେଖିବାକୁ ଚାହୁଁନାହିଁ। ନିଯୋଗର ସଭାପତି ଓ ସମ୍ପାଦକଙ୍କ ମଧ୍ୟରୁ କେହି ଜଣେ ପରିଚାଳନା କମିଟିକୁ ଯାଆନ୍ତୁ ବୋଲି ନିଯୋଗ ପକ୍ଷରୁ ଦାବି କରାଯାଇଛି। ଏନେଇ ଶନିବାର ସୁଆର ମହାସୁଆର ନିଯୋଗର ବୈଠକ ବସିବ। ଏହାପରେ ଶ୍ରୀମନ୍ଦିର ପ୍ରଶାସନକୁ ଦାବିପତ୍ର ଦିଆଯିବ। ସବୁ ନିଯୋଗର ସମ୍ପାଦକ କିମ୍ବା ସଭାପତି ପରିଚାଳନା କମିଟିରେ ସଦସ୍ୟ ରହିଥାନ୍ତି। ଏଣୁ ସୁଆର ମହାସୁଆର ନିଯୋଗ କ୍ଷେତ୍ରରେ ମଧ ସମାନ ଆଇନ ଲାଗୁ ହେବା ଉଚିତ ବୋଲି ନିଯୋଗ କର୍ମକର୍ତ୍ତା କହିଛନ୍ତି।




୧୧।୦୬।୨୦୨୧
୩୧୮୩ ଟଙ୍କା

## ସଂକ୍ଷେପରେ

### ଏସ୍‌ୟୁସିଆଇ ପକ୍ଷରୁ ପ୍ରତିବାଦ ଦିବସ

ଡେଲାଙ୍ଗ,୧୧।୬(ଡି.ଏନ୍.ଏ.)- ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନକ୍ରମେ ଶୁକ୍ରବାର ସାରା ରାଜ୍ୟରେ ପ୍ରତିବାଦ ସଭା ପାଳିତ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ବ୍ଲକର ବେରବୋଇସ୍ଥିତ ଏସୟୁସିଆଇ ପାର୍ଟି କାର୍ଯ୍ୟାଳୟରେ ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସଙ୍କ ନେତୃତ୍ୱରେ କୋଭିଡ୍ କଟକଣା ଅନୁଯାୟୀ ପ୍ରତିବାଦ ଦିବସ ପାଳିତ ହୋଇଛି। ଏଥିରେ କମ୍ରେଡ ଦାସ କେନ୍ଦ୍ର ଓ ରାଜ୍ୟ ସରକାର ମହାମାରୀ କରୋନା ନିୟନ୍ତ୍ରଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହେବା ସହିତ ତୈଳଜାତ ଦ୍ରବ୍ୟ ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସର ଦରବୃଦ୍ଧି, ଅତ୍ୟାବଶ୍ୟକ ଜିନିଷର ଦରବୃଦ୍ଧି ଓ ରାଜ୍ୟକୁ ମଦମୁକ୍ତ କରିବା ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି କରୋନା ନିୟନ୍ତ୍ରଣ ପାଇଁ ପ୍ରତ୍ୟେକ ବ୍ଲକରେ କୋଭିଡ ଡାକ୍ତରଖାନା ଖୋଲିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ କମ୍ରେଡ ଦୀନବନ୍ଧୁ ପରିଡା, ରାଜକିଶୋର ଆଲୁକ, ଗଙ୍ଗାଧର ପ୍ରଧାନ, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏ ନେଇ ୪ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଅନଲାଇନରେ ଏକ ସ୍ମାରକପତ୍ର ପଠାଯାଇଛି।

### ୨ ଡୋଜ୍ ଟିକା ନେଇଥିବା ଭକ୍ତଙ୍କୁ ରଥଯାତ୍ରାରେ ସାମିଲ କରାଯାଉ

ପୁରୀ ଅଫିସ, ୧୧।୬: ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ବିନା ଭକ୍ତରେ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଶୁକ୍ରବାର ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏହି ଘୋଷଣାକୁ ବିରୋଧ କରିଛନ୍ତି। ସେ କହିଛନ୍ତି, ସରକାର କାହା ସହିତ ଆଲୋଚନା ନ କରି ଏପରି ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ। ଗତବର୍ଷ କରୋନା ଟିକା ଉଦ୍ଭାବନ ହୋଇ ନ ଥିବାରୁ ବିନା ଭକ୍ତରେ ରଥଯାତ୍ରା ହୋଇଥିଲା। ମାତ୍ର ଚଳିତବର୍ଷ ଟିକା ଉପଲବ୍ଧ ଥିବାବେଳେ ସରକାର କାହିଁକି ବିନା ଭକ୍ତରେ ରଥଯାତ୍ରା କରିବାକୁ ଚାହୁଁଛନ୍ତି। ଯେଉଁ ଭକ୍ତମାନେ ୨ଟି ଡୋଜ ଟିକା ନେଇଥିବେ ତଥା କୋଭିଡ୍ ନେଗେଟିଭ୍ ରିପୋର୍ଟ ଥିବ, ସେମାନଙ୍କୁ ରଥଯାତ୍ରାରେ ସାମିଲ ପାଇଁ ସରକାର ଅନୁମତି ଦେବାକୁ ସେ ଦାବି କରିଛନ୍ତି।

### ଦକ୍ଷିଣ କାଳୀଙ୍କ ଜଳଶାୟୀ ନୀତି

ପୁରୀ ଅଫିସ, ୧୧।୬: କାଳିକାଦେବୀ ସାହିସ୍ଥିତ ମା' ଦକ୍ଷିଣକାଳୀଙ୍କ ଜଳଶାୟୀ ନୀତି ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ସ୍ୱତନ୍ତ୍ର ନୀତି ହୋଇଥିଲା। ଗୁରୁବାର ପ୍ରତ୍ୟୁଷରେ ମା'ଙ୍କ ମାଜଣା କରାଯାଇ ଭୋଗ, ଶାନ୍ତି ପଣା ପରେ ଜଳଲାଗି କରାଯାଇଥିଲା। ବ୍ରାହ୍ମଣ ଓ ସେବାୟତମାନେ ମନ୍ଦିର ନିକଟ କୂପରୁ ଜଳ ଆଣି ଗଭୀରାରେ ରଖିଥିଲେ। ପରେ ଜଳରେ ଚୁଆ ଚନ୍ଦନ, ଅଗୁର ସହ ବିଭିନ୍ନ ସୁଗନ୍ଧିତ ପୁଷ୍ପ ମିଶାଯାଇ ଜଳକୁ ସଂସ୍କାର କରାଯାଇ ମାଙ୍କୁ ଲାଗି କରାଯାଇଥିଲା। ମା'ଙ୍କ ନିକଟରେ ବିଭିନ୍ନ ବ୍ୟଞ୍ଜନ ଲାଗି କରାଯିବା ସହ ରାତିରେ ମା'ଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା।

# ବିଷ୍ଣୁପଦଙ୍କ କବିତା ସଙ୍କଳନ ଉନ୍ମୋଚିତ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବିୟଣ୍ଡ ହିୟର୍ ଆଣ୍ଡ୍ ଅଦର ପୋଏମ୍ସ'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବରିଷ୍ଠ ଅମଲାତନ୍ତ୍ରୀ ବିଷ୍ଣୁପଦ ସେଠୀଙ୍କ ଇଂଲିଶ କବିତା ସଙ୍କଳନ 'ବିୟଣ୍ଡ ହିୟର୍ ଆଣ୍ଡ୍ ଅଦର ପୋଏମ୍ସ'କୁ ଉନ୍ମୋଚନ କରିଛନ୍ତି। ଏଥିରେ ୬୧ଟି କବିତା ସ୍ଥାନିତ ହୋଇଛି। ନୂଆଦିଲ୍ଲୀର ହର୍ ଆନନ୍ଦ ପ୍ରକାଶନୀ ପକ୍ଷରୁ ଏହାକୁ ପ୍ରକାଶ କରାଯାଇଛି। ଜୀବନର ଅଭିଜ୍ଞତା କବିତାଗୁଡ଼ିକରେ ପ୍ରତିଫଳିତ ହେବା ସହିତ ମୃତ୍ୟୁର ଅନୁଭବ ଏବଂ ଦାର୍ଶନିକ ଅଭିବ୍ୟକ୍ତିକୁ କବି ଏଥିରେ ଅତି ସାବଲୀଳ ଢଙ୍ଗରେ ଶବ୍ଦାୟିତ କରିଛନ୍ତି। ଏହା ବହୁବିଧ ଜୀବନର ରଙ୍ଗ ଓ ପରିଧି ବାହାରକୁ ଯାଇପାରିଛି। ପ୍ରଖ୍ୟାତ ଲେଖକ ହରପ୍ରସାଦ ଦାସ ୧୬୧ ପୃଷ୍ଠା ସମ୍ବଳିତ ଏହି ପୁସ୍ତକର ମୁଖବନ୍ଧ ଲେଖିଥିବାବେଳେ ଖ୍ୟାତନାମା ଚିତ୍ରକର ଗଜେନ୍ଦ୍ର ସାହୁ ପ୍ରଚ୍ଛଦପଟ ଡିଜାଇନ୍ କରିଛନ୍ତି।

# ଜମି ପାଇଁ ଅଟକିଛି ପାର୍କ, ଖେଳପଡ଼ିଆ ନିର୍ମାଣ

କାକଟପୁର, ୧୧।୬(ଡି.ଏନ୍.ଏ):

କାକଟପୁର ବ୍ଲକର ୧୬ଟି ପଞ୍ଚାୟତ ମଧ୍ୟରୁ କାକଟପୁର ବ୍ୟତୀତ ଅନ୍ୟ ସବୁ ପଞ୍ଚାୟତରେ ଗ୍ରାମ୍ୟ ପାର୍କ ଓ ଖେଳପଡ଼ିଆ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ତେବେ ଆବଶ୍ୟକ ପରିମାଣର ଜମି ଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ କାକଟପୁର ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏଥିପାଇଁ ଅଞ୍ଚଳବାସୀ ପ୍ରଶାସନର ଉଦାସୀନତା ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବକୁ ଦାୟୀ କରିଛନ୍ତି। ଦୁଇମାସ ତଳେ ଶ୍ରୀରାମପୁର ମୌଜାର କାକଟପୁର-କୋଣାର୍କ ରାସ୍ତାକଡ଼ରେ ପୋଖରୀ ଅବସ୍ଥାରେ ଥିବା ଅନାବାଦୀ ଜାଗାକୁ ସମତୁଲ କରି ପାର୍କ ନିର୍ମାଣ କରାଯିବାକୁ ଯୋଜନା ହୋଇଥିଲା। ତେବେ ଏହାକୁ କେତେଜଣ ବ୍ୟକ୍ତି ବିରୋଧ କରିବାରୁ ଓ ପ୍ରଶାସନ ଚୁପ୍ ବସିବାରୁ କାର୍ଯ୍ୟ ଆଗେଇଲା ନାହିଁ। ଶ୍ରୀରାମପୁର ମୌଜାର ପ୍ରାୟ ସମସ୍ତ ଗୋଚର ଜମି ଜବରଦଖଲ ଯୋଗୁ ପାର୍କ ଓ ଖେଳପଡ଼ିଆ ନିର୍ମାଣ ପାଇଁ ଜାଗା ମିଳୁନାହିଁ। ସ୍ଥାନୀୟ ତହସିଲ ପ୍ରଶାସନ ଉକ୍ତ ପଞ୍ଚାୟତକୁ ତୁରନ୍ତ ପାର୍କ ଓ ଖେଳପଡିଆ ପାଇଁ ଜମି ଯୋଗାଇଦେବାକୁ କାକଟପୁରର ବହୁ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀ, ରାଜସ୍ୱ ସଚିବ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

## ରଥଖଳାରୁ



ରୂପକାର ସେବକମାନେ ନାଟଗୋଡ଼ରେ ରୂପ ଖୋଦେଇ କରୁଛନ୍ତି ।

# ଚକ ନିର୍ମାଣ ଶେଷ, ନାଟଗୋଡ଼ କାମ ଆରମ୍ଭ

ପୁରୀ ଅଫିସ, ୧୧।୬:

ରଥଖଳାରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତିନି ରଥର ସମସ୍ତ ୪୨ଟି ଚକର ନିର୍ମାଣ କାର୍ଯ୍ୟ ଓ ଦଣ୍ଡା ଫ୍ରେମ ପ୍ରସ୍ତୁତି ସରିଛି। ରଥର ସମସ୍ତ ଭାର ହିଁ ଦଣ୍ଡା ଫ୍ରେମ୍ ବହନ କରେ। ଦେବଦଳନ ରଥର ଦୁଇଟି ଗରଗରା ଚଉପଟ ପରେ ବିନ୍ଧ କାମ ସରିଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ଦୁଇଟି ଲେଖାଏ ଗରଗରା ଚଉପଟ ସରି ବିନ୍ଧ ଖୋଦେଇ ଚାଲୁ ରହିଛି। ତିନିରଥର ୫ଟି ଲେଖାଏ ଯୋଖାର ନିର୍ମାଣ ଆରମ୍ଭ ହୋଇଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥ ପାଇଁ ୧୬ଟି ଲେଖାଏ ଯୋଖା ଏବଂ ଦେବଦଳନ ରଥର ୧୨ ଯୋଖା ନିର୍ମାଣ ହେବ। ରୂପକାର ସେବକମାନେ ୪୪ଟି କୋଣଗୁଜରେ ସିଂହ ବିରାଳ ରୂପ ଖୋଦେଇ ଶେଷ କରି ନାଟ ଗୋଡ଼ରେ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ତିନିରଥ ପାଇଁ ୮ଟି ଲେଖାଏ ୨୪ଟି ନାଟ ଗୋଡ଼ ପ୍ରସ୍ତୁତ ହେବ। ପ୍ରତି ରଥ ପାଇଁ ୫ଟି ଲେଖାଏ ନାଟଗୋଡ଼ରେ ଗନ୍ଧର୍ବ ବା ଅସୁର ହସ୍ତରେ ଧନୁ, ଛୁରୀ ଧାରଣ ପୂର୍ବକ ଦୁଇ ଗୋଡ଼ ଛନ୍ଦ ମୁଦ୍ରାର ରୂପ ଅଙ୍କନ ପୂର୍ବକ ଖୋଦେଇ କାମ ଆରମ୍ଭ ହୋଇଛି। ଦୋଳବେଦିଠାରେ କରତି ସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଶେଷ କରିଛନ୍ତି। ଶନିବାରଠାରୁ ଦେବଦଳନ ରଥର ପୋଲ ଗୟଳ ଚିରଟ ପାଇଁ କାର୍ଯ୍ୟ ଆରମ୍ଭ ହେବ।

# ଚୋରି କରି ଯୁବକ ଗିରଫ

ପୁରୀ ଅଫିସ, ୧୧।୬:

ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ର କୋଣ ବିଶେଶ୍ୱରୀ ଲେନ୍‌ର ବାଦଲ ଭୋଇ(୨୦)। ତାଙ୍କ ଠାରୁ ଏକ ସ୍କୁଟି, ମୋବାଇଲ ଫୋନ୍, ୧୫ହଜାର ଟଙ୍କା ଜବତ କରାଯାଇଛି ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCONBBSe OTEIBRTG-DNM17, ତା.08.06.2021ରିଖ

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ସମ୍ବନ୍ଧୀୟ ବଇରୀ (BYY)-ହରିଦାସପୁର(HDS) ସେକ୍ସନରେ ଉପଯୋଗିତା ସ୍ଥାନାନ୍ତରଣ ନୂଆ ଲାଇନ୍‌କୁ ବାଧା ପହଞ୍ଚାଉଥିବା (infringing) (ଲେଭେଲ କ୍ରସିଙ୍ଗ୍ ଫାଟକ, IBS, କେବୁଲ, ଲୋକେଶନ ବାକ୍ସ, ଅନ୍ୟ ସିଗ୍ନାଲିଙ୍ଗ୍ ଗିଅର) ଏବଂ ବରିଠେଙ୍ଗଡ଼ (BRTG) ଏବଂ ଧାନମଣ୍ଡଳ(DNM) ଷ୍ଟେସନଗୁଡ଼ିକ ଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗର ଯୋଗାଣ, ସଂସ୍ଥାପନ, ଡିଜାଇନ୍ ଏବଂ ସମାଦନ ।"

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 12,94,22,244/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.07.2021ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ନିର୍ମାଣ/ଭୁବନେଶ୍ୱର
PR-20/CE/21-22


# ୨୦ ମିନିଟ୍‌ରେ ଅଭିଯୋଗ ଶୁଣିବ ପୋଲିସ

ପୁରୀ ଅଫିସ,୧୧।୬:

## ପ୍ରତୀକ୍ଷା ଅବଧି ବଢ଼ିଲେ କୈଫିୟତ ଦେବେ ଅଧିକାରୀ

ପୁରୀ ସହରର ଥାନାଗୁଡ଼ିକରେ ଅଭିଯୋଗ ଜଣାଇବା ପାଇଁ ୨୦ମିନିଟ୍‌ରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସମ୍ପୃକ୍ତ ଥାନାର ଆଇଆଇସି ଏବଂ ଅନ୍ୟ ଅଧିକାରୀମାନେ ୨୦ମିନିଟ୍ ମଧ୍ୟରେ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବେ। କୌଣସି କାରଣବଶତଃ ଆଇଆଇସି ଅନୁପସ୍ଥିତ ଥିଲେ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣିବେ। ତେବେ ଅଭିଯୋଗ ଶୁଣିବାରେ ବିଳମ୍ବ ହେଲେ ଥାନାରେ ଥିବା ରିସେପସନ୍‌ରୁ ଏନେଇ ସିଟି ଡିଏସ୍‌ପିଙ୍କୁ ସୂଚନା ଦିଆଯିବ। ସେ ତୁରନ୍ତ ଆଇଆଇସିଙ୍କ ସହ କଥା ହେବେ। ସେହିପରି ଅଭିଯୋଗକାରୀ ଥାନାରେ ପହଞ୍ଚିବାର ୪୦ମିନିଟ୍ ପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ସହ ଯୋଗାଯୋଗ କରିବା ସମ୍ଭବପର ନ ହେଲେ ଏସମ୍ପର୍କିତ ସୂଚନା ଏସ୍‌ପିଙ୍କୁ ଦିଆଯିବ। ଏସ୍‌ପି କନୱର ବିଶାଲ ସିଂ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ନାଗରିକଙ୍କ ପ୍ରତି ପୁରୀ ପୋଲିସର ଉତ୍ତରଦାୟିତ୍ୱ ବଢ଼ାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଛୁ। ସର୍ଭେରୁ ଜଣାପଡ଼ିଛି, ପୁରୀ ସହରର ସମସ୍ତ ଥାନାକୁ ମିଶାଇ ଦୈନିକ ପ୍ରାୟ ୧୨୦ ଅଭିଯୋଗକାରୀ ଆସୁଛନ୍ତି। ଏମାନଙ୍କ ମଧ୍ୟରୁ କେବଳ ବାସେଲୀସାହି ଓ କୁମ୍ଭାରପଡ଼ା ଥାନାକୁ ୨୫ରୁ ଊର୍ଦ୍ଧ୍ୱ ମାମଲା ଦୈନିକ ଆସୁଛି। ପୋଲିସ ଅଧିକାରୀମାନେ ଥାନା କାର୍ଯ୍ୟ ବ୍ୟତୀତ ଚଢ଼ାଉ, କୋର୍ଟ କାର୍ଯ୍ୟ ଆଦିରେ ବ୍ୟସ୍ତ ରହୁଛନ୍ତି। ଏଣୁ ଅଭିଯୋଗକାରୀଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ଏଭଳି ମାଟ୍ରିକ୍ ଏସ୍କେଲେଶନ୍ ସିଷ୍ଟମ ପ୍ରସ୍ତୁତ କରାଯାଇଛି, ଫଳରେ ଅଭିଯୋଗକାରୀଙ୍କୁ ତୁରନ୍ତ ପୋଲିସ ସେବା ଦିଆଯାଇପାରିବ। ପୋଲିସ କାର୍ଯ୍ୟକୁ ମନିଟରିଂ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟକାରୀ ହେବ। ଦାୟିତ୍ୱରେ ଥିବା ନୋଡାଲ୍ ଅଫିସର ଅଭିଯୋଗକାରୀଙ୍କୁ କଲ୍ କରି ଥାନାକୁ ଆସିବାର କେତେ ସମୟ ମଧ୍ୟରେ ଅଭିଯୋଗ ଶୁଣାଗଲା ସେନେଇ ପଚାରିବେ ଓ ମତାମତ ସଂଗ୍ରହ କରିବେ। ଏକ ମାସ ପରେ ପୋଲିସ କାର୍ଯ୍ୟକଳାପର ସମୀକ୍ଷା ହେବ ଓ ବ୍ୟବସ୍ଥା କିଭଳି କାର୍ଯ୍ୟ କରୁଛି ତାହା ଦେଖାଯିବ। ଏହି ବ୍ୟବସ୍ଥାରେ ସିଟି ଡିଏସ୍‌ପି ସୁପରଭାଇଜର ଅଫିସର ଏବଂ ଅତିରିକ୍ତ ଏସ୍‌ପି ନୋଡାଲ୍ ଅଫିସର ଭାବେ କାର୍ଯ୍ୟ କରିବେ। ରାଜ୍ୟ ସରକାରଙ୍କ ୫-ଟି ଅନ୍ତର୍ଗତ ଏହି ବ୍ୟବସ୍ଥାକୁ ପୁରୀ ପୋଲିସ ଲାଗୁ କରିଛି ବୋଲି ଏସ୍‌ପି କହିଛନ୍ତି।




ଗରିବ, ଅସହାୟଙ୍କୁ ଶୁକ୍ରବାର ପୁରୀ ରାମକୃଷ୍ଣ ମିଶନ ପକ୍ଷରୁ ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି ।

# ମାସ୍କ, ସାନିଟାଇଜର ବଣ୍ଟନ

କୃଷ୍ଣପ୍ରସାଦ/ କାକଟପୁର, ୧୧।୬ (ଡି.ଏନ୍.ଏ.):

ଭୁବନେଶ୍ୱରର ଦି ସର୍ଭିସ ନିର୍ଦ୍ଦେଶକ ଦିଲୀପ ବେହେରା ଓ ରିଲିୟାନ୍ସ ଫାଉଣ୍ଡେଶନର ମିଳିତ ସହଯୋଗରେ ଡା.ଦେବେନ୍ଦ୍ର ନାଥ ତରେଇଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ପଞ୍ଚାୟତର ଦଳବେହେରା ସାହିରେ ମହିଳାଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି। ଏହି ଅଞ୍ଚଳର ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ବେହେରା, ଶିକ୍ଷାବିତ୍ ମହେନ୍ଦ୍ର କୁମାର ଜେନା, ମନୋଜ ଜେନା ପ୍ରମୁଖ ଘର ଘର ବୁଲି ସଚେତନ କରାଇବା ସହ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ।

କୋଣାର୍କ ନିକଟ ବାଲିଦୋକାନସ୍ଥିତ ବଟେଶ୍ୱର ମନ୍ଦିର ନିକଟରେ ଗୁରୁବାର ମହିଳାଙ୍କୁ ସାମାଜିକକର୍ମୀ ଜ୍ଞାନ ରଞ୍ଜନ ବିଶ୍ୱାଳ ମାସ୍କ ବାଣ୍ଟିବା ସହ ସଚେତନ କରାଇଥିଲେ। ସଚେତନତା ହିଁ ସୁରକ୍ଷା, କୋଭିଡ୍ ନିୟମ ପାଳନ କଲେ କରୋନାକୁ ହରାଇ ପାରିବା ବୋଲି ସାମାଜିକକର୍ମୀ ବିଶ୍ୱାଳ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

# ବିଷ ପିଇ ଯୁବକଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୧୧।୬(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ଥାନା ଅନ୍ତର୍ଗତ ଶୁକଳ ବଡପଡା ଗ୍ରାମର ସୂର୍ଯ୍ୟକାନ୍ତ ଦାସଙ୍କ ବିଷପାନ କରି ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇଥିବାବେଳେ ସୂର୍ଯ୍ୟକାନ୍ତ କୌଣସି କାରଣକୁ ନେଇ ବିଷ ପାନ କରି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ସୂର୍ଯ୍ୟକାନ୍ତଙ୍କ ଦାଦା ପୁଅ ଭାଇ ଉପେନ୍ଦ୍ର ଦାସ ସତ୍ୟବାଦୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୯/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ତୈଳ ଦର ବୃଦ୍ଧିକୁ କଂଗ୍ରେସର ବିରୋଧ



ଗୋପ ବଜାରରେ ଥିବା ଏକ ପେଟ୍ରୋଲପମ୍ପ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।




ପୁରୀ ସହରର ଏକ ପେଟ୍ରୋଲପମ୍ପ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ।

ପୁରୀଅଫିସ/ଗୋପ/ଅସ୍ତରଙ୍ଗ/ଡେଲାଙ୍ଗ /କାକଟପୁର,୧୧।୬(ଡି.ଏନ୍.ଏ.)

ପେଟ୍ରୋଲ, ଡିଜେଲ ସହ ରନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ପେଟ୍ରୋଲ ଟାଙ୍କି ଆଗରେ ୪ ଘଣ୍ଟିଆ ଧାରଣା ଦିଆଯାଇଥିଲା। ଜିଲା ନଗର କଂଗ୍ରେସ ସଭାପତି ଛବିନ୍ଦ୍ର ପଢ଼ିଆରୀଙ୍କ ନେତୃତ୍ୱରେ ମେଡିକାଲ ଛକ ନିକଟରେ ଥିବା ପେଟ୍ରୋଲ ପମ୍ପରେ ଗଣ ବିକ୍ଷୋଭ ସହ ପ୍ରତିବାଦ କରାଯାଇଥିଲା। ଏଥିରେ ଉପସଭାପତି ବୀରେନ୍ଦ୍ର ହୋତା, ଲିଗାଲ ସେଲ ଅଦକ୍ଷ କାଳୀ ପ୍ରସାଦ ନାୟକ, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁକାନ୍ତ ପ୍ରଧାନ, ନଗର କଂଗ୍ରେସ ସମ୍ପାଦକ ଆର୍ତ୍ତତ୍ରାଣ ସାହୁ, ଯୁବ କଂଗ୍ରେସ ନେତା ଆଲୋକ ଦାଶ, ବସ୍ତି ନେତା ମନୋଜ ମଣ୍ଡଳ, ଆଶୁତୋଷ ମିଶ୍ର, ଛାତ୍ର ନେତା ରିସାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରୀ ସଦର ବ୍ଲକ୍ ସଭାପତି ଅବିନାଶ ମିଶ୍ରଙ୍କ ନେତୃତ୍ୱରେ ହରେକୃଷ୍ଣପୁର ରୋଡ ନିକଟରେ ଥିବା ପେଟୋଲ ପମ୍ପ ଆଗରେ ବିକ୍ଷୋଭ କରାଯାଇଥିଲା। ରଞ୍ଜନ ମିଶ୍ର , ଦିବାକର ମହାପାତ୍ର, ମାନସ ମହାପାତ୍ର, ମାନସ ପରିଡା, ଅଜୁ ମହାପାତ୍ର ଏବଂ ଭାସ୍କର ବେହେରା ପ୍ରମୁଖ ସାମିଲ ଥିଲେ। ଗୋପ କଂଗ୍ରେସ କମିଟି ପକ୍ଷରୁ ସଭାପତି ଲକ୍ଷ୍ମୀଧର ପ୍ରଧାନ ଓ ବନରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଭିନ୍ନ ବଜାର ପରିକ୍ରମା କରି ବିକ୍ଷୋଭ ସହ ପ୍ରତିବାଦ ସଭା କରିଥିଲେ। ଅସ୍ତରଙ୍ଗ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ନୂଆଗଡ ପେଟ୍ରୋଲ ପମ୍ପ ସମ୍ମୁଖରେ ୪ ଘଣ୍ଟିଆ ଧାରଣା ଦିଆଯାଇଥିଲା। ଏଥିରେ ବିକାଶ ବାରିକ, ନୂଆଗଡ ପଞ୍ଚାୟତର ସଭାପତି କାଳୀ ଦାସ, ସ୍ୱପ୍ନେଶ୍ୱର ବାରିକ, ଅଶୋକ ଲେଙ୍କା, ସୁବଳ ବାରିକ, ଲିଟୁ ବିଶ୍ୱାଳ, ମନୋଜ ବାରିକ, ଚାଇନା ପଢ଼ିଆରୀ, ବୃନ୍ଦାବନ ବିଶ୍ୱାଳ, ତପନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ଡେଲାଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭର ନେତୃତ୍ୱ ଜିଲା କଂଗ୍ରେସ ସେବାଦଳ ସଦସ୍ୟ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ନେଇଥିଲେ। ବିକ୍ଷୋଭରେ ବ୍ଲକ କଂଗ୍ରେସ ସଭାପତି ରବି ଦାସ, ଜିଲା ଉପସଭାପତି ପ୍ରକାଶଚନ୍ଦ୍ର ପ୍ରଧାନ, ରାଜ୍ୟ ମହିଳା ସମ୍ପାଦିକା ନିରୁପମା ପାତ୍ର, ବିନୋଦ ସ୍ୱାଇଁ, ପ୍ରଶାନ୍ତ ପଟ୍ଟନାୟକ, ଯୁବନେତା ବିଶ୍ୱରଞ୍ଜନ ବଳବନ୍ତରାୟ, ଛାତ୍ରନେତା ସୌମ୍ୟରଞ୍ଜନ ବରାଳ, ଜୟମନୁ ସାମନ୍ତରାୟ, ମାନସ ସ୍ୱାଇଁ, ଅଂଶୁମୋଚନ ପ୍ରଧାନ ପ୍ରମୁଖ ଯୋଗଦେବା ସହ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। କାକଟପୁର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ସଭାପତି ତପନ କାଣ୍ଡି, ସଂଖ୍ୟାଲଘୁ ସେଲର ସଭାପତି ସେଖ ଲିଆକତ, ଦୁର୍ଗାଚରଣ ନାୟକଙ୍କ ସମେତ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ପେଟ୍ରୋଲ ପମ୍ପଗୁଡିକୁ ବନ୍ଦ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବମାରଣ ନୀତିର ବିରୋଧ କରିଥିଲେ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 3497/PSC., (DR - IV) (2PH-02-2021-22), Dt. 11.06.21**

**No. D-34:-** It is for information of all concerned that the verification of original certificates, documents etc., in respect of **41** candidates (bearing following Roll Numbers), who appeared in the written examination held on 18.04.2021, for recruitment to the post of Lecturers in different disciplines of Government Ayurvedic Medical Colleges of the State in Class - II (Group - B) of Odisha Ayurveda Medical Education Service under Health & Family Welfare Department, pursuant to Advertisement No. **01 of 2020-21**, will be conducted in the Office of the Odisha Public Service Commission,19, Dr. P. K. Parija Road, Cuttack - 753001 **on 23.06.2021 and 24.06.2021** as per the programme detailed below. **The Candidates are advised to reach the Office of the Commission at least 30 minutes before the time mentioned against their respective session for their document verification.**

The candidates are required to come with **hard copy of online application form** along with **true copies of all certificates/documents** as mentioned in **Para - 11** of the Advertisement (list mentioned below) **with original of the same** along with **duly filled in "Attestation Form"** (To be downloaded from the website of the Commission). The documents are to be submitted **in person** on the scheduled date & time as per the programme given below.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificate/documents and is subject to fulfilment of terms & conditions laid down in the Advertisement.

**N.B. - THE CANDIDATES ARE REQUIRED TO FURNISH RT-PCR TEST NEGATIVE (-VE) REPORT OBTAINED WITHIN 48 HOURS PRIOR TO THE DATE OF DOCUMENT VERIFICATION. CANDIDATES SHALL NOT BE PERMITTED FOR DOCUMENT VERIFICATION IF NEGATIVE RT-PCR TEST REPORT IS NOT FURNISHED.**

Note- The candidates are also advised to wear mask and maintain social distancing at the time of verification

The candidates are advised to go through the website of the Commission at http://www.opsc.gov.in.

**PROGRAMME FOR VERIFICATION OF ORIGINAL CERTIFIATES/DOCUMENTS**

| Date of verificaiton | Time of Verification | Roll Nos. of candidates to be verified | Team to Verify |
|---|---|---|---|
| 23.06.2021 | 10.30 A.M. To 01.00 P.M. | 100005, 100006, 100007, 100009, 100010, 100012, 100013, 100015, 100016,100018 = 10 Candidates | DR-IV |
| | 02.30 P.M. To 05.00 P.M. | 100019, 100026, 100027, 100031, 100033, 100036, 100038, 100039, 100040, 100044 = 10 Candidates | -do- |
| 24.06.2021 | 10.30 A.M. To 01.00 P.M. | 100045, 100048, 100049, 100050, 100053, 100056, 100058, 100060, 100061, 100068, 100071 = 11 Candidates | DR-IV |
| | 02.30 P.M. To 05.00 P.M. | 100074, 100075, 100077, 100078, 100084, 100086, 100089, 100094, 100096,100097 = 10 Candidates | -do- |

**List of Original Documents to be furnished by the candidates for verification in the following order.**

1. Hard copy of online application form **mentioning Roll No. at the top right corner** and **one passport size photograph pasted** on the space provided and **02 additional passport size photographs tagged** to the application form.
2. The candidates are required to mention **on each xerox copy** of documents "**Submitted by me**" and put their **full signature and date** on the same.
3. **H.S.C. or Equivalent Certificate** in support of declaration of age.
4. **Intermediate / +2 Examination Certificate** issued by concerned Board/Council.
5. **B.A.M.S. Degree certificate** issued by the concerned University.
6. **Post Graduate Degree certificate** in the concerned discipline by the concerned University.
7. Mark-lists in support of all the aforesaid Examination (**H.S.C. to B.A.M.S. Degree**) passed including fail marks, if any, issued by the concerned Board / Council /University.
8. **Conversion Certificates/Conversion Formula** wherever applicable.
9. **Housemanship Completion Certificate. (issued within 03.07.2020).**
10. **Medical Registration Certificate** under the Odisha State Council of Ayurvedic Medicine.
11. If a candidate claims to possess qualification , equivalent to the prescribed qualification, the rule/authority (With number and date) under which it is so treated, must be furnished with the Application Form.
12. Recent **SEBC Certificate by Birth** (**issued within 3 years by** the closing date for submission of online application form i.e. **03.07.2020**), wherever applicable.
13. **Caste Certificate by birth** in support of claim as SC/ST, wherever applicable (Please see Note- 1 & 2 of the Advertisement).
14. Required **Odia Test Pass Certificate**.
15. Any Identity Proof (Original & Xerox copy).
16. **Permanent Disability Certificate** (**Indicating % of disability**) issued by concerned Medical Board, wherever applicable.
17. **Discharge Certificates** issued by the Commanding Officer of the Unit last served. **Ex-Servicemen** must submit an **affidavit undertaking** that **he has not been appointed against any civil post after retirement from military service**; wherever applicable.
18. **Sports Certificate** issued by the Director of Sports Odisha; wherever applicable.
19. **Attestation Form duly filled-in** (to be **downloaded from website of the Commission**).
20. **No Objection Certificate** from the Head of Office.
21. Any other documents as per Para-10 of the Advertisement.

OIPR-12002/11/0017/2122

**Sd./- Secretary**

## କରୋନାରୁ ମୁକ୍ତି ପାଇଁ ମହାଯଜ୍ଞ

ବେଗୁନିଆ,(ଡି.ଏନ୍.ଏ.): କରୋନାରୁ ମୁକ୍ତି ପାଇଁ ବେଗୁନିଆ ବ୍ଲକ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବ ପୀଠ ପରିସରରେ ତିନିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ଯଜ୍ଞ ସମ୍ପନ୍ନ ହୋଇଛି। ବିଧି ମୁତାବକ ପର୍ଯ୍ୟାୟକ୍ରମେ ପ୍ରତ୍ୟହ ଅଙ୍କୁରାରୋପଣ, ଶୁଭାଧିବାସ, ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ ସହିତ ସର୍ବ ଦେବଦେବୀଙ୍କୁ ଆହୁତି ପ୍ରଦାନ କରାଯାଇଥିଲା। ବିଶ୍ୱର କଲ୍ୟାଣ ଏବଂ କରୋନାରୁ ମୁକ୍ତି ପାଇଁ ସାମୂହିକ ପୂଜା କରାଯାଇଥିଲା। ଶେଷରେ ପୀଠ ପରିସରରେ ମା' ପାର୍ବତୀଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ଗ୍ରାମବାସୀଙ୍କ ସହ କମିଟିର ଗୋପାଳ ଚନ୍ଦ୍ର ପଣ୍ଡା, ତପନ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଲଡୁକିଶୋର ପଣ୍ଡା, ନିରଞ୍ଜନ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ୧୭ ହଜାର ଫାଭିପିରାଭିର ଟାବ୍‌ଲେଟ୍ ଜବତ

କଟକ ଅଫିସ,୧୧।୬

କଟକ କନିକା ଛକରେ ଥିବା ଏକ ମେଡିସିନ ଗୋଦାମ ଉପରେ ଶୁକ୍ରବାର ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଚଢାଉ କରାଯାଇଛି। ସେଠାରୁ ପ୍ରାୟ ୬୯ ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଜବତ ହୋଇଛି। ଉତ୍ତରପ୍ରଦେଶର ମାକ୍ସ ରିଲିଫ ହେଲ୍‌ଥ କେୟାର ନାମକ ଏକ କମ୍ପାନୀରୁ ଏହି ମେଡିସିନ କଟକର ଉକ୍ତ ଗୋଦାମକୁ ଆସୁଥିଲା। ପରେ ଗୋଦାମ ମାଲିକ କର୍ମଚାରୀଙ୍କ ଜରିଆରେ କଟକର ଘରୋଇ କୋଭିଡ୍ ହସ୍ପିଟାଲ ଏବଂ ମେଡିସିନ ଦୋକାନଗୁଡିକୁ ପଠାଯାଉଥିବା ନେଇ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପାଖରେ ଖବର ପହଞ୍ଚିଥିଲା। ପରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ଉକ୍ତ ଗୋଦାମରେ ଚଢାଉ କରାଯାଇ ୧୭୦ ପେଟିରେ ଥିବା ଫାଭିପିରାଭିର ମେଡିସିନ ଜବତ ହୋଇଛି। ସେଥିରେ ୧୭,୦୦୦ ଟାବ୍‌ଲେଟ୍ ଥିବା ଜଣାପଡିଛି। ଏ ସମ୍ପର୍କରେ ଡ୍ରଗ୍ସ ଇନ୍ସପେକ୍ଟର ଜଗନ୍ନାଥ ମଲ୍ଲିକ କହିଛନ୍ତି, ଜବତ ମେଡିସିନର ମୂଲ୍ୟ ପ୍ରାୟ ୬୯ ଲକ୍ଷ ଟଙ୍କା ହେବ। ଉତ୍ତରପ୍ରଦେଶର ମାକ୍ସ ରିଲିଫ ହେଲ୍‌ଥ କେୟାର ନାମକ କମ୍ପାନୀରୁ ଆସୁଥିବା ଉକ୍ତ ମେଡିସିନ ନକଲି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ଉତ୍ତରପ୍ରଦେଶ ସରକାରଙ୍କୁ ଅବଗତ କରାଯାଇଛି। ଏଥିସହ ଉକ୍ତ ମେଡିସିନର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଖୋର୍ଦ୍ଧାସ୍ଥିତ ଲାବରେଟୋରୀକୁ ପଠାଯାଇଛି। ଉକ୍ତ ଗୋଦାମ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ନୋଡାଲ ଅଫିସର ଉମେଶ ରାୟ କହିଛନ୍ତି, କରୋନା ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ଫାଭିପିରାଭିର ଔଷଧ ବ୍ୟବହାର ହେଉଛି। ଡାକ୍ତରଙ୍କ ପରାମର୍ଶରେ ମେଡିସିନ ଦିଆଯାଉଛି। ଏହି ମେଡିସିନକୁ ଲୋକମାନେ ମନଇଚ୍ଛା କିଣି ଘରେ ଗଚ୍ଛିତ ରଖୁଛନ୍ତି। ଫଳରେ ବଜାରରେ ଏହି ମେଡିସିନର ଅଭାବ ଦେଖାଦେଉଛି। ଏହାର ସୁଯୋଗ ନେଇ କେତେଜଣ ଡ୍ରଗ୍ସ ମାଫିଆ ନକଲି ଫାଭିପିରାଭିର ଔଷଧ ତିଆରି କରି ବଜାରକୁ ଛାଡୁଛନ୍ତି।


ଡ୍ରଗ୍ସ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।


ଜବତ ଔଷଧ ପେଟି।

**ମେଡିସିନ ଗୋଦାମରେ ଚଢ଼ାଉ**
- ଉତ୍ତରପ୍ରଦେଶର ଏକ କମ୍ପାନୀରୁ ଆସୁଥିଲା
- ନମୁନା ପରୀକ୍ଷା ପାଇଁ ପଠାଯାଇଛି

## ସଂକ୍ଷେପରେ

### ଧାନ ଚୋରି, ଯୁବକ ଗିରଫ

ବେଗୁନିଆ,୧୧।୬(ଡି.ଏନ୍.ଏ.): ଧାନ ବିହନ ବସ୍ତା ଚୋରି କରିବା ଅଭିଯୋଗରେ ବେଗୁନିଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବୋଲଗଡ଼ ଥାନା କାଦୁଅପଡ଼ା ଗ୍ରାମର ସତ୍ୟଜିତ୍ ହୋତା(୨୫)। ସୂଚନା ଅନୁଯାୟୀ, ସତ୍ୟଜିତ୍ ଗୁରୁବାର ବିଳମ୍ବିତ ରାତିରେ ଏହି ତଣ୍ଡାଳ ଗ୍ରାମର କୃଷ୍ଣ ଚନ୍ଦ୍ର ସାହୁଙ୍କ ଘରୁ ଧାନ ବିହନ ଭର୍ତ୍ତି ଗୋଟିଏ ବସ୍ତା ବାଇକ୍‌ରେ ନେଇ ପଳାଉଥିଲେ। ଏହି ସମୟରେ ଜଣେ ପଡ଼ୋଶୀ ଦେଖିବା ପରେ ଡାକ ପକାଇଥିଲେ। ଲୋକେ ସତ୍ୟଜିତ୍‌ଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କ ନିକଟରୁ ବାଇକ୍ ସହ ଧାନ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୧୦୮/୨୧) ରୁଜୁ ହୋଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯିବ ବୋଲି ପୋଲିସ କହିଛି।

### ଗୃହପାଳିତ ପ୍ରାଣୀ ସ୍ୱାସ୍ଥ୍ୟସେବା ଶିବିର

କୃଷ୍ଣପ୍ରସାଦ, ୧୧।୬(ଡି.ଏନ୍.ଏ): ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପିରିଜିପୁର ପଞ୍ଚାୟତ ଅଧୀନ ବନ୍ଧମୁଣ୍ଡା ଗ୍ରାମରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ତରଫରୁ ଗୃହପାଳିତ ପ୍ରାଣୀଙ୍କ ରୋଗ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା। ବ୍ରହ୍ମଗିରି ପ୍ରାଣୀ ଚିକିତ୍ସକ ମଳୟ ରଞ୍ଜନ ମହାପାତ୍ର ଟିମ୍ ସହ ୧୬୦ରୁ ଊର୍ଦ୍ଧ୍ୱ ଗାଈ, ମଇଁଷି ଓ ବାଛୁରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବାଣ୍ଟିଥିଲେ। ସାତପଡା ବନପାଳ ବଳରାମ ସାହୁ, ବନରକ୍ଷୀ ଅନିଲ ଲେଙ୍କା ଓ ଲକ୍ଷ୍ମଣ ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ବାଳାଶ୍ରମରୁ ନିଖୋଜ ବାଳକଙ୍କ ମୃତଦେହ ଜବତ

କଣାସ,୧୧।୬(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ବାଳାଶ୍ରମରେ ଥିବା ବ୍ରହ୍ମଗିରି ବ୍ଲକ କାଳିକାବାଡି ଗ୍ରାମର ସନ୍ତୋଷ ମଙ୍ଗରାଜ(୧୭) ନିଖୋଜ ଥିଲେ। ତେବେ ଶୁକ୍ରବାର ସନ୍ତୋଷଙ୍କ ମୃତଦେହ ନୂଆଜଗନ୍ନାଥ ସଡ଼କ ଅଣ୍ଡାଳସିଂହ ନିକଟ ନଦୀତଟରୁ ପୋଲିସ ଜବତ କରିଛି। ପୋଲିସ୍ ସୂତ୍ରରୁ ପ୍ରକାଶ, ସନ୍ତୋଷ ଏବଂ ଅନ୍ୟ ଗୋଟିଏ ପିଲା ୮ତାରିଖ ସନ୍ଧ୍ୟାରେ ବାଳାଶ୍ରମରୁ ଖସିଯାଇଥିଲେ। ଅନୁଷ୍ଠାନର କେତେଜଣ କର୍ମକର୍ତ୍ତା ପୁରୀରୁ ବୋଲେରୋ ଯୋଗେ ଅନୁଷ୍ଠାନକୁ ଫେରୁଥିବା ସମୟରେ ବିଜିପୁର ନିକଟରେ ଦୁଇଟି ପିଲାଙ୍କୁ ରାସ୍ତାରେ ଯାଉଥିବା ଦେଖି ସନ୍ଦେହ ହେବାରୁ ବାଳାଶ୍ରମକୁ ଆସି ଯାଞ୍ଚ କରିଥିଲେ। ସେଠାରେ ୨ଜଣ ନ ଥିବା ଦେଖି ପୁଣି ଖୋଜିବା ପାଇଁ ନୂଆ ଜଗନ୍ନାଥ ସଡ଼କରେ ଯିବାରେ ଗୋଟିଏ ପିଲାକୁ ଧରିବା ବେଳେ ସନ୍ତୋଷ ନିଖୋଜ ଥିଲେ। ପରେ ସଦସ୍ୟମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ଭୋରରୁ ନୂଆଜଗନ୍ନାଥ ସଡ଼କ ନିକଟ ଗ୍ରାମର କେତେକ ଲୋକ ନଦୀରେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ କଣାସ ଥାନା ଆଇଆଇସି ତପନ ରାଉତ, ତହସିଲଦାର ଲକ୍ଷ୍ମୀଧର ମହାରଣା ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପୁରୀ ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ପୋଲିସ ନଂ.୧୨/୨୧ରେ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ସନ୍ତୋଷଙ୍କ ମୃତଦେହକୁ ପୁରୀ ଶିଶୁ ମଙ୍ଗଳ ଅଧିକାରୀ ମନୋଜ ତ୍ରିପାଠୀ ଏବଂ ନୀଳାଚଳ ସେବା ପ୍ରତିଷ୍ଠାନର କର୍ମଚାରୀମାନେ ତାଙ୍କ ମାଆଙ୍କୁ ହସ୍ତାନ୍ତର କରିଥିଲେ। ପ୍ରକାଶଥାଉକି ସନ୍ତୋଷ ପୁରୀ ପ୍ଲାଟଫର୍ମରେ ବୁଲୁଥିବା ସମୟରେ ଆରପିଏଫ୍ ପୋଲିସ ଉଦ୍ଧାର କରି ପୁରୀ ଚାଇଲ୍ଡଲାଇନ୍‌ର କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଥିଲେ। ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତାମାନେ ସନ୍ତୋଷଙ୍କୁ ଥଇଥାନ ପାଇଁ ଗତ ଏପ୍ରିଲ ୨୮ରେ ନୀଳାଚଳ ସେବା ପ୍ରତିଷ୍ଠାନର ବାଳାଶ୍ରମ ଗୃହକୁ ପଠାଇଥିଲେ।

### ନାଗ ନାଗୁଣୀ କ୍ରୀଡ଼ା



ଖୋର୍ଦ୍ଧା ଅଫିସ,୧୧।୬: ଖୋର୍ଦ୍ଧା ନିକଟ ମୁକ୍ତାପୁର ଜଙ୍ଗଲ ରାସ୍ତାରେ ନାଗ ନାଗୁଣୀଙ୍କ କ୍ରୀଡ଼ା ଦେଖିବାକୁ ମିଳିଛି। ଏହି ଦୁଇ ସାପ ପରସ୍ପରକୁ ଛନ୍ଦି ହୋଇ ଖେଳୁଥିଲେ। ଏଥିସହ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ବାଇକ୍ ଚାଳକ ଅଟକି ନିର୍ଭୟରେ ଏହି ଦୃଶ୍ୟକୁ ମୋବାଇଲରେ ରେକର୍ଡିଂ କରିଛନ୍ତି। ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିଶ୍ୱାସ ରହିଛି ନାଗ ନାଗୁଣୀଙ୍କ ଏହି କ୍ରୀଡ଼ା ଦେଖିଲେ ଶୁଭ ହୋଇଥାଏ।


ଖୋର୍ଦ୍ଧା ଉପକଣ୍ଠ ବାଘମାରୀ ଗ୍ରାମ ପୋଖରୀରେ କଳ୍ପତରୁ ପଣ୍ଡା ଶୁକ୍ରବାର ଜଳାସନ ମାଧ୍ୟମରେ ତୈଳ ଦର ବୃଦ୍ଧିର ପ୍ରତିବାଦ କରୁଛନ୍ତି।

# 'ସ୍ୱୟଂ' ପୋର୍ଟାଲରୁ ଓଡ଼ିଆ ଭାଷା ବାଦ୍

କାକଟପୁର, ୧୧।୬(ଡି.ଏନ୍.ଏ,)

- ରାଜ୍ୟ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀଙ୍କ କ୍ଷୋଭ
- ପାଠ୍ୟକ୍ରମ ଓଡ଼ିଆରେ ଉପଲବ୍ଧ କରିବାକୁ ଦାବି

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ 'ସ୍ୱୟଂ' ଅନ୍‌ଲାଇନ୍ ଶିକ୍ଷା ପୋର୍ଟାଲରୁ ଓଡ଼ିଆ ଭାଷା ବାଦ୍ ପଡ଼ିବା ନେଇ ରାଜ୍ୟ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ଷୋଭ ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଏହାର ସତ୍ୟାସତ୍ୟ ଅନୁଧ୍ୟାନ ସହ ଏଆଇସିଟିଇ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯିବ। କୌଣସି ପରିସ୍ଥିତିରେ ଓଡ଼ିଆ ପିଲାଙ୍କ ଭବିଷ୍ୟତ ସହ ସାଲିସ କରାଯିବ ନାହିଁ।

ସମ୍ପ୍ରତି କୋଭିଡ୍ ସ୍ଥିତିରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ ଶିକ୍ଷା ଉପରେ ନିର୍ଭର କରୁଛନ୍ତି। ତେଣୁ ଅନଲାଇନ୍‌ରେ ଶିକ୍ଷାଦାନ ପାଇଁ କେନ୍ଦ୍ର ସରକାର 'ସ୍ୱୟଂ' ଅନଲାଇନ୍ ଶିକ୍ଷା ପୋର୍ଟାଲ ଖୋଲିଛନ୍ତି। ଏଥିରେ ବିଜ୍ଞାନ, ବୈଷୟିକ ଶିକ୍ଷା, ଫାର୍ମାସୀ, ସାମାଜିକ ବିଜ୍ଞାନ, ଆଇନ ଓ ମ୍ୟାନେଜମେଣ୍ଟ ଆଦି ବିଷୟ ଆଇଆଇଟି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଏସ୍‌ସିର ଅଭିଜ୍ଞ ଅଧ୍ୟାପକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଶିକ୍ଷା ଗ୍ରହଣରେ ଭାଷା ଯେପରି ବାଧକ ନ ସାଜେ, ତାହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଓଡ଼ିଆ ସମେତ ୧୦ଟି ଭାଷାରେ ପାଠ୍ୟକ୍ରମ ଉପଲବ୍ଧ କରିବା ପାଇଁ ଘୋଷଣା କରିଥିଲେ। ତେବେ ଏଆଇସିଟିଇ ପକ୍ଷରୁ ପାଠ୍ୟପୁସ୍ତକ ଅନୁବାଦ ସମୟରେ ଓଡ଼ିଆ ଭାଷା ବାଦ୍ ପଡ଼ିଥିବା ଏବେ ସାମ୍ନାକୁ ଆସିଛି। ପୂର୍ବରୁ ଓଡ଼ିଆ ଭାଷାରେ ପାଠ୍ୟବିଷୟ ଉପଲବ୍ଧ କରାଯିବାକୁ ଘୋଷଣା ହୋଇଥିବାବେଳେ ଏବେ ତାହାକୁ ବାଦ୍ ଦିଆଯିବା ସମୀଚୀନ ହୋଇନାହିଁ। ବିଭିନ୍ନ ଆଞ୍ଚଳିକ ଭାଷାରେ ଛାତ୍ରୀଛାତ୍ରମାନେ ପଢ଼ିବାର ସୁଯୋଗ ପାଉଥିବାବେଳେ ଓଡ଼ିଆ ପିଲାଙ୍କୁ ଏଥିରୁ ବଞ୍ଚିତ କରାଯିବା ଗ୍ରହଣୀୟ ନୁହେଁ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ଏଆଇସିଟିଇ ଏହି ପ୍ରସଙ୍ଗରେ ଅନୁଧ୍ୟାନ କରି ଓଡ଼ିଆ ପିଲାଙ୍କ ସ୍ୱାର୍ଥରକ୍ଷା ସକାଶେ ପଦକ୍ଷେପ ନେବାକୁ ମନ୍ତ୍ରୀ ବେହେରା ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ୨୦୧ ଆକ୍ରାନ୍ତ, ୨୮୨ ସୁସ୍ଥ

ଖୋର୍ଦ୍ଧା ଅଫିସ,୧୧।୬: ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶୁକ୍ରବାର ୨୦୧ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୨୮୨ଜଣ ସୁସ୍ଥ ହୋଇ ଫେରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୩, ବାଲିପାଟଣା ୧୯, ଭୁବନେଶ୍ୱର ବ୍ଲକ ୧୭, ଜଟଣୀ ୩୨, ଖୋର୍ଦ୍ଧା ବ୍ଲକ ୨୩, ବେଗୁନିଆ ୨୩, ବୋଲଗଡ଼ ୧୮, ଟାଙ୍ଗୀ ୨୦, ଚିଲିକା ୧୬ ଏବଂ ବାଣପୁର ବ୍ଲକର ୧୦ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ଶୁକ୍ରବାର ସୁଦ୍ଧା ୩,୬୫,୬୮୪ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୩,୬୦୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୨,୨୩୭ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୬୯ ଜଣଙ୍କ ମୃତ୍ୟୁ ଘଟିଛି। ୧୨୯୭ ସକ୍ରିୟ ସଂକ୍ରମିତ ରହିଛନ୍ତି। ଶୁକ୍ରବାର ସୁଦ୍ଧା ୨,୧୮,୦୭୩ ଜଣଙ୍କୁ ଟିକା ଦିଆଯାଇଛି। ଦିନକରେ ୩୪ କେନ୍ଦ୍ରରେ ବିଭିନ୍ନ ବର୍ଗର ୩୦୭୫ ବ୍ୟକ୍ତିଙ୍କୁ ଟିକା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଖୋର୍ଦ୍ଧା, ଭୁବନେଶ୍ୱର ଉପଖଣ୍ଡରେ ସୁସ୍ଥ ହାର ୮୦%

ଖୋର୍ଦ୍ଧା ଅଫିସ,୧୧।୬

ଖୋର୍ଦ୍ଧା ଉପଖଣ୍ଡରେ ଶୁକ୍ରବାର ୧୧୦ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୦୮ଜଣ ଆରୋଗ୍ୟ ହୋଇଛନ୍ତି। ଏହି ଉପଖଣ୍ଡରେ ମୋଟ୍ ୫୫୫୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୪୭୦୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୁସ୍ଥ ହାର ୮୪.୭୪ପ୍ରତିଶତ ରହିଛି। ଦ୍ୱିତୀୟ ଲହରରେ ୯ଜଣଙ୍କ ମୃତ୍ୟୁ ଘଟିଛି। ୮୩୮ସକ୍ରିୟ ସଂକ୍ରମିତ ରହିଛନ୍ତି। ସେଥିରୁ ୭୦୯ ଘରୋଇ ସଙ୍ଗରୋଧ ଏବଂ ୧୩୬ଜଣ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ରହିଥିବା ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ସେହିପରି ଭୁବନେଶ୍ୱର ଉପଖଣ୍ଡରେ ଶୁକ୍ରବାର ସୁଦ୍ଧା ୩୭୩୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୩୧୭୮ଜଣ ସୁସ୍ଥ ହୋଇଛନ୍ତି। ସୁସ୍ଥ ହାର ୮୫.୧୮ ପ୍ରତିଶତ ରହିଛି। ୨ଜଣଙ୍କ ମୃତ୍ୟୁ ଘଟିଛି। ୫୫୧ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେଥିରୁ ୪୬୮ଜଣ ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ଉପଜିଲାପାଳ ଦେବବ୍ରତ ସାହୁ ସୂଚନା ଦେଇଛନ୍ତି।

## ମୁକ୍ତେଶ୍ୱର ମନ୍ଦିରରୁ ଚୋରି ଉଦ୍ୟମ

ଟାଙ୍ଗୀ(ଖୋର୍ଦ୍ଧା),୧୧।୬(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅଧୀନ ସୁନ୍ଦରପୁରସ୍ଥିତ ମୁକ୍ତେଶ୍ୱର ମନ୍ଦିରରୁ କେହି ଦୁର୍ବୃତ୍ତ ଗୁରୁବାର ରାତିରେ ଚୋରି ଉଦ୍ୟମ କରିବା ସହ ଅଳଙ୍କାର, ଆସବାବପତ୍ର ଫିଙ୍ଗି ଦେଇଥିବା ଜଣାପଡ଼ିଛି। ଦୁର୍ବୃତ୍ତ ନିଜର ପୋଷାକ ଖୋଲି ଶିବଲିଙ୍ଗ ଉପରକୁ ଫୋପାଡ଼ି ଦେଇଛନ୍ତି। ଏହି ଘଟଣା ଶୁକ୍ରବାର ସକାଳେ ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି।

# ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ/ଜଟଣୀ/ନିରାକାରପୁର/ଟାଙ୍ଗୀ/ବୋଲଗଡ଼,୧୧।୬(ଡି.ଏନ୍.ଏ.)

ତୈଳ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ କଂଗ୍ରେସ ତୀବ୍ର ବିରୋଧ କରିଛି। ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶ ଏବଂ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଖୋର୍ଦ୍ଧା ନଗର, ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ପାଇକରାୟ ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ନେତାମାନେ କହିଥିଲେ, କରୋନା ପାଇଁ ଅର୍ଥନୀତି ଦୁର୍ବଳ ସ୍ଥିତି ଦେଇ ଗତି କରୁଛି। ଏଭଳି ସମୟରେ ଦେଶରେ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ଏହା କରୋଡ଼ା ମାଡ ସଦୃଶ। ତୁରନ୍ତ ତୈଳ ଓ ରନ୍ଧନ ଗ୍ୟାସ୍ ଦର ହ୍ରାସ ଲାଗି କଂଗ୍ରେସ ଦାବି କରିଛି। ଏହି ବିକ୍ଷୋଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ପରିଡ଼ା, ରାଜ୍ୟ ମୁଖପାତ୍ର ଅମିତ ମହାନ୍ତି, ନଗର ସଭାପତି ରଞ୍ଜିତ ମହାପାତ୍ର, ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ, ବିଶ୍ୱଭୂଷଣ ସାହୁ, ମନୋଜ ମିଶ୍ର, ଦ୍ୱାରିକାନାଥ ମହାନ୍ତି, ଗିରିଜା ମହାପାତ୍ର, ଲୋକନାଥ ଦାସ, ଜ୍ୟୋତି ପ୍ରକାଶ ମହାନ୍ତି, ପ୍ରଦୋଷ ହରିଚନ୍ଦନ, ରିଚାର୍ଡସନ ଦାସ, ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଖୋର୍ଦ୍ଧା ନଗର, ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ତୈଳ ଦର ବୃଦ୍ଧିକୁ କଂଗ୍ରେସର ବିରୋଧ**

ଜଟଣୀ ନଗର କଂଗ୍ରେସ କମିଟି ପକ୍ଷରୁ ଜଟଣୀ ସର୍ଭିସ ଷ୍ଟେଶନ ଆଗରେ ବିକ୍ଷୋଭ କରାଯାଇଛି। ଏଥିରେ ଜଟଣୀ ନଗର କଂଗ୍ରେସର ଅଶୋକ ମଙ୍ଗରାଜ, ଜଟାଧାରୀ ପ୍ରଧାନ, ସୁଧାକର ଜେନା, କଳିଙ୍ଗ ସାହୁ, ଗଣେଶ୍ୱର ବେହେରା, ରାକେଶ ଦାସ, ନଉସିର ଅଲ୍ଲୀ, ସୂର୍ଯ୍ୟକାନ୍ତ ବଳିୟାରସିଂ, ସଂକେତ ପାଟଶାଣୀ, ସୁନୀଲ ରାଉତରାୟ, ସୁବାସ ମହାପାତ୍ରଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

ଟାଙ୍ଗୀ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପେଟ୍ରୋଲ ପମ୍ପ ଆଗରେ ଧାରଣା ଦିଆଯାଇଥିଲା। ଯୋଗେନ୍ଦ୍ର ରାଉତଙ୍କ ନେତୃତ୍ୱରେ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେହିପରି କୁହୁଡ଼ି କଂଗ୍ରେସ କମିଟି ପକ୍ଷରୁ ଜୟଦେବ ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ପେଟ୍ରୋଲ ପମ୍ପ ଆଗରେ ପ୍ରତିବାଦ କରିଥିଲେ। ଖୋର୍ଦ୍ଧା ଜିଲା ପୂର୍ବତନ ଯୁବ କଂଗ୍ରେସ ସଭାପତି ବିଶ୍ୱଭୂଷଣ ଛୋଟରାୟଙ୍କ ନେତୃତ୍ୱରେ ରାମେଶ୍ୱର ଛକ ନିକଟ ଏକ ପେଟ୍ରୋଲ ପମ୍ପ ଆଗରେ ଦଳୀୟ କର୍ମୀମାନେ ବିକ୍ଷୋଭ କରିଥିଲେ। ଏଥିରେ ଲକ୍ଷ୍ମଣ ମଙ୍ଗରାଜ, ସେକ୍ ରଫିକ, ଦିଲୀପ ସେଠୀ, କରୁଣାକର ସେଠୀ, ସହଦେବ ପ୍ରଧାନ, ତାପସ ବଳିୟାରସିଂହ, ଲିଟୁ ସେନାପତି, ଅକ୍ଷୟ ଜେନାଙ୍କ ସମେତ ବହୁ କର୍ମୀ ପ୍ରତିବାଦ କରିଥିଲେ।

ବୋଲଗଡ଼-ବେଗୁନିଆ ବ୍ଲକ କଂଗ୍ରେସ ପକ୍ଷରୁ କୁଞ୍ଜବିହାରୀ ପେଟ୍ରୋଲ ପମ୍ପ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ ନେତା ପ୍ରଦୀପ ସାହୁଙ୍କ ନେତୃତ୍ୱରେ ବିଜୟ ପ୍ରଧାନ, ଗୁଲାମନବି ତରଫଦାର, ପ୍ରଭାତ ପରିଡ଼ା, ଧୀରେଶ ମହାପାତ୍ର, ସିରାଜୁଦ୍ଦିନ ଖାଁ, ନବଘନ ମଲ୍ଲିକ, ବ୍ରଜକିଶୋର ପାତ୍ରଙ୍କ ସମେତ ବହୁ କର୍ମୀ ଯୋଗଦେଇ ପ୍ରତିବାଦ କରିଥିଲେ। ସେହିପରି ବ୍ଲକର ରାଜସୁନାଖଳାସ୍ଥିତ ଏସ.ଆର. ପେଟ୍ରୋଲ ପମ୍ପ ଓ ଦିଘିରି ନିକଟ ପବନପୁତ୍ର ପେଟ୍ରୋଲ ପମ୍ପ ଆଗରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ତୈଳ ଦର ହ୍ରାସ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଶ୍ୱଜିତ୍


@ ରାହୁଲ


@ ନିଶାମଣି


@ ମମତା


@ ଲକ୍ଷିଆ


@ ଅର୍ଚ୍ଚନା

# 'ଘରେ ରହି ରଜ ପାଳନ କର'

ଖୋର୍ଦ୍ଧା ଅଫିସ,୧୧।୬

**କଟକଣା ଜାରି କଲେ ଉପଜିଲାପାଳ**

ଚଳିତବର୍ଷ ଫିକା ପଡ଼ିବ ରଜ ଉତ୍ସବ। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ବଢ଼ି ଚାଲିଥିବା କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ରଜପାଳନ ଉପରେ କଟକଣା ଜାରି କରାଯାଇଛି। ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ରଜ ଉତ୍ସବ ଆୟୋଜନ ଉପରେ ଉପଜିଲାପାଳ ଅଶୋକ ବେହୁରିଆ କଟକଣା ଜାରି କରିଛନ୍ତି। ରଜରେ ଭିଡ଼ ଜମିବା ଆଶଙ୍କା କରି ପ୍ରଶାସନ ପକ୍ଷରୁ ଏହି କଟକଣା ଜାରି କରାଯାଇଛି। ସାବିତ୍ରୀ ପରି ରଜ ଉତ୍ସବ ମଧ୍ୟ ଘରେ ପରିବାର ସହ ପାଳିବାକୁ ଉପଜିଲାପାଳ ପରାମର୍ଶ ଦେଇଛନ୍ତି। କରୋନା ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ, ଶଟ୍‌ଡାଉନ ଜାରି ରହିଛି। ସଂକ୍ରମଣ ହାର ହ୍ରାସ ପାଉଥିବା ବେଳେ ସୁସ୍ଥ ହାର ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣ କମିଛି, କିନ୍ତୁ ବିପଦ ଟଳିନାହିଁ। ଆଗକୁ ତୃତୀୟ ଲହର ଆସୁଛି। କରୋନାଠୁ ଦୂରରେ ରହିବାକୁ ହେଲେ ସଚେତନ ଏବଂ ସତର୍କତା ଜରୁରୀ ବୋଲି ସେ କହିଛନ୍ତି। ଏହି ସମୟରେ ଜନଗହଳି, ମିଳିମିଶି ଉତ୍ସବ ପାଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ। ରଜ ସମୟରେ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା କବାଡି, ତାସଖେଳ, ଦୋଳି, ପୁଚି ଆଦି ପାରମ୍ପରିକ କାର୍ଯ୍ୟକ୍ରମ ଉପରେ ମଧ୍ୟ କଟକଣା ରହିଛି। କୌଣସି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନକୁ ଅନୁମତିଦିଆଯିବ ନାହିଁ। ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ମନ୍ଦିର ସେବାୟତ, ପୂଜକମାନେ ଅଳ୍ପ ସଂଖ୍ୟକ କର୍ମଚାରୀରେ ଦୈନିକ ରୀତିନୀତି ସମ୍ପନ୍ନ କରିବେ। ମନ୍ଦିରରେ କାର୍ଯ୍ୟରତ କୌଣସି ସେବାୟତ କିମ୍ବା ପୂଜକଙ୍କ ପଜିଟିଭ୍ କିମ୍ବା ଲକ୍ଷଣ ରହିଥିଲେ, ମନ୍ଦିରକୁ ପ୍ରବେଶ କରିବେ ନାହିଁ। କୌଣସି ବ୍ୟକ୍ତି ଏହି ନିୟମକୁ ଉଲ୍ଲଂଘନ କଲେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସ୍ଥାନୀୟ ବିଡିଓ, ତହସିଲଦାର, ପୌର ନିର୍ବାହୀ ଅଧିକାରୀ, ପୋଲିସ ଏଥିପ୍ରତି ନଜର ଦେବେ ବୋଲି ଉପଜିଲାପାଳଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।